DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 8/2020 | ★★★★

୪୬ଶ ଭାଗ ୧୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-


# ମହାପ୍ରଭୁଙ୍କ ଟଙ୍କାରେ ମଉଜ



**ପୁରୀ ଅଫିସ, ୭।୩**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ ଜାରି କରିଛି କଟକଣା। ଏହି ବ୍ୟାଙ୍କର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁ ଆର୍‌ବିଆଇ ଏଭଳି ପଦକ୍ଷେପ ନେଇଛି। ୟେସ୍ ବ୍ୟାଙ୍କର ଏପରି ସ୍ଥିତି ଯୋଗୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୯୨ (୫୪୫ କୋଟି ସ୍ଥାୟୀ ଜମା ଓ ୪୭କୋଟି ଫ୍ଲେକ୍ସି ଜମା) କୋଟି ଟଙ୍କା ଆଶଙ୍କାରେ ରହିଛି। ମହାପ୍ରଭୁଙ୍କ ଏତେ ଗୁଡ଼ାଏ ଟଙ୍କା ଫେରି ପାଇବା ନେଇ ବୁଦ୍ଧିଜୀବୀ, ଅର୍ଥନୀତିଜ୍ଞ, ସେବାୟତ, ଭକ୍ତଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୩୦ଦିନ ମଧ୍ୟରେ ୟେସ୍ ବ୍ୟାଙ୍କରୁ ଜଣେ ଗ୍ରାହକ ସର୍ବାଧିକ ୫୦ହଜାର ଟଙ୍କା ଉଠାଣ କରିପାରିବେ ବୋଲି ଆରବିଆଇ ଘୋଷଣା କରିବା ପରେ ଅସନ୍ତୋଷ ତେଜିଛି। କାରଣ ଏହି ବ୍ୟାଙ୍କରେ ମହାପ୍ରଭୁଙ୍କ ୫୯୨ କୋଟି ରଖାଯାଇଛି। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ଶ୍ରୀମନ୍ଦିର ପରିଚାଳନା କମିଟିର କେହି ବି ମୁହଁ ଖୋଲିବାକୁ ନାରାଜ। ମହାପ୍ରଭୁଙ୍କ ଟଙ୍କା ଘରୋଇ ବ୍ୟାଙ୍କକୁ ଯିବା ପଛରେ କେତେଜଣ ଅଧିକାରୀଙ୍କୁ ସନ୍ତୁଷ୍ଟ କରାଯାଇଛି। ଏକଥା ବିଭିନ୍ନ ଅଧିକାରୀ ଅବଗତ ଥିଲେ ମଧ୍ୟ ମୁହଁ ଖୋଲୁନାହାନ୍ତି। ଚଞ୍ଚକତା କରିଥିବା ଅଧିକାରୀଙ୍କ ବିରୋଧରେ ଏ ପର୍ଯ୍ୟନ୍ତ ସରକାରୀ ସ୍ତରରେ କୌଣସି ପ୍ରକାର ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପ୍ରସଙ୍ଗକୁ ଅଧିକ ସନ୍ଦେହ ଘେରକୁ ଟାଣିଛି। ଜଣେ ବ୍ୟାଙ୍କ ଅଧିକାରୀଙ୍କ ମତରେ ଗତ ଦୁଇବର୍ଷ ତଳୁ ୟେସ ବ୍ୟାଙ୍କ ଦୁର୍ବଳ ଆର୍ଥିକ ପରିସ୍ଥିତି ଦେଇ ଗତିକରୁଛି। ତଥାପି ଶ୍ରୀମନ୍ଦିର ପ୍ରଶାସନ ଏତେ ଗୁଡ଼ାଏ ଟଙ୍କା ଏହି ବ୍ୟାଙ୍କରେ ଜମା ଦେଇଥିଲା।

ଜଣେ ବରିଷ୍ଠ ସେବାୟତଙ୍କ କହିବାନୁଯାୟୀ ଗତ ଡିସେମ୍ବର ୨୦ରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସଦସ୍ୟମାନେ ହୋହଲ୍ଲା କରିଥିଲେ। କମିଟି ଏବଂ ଅର୍ଥ ସବ୍ କମିଟି ବିନା ଅନୁମୋଦନରେ କିପରି ମହାପ୍ରଭୁଙ୍କ ଟଙ୍କା ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ସେବାୟତମାନେ ପ୍ରଶ୍ନ କରିଥିଲେ। ପୂର୍ବରୁ ଜାତୀୟକରଣ ବ୍ୟାଙ୍କରେ ଟଙ୍କା ରଖାଯାଉଥିବାବେଳେ ଘରୋଇ ବ୍ୟାଙ୍କରେ ଜମା ପାଇଁ କିଏ ଅନୁମତି ଦେଇଥିଲେ ବୋଲି ପ୍ରଶ୍ନ ଉଠିଥିଲା। ଗତ ଫେବୃୟାରୀ ୫ରେ ହୋଇଥିବା ପରିଚାଳନା କମିଟି ବୈଠକରେ ପୁନର୍ବାର ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ୟେସ୍ ବ୍ୟାଙ୍କରେ ଟଙ୍କା ଜମା କରିବା ପ୍ରସଙ୍ଗରେ ସମସ୍ତଙ୍କୁ ଅନ୍ଧାରରେ ରଖାଗଲା ବୋଲି ସେବାୟତ ଜଣକ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୁରୀ ଗଜପତି ମହାରାଜା ହେଉଛନ୍ତି ଏହି କମିଟିର ଅଧ୍ୟକ୍ଷ। ଆହୁରି ଉଲ୍ଲେଖ କରାଯାଇପାରେ ଯେ, ଏତେ ଅଧିକ ଅର୍ଥ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ କୌଣସି ଜଣେ ବ୍ୟକ୍ତିର କ୍ଷମତା ରହି ନ ଥାଏ। ସେଥିପାଇଁ ପରିଚାଳନା ☞ପୃଷ୍ଠା-୪







ଧରିତ୍ରୀ DHARITRI
ରବିବାର, ୮ ମାର୍ଚ୍ଚ ,୨୦୨୦



ଦିଲ୍ଲୀ ଆଇଆଇଟିର ୨ ଜଣ ଛାତ୍ର ଏକ ସ୍ମାର୍ଟ ବାଡ଼ି ତିଆରି କରିଛନ୍ତି। ଏହା ବୟସ୍କଙ୍କୁ ସାହାରା ଦେବା ସହିତ ତଳେ ପଡ଼ିବାରୁ ସୁରକ୍ଷା ବି ଦେବ। କୌଣସି ଅସୁବିଧା ସମୟରେ ସ୍ମାର୍ଟ ବାଡ଼ିରେ ଲାଗିଥିବା ସଫ୍ଟୱେର ବୟସ୍କ ବ୍ୟକ୍ତିଙ୍କ ପରିବାର ସଦସ୍ୟ ଏବଂ କେୟାର ଟେକରଙ୍କ ମୋବାଇଲକୁ ସତର୍କ ସୂଚନା ପଠାଇବ। ଇଲେକ୍ଟ୍ରୋନିକ୍ ଏବଂ କମ୍ୟୁନିକେଶନ ପାଠ୍ୟକ୍ରମର ପ୍ରଥମ ବାର୍ଷିକ ଛାତ୍ର ଅର୍ଜୁନ ରାଜ ଏବଂ ରଘୁଲ୍ ପି.କେ ମିଳିତଭାବେ ଏହି ସ୍ମାର୍ଟ ବାଡ଼ି ପ୍ରସ୍ତୁତ କରିଛନ୍ତି। ବୟସ୍କଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ଏବେ ତାଙ୍କ ଟିମ୍‌ରେ ୯ ଜଣ ଛାତ୍ର ଯୋଗ ଦେଇଛନ୍ତି।



# ସେଓ ଗଛକୁ ସୁରକ୍ଷା ଦେବ 'ଆଣ୍ଟାଇ ହେଲ୍ ନେଟ'

**ସିକ୍କିମ:** ଭାରତର ଫଳ ଟାଙ୍ଗୁଡ଼ି ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ପର୍ବତ ରାଜ୍ୟ ହିମାଚଳ ପ୍ରଦେଶରେ ସେଓ ଏବଂ ଅନ୍ୟ ସ୍ୱାଦିଷ୍ଟ ଫଳକୁ କରକାପାତରୁ ରକ୍ଷା କରିବାକୁ ସେଠାକାର ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳ ଗଛକୁ ସୁରକ୍ଷା ଦେବାକୁ 'ଆଣ୍ଟାଇ ହେଲ୍ ନେଟ' ବ୍ୟବହାର କରାଯିବ। ଏଥିରେ ଚାଷୀଙ୍କୁ ୫୦% ସବ୍‌ସିଡି ମିଳିବ। ରାଜ୍ୟ ବଜେଟ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଏହି ଘୋଷଣା କରିଛନ୍ତି। କୃଷି ଉତ୍ପାଦନ ସଂରକ୍ଷଣ ଯୋଜନା ଅଧୀନରେ ଏହା କାର୍ଯ୍ୟକାରୀ ହେବ।

ତୁଷାର ଏବଂ କରକାପାତ ଯୋଗୁ ହିମାଚଳର ଚାଷୀ ପ୍ରତିବର୍ଷ ପ୍ରଭୂତ କ୍ଷତି ସହୁଛନ୍ତି। ଏହା ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେଉଛି। ତେଣୁ ଫଳଗଛକୁ ସୁରକ୍ଷା ଦେବାକୁ ଆଗେଇ ଆସିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏହି ଯୋଜନାରେ 'ଆଣ୍ଟାଇ ହେଲ୍ ନେଟ୍' କିଣାଯିବ। ଏହାକୁ ବାନ୍ଧିବାକୁ ବାଉଁଶ କିମ୍ବା ଷ୍ଟିଲର ସ୍ଥାୟୀ ଷ୍ଟ୍ରକ୍‌ଚର ନିର୍ମାଣ କରାଯିବ। ଏଥିପାଇଁ ଫଳ ଉଦ୍ୟାନ କରିଥିବା ଚାଷୀଙ୍କୁ ୫୦% ଆର୍ଥିକ ଅନୁଦାନ ମିଳିବ। ଏଥିଲାଗି ରାଜ୍ୟ ବଜେଟରେ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ହିମାଚଳପ୍ରଦେଶର ପ୍ରମୁଖ ୫ଜିଲାରେ ସେଓ ଉତ୍ପାଦନ ବଢ଼ିବାରେ ଲାଗିଛି। ଏଠାରେ ବାର୍ଷିକ ସେଓ କାରବାର ୪,୦୦୦ କୋଟି ଛୁଇଁଛି। ଚଳିତ ବର୍ଷ ୪ କୋଟି ପେଟି ସେଓ ଉତ୍ପାଦନ ହେବ ବୋଲି ଆକଳନ କରିଛି ସେଠାକାର ରାଜ୍ୟ ଉଦ୍ୟାନ ବିଭାଗ। ୨୦୧୯ରେ ୨.୭୫ କୋଟି ପେଟି ସେଓ ଉତ୍ପାଦନ ହୋଇଥିଲା। ଏହି ସଂଖ୍ୟା ୨୦୧୭ରେ ୧.୭୩ କୋଟି, ୨୦୧୮ରେ ୧.୪୨ କୋଟି ପେଟି ରହିଥିଲା। ଏଥିସହ ବଜେଟରେ ଉତ୍ପାଦିତ ସେଓର ଷ୍ଟୋରେଜ କ୍ଷମତା ବଢ଼ାଇବା ଲାଗି ଅଧିକ ଶୀତଳଭଣ୍ଡାର ନିର୍ମାଣ, ଶୀତଳ ଭଣ୍ଡାରରେ ସଂରକ୍ଷଣ ମାତ୍ରା ବୃଦ୍ଧି, ଜଳସେଚନ, ଚାରା ରୋପଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଅନ୍ୟପଟେ ହିମାଚଳର ଚେରିର ସାରା ଦେଶରେ ଖାସ୍ ଚାହିଦା ରହିଛି। ତେଣୁ ଏହାର ସୁରକ୍ଷା ଲାଗି ହାଇଡ୍ରୋକୁଲିଂ ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଛି।

ତେବେ ସରକାରଙ୍କ ଏହି ବଜେଟକୁ ଅନେକ ଚାଷୀ ନାପସନ୍ଦ କରିଛନ୍ତି। ସଫଳ ଚାଷୀ ପ୍ରଶାନ୍ତ ସେହଟା କୁହନ୍ତି, କରକାପାତ ସେଓ ଚାଷୀଙ୍କ ପ୍ରମୁଖ ଶତ୍ରୁ। ଯଦିଓ ସରକାର ଚଳିତ ବଜେଟରେ ଚାଷୀଙ୍କ କ୍ଷତିଭରଣା କଥା ଚିନ୍ତା କରିଛନ୍ତି, ତେବେ ଏହା ପର୍ଯ୍ୟାପ୍ତ ନୁହେଁ। ଏଥିପ୍ରତି ଆହୁରି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।



# ମୋଦିଙ୍କ ସମ୍ମାନ ଗ୍ରହଣ କରିବାକୁ ଲିସିପ୍ରିୟା ଅମଙ୍ଗ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନିଜର ଟୁଇଟର ଅକାଉଣ୍ଟକୁ ମହିଳାଙ୍କୁ ସମର୍ପିତ କରିବେ ବୋଲି ଘୋଷଣା କରିଥିଲେ। ଘୋଷିତ ତାଲିକାରେ ପ୍ରେରଣାଦାୟୀ ମହିଳାଙ୍କ ମଧ୍ୟରେ ୮ ବର୍ଷର ଜଣେ ବାଳିକାଙ୍କୁ ସାମିଲ୍ କରାଯାଇଥିଲା। ତେବେ ଏହି ସମ୍ମାନକୁ ଗ୍ରହଣ କରିବାକୁ ନାବାଳିକା ଜଣକ ଅମଙ୍ଗ ହୋଇଛନ୍ତି। ଏହି ନାବାଳିକା ଜଣକ ହେଉଛନ୍ତି ମଣିପୁରର ଲିସିପ୍ରିୟା କଙ୍ଗୁଜମ୍। ସେ ଜଣେ ପରିବେଶକର୍ମୀ ଭାବେ କାମ କରନ୍ତି। ଟୁଇଟରରେ ସେ ଲେଖିଛନ୍ତି ଯେ, ମତେ ସମ୍ମାନିତ କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଏବଂ ସମସ୍ତ ଏମ୍‌ପିଙ୍କୁ ଶୀଘ୍ର ପରିବେଶ ସୁରକ୍ଷା ପାଇଁ ଜଳବାୟୁ ପରିବର୍ତ୍ତନ ଉପଯୋଗୀ ନିୟମ ଜାରି କରିବାର ଆବଶ୍ୟକତା ରହିଛି। ଏବେ ଲିସିପ୍ରିୟାଙ୍କ ଏଭଳି ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜାରି ରହିଛି।

ସୂଚନାଯୋଗ୍ୟ, ୨୦୧୯ରେ ଲିସିପ୍ରିୟାଙ୍କୁ ୱାର୍ଲ୍ଡ ଚିଲ୍ଡ୍ରେନ୍ ପିସ୍ ପ୍ରାଇଜ୍ ଭାବେ ଡ.ଏପିଜେ ଅବଦୁଲ୍ଲା କାଲାମ ଚିଲଡ୍ରେନ୍ ଆୱାର୍ଡ ପ୍ରଦାନ କରାଯାଇଥିଲା।



# କର୍କଟ ପୀଡ଼ିତଙ୍କ ପାଇଁ ଛାତ୍ରୀଙ୍କ କେଶ ଦାନ

**କୋଏମ୍ବାଟୁର:** କର୍କଟ ପୀଡ଼ିତଙ୍କ ପାଇଁ କେତେକ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ତେବେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅସମର୍ଥ ଥିବା ତାମିଲନାଡୁର କୋଏମ୍ବାଟୁରସ୍ଥିତ ଏକ ଘରୋଇ କଲେଜର ୮୦ ଜଣ ଛାତ୍ରୀ ନିଜ କେଶ ଦାନ କରିଛନ୍ତି। କେମୋଥେରାପି ପରେ କର୍କଟ ପୀଡ଼ିତଙ୍କ କେଶ ଉପୁଡ଼ି ଯାଇଥାଏ। ତେଣୁ ଦାନ କରାଯାଇଥିବା କେଶରୁ ୱିଗ୍ ତିଆରି କରି କର୍କଟ ପୀଡ଼ିତଙ୍କୁ ପ୍ରଦାନ କଲେ ସେମାନେ ଖୁସି ହେବେ ବୋଲି ଛାତ୍ରୀମାନେ କହିଛନ୍ତି। କର୍କଟ ପୀଡ଼ିତଙ୍କ ମୁହଁରେ ହସ ଫୁଟାଇବା ଲାଗି ଛାତ୍ରୀମାନେ ଏଭଳି ନିଆରା ପଦକ୍ଷେପ ଆପଣେଇଛନ୍ତି। ଛାତ୍ରୀମାନେ ୮ଇଞ୍ଚ ଲମ୍ବର କେଶ ଦାନ କରିଛନ୍ତି। ଏହି ଅଭିଯାନରେ ୨୦୦ ଛାତ୍ରୀ ସେମାନଙ୍କ କେଶ ଦାନ କରିବେ ବୋଲି ଯୋଜନା ରହିଛି।



# ସ୍ତ୍ରୀ-ସ୍ୱାମୀ ସମ୍ପର୍କରେ ପାଚେରି ହେଲା କରୋନା

ଆମେରିକା ୱାଶିଂଟନର କିର୍କଲାଣ୍ଡ ସହରରେ ରହନ୍ତି ୮୯ ବର୍ଷୀୟ ଜେନ୍ କ୍ୟାମ୍ବଲ୍ ଓ ତାଙ୍କ ସ୍ତ୍ରୀ ୮୮ ବର୍ଷୀୟା ଡେରେଥୀ । ବିବାହର ୬୦ ବର୍ଷ ହେଲାଣି, କିନ୍ତୁ ଏବେ ଦୁହିଁଙ୍କୁ ଅଲଗା ହେବାକୁ ପଡ଼ିଛି । ଆଉ ଏହାର କାରଣ ହେଉଛି କରୋନା ଭାଇରସ୍ । ଏଇ ଭାଇରସ୍ କାରଣରୁ ଏବେ ୱାଶିଂଟନର ଲାଇଫ୍ କେୟାର ସେଣ୍ଟରରେ ବନ୍ଦୀ ଭଳି ରହୁଛନ୍ତି ଜେନ୍ । ଡେରେଥୀ ତାଙ୍କ ସ୍ୱାମୀଙ୍କୁ ଦେଖା କରିବାକୁ ଆସିଥିଲେ ସତ, କିନ୍ତୁ ଉଭୟଙ୍କ ମଧ୍ୟରେ ଥିଲା କାଚର ଏକ ବିରାଟ ପ୍ରାଚୀର । କରୋନା କାରଣରୁ ଉଭୟ ପରସ୍ପରକୁ ସିଧାସଳଖ ସାକ୍ଷାତ୍ କରିବାର ଅନୁମତି ମିଳିନଥିଲା । ତେଣୁ କାଚ ପ୍ରାଚୀରର ଦୁଇପଟେ ରହି ଦେଖା କରିଛନ୍ତି ଏବଂ ଫୋନରେ ପରସ୍ପର କଥା ହୋଇଛନ୍ତି। ଡେରେଥୀ ତାଙ୍କ ପୁଅ ସହ ସ୍ୱାମୀଙ୍କୁ ଦେଖା କରିବାକୁ ଯାଇଥିଲେ, କିନ୍ତୁ କାଚ ପ୍ରାଚୀର ଦେଇ ଦେଖାକରିବାବେଳେ ଉଭୟ ଅତ୍ୟନ୍ତ ଭାବପ୍ରବଣ ହୋଇ ପଡ଼ିଥିଲେ । ବୃଦ୍ଧ ଦମ୍ପତିଙ୍କର ଏଇ ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ସେଚେନ୍ ଝାଙ୍ଗ ନାମକ ବ୍ୟକ୍ତି ଏକ ସୁନ୍ଦର ଭାବପ୍ରବଣ ଟ୍ୟାଗ୍ ସହିତ ଏଇ ଫଟୋକୁ ପୋଷ୍ଟ କରିଥିଲେ ।





# ହଂସ ସ୍ୱୟଂବର

**ନୂଆଦିଲ୍ଲୀ:** ପ୍ରେମ ନିବେଦନ କରିବା ନିମନ୍ତେ କିଏ କେତେ କ'ଣ ଉପାୟ ଅବଲମ୍ବନ କରିଥାନ୍ତି । ଆଜିକାଲି ତ ଯୁବପିଢ଼ି ଏଥିପାଇଁ ଅଜବ କାରନାମା ବି କରୁଛନ୍ତି । ତେବେ ମଣିଷଙ୍କ ଭଳି ହଂସମାନେ ବି ସେମାନଙ୍କ ସାଥୀଙ୍କୁ ସ୍ୱତନ୍ତ୍ର ଢଙ୍ଗରେ ପ୍ରେମ ନିବେଦନ କରିଥାନ୍ତି । ପୁରୁଷ ହଂସମାନେ ମାଈ ହଂସକୁ ଜୀବନସାଥୀ ରୂପେ ବାଛିବା ନିମନ୍ତେ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ଏକ ସ୍ୱତନ୍ତ୍ର ପ୍ରକାରର ନୃତ୍ୟ କରିଥାନ୍ତି । ପୁରୁଷ ହଂସମାନେ ପ୍ରଥମେ ଏକାଠି ହୋଇ ସ୍ୱତନ୍ତ୍ର ପ୍ରକାରର ନାଚ କରିଥାନ୍ତି । ତା'ପରେ ସାଥୀ ହଂସ ଆସି ସେମାନଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରିଥାନ୍ତି । ହଂସମାନଙ୍କର ଏଭଳି ନାଚର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଏକଥା ଚର୍ଚ୍ଚାକୁ ଆସିଛି। ଭିଡିଓଟିକୁ ସର୍ବପ୍ରଥମେ ଶେୟାର କରିଥିଲେ ଆଇଏଫ୍‌ଏସ୍ ଅଫିସର ସୁଧା ରମେନ୍ । ଭିଡିଓରେ ଦଳେ ହଂସ ଏକାଠି ହୋଇ ନାଚ କରି ଏକ ମାଈ ହଂସକୁ ସେମାନଙ୍କ ଆଡକୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି । ସୋସିଆଲ୍ ମିଡିଆରେ ଲୋକେ ହଂସମାନଙ୍କର ଏଇ ନାଚକୁ ସ୍ୱୟଂବର ବୋଲି କହି ରିଟ୍ୱିଟ୍ କରିଛନ୍ତି । ଜୀବନସାଥୀ ଚୟନ ନିମନ୍ତେ ହଂସମାନଙ୍କର ଏଭଳି ନାଚର ଭିଡିଓ ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରିଛି ।

# ଇକୋ ଫ୍ରେଣ୍ଡ୍‌ଲି ନାପକିନ୍

**ମଦୁରାଇ:** କେବେ ସ୍ୱାବଲମ୍ବୀ ହେବାର ଇଚ୍ଛା ତ କେବେ ଅନ୍ୟକୁ ସାହାଯ୍ୟ କରିବା ଇଚ୍ଛା ବେଳେବେଳେ ନୂଆ ଉଦ୍ଭାବନ କରିବାରେ ସାହାଯ୍ୟ କରିଥାଏ । ଏଇ ଯେମିତି ଟି କାନ୍ନାମା । କେରଳ ମଦୁରାଇର ୪୨ ବର୍ଷୀୟା ଏହି ମହିଳାଜଣକ ଏବେ ଗରିବ ମହିଳାଙ୍କ ପାଇଁ ତିଆରି କରୁଛନ୍ତି ବାୟୋଡିଗ୍ରେଡେବୁଲ୍ ନାପକିନ୍ । ଏହାଦ୍ୱାରା ସେ ଏବେ ଗରିବ ମହିଳାମାନଙ୍କୁ କମ୍ ଦାମ୍‌ରେ ନାପକିନ୍ ଯୋଗାଇ ପାରୁଥିବାବେଳେ ନିଜେ ମଧ୍ୟ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇ ପାରୁଛନ୍ତି । କାନ୍ନାମାଙ୍କର ଏଇ ନାପକିନ୍ ଶତ ପ୍ରତିଶତ କଟନରେ ତିଆରି ଏବଂ ଏଥିରେ କୌଣସି ପ୍ରକାରର କେମିକାଲ୍ ଦିଆଯାଇନି । ଏହା ସହିତ ଏଥିରେ ଆଲୋବେରା, ନିମ୍ବ ଏବଂ ତ୍ରିଫଳା ଗୁଣ୍ଡ ବ୍ୟବହାର ହୋଇଥିବାରୁ ତାହା ସହଜରେ ଦୁର୍ଗନ୍ଧ ଦୂର କରିବା ସହ ସଂକ୍ରମଣରୁ ରକ୍ଷା କରିଥାଏ । ତାଙ୍କର ଏହି ଇକୋ ଫ୍ରେଣ୍ଡ୍‌ଲି ନାପକିନ୍ ମହିଳାଙ୍କ ନିକଟରେ ବେଶ୍ ଆଦୃତ ହୋଇପାରିଛି । ପ୍ରତ୍ୟେକଙ୍କ ପାଇଁ ଖାଦ୍ୟ ଯେମିତି ଏକ ଜରୁରୀ ଆବଶ୍ୟକତା ସେହିଭଳି ସାନିଟାରି ନାପକିନ୍ ମଧ୍ୟ ନିହାତି ଆବଶ୍ୟକ । ତେଣୁ ଗ୍ରାମୀଣ ମହିଳାଙ୍କ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଏଭଳି ଏକ ଇକୋ ଫ୍ରେଣ୍ଡ୍‌ଲି ନାପକିନ୍ ତିଆରି କରିଛନ୍ତି କାନ୍ନାମା ।



# ହଲିଉଡ୍ କଳାକାରଙ୍କ ସହ ଜନ୍ମଦିନ ପାଳିଲେ ଅନୁପମ

**ନ୍ୟୁୟର୍କ:** ବଲିଉଡ୍‌ର ବରିଷ୍ଠ କଳାକାର ଅନୁପମ ଖେର ଶନିବାର ୬୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ସେ ନ୍ୟୁୟର୍କରେ ହଲିଉଡ୍‌ର ଭେଟେରାନ ଆକ୍ଟର ରୋବର୍ଟ ଡି ନିରୋଙ୍କ ସହ ଜନ୍ମଦିନ ପାଳନ କରିଛନ୍ତି। ଏହି ଦୁଇ କଳାକାର ୨୦୧୨ରେ 'ସିଲଭର ଲନିଂଗ୍ସ ପ୍ଲେବୁକ୍'ରେ ସ୍କ୍ରିନ୍ ଶେୟାର କରିଥିଲେ। ନିରୋଙ୍କ ସହ ଜନ୍ମଦିନ ପାଳନ କରୁଥିବାର ଏକ ଭିଡିଓ ଅନୁପମ ତାଙ୍କ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ଭିଡିଓରେ ଏକ ମିନିଏଚର କେକ୍‌ରେ କ୍ୟାଣ୍ଡେଲ ଜଳୁଥିବା ବେଳେ ନିରୋ ବାର୍ଥଡେ ସଙ୍ଗ ଗାଇ ଅନୁପମଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି। ଏହାପରେ ଅନୁପମ ତାଙ୍କୁ ଧନ୍ୟବାଦ ଦେଇ କେକ୍ କାଟିବାକୁ ଯାଉଥିବା ଦେଖାଯାଇଛି।





**ଝିଅଙ୍କୁ ଟକ୍କର ଦେଉଛନ୍ତି ତନୁଜା**

ଝିଅମାନଙ୍କ ସହ ମିଶି ଗାଧୋଉଥିବା ଭେଟେରାନ ଅଭିନେତ୍ରୀ ତନୁଜାଙ୍କ ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

୦୪

୧୪

**ୱାସିମ୍ ଜାଫରଙ୍କ ଅବସର**

ପୂର୍ବତନ ଭାରତୀୟ ଓପନର ୱାସିମ୍ ଜାଫର ଶନିବାର କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି।



# ସ୍ୱାଧୀନତା ସଂଗ୍ରାମୀ ବିପିନ ବିହାରୀ ରଥଙ୍କ ପରଲୋକ

**କଟକ ଅଫିସ,୭।୩**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ଆଇନଜୀବୀ ଡ. ବିପିନ ବିହାରୀ ରଥ(୯୦)ଙ୍କ ଶନିବାର ପୂର୍ବାହ୍ନ ସାଢେ ୧୧ଟାରେ କଟକ ବଡ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ କଟକ କନିକାଛକ ସ୍ଥିତ ବାସଭବନକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ତଥା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ, ବୈଦ୍ୟନାଥ ରଥ, ଜଗନ୍ନାଥ ରଥ, ଝିଅ ମନୋରମା, କଳ୍ପନା ଏବଂ କ୍ରିଷ୍ଣାଙ୍କ ସହ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣିବା ପରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡାଙ୍କ ସମେତ ବହୁ ବିଚାରପତି, ପୂର୍ବତନ ବିଚାରପତି, ବରିଷ୍ଠ ଆଇନଜୀବୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ବିରାଟ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ହାଇକୋର୍ଟକୁ ଅଣାଯାଇ ଶେଷ ସମ୍ମାନ ଦିଆଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ବିଶ୍ୱନାଥ ମୁଖାଗ୍ନି ଦେଇଥିଲେ।

୧୯୩୦ ନଭେମ୍ବର ୨୯ ତାରିଖରେ ଗଞ୍ଜାମ ଜିଲା କୃପାସିନ୍ଧୁପୁର ଶାସନରେ ବିପିନ ଜନ୍ମଗ୍ରହଣ କରିଥିଲେ। ମହାତ୍ମା ଗାନ୍ଧୀ ଏବଂ ନେତାଜୀ ସୁଭାଷ ଚନ୍ଦ୍ର

**ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ**



ବୋଷଙ୍କ ପ୍ରେରଣାରେ ମାତ୍ର ୧୦ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ୧୯୪୨ ଅଗଷ୍ଟ ୧୦ରେ ବ୍ରହ୍ମପୁର ମୁଖ୍ୟ ଡାକଘର ସମ୍ମୁଖରେ ଭାରତ ଛାଡ଼ ଆନ୍ଦୋଳନରେ ଭାଗନେଇ ଜେଲ୍ ଯାଇଥିଲେ। ୧୯୬୧ରେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ ଶିକ୍ଷା ଲାଭ କରିବା ପରେ ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଭାବେ ଯୋଗଦେଇଥିଲେ। ଏପରି କି ୧୯୬୮ରୁ ୧୯୭୭ ପର୍ଯ୍ୟନ୍ତ ଫରୱାର୍ଡ ବ୍ଲକ ଓଡ଼ିଶା ୟୁନିଟ୍‌ର ସେ ସଭାପତି ରହିଥିଲେ। ୧୯୮୭ରେ ତାଙ୍କୁ ବରିଷ୍ଠ ☞ପୃଷ୍ଠା-୪

# ନିର୍ବାଚନରେ ରୋକାଯିବ କଳାଧନ

**କଟକ ଅଫିସ, ୭।୩**

ଗତ ସାଧାରଣ ନିର୍ବାଚନରେ ବିପୁଳ ପରିମାଣରେ କଳାଧନ ବ୍ୟବହାର ହୋଇଛି। ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ନଗଦ ଟଙ୍କା, ନିଶାଦ୍ରବ୍ୟ ଏବଂ ଅଳଙ୍କାର ବଣ୍ଟନ କରାଯାଇଛି। କେଉଁ ରାଜ୍ୟରେ କେତେ ପରିମାଣର କଳାଧନ ବ୍ୟବହାର ହୋଇଥିଲା ସେ ନେଇ ଅନେକ ସୂଚନା ମିଳିଛି। ଫଳରେ ଆଗାମୀ ନିର୍ବାଚନ ସମୟରେ କିଭଳି ଭାବେ କଳାଧନର ବ୍ୟବହାର ରୋକାଯାଇପାରିବ ସେ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଏଜେନ୍ସି ଜରିଆରେ କଳାଧନ ଧରପଗଡ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କଳାଧନ ପ୍ରସଙ୍ଗରେ ଗଠିତ ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଟିମ୍(ଏସ୍ଆଇଟି)ର ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ। କଟକ ତେଲେଙ୍ଗାବଜାରସ୍ଥିତ ଜଷ୍ଟିସ୍ ପଶାୟତଙ୍କ ବାସଭବନରେ ଶନିବାର କଳାଧନ ସମ୍ପର୍କିତ ଏସ୍ଆଇଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ନିର୍ବାଚନ ଆୟୋଗ(ଇସିଆଇ), ପ୍ରବର୍ତ୍ତନ



ଜଷ୍ଟିସ ଅରିଜିତ ପଶାୟତ

ନିର୍ଦ୍ଦେଶାଳୟ(ଇଡି), ସିବିଆଇ, ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ, ଆୟକର ବିଭାଗ, ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ(ସିବିଡିଟି), ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସ ଆଣ୍ଡ କଷ୍ଟମ୍ସ(ସିବିଆଇଟିସି), ଅର୍ଥନୈତିକ ଗୋଇନ୍ଦା ୟୁନିଟ୍ (ଏଫ୍ଆଇୟୁ), ରାଜ୍ୟ ଭିଜିଲାନ୍ସ, ବାଣିଜ୍ୟକର, ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ ସହ ପ୍ରାୟ ୧୮ଟି ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

ଗତ ନିର୍ବାଚନରେ କେଉଁ ରାଜ୍ୟରେ କେତେ କଳାଧନ ବ୍ୟବହାର ହୋଇଥିଲା ସେ ସମ୍ପର୍କରେ ନିର୍ବାଚନ ଆୟୋଗ ପକ୍ଷରୁ ବୈଠକରେ ତଥ୍ୟ ରଖାଯାଇଥିଲା। ନିର୍ବାଚନ ସମୟରେ ବିଭିନ୍ନ ଏଜେନ୍ସି

**ଏସ୍ଆଇଟିର ୯ମ ବୈଠକ**
- ବ୍ୟବହାର ହେଉଛି ଟଙ୍କା, ନିଶାଦ୍ରବ୍ୟ, ଅଳଙ୍କାର
- ୬ମାସରୁ ଅଧିକ ରହିତାଦେଶ ବଳବତ୍ତର ରହିବନି

ପକ୍ଷରୁ ଚଢାଉ କରାଯାଇ ଜବତ ହୋଇଥିବା ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ନିର୍ବାଚନବେଳେ କଳାଧନ ବ୍ୟବହାର ରୋକାଯିବା ପାଇଁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ସଦସ୍ୟମାନେ ମତ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଦୁର୍ନୀତି ଏବଂ ଅର୍ଥନୈତିକ ଅପରାଧ ମାମଲାଗୁଡିକରେ ଅଭିଯୁକ୍ତମାନେ ୬ ମାସରୁ ଅଧିକ ସମୟ ରହିତାଦେଶ ନେଇପାରିବେ ନାହିଁ। ଗିରଫଦାରି ଏବଂ ତଦନ୍ତକୁ ଏଡାଇବା ପାଇଁ ସେମାନେ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ ରହିତାଦେଶ ନେଉଛନ୍ତି। ତୁରନ୍ତ ଏହାକୁ ବନ୍ଦ କରାଯିବା ଓ ତ୍ୱରିତ ତଦନ୍ତ ସମ୍ପର୍କରେ ଆଲୋଚନା ହୋଇଥିଲା।

ଏଦିଗରେ ବିଭିନ୍ନ ତଦନ୍ତକାରୀ ଏଜେନ୍ସିଗୁଡିକ ମଧ୍ୟରେ ଉତ୍ତମ ସମନ୍ୱୟକୁ ଗୁରୁତ୍ୱ ଦିଆଯାଇଥିଲା। ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତିଗୁଡିକର ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ସବୁ ବିଭାଗ ସକାରାତ୍ମକ ପଦକ୍ଷେପ ନେଇଛନ୍ତି ବୋଲି ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ପଶାୟତ କହିଛନ୍ତି।

ସୂଚନାଯୋଗ୍ୟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଏସ୍ଆଇଟିର ୮ଟି ବୈଠକ ପୂର୍ବରୁ ଅନୁଷ୍ଠିତ ହୋଇଯାଇଛି। ୨୦୧୫ ଅକ୍ଟୋବର ୧୭ ତାରିଖରେ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ୨୦୧୬ ଫେବୃୟାରୀ ୨୫ରେ ଦ୍ୱିତୀୟ, ଏପ୍ରିଲ ୨୭ରେ ତୃତୀୟ, ଜୁଲାଇ ୧୫ରେ ଚତୁର୍ଥ, ସେପ୍ଟେମ୍ବର ୧୨ରେ ପଞ୍ଚମ, ୨୦୧୭ ମାର୍ଚ୍ଚ ୨ରେ ଷଷ୍ଠ, ଅଗଷ୍ଟ ୧୪ରେ ସପ୍ତମ ଓ ୨୦୧୯ ଜୁନ୍ ୧୮ ତାରିଖରେ ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବ ବୈଠକଗୁଡିକର ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ ହୋଇସାରିଛି। ଏହି ବୈଠକର ରିପୋର୍ଟ ଆସନ୍ତା ଦୁଇମାସ ମଧ୍ୟରେ ପ୍ରଦାନ କରାଯିବ ବୋଲି ଜଷ୍ଟିସ ପଶାୟତ ସୂଚନା ଦେଇଛନ୍ତି।



## ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ଆଜି

ମେଲବୋର୍ନ, ୭।୩: ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ(ଏମ୍‌ସିଜି)ରେ ରବିବାର ଆନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ ଖେଳାଯିବ। ଟାଇଟଲ ପାଇଁ ଏହି ମହାମୁକାବିଲାରେ ଭାରତ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ପାଇଁ ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଭାରତୀୟ ୧୬ ବର୍ଷୀୟା ଓପନର ଶେଫାଳି ବର୍ମାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଏହାପୂର୍ବରୁ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ଫଳରେ ଭାରତ ଫାଇନାଲକୁ ଉଠିଥିଲା। ଅନ୍ୟପଟେ ଦକ୍ଷିଣ ଆଫ୍ରିକାକୁ ହରାଇ କ୍ରମାଗତ ଷଷ୍ଠଥର ପାଇଁ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା।

**ବିଶେଷ ବିବରଣୀ ଖେଳ ପୃଷ୍ଠାରେ......**

Vencobb FRESH CHICKEN
Taste the difference!
07.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply
Issued in the Interest of Consumers

**ଆଜିର ସମ୍ପାଦକୀୟ**

**ସ୍ଥିତାବସ୍ଥାରେ ପରିବର୍ତ୍ତନ**

**ଆଜିର ମନ୍ତବ୍ୟ**

“ନିର୍ଭୟା ଦୋଷୀ ନ୍ୟାୟ ବ୍ୟବସ୍ଥାର ମଜାକ୍ ଉଡ଼ାଉଛନ୍ତି। ଏହାକୁ ବନ୍ଦ କରିବା ଲାଗି ତୁରନ୍ତ ଜରୁରୀ ପଦକ୍ଷେପ ଆବଶ୍ୟକ।

–ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ଆଇନରେ ଗତବର୍ଷ ଡିସେମ୍ବର ସୁଦ୍ଧା ୧୯୦ ମାମଲାର ସମାଧାନ କରାଯାଇଛି। ଏହି କମ୍ପାନୀଗୁଡିକ ବ୍ୟାଙ୍କଗୁଡିକଠାରୁ ୩.୮ ଲକ୍ଷ କୋଟି ଟଙ୍କାର ଋଣ ନେଇଥିଲେ।

– ଆଇବିବିଆଇ

**୯୪ ଦେଶକୁ ବ୍ୟାପିଲାଣି କରୋନା**

........୮.........

# ୪ ଆସନ ପାଇଁ ବିଜେଡିର ପ୍ରାର୍ଥୀ ଘୋଷଣା

**ଭୁବନେଶ୍ୱର, ୭।୩ (ବ୍ୟୁରୋ)**

ଆସନ୍ତା ଏପ୍ରିଲ ୨ ତାରିଖରେ ଖାଲି ହେବାକୁ ଥିବା ୪ଟି ରାଜ୍ୟ ସଭା ଆସନ ପାଇଁ ବିଜୁ ଜନତା ଦଳ (ବିଜେଡି) ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ସୁବାସ ସିଂ, ମୁନ୍ନା ଖାଁ, ସୁଜିତ କୁମାର ଓ ମମତା ମହାନ୍ତ। ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂଙ୍କ ଇସ୍ତଫା ଗ୍ରହଣ କରି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ବୋର୍ଡର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଗଲା ବୋଲି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୁବାସ ସିଂ ଓଡିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ରହିଥିଲେ।



ସୁଜିତ କୁମାର | ସୁବାସ ସିଂ | ମୁନ୍ନା ଖାଁ | ମମତା ମହାନ୍ତ

ସେ ଦୀର୍ଘଦିନ ଧରି ଶ୍ରମିକ, ବିଭିନ୍ନ ଶ୍ରମିକ ସଂଗଠନ ଏବଂ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଂଗଠନ ସହ ଜଡିତ ଅଛନ୍ତି। ସେହିପରି ମୁନ୍ନା ଖାଁ କେତେକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏଥିସହିତ ବିଜେଡି ସଂଖ୍ୟାଲଘୁ ବ୍ୟାପାର ସଂଗଠନର ଉପଦେଷ୍ଟା ଭାବେ କାର୍ଯ୍ୟରତ ଅଛନ୍ତି। ସୁଜିତ କୁମାର ଅବିଭକ୍ତ କଳାହାଣ୍ଡି ଜିଲାରେ ବିଜେଡି ସଂଗଠନ କଥା ବୁଝୁଛନ୍ତି। ଏଥିସହିତ କଳାହାଣ୍ଡି ଜିଲା ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସେ ଉପଦେଷ୍ଟା ଅଛନ୍ତି। ସେ ହାର୍ଭାର୍ଡ ୟୁନିଭର୍ସିଟିରେ ପବ୍ଲିକ ଆଡ୍‌ମିନିଷ୍ଟ୍ରେଶନରେ ମାଷ୍ଟର ଡିଗ୍ରୀ କରିଥିବା ବେଳେ ଅକ୍ସଫୋର୍ଡ ୟୁନିଭର୍ସିଟିରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ମମତା ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ମହିଳା ପ୍ରତିନିଧି ହିସାବରେ ଚୟନ କରିଛନ୍ତି।

**ରାଜ୍ୟ ସଭା ନିର୍ବାଚନ**
- ଚତୁର୍ଥ ପ୍ରାର୍ଥୀ ଜିତିବା ସମ୍ଭାବନା ଉଜ୍ଜ୍ୱଳ

ସେ ମୟୂରଭଞ୍ଜ ଜିଲାର ବିଜୁ ଜନତା ଦଳ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହିଳା ସଶକ୍ତୀକରଣ ପାଇଁ ଅନେକ କାର୍ଯ୍ୟ କରିଛନ୍ତି।

ଆସନ୍ତା ଏପ୍ରିଲ ୨ ତାରିଖରେ ବିଜେଡି ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। ୨୦୧୯ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରୁ ବିଜେଡି ଲୋକ ସଭା ପ୍ରାର୍ଥୀ ☞ପୃଷ୍ଠା-୪

DSPL - 305



**ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ନାରୀ ହେଉଛି ଶକ୍ତି। ସମାଜର ପ୍ରଗତିରେ ନାରୀର ଭୂମିକା ଅନସ୍ୱୀକାର୍ଯ୍ୟ। ନାରୀକୁ ସମାଜରେ ତାର ହକ୍ ଦେବା ଏବଂ ବିକାଶ ପ୍ରକ୍ରିୟାରେ ନାରୀମାନଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଅନେକ ପ୍ରଗତିଶୀଳ ପଦକ୍ଷେପ ଗ୍ରହଣ କରିଛନ୍ତି। ଆମର ମହିଳା ସଶକ୍ତିକରଣ କାର୍ଯକ୍ରମ ରାଜ୍ୟରେ ଏକ ନୀରବ ବିପ୍ଳବ ଆଣିବାରେ ସଫଳ ହୋଇଛି ଏବଂ ନାରୀମାନେ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ ସେମାନଙ୍କ ଉପସ୍ଥିତି ଜାହିର କରିପାରିଛନ୍ତି।

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଆମର ମା'ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ଏକ ସଶକ୍ତ ଓ ସମୃଦ୍ଧ ଓଡିଶା ଗଠନରେ ସମସ୍ତଙ୍କର ସହଯୋଗ କାମନା କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-33001/13/0027/1920

# ଇଡି ପଞ୍ଝାରେ ରାଣା କପୁର

**ମୁମ୍ବାଇ,୭।୩**

ୟେସ୍ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କ ମୋରାଟୋରିୟମ୍ ଲଗାଇଥିବାବେଳେ ବ୍ୟାଙ୍କର ଜମାକାରୀମାନେ ଆତଙ୍କିତ ହୋଇପଡିଛନ୍ତି। ଶୁକ୍ରବାରଠାରୁ ସାରା ଦେଶରେ ଏହି ବ୍ୟାଙ୍କର ଏଟିଏମ୍ ଏବଂ ଶାଖାଗୁଡିକରେ ଲମ୍ବାଧାଡି ଲାଗି ରହିଛି। ଶନିବାର ୟେସ୍ ବ୍ୟାଙ୍କ ଏଟିଏମ୍ ସବୁ ଖାଲି ପଡିଥିବାବେଳେ ବ୍ୟାଙ୍କରେ ଲୋକଙ୍କ ଗହଳି ବଢ଼ିଛି। ଏପଟେ ବ୍ୟାଙ୍କର ପ୍ରତିଷ୍ଠାତା ରାଣା କପୁରଙ୍କ ଅଡୁଆ ବଢିଯାଇଛି। ଶୁକ୍ରବାର ତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ମୁମ୍ବାଇସ୍ଥିତ ରାଣାଙ୍କ ବାସଭବନ ସମେତ ଅନ୍ୟ କେତେକ ସ୍ଥାନରେ ଇଡି ପକ୍ଷରୁ ଚଢଉ କରାଯାଇଛି। କପୁରଙ୍କ ବିରୋଧରେ ବିଭିନ୍ନ କର୍ପୋରେଟ ସଂସ୍ଥାଙ୍କୁ ଅନୁକମ୍ପାମୂଳକ ଋଣ ପ୍ରଦାନ କରିବା ଅଭିଯୋଗରେ ଇଡି ଲଗାତାର ଜେରା କରିଛି।

ୟେସ୍ ବ୍ୟାଙ୍କ ମାମଲାରେ ତଦନ୍ତକାରୀ ଏଜେନ୍ସିଗୁଡିକ ଯାଞ୍ଚ ଜୋରଦାର କରିଛନ୍ତି। ରାଣାଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି ହେବା ପରେ ସେ ଶନିବାର ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ(ଡିଏଚ୍ଏଫ୍ଏଲ୍)କୁ ପ୍ରଦାନ କରାଯାଇଥିବା ଋଣକୁ ନେଇ



ରାଣା କପୁର

ରାଣାଙ୍କ ବାସଭବନ ଉପରେ ଶୁକ୍ରବାର ଚଢାଉ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଇଡି ଅଧିକାରୀମାନେ ତାଙ୍କ ବୟାନ ରେକର୍ଡ କରିଥିଲେ। ଡିଏଚ୍ଏଫ୍ଏଲ୍‌କୁ ବହୁ କୋଟି ଟଙ୍କାର ଋଣ ପ୍ରଦାନ କରାଯିବା ପରେ ବ୍ୟାଙ୍କର ଏନ୍‌ପିଏ ସ୍ଥିତି ଖରାପ ହୋଇଯାଇଥିଲା। ଶନିବାର ଅପରାହ୍ନରେ ରାଣାଙ୍କୁ ବାଲାର୍ଡ ଇଷ୍ଟେଟ ଏରିଆରେ ଥିବା ଇଡି କାର୍ଯ୍ୟାଳୟକୁ ଅଣାଯାଇଥିଲା। ଶୁକ୍ରବାର ରାଣାଙ୍କ ବାସ ଭବନ ଉପରେ ଚଢାଉ ବେଳେ ତାଙ୍କୁ ସେଠାରେ ମଧ୍ୟ ଏଜେନ୍ସି ପକ୍ଷରୁ ଜେରା ହୋଇଥିଲା। ବେଆଇନ ଅର୍ଥ କାରବାର ନିରୋଧୀ ଆଇନ(ପିଏମ୍ଏଲ୍ଏ) ବଳରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସେହିଭଳି ବିଭିନ୍ନ କର୍ପୋରେଟ୍ ଏଜେନ୍ସିଗୁଡିକୁ ପ୍ରଦାନ କରାଯାଇଥିବା ଋଣ କ୍ଷେତ୍ରରେ ତାଙ୍କ ଭୂମିକା ଉପରେ ମଧ୍ୟ ଇଡି ତର୍ଜମା କରୁଛି। ଏଭଳି ଅନୁକମ୍ପାମୂଳକ ଋଣ ପ୍ରଦାନ ଦ୍ୱାରା ରାଣା କପୁରଙ୍କ ସ୍ତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ କର୍ପୋରେଟ୍‌ଗୁଡିକ ପକ୍ଷରୁ ଟଙ୍କା ପଠାଯାଉଥିବାର ଅଭିଯୋଗ ଆସିଛି। ସେହିଭଳି ଦିୱାନ ହାଉସିଂରେ ନିବେଶ ହୋଇଥିବା କର୍ମଚାରୀଙ୍କ ଇପିଏଫ୍ ଟଙ୍କା ନିବେଶକୁ ନେଇ ମଧ୍ୟ ସିବିଆଇ ତଦନ୍ତ କରୁଛି। ବ୍ୟାଙ୍କ ଉପରେ ୫୦ ହଜାର ଟଙ୍କା ଉଠାଣ କଟକଣା ଲଗାଇବା ପରେ ଇଡି ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ଥିତି ବିଗିଡିବା ପରେ ୟେସ୍ ବ୍ୟାଙ୍କ ବର୍ତ୍ତମାନ ଉଠାଣ ସୀମା ୫୦ ହଜାର ଟଙ୍କାକୁ କମାଇ ଦେଇଛି।

ଅନ୍ୟ ପକ୍ଷରେ ସ୍ଥିତିରେ ସୁଧାର ଆଣିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ୟେସ୍ ବ୍ୟାଙ୍କର ଜମାକାରୀ କୌଣସି ମତେ ଆଶଙ୍କାରେ ରହିବା ଆବଶ୍ୟକ ନାହିଁ, ସେମାନଙ୍କ ଅର୍ଥ ବ୍ୟାଙ୍କରେ ସୁରକ୍ଷିତ ରହିଛି ବୋଲି ଶୁକ୍ରବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଗୋଟିଏ ମାସ ମଧ୍ୟରେ ୟେସ୍ ବ୍ୟାଙ୍କର ପୁନର୍ଗଠନ ନେଇ ଯୋଜନା ହାତକୁ ନିଆଯାଇଛି। ଏହି ବ୍ୟାଙ୍କକୁ ସଙ୍କଟରୁ ବାହାରକୁ ଆଣିବା ଲାଗି ଷ୍ଟେଟ୍ ବ୍ୟାଙ୍କ

- ଲୁକ୍ ଆଉଟ ନୋଟିସ ପରେ ଇଡି କାର୍ଯ୍ୟାଳୟରେ ହାଜର
- ପିଏମ୍ଏଲ୍ଏରେ କାର୍ଯ୍ୟାନୁଷ୍ଠାନ
- ୟେସ୍ ବ୍ୟାଙ୍କ ଶାଖାରେ ଭିଡ, ଏଟିଏମ୍ ଖାଲି
- ୟେସ୍ ବ୍ୟାଙ୍କରେ ନିବେଶ କରିବ ଏସ୍‌ବିଆଇ

ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଆଗ୍ରହୀ ଥିବା ଜଣାପଡିଛି। ଏକ ଖବରଦାତା ସମ୍ମିଳନୀରେ ଷ୍ଟେଟ୍ ବ୍ୟାଙ୍କ ଅଧ୍ୟକ୍ଷ ରଜନୀଶ କୁମାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏସ୍‌ବିଆଇର ନିବେଶ କିଭଳି ହେବ ସେ ସମ୍ପର୍କରେ ସେ ସୂଚନା ରଖିଛନ୍ତି। ଯୋଜନା କାର୍ଯ୍ୟକାରୀ ହେଲେ ଏସ୍‌ବିଆଇ ନିକଟକୁ ୟେସ୍ ବ୍ୟାଙ୍କର ୪୯% ଅଂଶଧନ ଆସିବ। ଏହି ବ୍ୟାଙ୍କରେ ଏସ୍‌ବିଆଇ ଯଦି ଏକ ପ୍ରମୁଖ ଅଂଶୀଦାର ହେବ ତେବେ ଜରୁରୀ ଭିତ୍ତିରେ ୨୪୯୦ କୋଟି ଟଙ୍କା ନିବେଶ କରିବାକୁ ପଡିବ। ଶୁକ୍ରବାର ରିଜର୍ଭ ବ୍ୟାଙ୍କ ୟେସ୍ ବ୍ୟାଙ୍କର ପୁନରୁଦ୍ଧାର ଡ୍ରାଫ୍ଟ ପ୍ଲାନ ଜାରି କରିବା ପରେ ଅନେକ ସମ୍ଭାବ୍ୟ ନିବେଶକ ବ୍ୟାଙ୍କରେ ନିବେଶ ନେଇ ପ୍ରସ୍ତାବ ରଖିଛନ୍ତି। ବ୍ୟାଙ୍କର କେଉଁ ସବୁ ଅସୁବିଧା ରହିଛି ସେଗୁଡିକ ଉପରେ ଟିମ୍ ତର୍ଜମା କରୁଛି। ଯାହାବି ନିବେଶ ହେବ ଆଇନ ସମ୍ମତ ହେବ ବୋଲି କୁମାର କହିଛନ୍ତି।

DSPL - 305

**ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ବାର୍ତ୍ତା**



ଆନ୍ତର୍ଜାତିକ ମହିଳା ଦିବସ-୨୦୨୦ ପାଳନ ଉପଲକ୍ଷେ ମୁଁ ଓଡ଼ିଶାର ମହିଳାମାନଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ସେମାନଙ୍କର ସର୍ବାଙ୍ଗୀନ ଅଭିବୃଦ୍ଧିର କାମନା କରୁଅଛି।

(ଶ୍ରୀମତୀ ଟୁକୁନି ସାହୁ)
ମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ଓଡ଼ିଶା

OIPR-33001/13/0027/1920

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୁଇଟ୍
ପରିବାରବର୍ଗ


ଗୌରବ
ପରିବାରବର୍ଗ


ନୂପୁର
ପରିବାରବର୍ଗ


ପ୍ରିୟାଂଶୁ
ପରିବାରବର୍ଗ


ଶରତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରସୁଛି,**
**ନା କିଆ ଫୁଲ ପରି ବାସୁଛି ।**

ତୁଚ୍ଛା ଆସକ୍ତି। ଯେଉଁଠି ଆନ୍ତରିକତା ନ ଥାଏ ସେଠି ସବୁ ସମ୍ପର୍କ ତୁଚ୍ଛ ଲାଗିଥାଏ। ଏପରି ସ୍ଥଳେ ଫମ୍ପା ମାଠିଆ ଭଳି ଉପର ଦେଖାଣିଆ ସ୍ନେହ ଶ୍ରଦ୍ଧାରେ କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଷାଠିଏ ମହଣ ଘିଅ ହେବ,**
**ନା ରାଧା ନାଚିବ ।**

ଅସାର ପରିକଳ୍ପନା। ସାମାନ୍ୟ କାର୍ଯ୍ୟ ପାଇଁ ବ୍ୟୟସାପେକ୍ଷ ବ୍ୟବସ୍ଥା। ପରୋକ୍ଷରେ ନ ହବା କଥା। ଏତେ ଯୋଗାଡ଼ ହୋଇ ପାରିବନି କି କାମଟି ହବନି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ବିମାନବନ୍ଦର ସମ୍ପ୍ରସାରଣ କାର୍ଯ୍ୟ ଖୁବ୍‌ଶୀଘ୍ର

- ବିଏମ୍‌ସି କମିଶନରଙ୍କ ସହ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଆଲୋଚନା
- ପୋତାହେବ ଓୟୁଏଟି ଫାର୍ମରେ ଥିବା ୨ ପୋଖରୀ
- ହଟିବ ମାଛ, ମାଂସ ଦୋକାନ, ନାଳ ଉପରେ ବିଛାଯିବ ଜାଲ

**ଭୁବନେଶ୍ୱର, ୭।୩(ବ୍ୟୁରୋ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ସମ୍ପ୍ରସାରଣ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ କିଛିଦିନ ମଧ୍ୟରେ ଆରମ୍ଭ ହେବ। ବିଶେଷକରି ବିମାନ ଉଡ଼ାଣରେ ବଡ଼ ବିପଦ ସୃଷ୍ଟି କରୁଥିବା ପକ୍ଷୀଙ୍କୁ ନେଇ ଚିନ୍ତା ବଢ଼ିଛି। ସେହିଭଳି ସମ୍ପ୍ରସାରଣରେ ବସ୍ତି ବାଧକ ସାଜୁଛି। ଏଥିପାଇଁ ଶନିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିମାନବନ୍ଦର ନିର୍ଦ୍ଦେଶକ ଭି.ଭି ରାଓ ଉପସ୍ଥିତ ରହି ବିମାନବନ୍ଦରରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ଓୟୁଏଟି ଫାର୍ମ ପରିସର ୪ ପୋଖରୀକୁ ପୋତିବା ସହ ପକ୍ଷୀଙ୍କ ଆଗମନକୁ ରୋକିବା ଦିଗରେ କାର୍ଯ୍ୟ କରିବା, ବିମାନବନ୍ଦର ପଛପଟେ ଅର୍ଥାତ ଜାଗମରା ଅଞ୍ଚଳକୁ ଲାଗିଥିବା ରନ୍‌ୱେ ନିକଟରୁ ଦୋକାନ ବଜାର ହଟାଇବା, ବିମାନବନ୍ଦର ଅଞ୍ଚଳରୁ ସମ୍ ହସ୍ପିଟାଲ ଯାଏ ଥିବା ଏକ ନିର୍ଦ୍ଦିଷ୍ଟ ପରିଧିରୁ ମାଛ ଓ ମାଂସ ଦୋକାନ ହଟାଇବା, ବଡ଼ ବଡ଼ ବିଦ୍ୟୁତ୍ ଖୁଣ୍ଟକୁ ହଟାଇବା, ବିମାନବନ୍ଦର ନିକଟରେ ଥିବା ୨ ବସ୍ତି ହଟାଇବା ଓ ବିମାନବନ୍ଦର ପାର୍ଶ୍ୱ ମୁଖ୍ୟ ନାଳରେ ଘୋଡଣି ପକାଇବା ପାଇଁ ବିମାନବନ୍ଦର ନିର୍ଦ୍ଦେଶକ ରାଓ ବିଏମ୍‌ସି କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଆସନ୍ତା ୨ରୁ ୩ମାସ ମଧ୍ୟରେ ଓୟୁଏଟି ଫାର୍ମରେ ଥିବା ୨ଟି ପୋଖରୀକୁ ପୋତାଯିବ ଓ ଅନ୍ୟ ୨ଟିକୁ ସମ୍ପୂର୍ଣ୍ଣ ଜାଲ ଘେରାଯିବ। ସେହିପରି ରନ୍‌ୱେ ନିକଟ ଦୋକାନ ବଜାରକୁ ହଟାଇବା ପାଇଁ ବିଏମ୍‌ସି ଦକ୍ଷିଣ ପଶ୍ଚିମ ଜୋନର ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀଙ୍କୁ କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ବିମାନବନ୍ଦର ଦେଇ ଯାଇଥିବା ମୁଖ୍ୟ ନାଳଟି ବହୁତ ଚଉଡ଼ା ହୋଇଥିବାରୁ ତାହା ଉପରେ ଘୋଡ଼ଣି ପକାଯାଇପାରିବ ନାହିଁ। ବିଏମ୍‌ସି ଡ୍ରେନେଜ୍ ବିଭାଗର ଏକ ଟିମ୍ ସ୍ଥିତି ପରଖିବା ପରେ ତାହା ଉପରେ ଜାଲ ବିଛାଯିବ। ଅନୁରୂପ ଭାବେ ସେସୁ କର୍ତ୍ତୃପକ୍ଷ କିଛିଦିନ ମଧ୍ୟରେ ବିମାନବନ୍ଦରର ନିର୍ଦ୍ଧାରିତ ପରିଧିରେ ଥିବା ବଡ଼ ବଡ଼ ବିଦ୍ୟୁତ୍ ଖୁଣ୍ଟ ହଟାଇବେ। ମାଛ, ମାଂସ ବ୍ୟବସାୟୀଙ୍କୁ ଥଇଥାନ କରାଯିବା ପରେ ଉଚ୍ଛେଦ କରାଯିବ। ତେବେ ୨ ବସ୍ତିର ଉଚ୍ଛେଦ ସରିଛି, ଏବେ ବିମାନବନ୍ଦର କର୍ତ୍ତୃପକ୍ଷ ବିକାଶ କାର୍ଯ୍ୟ ଆରମ୍ଭ କରିପାରିବେ ବୋଲି ବିଏମ୍‌ସି କମିଶନର ଚୌଧାରୀ ସ୍ପଷ୍ଟ କରିଥିଲେ। ବୈଠକରେ ଆର୍ ଆଣ୍ଡ ବି ବିଭାଗ, ସେସୁ, ଓୟୁଏଟି ଓ ବିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଝିଅଙ୍କୁ ଟକ୍କର ଦେଉଛନ୍ତି ତନୁଜା



ମୁମ୍ବାଇ: ବଲିଉଡ୍‌ର ୭୬ ବର୍ଷୀୟା ଭେଟେରାନ ଅଭିନେତ୍ରୀ ତନୁଜାଙ୍କର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ନୀଳ ରଙ୍ଗର ଏକ ସୁଇମିଙ୍ଗ୍ ସୁଟ୍ ପିନ୍ଧିଥିବା ଦେଖିବାକୁ ମିଳିଛି। ଏହି ଫଟୋ ଝିଅ ତନୀଷାଙ୍କ ଜନ୍ମଦିନ ଅବସରରେ ଉଠାଯାଇଥିଲା। ତନିଷା ଏହି ଫଟୋଟିକୁ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରିଛନ୍ତି। ଏଥିରେ ତାଙ୍କୁ ମା' ତନୁଜାଙ୍କ ସମେତ ଅନ୍ୟ ବନ୍ଧୁଙ୍କ ସହ ମସ୍ତି କରୁଥିବା ଦେଖିବାକୁ ମିଳୁଛି। ଏହି ଫଟୋରେ ତନୁଜାଙ୍କ ଅନ୍ଦାଜକୁ ବେଶ୍ ପ୍ରଶଂସା କରାଯାଉଛି। ପରିଣତ ବୟସରେ ମଧ୍ୟ ତନୁଜା ଅନ୍ୟ ଝିଅମାନଙ୍କୁ ଟକ୍କର ଦେଉଥିବା ଜଣେ ପ୍ରଶଂସକ କମେଣ୍ଟ କରିଛନ୍ତି। ବୟସ ବଢ଼ିବା ସାଙ୍ଗକୁ ମା' ଝିଅ ଅଧିକ ସୁନ୍ଦର ଦେଖାଯାଉଥିବା ଅନ୍ୟ ଜଣେ ପ୍ରଶଂସକ ଲେଖିଛନ୍ତି।

# ୪୫୪ ସରକାରୀ ସ୍କୁଲରେ ଶନିବାର ନୋ ବ୍ୟାଗ୍ ଡେ

**ଛତ୍ରପୁର/ବ୍ରହ୍ମପୁର ଅଫିସ, ୭।୩(ଡି.ଏନ.ଏ.)**

**ଗଞ୍ଜାମ ଜିଲା**
**ପୁତିଗୋପାଳପୁର ସ୍କୁଲରୁ ଶୁଭାରମ୍ଭ**

ଗଞ୍ଜାମ ଜିଲାରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୪୫୪ ସରକାରୀ ସ୍କୁଲରେ ଶନିବାର 'ନୋ ବ୍ୟାଗ୍ ଡେ' ଆରମ୍ଭ ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲାଗି ଏହି ଅଭିନବ ପଦକ୍ଷେପ ଜିଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଛି।

ପରେ ପର୍ଯ୍ୟାୟକ୍ରମେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସରକାରୀ ସ୍କୁଲରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ଶନିବାର ଛାତ୍ରୀଛାତ୍ରମାନଙ୍କୁ ସବୁଦିନ ଭଳି ବହିଖାତା ନେଇ ସ୍କୁଲକୁ ଆସିବାକୁ ପଡିବନି । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ଥାନୀୟ ପୁତିଗୋପାଳପୁର ସ୍କୁଲରୁ ଏହାର ଶୁଭାରମ୍ଭ କରିଛନ୍ତି । ମାନସିକ ଓ ବୌଦ୍ଧିକସ୍ତରର ବିକାଶ ପାଇଁ ଚାପମୁକ୍ତ ଶିକ୍ଷା ଦିଆଯିବା ସହ ଚିତ୍ରାଙ୍କନ, ନାଚଗୀତ, ସ୍କୁଲ ସଫେଇ ଏବଂ ଗପ ଶୁଣିବା ଓ କହିବା ଆଦି କରାଯାଉଛି। ସବୁଦିନ ଭଳି ପ୍ରାର୍ଥନା ପରେ ଛାତ୍ରୀଛାତ୍ରମାନେ ସ୍କୁଲ ପରିସର ସଫା କରିଥିଲେ। ଏହାପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କରୋନା ଭାଇରସ୍‌ରୁ ରକ୍ଷା ପାଇବା ପାଇଁ ହାତ ଧୋଇବା, ମାସ୍କ ପିନ୍ଧିବା ଆଦି ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିବା ସହ ନିଜ ଘରେ ହୋଲି ଖେଳିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସ୍ଥାନୀୟ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟକୁ ଜିଲାପାଳ ଯାଇ ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜିକା ବିନୀତା ସେନାପତି, ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମପୁରରେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ହିଲ୍‌ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।


ଛତ୍ରପୁର ବ୍ଲକ ପୁତିଗୋପାଳପୁର ସ୍କୁଲରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି ।

## ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ ଖାଉଟି କମିଶନର ନୂତନ ଅଧ୍ୟକ୍ଷ

**କଟକ ଅଫିସ,୭।୩**

ରାଜ୍ୟ ଖାଉଟି କମିଶନର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ। ୧୯୫୬ ଜୁଲାଇ ୩ ତାରିଖରେ ଜଷ୍ଟିସ ଚୌଧୁରୀ ଜନ୍ମଗ୍ରହଣ କରିଥିଲେ। ରେଭେନ୍‌ଶା ମହାବିଦ୍ୟାଳୟରୁ ବିଏସ୍‌ସି ଏବଂ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ୍‌ରେ ସ୍ନାତକ ହାସଲ କରିଥିଲେ। ଦେଶରେ ଲୋକ ଅଦାଲତ ବ୍ୟବସ୍ଥା ଉପରେ ପିଏଚ୍.ଡି. ଲାଭ କରିଥିଲେ। ବିଚାର ବିଭାଗୀୟ ସେବାରେ କିଛିବର୍ଷ କାର୍ଯ୍ୟ କରିବା ପରେ ତାଙ୍କୁ ୨୦୧୫ ଏପ୍ରିଲ ୧୭ ତାରିଖରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୧୮ ଜୁଲାଇ ୩ ତାରିଖରେ ସେ ଅବସର ଗ୍ରହଣ କରିଥିଲେ।

## ନିଯୁକ୍ତିପତ୍ର ପାଇଲେ ୧୭୮୧ ଶିକ୍ଷକ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ୧୭୮୧ଜଣ ନବନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ଶନିବାର ସୂଚନା ଭବନଠାରେ ନବନିଯୁକ୍ତ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ସହିତ ଦେଶ ଓ ରାଜ୍ୟ ଗଠନ ଦିଗରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। ପିଲାମାନଙ୍କୁ ପ୍ରଥମେ ଭଲ ପାଆନ୍ତୁ ଓ ପରେ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ନିଯୁକ୍ତି ରାଜ୍ୟରେ ଶିକ୍ଷକ ଅଭାବଜନିତ ସମସ୍ୟାର ସମାଧାନ ଦିଗରେ ସହାୟକ ହେବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ସମେତ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂହ ପୁନିଆ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ଡ. ଗଙ୍ଗାଧର ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା: ବାବୁଙ୍କ ବିଦେଶ ଗସ୍ତରେ ରୋକ୍

**ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

- ପର୍ଯ୍ୟାପ୍ତ ପରିମାଣର ମାସ୍କ ମହଜୁଦ ରଖିବାକୁ ନିର୍ଦ୍ଦେଶ
- ବାୟୋମେଟ୍ରିକ କଟକଣା କୋହଳ, ସଚେତନତା ଉପରେ ଗୁରୁତ୍ୱ
- ସ୍କୁଲ୍ ଚଟାଣ, ଟେବୁଲ ବିଶୋଧନ କରିବାକୁ ପରାମର୍ଶ

**ଭୁବନେଶ୍ୱର, ୭।୩(ବ୍ୟୁରୋ)**

ଦେଶରେ ମାରାତ୍ମକ କରୋନା ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଓଡ଼ିଶାରେ ଆତଙ୍କ ଖେଳିଯାଇଛି। ହେଲେ ଏଯାଏ ରାଜ୍ୟରେ କରୋନାରେ କେହି ଆକ୍ରାନ୍ତ ହୋଇ ନ ଥିଲେ ମଧ୍ୟ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ସଜାଗ ରହିବା ସହ ଆଗୁଆ ସତର୍କତା ଓ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କରୋନା ସ୍ଥିତିର ସମୀକ୍ଷା କରିଛନ୍ତି। ତେବେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ଓ ଜିଲାସ୍ତରରେ ଜିଲାପାଳ କରୋନା ସ୍ଥିତିର ନିୟମିତ ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ତଥା ତ୍ୱରିତ ପଦକ୍ଷେପ ନେବା ପାଇଁ ସେମାନଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ। ପର୍ଯ୍ୟାପ୍ତ ପରିମାଣର ମାସ୍କ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବାୟୋମେଟ୍ରିକ କଟକଣା କୋହଳ କରାଯିବ। ଅସୁସ୍ଥ ଥିଲେ ପିଲା ସ୍କୁଲ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବାବୁଙ୍କ ବିଦେଶ ଗସ୍ତ ଉପରେ ମଧ୍ୟ ରୋକ୍ ଲାଗିଛି। ସଚେତନତା ପାଇଁ ସହରର ମୁଖ୍ୟ ସ୍ଥାନଗୁଡ଼ିକରେ ବ୍ୟାନର ଓ ହୋର୍ଡିଂ ଲଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିକୁ ଗ୍ରାମସଭା ମାଧ୍ୟମରେ ସଚେତନ କରିବାକୁ କୁହାଯାଇଛି। ସ୍କୁଲ ଚଟାଣ, ଟେବୁଲ, ଡୋର୍ ହ୍ୟାଣ୍ଡେଲକୁ ବିଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଧ୍ୟ ଆଡ୍‌ଭାଇଜରି ଜାରି କରାଯାଇଛି। କରୋନା ଭାଇରସ୍ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ସମସ୍ତ ପୌରାଞ୍ଚଳର ମ୍ୟୁନିସିପାଲ କମିଶନର ଓ ଅର୍ବାନ ଲୋକାଲ ବଡିଜ୍‌ର ଏକ୍‌ଜିକ୍ୟୁଟିଭ୍ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ତୃତୀୟ ପୃଷ୍ଠାରୁ...

## ସ୍ୱାଧୀନତା...

ଆଇନଜୀବୀର ମାନ୍ୟତା ମିଳିଥିଲା। ଓଡ଼ିଶା ଆଇନଜୀବୀ ସଂଘର ଉପସଭାପତି ଓ ସଭାପତି ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ୧୯୯୪-୯୬ ଏବଂ ୧୯୯୬-୯୮ ପର୍ଯ୍ୟନ୍ତ ସେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। କେବଳ ଆଇନ ପେସା ନୁହେଁ ସେ ରାଜନୀତିରେ ମଧ୍ୟ ବେଶ୍ ସକ୍ରିୟ ଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଭାଜପା ରାଜ୍ୟ ଉପସଭାପତି ଏବଂ ଜାତୀୟ ପରିଷଦ ସଦସ୍ୟ ରହିଥିଲେ। ୧୯୯୧ରେ ବ୍ରହ୍ମପୁର ଲୋକସଭା ଆସନରୁ ସେ ଭାଜପାର ପ୍ରାର୍ଥୀ ହୋଇଥିଲେ। ୧୯୯୯ରୁ ୨୦୧୦ ପର୍ଯ୍ୟନ୍ତ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ମହମ୍ମଦ ମୋକିମ, ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ୪ ଆସନ...

ହେବା ପାଇଁ ଅନୁଭବ ମହାନ୍ତି ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏଥିଯୋଗୁ ମୋଟ ୪ଟି ଆସନ ଖାଲି ପଡିବ। ଚଳିତ ବିଧାନସଭାରେ ମୋଟ ୧୪୭ଟି ଆସନରୁ ବିଜେଡିର ୧୧୩ଟି ଆସନ ଥିବା ବେଳେ ଭାଜପାର ୨୩ ଏବଂ କଂଗ୍ରେସର ୯ଟି ଆସନ ରହିଛି। ଏହି ୪ଟି ଆସନ ମଧ୍ୟରୁ ୩ ଜଣ ବିଜେଡି ପ୍ରାର୍ଥୀ ସହଜରେ ବିଜୟଲାଭ କରିବେ । ଜଣେ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ୩୦ଟି ଆସନର ଆବଶ୍ୟକତା ରହିଛି। ମମତା ମହାନ୍ତଙ୍କୁ ଚତୁର୍ଥ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେଡି ପାଖରେ ୩ଟି ପ୍ରାର୍ଥୀ ପାଇଁ ୯୦ଟି ସିଟ୍ ଥିବା ବେଳେ ଚତୁର୍ଥ ଆସନ ଜିତିବା ପାଇଁ ପ୍ରୟୋଜନ ଥିବା ୩୦ଟି ଭୋଟରୁ ବିଜେଡି ପାଖରେ ମୋଟ ୨୩ଟି ବଳକା ରହୁଛି। ଅର୍ଥାତ ୭ଟି ଭୋଟ କମ ରହୁଛି। ଅପରପଟେ କଂଗ୍ରେସର ୯ ଜଣ ବିଧାୟକ ଥିବାରୁ ବିଧାନସଭା ଗୋଷ୍ଠୀ କୌଣସି ପ୍ରାର୍ଥୀ ଦେବେ ନାହିଁ ବୋଲି ଦଳ ତରଫରୁ ଘୋଷଣା କରାଯାଇଛି।

ଅନ୍ୟପଟେ ବିଜେଡି ସହିତ ଲଢ଼ିବା ପାଇଁ ଭାଜପାର କୌଣସି ନେତା ପ୍ରସ୍ତୁତ ହେଉନାହାନ୍ତି। ରାଜ୍ୟ ସଭା ଖେଳର ଗୋଟି ଚାଳନା ପାଇଁ ଯୋଗ୍ୟ ନେତୃତ୍ୱର ଅଭାବ ରହୁଥିବାରୁ ଗତ ଫେବୃୟାରୀ ୨୮ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ନେତା ଅମିତ ଶାହା ନବୀନ ନିବାସ ଯାଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଭାଜପା ଏବଂ ବିଜେଡି ମିଳିମିଶି କାମ କରିବେ ବୋଲି ଦଳୀୟ ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇସାରିଛନ୍ତି। ସେହି ପରିପ୍ରେକ୍ଷୀରେ ଭାଜପା ତରଫରୁ ମଧ୍ୟ କୌଣସି ପ୍ରାର୍ଥୀପତ୍ର ଦାଖଲ କରାଯିବ ନାହିଁ। ଅର୍ଥାତ୍ ବିଜେଡିର ଚତୁର୍ଥ ପ୍ରାର୍ଥୀ ମମତା ମହାନ୍ତଙ୍କର ଜିତିବାର ସମ୍ଭାବନା ଉଜ୍ଜ୍ୱଳ।

ପ୍ରଥମ ପୃଷ୍ଠାରୁ...

## ମହାପ୍ରଭୁଙ୍କ...

କମିଟିର ଅଧ୍ୟକ୍ଷଙ୍କ ସହିତ ମନ୍ଦିର ପ୍ରଶାସକ, ଜିଲାସ୍ତରୀୟ ଉଚ୍ଚ ପଦସ୍ଥ ସରକାରୀ ଅଫିସର ଯେଉଁମାନେ କମିଟିର ସଦସ୍ୟ ଅଛନ୍ତି ଏବଂ ଅର୍ଥ ସବ୍ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନେ ଦାୟୀ।

ସୂଚନା ଦିଆଯାଇପାରେ ଯେ, ଘରୋଇ ବ୍ୟାଙ୍କରେ ଜମା କରାଯାଉଥିବା ବିରାଟ ଅଙ୍କ ପାଇଁ ୟେସ୍ ବ୍ୟାଙ୍କ ଭଳି ସଂସ୍ଥା ଦଶମିକ ୧ କିମ୍ବା ଦଶମିକ ୨ ପ୍ରତିଶତ ଅଧିକ ସୁଧ ଯାଚୁଥାଇପାରନ୍ତି। କିନ୍ତୁ ସ୍ୱଳ୍ପ ଲୋଭରେ ଏହି ନିଷ୍ପତ୍ତି ନିଆଯାଇଥିବାରୁ ଦୂରଦୃଷ୍ଟିର ଅଭାବ ଦେଖାଯାଉଛି। ଏଥିସହିତ ଘରୋଇ ବ୍ୟାଙ୍କରେ ଜମା ଦେଲେ ଗୋଟିଏ ଆର୍ଥିକ ବର୍ଷରେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କୁ ଜମା ରହିଥିବା ପ୍ରତ୍ୟେକ ୧ କୋଟି ପାଇଁ ୧୦ ହଜାର ଟଙ୍କା ମିଳିଥାଏ। ଏହା ବ୍ୟାଙ୍କର ସୁଧହାରଠାରୁ ଭିନ୍ନ। ସେଥିପାଇଁ ସରକାରୀ କର୍ମଚାରୀମାନେ ସାଧାରଣରେ ଘରୋଇ ବ୍ୟାଙ୍କରେ ଟଙ୍କା ରଖି ଅଣାନୁଷ୍ଠାନିକ ଲାଭ ଉଠାଇପାରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କେନ୍ଦ୍ରକୋଣାଧିପଙ୍କ ଷଡ଼ାଷ୍ଟସ୍ଥିତିରୁ ଯାହା ଭାବୁଥିଲେ ତାହା ସହଜ ଓ ସୁବିଧାରେ ପାଇପାରିବେ ନାହିଁ । ଶନିଙ୍କ ଯୋଗୁ କାମଗୁଡିକ ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ହେବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ। କିନ୍ତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରି ପାରନ୍ତି।

**ବୃଷ** ବ୍ୟୟଭାବସ୍ଥ ଶୁକ୍ର ହେତୁ ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାରର କାରଣରୁ ମନଟା ଭଲ ରହିବ ନାହିଁ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇଲେ ଅନର୍ଥର କାରଣ ହୋଇପାରେ। ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** ପାପଯୁକ୍ତ ବୃହସ୍ପତି ଯୋଗୁ ଆଜି ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇପାରିବ ନାହିଁ। ବୁଧଙ୍କ ଦୁର୍ବଳତା କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ । ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ।

**କର୍କଟ** ରାଶ୍ୟାଧିପ ସ୍ୱଗୃହସ୍ଥ ଯୋଗୁ ସୁସ୍ଥତା ଫେରି ଆସିବ ଏବଂ ଆର୍ଥିକ ସଙ୍କଟ କ୍ରମଶଃ ଦୂରେଇଯିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ କରିପାରନ୍ତି।

**ସିଂହ** କର୍ମକ୍ଷେତ୍ରର ଅସଂଗତି ଦୂର କରିବା ସକାଶେ ପଦସ୍ଥବ୍ୟକ୍ତିଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। କୌଣସି ଆନୁଷ୍ଠାନିକ କାମ ସକାଶେ ଦୂରଯାତ୍ରା କରିବାକୁ ପଡିପାରେ। କଳା, ସାହିତ୍ୟ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ଯୋଗୁ ମନ ଖୁସି ରହିବ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ପରିବହନରେ ଲାଭବାନ୍ ହେବେ।

**କନ୍ୟା** ଗୁରୁମଙ୍ଗଳି ଯୋଗ କେତୁଯୋଗରୁ ଶୁଭଫଳ ପାଇବା ବଦଳରେ ପାରିବାରିକ ଅଶାନ୍ତି ଯୋଗୁ ବ୍ୟସ୍ତ ବିବ୍ରତ ହେବେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇପାରନ୍ତି।

**ତୁଳା** ତୃତୀୟାଧିପ ମଙ୍ଗଳ ଯୁକ୍ତ ହେତୁ ବନ୍ଧୁଙ୍କୁ ବିଭିନ୍ନ ପ୍ରକାରର କଥା କହିବା କାରଣରୁ ବିବାଦ ବଢ଼ିପାରେ। ଭଲ ସମ୍ପର୍କ ନ ଥିବା କାରଣରୁ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଶୁକ୍ରଙ୍କ ଶୁଭ ସଂସ୍ଥାନରୁ ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଜ୍ୟେଷ୍ଠା ନକ୍ଷତ୍ରର ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କଳା, ସାହିତ୍ୟ, ପ୍ରକାଶନ, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏ ସମାଧାନ ହୋଇଯିବ।

**ଧନୁ** ସ୍ୱଗୃହୀ ବୃହସ୍ପତି ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବାରେ ଲାଗିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଆତ୍ମୀୟମାନଙ୍କ ସହଯୋଗରେ ପରିବାରରେ ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ଶିଳ୍ପ, ବ୍ୟବସାୟ, ପ୍ରଶାସନ, ରାଜନୀତି, ଗବେଷଣା ଓ ବ୍ୟବସାୟରେ ଉନ୍ନତି କରିବେ।

**ମକର** ସପ୍ତମାଧିପତି ନିଜ ରାଶିରେ ରହି ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇ ପାରନ୍ତି। ଆଜିର ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା, ବାଣିଜ୍ୟ ଏବଂ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**କୁମ୍ଭ** ଭାଗ୍ୟାଧିପତି ସ୍ୱଗୃହକୁ ଦେଖୁଥିବାରୁ ଆଜି ଯାହା ଚାହିଁବେ ତାହା ପାଇବାରେ କୌଣସି ଅସୁବିଧା ହେବନାହିଁ। ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କଲେ ଭଲ ହେବ। କଚେରି ମାମଲା ଫଇସଲା ହେବା ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ।

**ମୀନ** ଶୁକ୍ରଙ୍କ ସୁପ୍ରଭାବରୁ ଆଜି ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କର ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। ଆଜି ଯାତ୍ରା, ବ୍ୟବସାୟ ଓ ଲୋକ ସମ୍ପର୍କ କାମ ପାଇଁ ଦିନଟି ବହୁତ ଭଲ ରହିବ।

ଆଜି ଫାଲଗୁନ୍ ଶୁକ୍ଳ ଚତୁର୍ଦ୍ଦଶୀ ରବିବାର, ମାର୍ଚ୍ଚ ୮ ତାରିଖ, ବିଶ୍ୱ ମହିଳା ଦିବସ, ରାଜାଗ୍ନି, ବରାହଦୋଳ, ଓଳକଣା ଓ ବିଦୁରଗାଦି ମେଳଣ, ଭଦ୍ରେଶ୍ୱର ଯାତ୍ରା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ରାଶିନକ୍ଷତ୍ର-ମଘା/ସିଂହ, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୫୧ମି. ଗତେ ଘ୯।୫୯ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୭ମି. ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୪।୨୨ମି. ଗତେ ଘ୫।୫୦ମି. ମଧ୍ୟେ ରାହୁକାଳ।

ଅନ୍ତର୍ଜାତୀୟ ମହିଳା ଦିବସ




# ୧୦୩୮ ଡାକ୍ତରଙ୍କୁ ନିଯୁକ୍ତି ଦେଲେ ରାଜ୍ୟ ସରକାର

**ମୁଖ୍ୟମନ୍ତ୍ରୀ କହିଲେ ଚିକିତ୍ସା କ୍ଷେତ୍ରରେ ଐତିହାସିକ ଦିନ**

ଭୁବନେଶ୍ୱର, ୭।୩(ବ୍ୟୁରୋ)

ରାଜ୍ୟ ସରକାର ଶନିବାର ୧୦୩୮ ଜଣ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ହୋଇଥିବା ନିଯୁକ୍ତି ମଧ୍ୟରେ ଏହାକୁ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଲୋକସେବା ଭବନସ୍ଥିତ କନଭେନ୍ସନ ସେଣ୍ଟରରେ ନୂତନ ଡାକ୍ତରଙ୍କ ଇଣ୍ଡକଶନ୍ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନଟିକୁ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନୂଆ ଡାକ୍ତରମାନଙ୍କୁ 'ମୋ ସରକାର' ସଂକଳ୍ପ ପାଠ କରାଇଥିଲେ। ସବୁ ସମୟରେ ସାଧାରଣ ଜନତାଙ୍କ ସେବାକୁ ଧର୍ମ ବିବେଚନା କରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ଧଳ ପ୍ରମୁଖ ଉଦ୍‌ବୋଧନ ରଖିଥିଲେ। ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମର ସୁଫଳ ଯେପରି ଲୋକଙ୍କ ପାଖରେ ପହଞ୍ଚିପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ଏବଂ ଅଧିକାରୀ କହିଥିଲେ। ସେହିଭଳି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିସହିତ ମୋ ସରକାର କାର୍ଯ୍ୟକ୍ରମ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ନେଇ ବକ୍ତବ୍ୟ ରଖିଥିଲେ। ନୂଆ ଡାକ୍ତରମାନେ ରୋଗୀ ସେବାରେ କିପରିଭାବେ ପରିବର୍ଦ୍ଧିତ ଭୂମିକା ଗ୍ରହଣ କରିପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ମୋଟ ମଞ୍ଜୁରୀପ୍ରାପ୍ତ ୮୭୧୯ ଡାକ୍ତରଙ୍କ ମଧ୍ୟରୁ ବର୍ତ୍ତମାନ ୫୪୧୪ ଜଣ ନିୟମିତ ଭାବେ କାର୍ଯ୍ୟ କରୁଛନ୍ତି। ନିକଟରେ ଓପିଏସ୍‌ସି ପକ୍ଷରୁ ୧୪୦୩ ଡାକ୍ତରଙ୍କୁ ଚୟନ କରିଥିବାବେଳେ ଶନିବାର ସେମାନଙ୍କ ମଧ୍ୟରୁ ୧୩୦୮ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେହିଭଳି ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ନିଯୁକ୍ତି କରାଯିବ ବୋଲି ଜଣାପଡିଛି।

# ଚ୍ୟାଉପଟ୍ଟନାୟକ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ

ଭୁବନେଶ୍ୱର,୭।୩(ବ୍ୟୁରୋ)

- ପାଟଶାଣୀ ନିରାଶ
- ପରାଜିତଙ୍କୁ ନା

ରାଜ୍ୟ ସଭା ପ୍ରାର୍ଥୀ ହେବା ପାଇଁ ଆଶା ରଖିଥିବା ବିଜେଡିର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ପଦରେ ସନ୍ତୁଷ୍ଟ ହେବାକୁ ପଡିଛି। ବୋର୍ଡର ଅଧ୍ୟକ୍ଷ ଥିବା ସୁବାସ ସିଂଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଚ୍ୟାଉପଟ୍ଟନାୟକଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇ କ୍ୟାବିନେଟ ପାହ୍ୟା ପ୍ରଦାନ କରିଛନ୍ତି। ଲଗାତର ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ଚ୍ୟାଉପଟ୍ଟନାୟକ ଦଳର ସଭାପତିଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ବିଧାନସଭା ନିର୍ବାଚନ ଲଢି ନ ଥିଲେ। ଦଳର ନିଷ୍ପତ୍ତି ଯୋଗୁ ସେ ବ୍ରହ୍ମପୁର ଆସନକୁ ଯୁବ ନେତା ବିକ୍ରମ ପଣ୍ଡାଙ୍କୁ ଛାଡିଥିଲେ। ଦଳ ପ୍ରତି ଅବଦାନ ପାଇଁ ତାଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ପଦବୀ ପ୍ରଦାନ କରାଯାଇଥିବା ଚର୍ଚ୍ଚା ହେଉଛି। ତେବେ ଚ୍ୟାଉ ପଟ୍ଟନାୟକ ଏହି ପଦବୀକୁ ନେଇ ଖୁସି ନ ଥିଲେ ମଧ୍ୟ ସେ ଏହାର ଖୋଲାଖୋଲି ବିରୋଧ କରି ନାହାନ୍ତି। ସେ କହିଛନ୍ତି ଯେ ରାଜ୍ୟ ସଭା ପାଇଁ ଆଶା ଥିଲା। ତଥାପି ଯେଉଁ ଦାୟିତ୍ୱ ମିଳିଛି ତାହାକୁ ନିର୍ବାହ କରିବି।

ଅନ୍ୟପକ୍ଷରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ନାମ ରାଜ୍ୟ ସଭା ପ୍ରାର୍ଥୀ ତାଲିକାରେ ନ ଥିବାରୁ ସେ ନିରାଶ ହୋଇଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ ଟିକେଟ ପାଇବାକୁ ପୂର୍ଣ୍ଣ ଭରସା ଓ ବିଶ୍ୱାସ ଥିଲା। କ'ଣ ପାଇଁ କଟିଲି ମୁଁ ଜାଣେନା।

ଗତ ନିର୍ବାଚନରେ ପରାଜିତ ପ୍ରାର୍ଥୀମାନଙ୍କ ମଧ୍ୟରୁ ଅନେକ ରାଜ୍ୟ ସଭା ଯିବାକୁ ଆଶା ବାନ୍ଧିଥିଲେ। ହେଲେ କୌଣସି ପରାଜିତ ପ୍ରାର୍ଥୀଙ୍କୁ ରାଜ୍ୟ ସଭାକୁ ନ ପଠାଇବାକୁ ନବୀନ ନିଷ୍ପତ୍ତି ନେଇଥିବା ନେଇ ଆଲୋଚନା ହେଉଥିଲା। ଶେଷରେ ତାହା ହିଁ ହେଲା। କୌଣସି ପରାଜିତ ପ୍ରାର୍ଥୀଙ୍କୁ ରାଜ୍ୟ ସଭାକୁ ନ ପଠାଇ ନବୀନ ଦଳ ମଧ୍ୟରେ ଏକ ବାର୍ତ୍ତା ଦେଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଗତ ନିର୍ବାଚନରେ ପରାଜିତ ହୋଇଥିବା ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କୁ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।

# 'ଠିକ୍ ସମୟରେ ପରୀକ୍ଷା, ଫଳ ପ୍ରକାଶ କର'

ଭୁବନେଶ୍ୱର, ୭।୩(ବ୍ୟୁରୋ)

**କୁଳପତିମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

- ଅନୁବନ୍ଧିତ କଲେଜକୁ ଆକସ୍ମିକ ପରିଦର୍ଶନ କର
- କ୍ୟାମ୍ପସରେ ବାହାର ଲୋକଙ୍କ ହସ୍ତକ୍ଷେପ ବରଦାସ୍ତ କରାଯିବନି

ବିଶ୍ୱବିଦ୍ୟାଳୟରେ ଠିକ୍ ସମୟରେ ପରୀକ୍ଷା କରାଯିବ। ସେହିପରି ପରୀକ୍ଷା ଫଳ ମଧ୍ୟ ନିର୍ଦ୍ଧାରିତ ସମୟରେ ପ୍ରକାଶ ପାଇବ। ଆସନ୍ତା ଶିକ୍ଷାବର୍ଷରୁ କୌଣସି ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ଶନିବାର ମୁଖ୍ୟମନ୍ତ୍ରୀ ଆଲୋଚନା ସମୟରେ ଏହି ପରାମର୍ଶ ଦେଇଛନ୍ତି। କ୍ୟାମ୍ପସରେ ଅନୁଶାସନ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ୟାମ୍ପସରେ ବାହାର ଲୋକଙ୍କ ହସ୍ତକ୍ଷେପକୁ ବରଦାସ୍ତ କରାଯିବା ଉଚିତ ନୁହେଁ। ଅଣ-ଛାତ୍ର ଏବଂ ଅନଧିକୃତ ବ୍ୟକ୍ତିଙ୍କଠାରୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ମୁକ୍ତ ରଖିବା ଜରୁରୀ। ଆଗାମୀ ନାକ୍ ରେଟିଂ ଏବଂ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗରେ ଉନ୍ନତି ଆଣିବାକୁ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କୁଳପତିଙ୍କୁ ପରାମର୍ଶ ଦେଇ କହିଲେ, ମୁଁ ଆଶା କରେ ଆପଣ ସମସ୍ତେ ବିଶ୍ୱବିଦ୍ୟାଳୟ ପରିସର ଭିତରେ ଅଧିକ ସମୟ ଛାତ୍ରୀଛାତ୍ରଙ୍କ ସହିତ କଥାବାର୍ତ୍ତା କରନ୍ତୁ। ଅନୁବନ୍ଧିତ କଲେଜଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରନ୍ତୁ। କୁଳପତି, ବରିଷ୍ଠ ଅଧିକାରୀ ଏବଂ ଅଧ୍ୟାପିକାମାନେ ସମୟ ସମୟରେ ଅନୁବନ୍ଧିତ କଲେଜଗୁଡ଼ିକୁ ଆକସ୍ମିକ ପରିଦର୍ଶନରେ ଯାଆନ୍ତୁ। ଗବେଷଣା, ଅନୁସନ୍ଧାନ ଏବଂ ପ୍ରକାଶନ ପାଇଁ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରନ୍ତୁ। ପ୍ରଫେସର, ଅଧ୍ୟାପକ, ଶିକ୍ଷକ ନିଯୁକ୍ତିରେ ସ୍ୱଚ୍ଛତା ରଖନ୍ତୁ। ପାଣ୍ଠିର କୌଣସି ପ୍ରତିବନ୍ଧକ ରହିବ ନାହିଁ। ରାଜ୍ୟ ସରକାର ସମସ୍ତ ସମ୍ଭାବ୍ୟ ଉପାୟରେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସମର୍ଥନ କରିବେ। ଆମ ବିଶ୍ୱବିଦ୍ୟାଳୟଗୁଡ଼ିକ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଶୀଘ୍ର ସଫଳତା ହାସଲ କରିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।


## ଜରାୟୁ ଗ୍ରୀବା କର୍କଟ ସଚେତନତା...

Brought to you by: Apollo HOSPITALS BHUBANESWAR

**ଜରାୟୁ ଗ୍ରୀବା କର୍କଟ କ'ଣ ?**

ଜରାୟୁ ଗ୍ରୀବା କର୍କଟ ମହିଳାଙ୍କ ଜରାୟୁରୁ ଆରମ୍ଭ ହେଉଥିବା ଏକ କର୍କଟ ରୋଗ। ଜରାୟୁ ହେଉଛି ଗର୍ଭାଶୟର ମୁଖ । ଏହା ମହିଳା ଜନନାଙ୍ଗରୁ ଗର୍ଭାଶୟକୁ ସଂଯୋଗ କରିଥାଏ । ଜରାୟୁ କର୍କଟ ସାଧାରଣତଃ ଜରାୟୁରେ କୋଷିକାଗୁଡ଼ିକର ପରିବର୍ତ୍ତନ ସହିତ ଆରମ୍ଭ ହୋଇଥାଏ, ଯାହା ଡିସ୍‌ପ୍ଲାସିଆ ନାମରେ ପରିଚିତ। ତଳିପେଟ କୋଷିକାଗୁଡ଼ିକରେ ଯଦି ପ୍ରାରମ୍ଭରୁ ଅସ୍ୱାଭାବିକତା ଚିହ୍ନଟ କରାଯାଏ ତେବେ ସେଗୁଡ଼ିକୁ ଦୂର କରି କର୍କଟକୁ ପ୍ରତିରୋଧ କରାଯାଇପାରିବ।

**ଜରାୟୁ ଗ୍ରୀବା କର୍କଟର ଲକ୍ଷଣଗୁଡ଼ିକ କ'ଣ ?**

ପ୍ରାରମ୍ଭିକ ସ୍ତରରେ ଜରାୟୁ ଗ୍ରୀବା କର୍କଟର କୌଣସି ଲକ୍ଷଣ ନ ଥାଏ। କର୍କଟର ଲକ୍ଷଣ ସମୟ ସହିତ ବୃଦ୍ଧି ପାଇଥାଏ । ବିଳମ୍ବିତ ସ୍ତରରେ ଜରାୟୁ ଗ୍ରୀବା କର୍କଟର ଲକ୍ଷଣଗୁଡ଼ିକ ମଧ୍ୟରେ ନିମ୍ନଲିଖିତ ଅନ୍ତର୍ଭୁକ୍ତ ହୋଇପାରେ:

ଅସ୍ୱାଭାବିକ ଭାବେ ଯୋନିରୁ ରକ୍ତସ୍ରାବ କିମ୍ବା ତରଳ ନିଃସରଣ

ଯୌନକ୍ରିୟା ପରେ, ଋତୁସ୍ରାବ ମଧ୍ୟରେ କିମ୍ବା ତଳିପେଟ ପରୀକ୍ଷା ପରେ ରକ୍ତସ୍ରାବ

ଯୌନକ୍ରିୟା କିମ୍ବା ପରିସ୍ରା ସମୟରେ ଯନ୍ତ୍ରଣା

ଯଦି ଆପଣ ଏପରି ଲକ୍ଷଣଗୁଡ଼ିକ ଭୋଗୁଛନ୍ତି, ତେବେ ଦୟାକରି ନିଜର ସ୍ୱାସ୍ଥ୍ୟସେବା ପରାମର୍ଶଦାତାଙ୍କ ସହ ପରାମର୍ଶ କରନ୍ତୁ। ଏହିସବୁ ଲକ୍ଷଣଗୁଡ଼ିକ ଅନ୍ୟକିଛି ସମସ୍ୟା କାରଣରୁ ଦେଖାଦେଇପାରେ, କିନ୍ତୁ ଆପଣ ନିଜ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହ ପରାମର୍ଶ ଦ୍ୱାରା ହିଁ ଆପଣ ନିଶ୍ଚିନ୍ତ ହୋଇପାରିବେ।

**ଜରାୟୁ ଗ୍ରୀବା କର୍କଟର ଆଶଙ୍କାଗତ ଦିଗଗୁଡ଼ିକ କ'ଣ ?**

ଆଶଙ୍କାଗତ ଦିଗର ଅର୍ଥ ହେଉଛି ଏପରି ଦିଗ ଯାହା ରୋଗାକ୍ରାନ୍ତ ହେବାର ସମ୍ଭାବନାକୁ ବୃଦ୍ଧି କରୁଥିବ। ଯେକୌଣସି ମହିଳା ଜରାୟୁ ଗ୍ରୀବା କର୍କଟରେ ପୀଡ଼ିତ ହୋଇପାରିବେ, କିନ୍ତୁ ନିମ୍ନପ୍ରଦତ୍ତ କେତେକ କାରଣକୁ ଦୃଷ୍ଟିରେ ରଖିଲେ କେତେଜଣ ମହିଳାଙ୍କ କ୍ଷେତ୍ରରେ ଉକ୍ତ ରୋଗର ସମ୍ଭାବନା ବୃଦ୍ଧି ପାଇଥାଏ:




- ହ୍ୟୁମାନ୍ ପାପିଲୋମାଭାଇରସ୍ ଭାଇରସ୍ (ଏଚ୍‌ପିଭି)

ଏଚ୍‌ପିଭି ପ୍ରାୟତଃ ସମସ୍ତ ଜରାୟୁ ଗ୍ରୀବା କର୍କଟର କାରଣ। ଉଭୟ ପୁରୁଷ ଓ ମହିଳା ଏଚ୍‌ପିଭିରେ ପୀଡ଼ିତ ହୋଇପାରନ୍ତି।

ଏଚ୍‌ପିଭି ସାଧାରଣତଃ ଆପେ ଆପେ ଦୂର ହୋଇଯାଇଥାଏ, କିନ୍ତୁ ନ ହେଲେ ଏହା ମହିଳାଙ୍କଠାରେ ଜରାୟୁ ଗ୍ରୀବା କର୍କଟର କାରଣ ସାଜିଥାଏ। ଅନେକ ମହିଳା ସେମାନଙ୍କ ଜୀବନକାଳରେ ଏଚ୍‌ପିଭି ସଂକ୍ରମଣର ସମ୍ମୁଖୀନ ହୋଇପାରନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ଜରାୟୁ କର୍କଟ ଭୋଗିଥାନ୍ତି।

**ସ୍କ୍ରିନିଂ ନ କରାଇବା**

ପାଞ୍ଚବର୍ଷରୁ ଅଧିକ ସମୟ ଧରି ପିଏପି (ପାପାନିକୋଲାଓ) ସ୍କ୍ରିନ୍‌ଡ ହୋଇ ନ ଥିବା କିମ୍ବା ଆଦୌ ସ୍କ୍ରିନ୍‌ଡ ହୋଇ ନ ଥିବା ମହିଳାଙ୍କ କ୍ଷେତ୍ରରେ ପ୍ରାୟତଃ ଜରାୟୁ ଗ୍ରୀବା କର୍କଟ ଦେଖାଦେଇଥାଏ। ସ୍କ୍ରିନ୍ ବା ଯାଞ୍ଚ ହୋଇଥିବା ମହିଳା ଯେଉଁମାନଙ୍କ କ୍ଷେତ୍ରରେ ଫଳାଫଳ ଅସ୍ୱାଭାବିକ ଦେଖାଯାଏ କିନ୍ତୁ ସେମାନେ ଯଦି ନିଜର ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହ ସୁସଙ୍ଗତ ସମ୍ପର୍କ ରକ୍ଷା କରି ନ ପାରନ୍ତି ତେବେ ଜରାୟୁ ଗ୍ରୀବା କର୍କଟର ସମ୍ଭାବନା ସେମାନଙ୍କଠାରେ ବୃଦ୍ଧି ପାଇଥାଏ।

(କ୍ରମଶଃ...)

ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ,
(ଏମ୍.ଏସ୍., ଏମ୍‌ସିଏଚ୍.)
କନ୍‌ସଲଟାଣ୍ଟ କ୍ୟାନ୍‌ସର ସର୍ଜନ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


## ହୋଲି ଖେଳିବେନି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୩(ବ୍ୟୁରୋ)

ଆସନ୍ତା ୧୦ ତାରିଖରେ ରାଜ୍ୟରେ ହୋଲି ଉତ୍ସବ ପାଳନ ହେବ। କରୋନା ଭୂତାଣୁ ସଂକ୍ରମଣକୁ ନେଇ ସମଗ୍ର ଦେଶରେ ସତର୍କତା ଜାରି କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୋଲି ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ହୋଲି ଖେଳିବେ ନାହିଁ। କରୋନା ଭାଇରସ ଆତଙ୍କ ଯୋଗୁ ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଗତ ଦୁଇ ବର୍ଷ ହେବ ମୁଖ୍ୟମନ୍ତ୍ରୀ ହୋଲି ପାଳନ କରିନାହାନ୍ତି। ଗତବର୍ଷ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ହୋଲି ପାଳନ କରି ନ ଥିଲେ। ସେହିପରି ୨୦୧୮ରେ ସ୍ୱାଇନ ଫ୍ଲୁ ପାଇଁ ମୁଖ୍ୟମନ୍ତ୍ରୀ ହୋଲି ଖେଳି ନ ଥିଲେ।

## ଲାଞ୍ଚ ନେଇ ଧରାପଡ଼ିଲେ ଶୁକଳ ଜିଆର୍‌ଏସ୍

ସାକ୍ଷୀଗୋପାଳ, ୭।୩ (ଡି.ଏନ୍.ଏ)


ଛବି ନାରାୟଣ ପଣ୍ଡା

ସତ୍ୟବାଦୀ ବ୍ଲକ ଶୁକଳ ପଞ୍ଚାୟତ ବାଁବରଡା ଗ୍ରାମର ଇନ୍ଦ୍ରମଣି ପଣ୍ଡାଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେବାବେଳେ ଶନିବାର ସେହି ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଛବି ନାରାୟଣ ପଣ୍ଡା ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବାକୁ ପଣ୍ଡା ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଇନ୍ଦ୍ରମଣି ପୁରୀ ଭିଜିଲାନ୍ସ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶନିବାର ପୂର୍ବାହ୍ନରେ ଜିଆର୍‌ଏସ୍ ପଣ୍ଡାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଇନ୍ଦ୍ରମଣି ୫ହଜାର ଟଙ୍କା ଦେବା ବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।

## ଜିଲା ଚିଠି
### ଜଗତ୍‌ସିଂହପୁର



## ଟୋକନ ଅବଧି

ଓଡ଼ିଶାରେ ଚଳିତବର୍ଷ ପ୍ରଥମ ଥର ପାଇଁ ଟୋକନ୍ ମାଧ୍ୟମରେ ମଣ୍ଡିରୁ ଧାନ ଉଠୁଛି। ଏହାର ପ୍ରଭାବ ଜଗତ୍‌ସିଂହପୁର ଜିଲାର ଚାଷୀଙ୍କ ଉପରେ ବି ପଡିଛି। ଟୋକନ ବ୍ୟବସ୍ଥା ଜିଲାର ଅଧିକାଂଶ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କାରଣ ଟୋକନ୍ ପାଇଥିବା ଚାଷୀ ୭ଦିନ ଭିତରେ ମଣ୍ଡିରେ ଧାନ ବିକ୍ରି କରି ନ ପାରିଲେ ଏହା ବାତିଲ ହୋଇଯିବ। ଅର୍ଥାତ୍ ନୂଆ ଟୋକନ୍ ପାଇବା ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିବେ ନାହିଁ। ଦୁଃଖର କଥା ହେଲା, ଜିଲାର ଅନେକ ସ୍ଥାନରେ ମିଲରମାନେ ଚାଷୀଙ୍କ ଉପରେ ଭାରି ପଡିଛନ୍ତି। ସେମାନେ ବିଭିନ୍ନ ଆଳ ଦେଖାଇ ମଣ୍ଡିରୁ ଧାନ ନ ଉଠାଇବାରୁ ଟୋକନ ଅବଧି ସରିଯାଉଛି। ଏହାପରେ ଯଥାଶୀଘ୍ର ଟୋକନ ନବୀକରଣ ହେବା କଥା। କିନ୍ତୁ ନବୀକରଣରେ ଯଥେଷ୍ଟ ବିଳମ୍ବ ଯୋଗୁ ଚାଷୀ ସମସ୍ୟାରେ ପଡୁଛି। ଏପରି କି ଅନେକ ଚାଷୀ ମାସାଧିକ କାଳ ହେବ ନୂଆ ଟୋକନ ପାଇବା ପାଇଁ ଅପେକ୍ଷା କରି ନିରାଶ ହେଉଛନ୍ତି। ବାରି, ଦାଣ୍ଡରେ ଅସୁରକ୍ଷିତ ଭାବେ ଧାନ ବସ୍ତା ଗଦା କରି ରଖିଥିବାରୁ ଚାଷୀମାନେ କ'ଣ କରିବେ କିଛି ନିଷ୍ପତ୍ତି ନେଇପାରୁନାହାନ୍ତି। ଏଣେ କାଳବୈଶାଖୀ ଦାଉ ସାଧୁଛି। ଏହି କିଛି ଦିନ ଭିତରେ ବର୍ଷା, ପବନର ତାଣ୍ଡବ ଚାଷୀଙ୍କ ପାଇଁ ବିପଦ ଆଣିଦେଇଛି। ଚାଷୀ କୌଣସି ମତେ ଏହାକୁ ଘୋଡ଼ାଇ ରଖିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଅନେକ ସ୍ଥାନରେ ଧାନ ଓଦା ହୋଇଯାଇଥିବାରୁ ଚାଷୀମାନେ ବେପାରୀଙ୍କୁ କମ୍ ଦରରେ ବିକ୍ରି କରିଦେବାକୁ ମନସ୍ଥ କରିଛନ୍ତି। ଟୋକନ ନବୀକରଣରେ ବିଳମ୍ବ ଯୋଗୁ ଚାଷୀ ବାହାରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି। ନିକଟରେ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ନିମନ୍ତେ ଅନୁଷ୍ଠିତ ୨ୟ ଜିଲାସ୍ତରୀୟ କମିଟି ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିରେ ଟୋକନ ଅବଧି ୭ଦିନ ପରିବର୍ତ୍ତେ ୧ ମାସ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ସମ୍ପର୍କରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ, ବାସ୍ତବରେ ଟୋକନ ଅବଧି ବଢିଗଲେ ଆଉ ବାତିଲ ହେବ ନାହିଁ। ସରକାର ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଦେଲେ ତାହା କାର୍ଯ୍ୟକାରୀ କରାଯିବ। ଏପରି କି ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ମଧ୍ୟ ଟୋକନ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲାରେ ୧୦୫ଟି ସମିତି ମାଧ୍ୟମରେ ଧାନ ସଂଗ୍ରହ ଚାଲିଛି। ଏହି ଧାନ ଉଠାଇବା ଦାୟିତ୍ୱରେ ଜିଲାର ୨ଟି ଓ ଅନ୍ୟ ଜିଲାର ୨୯ଟି ମିଲର ରାଜ୍ୟ ଯୋଗାଣ ନିଗମ ଦ୍ୱାରା ନିଯୁକ୍ତ ହୋଇଛନ୍ତି। କିନ୍ତୁ ସେମାନଙ୍କ ମନମାନି ଯୋଗୁ ଅନେକ ସ୍ଥାନରୁ ଧାନ ଉଠିବାରେ ବିଳମ୍ବ ହେଉଛି। ଟୋକନ ବାତିଲ ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହେଉଛି। ଏହାର ପ୍ରତିକାର ପାଇଁ ପଦକ୍ଷେପ ନିଆଯିବା ଜରୁରୀ ବୋଲି ମତପ୍ରକାଶ ପାଇଛି। **- ପ୍ରମୋଦ କୁମାର ନାୟକ**

# ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ଆରମ୍ଭ


ଚିଲିକାରୁ ମାଟିବନ୍ଧ ଘେରି ଉଚ୍ଛେଦ କରାଯାଉଛି।

କୃଷ୍ଣପ୍ରସାଦ,୭।୩(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଘେରି ଉଚ୍ଛେଦ କାର୍ଯ୍ୟ ଶନିବାର ଠାରୁ ଆରମ୍ଭ ହୋଇଛି। ଖଟିଆକୁଦି ଚିଲିକାର ତଳଚତରା ଏବଂ ଉପର ଚତରାରୁ ପ୍ରଥମ ଦିନରେ ୧୨୫୦ ଏକର ଘେରି ମୁକ୍ତ କରାଯାଇଛି । ଉକ୍ତ ମାଟିବନ୍ଧ ଘେରି ଉଚ୍ଛେଦ ନିମନ୍ତେ ଶହେ ଜଣ ଶ୍ରମିକ ନିୟୋଜିତ ହୋଇଛନ୍ତି। ସୁରକ୍ଷା ପାଇଁ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଏଥିନିମନ୍ତେ ୩ଜଣ ଟ୍ୟାସ୍କ ଫୋର୍ସ ଅଫିସର, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ ସ୍ୱାଇଁ, ଏସ୍‌ଡିପିଓ କିଶୋର ମୁଣ୍ଡ, କୃଷ୍ଣପ୍ରସାଦ ତହସିଲଦାର ଜିତେନ୍ଦ୍ର କୁମାର ନାୟକ, ଆଇଆଇସି ଅଭିମନ୍ୟୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଚିଲିକାରୁ ସମ୍ପୂର୍ଣ୍ଣ ଘେରି ମୁକ୍ତ ହେବା ଯାଏ ଏହି ଉଚ୍ଛେଦ କାର୍ଯ୍ୟ ଚାଲିବ ବୋଲି ଜଣାଯାଇଛି ।




ଧରିତ୍ରୀ
DHARITRI
ରବିବାର, ୮ ମାର୍ଚ୍ଚ, ୨୦୨୦

ନିଶ୍ଚିତ ଥାଅ- ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ -ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି- ବିଜୟ ସୁନିଶ୍ଚିତ
-ଶ୍ରୀଅରବିନ୍ଦ



# ସ୍ଥିତାବସ୍ଥାରେ ପରିବର୍ତ୍ତନ



ଆକାର ପଟେଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ ଛଅ ବର୍ଷ ହେଲା ଶାସନ କଲେଣି। ନିଜ ଆଦର୍ଶର ପ୍ରତିଷ୍ଠା ପାଇଁ ସେ ଯେଉଁସବୁ ଖେଳ ଖେଳିଚାଲିଛନ୍ତି, ସେଥିରେ ଭାରତର କ୍ଷତି ଘଟୁଛି। ଅତିମାତ୍ରାରେ ଜାତୀୟତାବାଦୀ ଆଦର୍ଶ ମାନେ ଦେଶ ଭିତରେ ସଂଖ୍ୟାଲଘୁଙ୍କ ବିରୋଧରେ ଯିବା ଏବଂ ଦେଶ ବାହାରେ ନିଜର ସାମରିକ ଶକ୍ତି ପ୍ରଦର୍ଶନ। ଆଡଲ୍ଫ ହିଟ୍ଲର ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଛଅବର୍ଷ ଶାସନ କ୍ଷମତାରେ ଥିଲେ। ଏହି ଛଅବର୍ଷ ଭିତରେ ସେ ଆକ୍ରମଣାତ୍ମକ ଭାବେ ଜର୍ମାନୀର ସାମରିକ ଶକ୍ତି ଓ ଅର୍ଥନୀତିର ବିକାଶ ଘଟାଇଥିଲେ। ତା' ପରେ ସେ ପୋଲାଣ୍ଡରୁ ଫ୍ରାନ୍ସ ଓ ଡେନ୍ମାର୍କରୁ ସିସିଲି ପର୍ଯ୍ୟନ୍ତ ପ୍ରାୟ ସମଗ୍ର ୟୁରୋପ ଜୟ କରିଥିଲେ। ଉକ୍ତ ମହାଦେଶକୁ ତାଙ୍କ ପୂର୍ବରୁ ବା ପରେ ଆଉ କେହି ଏତେ ମାତ୍ରାରେ ନିଜ ନିୟନ୍ତ୍ରଣକୁ ଆଣିପାରି ନ ଥିଲେ। ତା'ପରେ ହିଟ୍ଲର ଷ୍ଟାଲିନଙ୍କ ରୁଷିଆ ସହ ଲଢ଼ି ହାରିଗଲେ। ଭାରତର ଦୁଇଟି ଅସମାହିତ ବିବାଦ ଅଛି ଓ ଦୁଇଜଣ ଶତ୍ରୁ ଅଛନ୍ତି। ଗୋଟିଏ ହେଉଛି ଚାଇନା, ଅର୍ଥନୀତିରେ ଯିଏ ଭାରତଠାରୁ ଛଅଗୁଣ ବଡ଼ ଏବଂ ଜାତିସଂଘ ସୁରକ୍ଷା ପରିଷଦରେ ଯିଏ ସ୍ଥାୟୀ ସଦସ୍ୟ ଅଛି। ଅର୍ଥାତ୍ ଭାରତର ଯେକୌଣସି ଗ୍ଲୋବାଲ ଆହ୍ୱାନ ଉପରେ ଚାଇନା ଭିଟୋ ପ୍ରୟୋଗ କରିପାରିବ। ଚାଇନା ସହ ଆମର ବିବାଦ ଏକପ୍ରକାର ସୁପ୍ତ ଅବସ୍ଥାରେ ରହିଛି, ଏହା ସେତେବେଳେ ଜାଗ୍ରତ ହୁଏ ଯେତେବେଳେ ଚାଇନା ସେନା ଭାରତର ବାୟୁସୀମାରେ ପ୍ରବେଶ କରନ୍ତି ବା ଅରୁଣାଚଳକୁ ନିଜର ବୋଲି ଚାଇନା ଦାବି କରେ। ଭାରତ କୌଣସି ଆକ୍ରମଣାତ୍ମକ ପଦକ୍ଷେପ ନିଏ ନାହିଁ ଏବଂ ସ୍ଥିତାବସ୍ଥା ବଜାୟ ରହିବାରେ ଖୁସି ଅଛି। ଏ ସ୍ଥିତାବସ୍ଥାକୁ ପରିବର୍ତ୍ତନ କରିବାକୁ ମୋଦିଙ୍କର କୌଣସି କ୍ଷମତା ବା ଆଗ୍ରହ ନାହିଁ। ଭାରତର ଅନ୍ୟ ବିବାଦଟି ଅଛି ପାକିସ୍ତାନ ସହିତ, ଯାହା ପାଇଁ ଭାରତ ବିଭିନ୍ନ ସମୟରେ ବିଦ୍ରୋହ, ଅନୁପ୍ରବେଶ, ଆକ୍ରମଣ, ଯୁଦ୍ଧ ବିରତି ଉଲ୍ଲଂଘନ ଆଦି ସମସ୍ୟାର ସମ୍ମୁଖୀନ ହେଉଛି। ତେଣୁ ସୁରକ୍ଷା ପାଇଁ ଭାରତକୁ ବିପୁଳ ସେନା ମୁତୟନ କରିବାକୁ ପଡୁଛି। ଏହା ହେଉଛି ବହୁ ବର୍ଷର ପୁରୁଣା ବିବାଦ, ଯାହାର ସମାଧାନ ଭାରତ କରିପାରୁ ନାହିଁ ଏବଂ ଏଥିପାଇଁ ବିପୁଳ ସମ୍ପଦ ଖର୍ଚ୍ଚ ହେଉଛି। ୨୦୨୦ରେ ବି କଶ୍ମୀରର ସମଗ୍ର ନେତୃମଣ୍ଡଳୀକୁ ଭାରତ ଅଟକବନ୍ଦୀ ରଖିବାକୁ ବାଧ୍ୟ ହୋଇଛି- ରାଜ୍ୟକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ। ପାକିସ୍ତାନ ଭାରତଠାରୁ ବହୁତ ଛୋଟ ଦେଶ ଏବଂ ଭାରତର ସାମରିକ ଶକ୍ତି ଓ ଅସ୍ତ୍ରଶସ୍ତ୍ର ଅଧିକ ହେଲେ ମଧ୍ୟ ଏହା ପାକିସ୍ତାନକୁ ଆଜିଯାଏ ଜବତ କରିପାରିନାହିଁ। ତେଣୁ ଦେଶ ବାହାରେ ମାତ୍ରାଧିକ ଜାତୀୟତାବାଦ ଯାହା ଚାହୁଁଛି, ତାହା କରିବାକୁ ଭାରତ କ୍ଷମ ନୁହେଁ। ସୁତରାଂ ଆଭ୍ୟନ୍ତରୀଣ ଜାତୀୟତାବାଦରେ ଭାରତ ହିନ୍ଦୁତ୍ୱ ଉପରେ ଅଧିକ ଗୁରୁତ୍ୱ ଦେଉଛି।

ଭାରତରେ ହିନ୍ଦୁତ୍ୱ ପରି ନାଜି ଜର୍ମାନୀ ସଂଖ୍ୟାଲଘୁଙ୍କୁ ଘୃଣା କରେ। କିନ୍ତୁ ଇହୁଦୀମାନେ ଥିଲେ (୧୯୩୩ରେ ୫.୬୫ ଲକ୍ଷ) ଜର୍ମାନୀ ଲୋକସଂଖ୍ୟାର ମାତ୍ର ୧ ପ୍ରତିଶତରୁ ବି କମ୍। ଅଥଚ ଭାରତରେ ମୁସଲମାନଙ୍କ ସଂଖ୍ୟା ପ୍ରାୟ ୨୦ କୋଟି। ଦେଶର ବଡ଼ ଧରଣର କ୍ଷତି ନ କରି ବା ଦେଶର ସୁନାମରେ ଆଞ୍ଚ ନ ଆଣି ସେମାନଙ୍କୁ କେବେହେଲେ ଉତ୍ପୀଡ଼ିତ ବା ହଇରାଣ କରାଯାଇପାରିବ ନାହିଁ, ଯାହା ଦିଲ୍ଲୀ ଘଟଣାରୁ ସ୍ପଷ୍ଟ ହୋଇଛି। କିନ୍ତୁ ଏମିତି ଚାଲିଲେ ଏହାଦ୍ୱାରା ଦେଶର ବିପୁଳ କ୍ଷତି ହେବ ଏବଂ ଦେଶର ବା କୌଣସି ସମ୍ପ୍ରଦାୟର କିଛି ବି ଲାଭ ହେବ ନାହିଁ।

ମାର୍ଚ୍ଚ ୬ ଶୁକ୍ରବାର ଏକ ଘଟଣାକ୍ରମରେ ପ୍ରଧାନମନ୍ତ୍ରୀ କହିଲେ ଯେ ସେ ସ୍ଥିତାବସ୍ଥାରେ ପରିବର୍ତ୍ତନ ଚାହାନ୍ତି କିନ୍ତୁ ସରକାରଙ୍କ ବିରୋଧୀମାନେ ତାହା ଚାହାନ୍ତି ନାହିଁ। ଉଦାହରଣ ସ୍ୱରୂପ ସେ ତିନୋଟି ଜିନିଷର ତାଲିକା ଦେଇଛନ୍ତି: ତିନି ତଲାକର ଅପରାଧୀକରଣ, ଧାରା ୩୭୦ର ଉଚ୍ଛେଦ ଓ ନାଗରିକତା ସଂଶୋଧନ ଆଇନ। କଥା ହେଉଛି ଏକ ଧର୍ମନିରପେକ୍ଷ ଓ ବହୁସଂଖ୍ୟକବାଦୀ ଦେଶର ସ୍ଥିତାବସ୍ଥାକୁ ପରିବର୍ତ୍ତନ କରି ଏକ କଠୋର ଜାତୀୟତାବାଦୀ ଦେଶରେ ପରିଣତ କରିବାକୁ ଅନ୍ୟ ଭାରତୀୟମାନେ ବିରୋଧ କଲେ। ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ ସିଏଏକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍କୋର୍ଟରେ ଏହା ବିରୋଧରେ ଏକ ପକ୍ଷ ହେବାକୁ ଇଚ୍ଛା କରିଛନ୍ତି। ସରକାର ଓ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ହିନ୍ଦୁମାନଙ୍କୁ ସକାରାତ୍ମକ କିଛି ଦେଇପାରିବ ନାହିଁ। ଏହା ଚାହେଁ ମୁସଲମାନଙ୍କଠାରୁ ସେମାନଙ୍କ ବାବ୍ରି ମସ୍ଜିଦ, ସେମାନଙ୍କ ବ୍ୟକ୍ତିଗତ ଆଇନ, କଶ୍ମୀର ଉପରେ ସେମାନଙ୍କ ସାମ୍ବିଧାନିକ ସ୍ୱୟଂଶାସନ କ୍ଷମତା, ସେମାନଙ୍କ ଖାଦ୍ୟ, ସେମାନଙ୍କ ଭୋଟ ଦେବାର ଅଧିକାର ଏବଂ ବର୍ତ୍ତମାନ ସେମାନଙ୍କ ନାଗରିକତ୍ୱ ଛଡ଼ାଇନେବା ପାଇଁ। ଏହା ତା'ର ସମର୍ଥକମାନଙ୍କୁ ସକାରାତ୍ମକ କିଛି ଦେଇପାରିବ ନାହିଁ, କେବଳ ଦେବ ଅସନ୍ତୋଷ ଓ ଘୃଣା। ଏହାକୁ କେବଳ ଅନ୍ୟ ଭାରତୀୟମାନେ ନୁହନ୍ତି ବରଂ ସାରା ବିଶ୍ୱ ବିରୋଧ କରିବା ଉଚିତ ଏବଂ ସ୍ଥିତାବସ୍ଥାରେ ପରିବର୍ତ୍ତନ ଚାହେଁ ବୋଲି କହି ଗର୍ବ କରିବା ଉଚିତ ନୁହେଁ କାରଣ ଏହା ଭାରତକୁ ରସାତଳକୁ ନେଇଯିବ।

ମୋଦି ସରକାର ଅର୍ଥନୈତିକ ପରିଚାଳନାରେ ଦକ୍ଷ ନୁହନ୍ତି। ଭାରତରେ ଆର୍ଥିକ ମାନ୍ଦାବସ୍ଥା ଲାଗିରହିଛି ଏବଂ ଦୁଇବର୍ଷ ହେଲା ପ୍ରତି ତ୍ରିମାସୀରେ ଅଭିବୃଦ୍ଧି ହାର ହ୍ରାସ ପାଉଛି। ଗତ ଦୁଇ ତ୍ରିମାସୀରେ ସରକାରଙ୍କ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବିକ୍ରି ହ୍ରାସ ପାଇଛି, ଯାହା ମାନ୍ଦାବସ୍ଥାକୁ ସୂଚାଉଛି। ଭାରତ ଏକ ବୃହତ୍ ଅର୍ଥନୈତିକ ଶକ୍ତି ନୁହେଁ ଏବଂ ନିକଟ ଭବିଷ୍ୟତରେ ବି ହେବନାହିଁ। ମୋଦିଙ୍କ ସମଗ୍ର କାର୍ଯ୍ୟକାଳରେ ରପ୍ତାନି ସ୍ଥାଣୁ ହୋଇଯାଇଛି, ଯାହା ଶୂନ୍ୟ ଅଭିବୃଦ୍ଧିକୁ ସୂଚାଉଛି। ମୋଦିଙ୍କ ଶାସନକାଳରେ ଜିଡିପିକୁ ନିର୍ମାଣ କ୍ଷେତ୍ରର ଅବଦାନ ହ୍ରାସ ପାଇଛି। ବେକାରି ଚରମ ସୀମାରେ ପହଞ୍ଚିଛି। ଏହି ସ୍ଥିତାବସ୍ଥାରେ ପରିବର୍ତ୍ତନ ଆବଶ୍ୟକ, ମୋଦି ଯେଉଁ ସ୍ଥିତାବସ୍ଥା କଥା କହୁଛନ୍ତି ସେଥିରେ ନୁହେଁ। ଅଦୂରଦର୍ଶୀ ପଦକ୍ଷେପମାନ ନେଇ ଅର୍ଥନୀତିକୁ ବିଗାଡ଼ିଦେଲା ପରେ ସେ ଏହାକୁ ସୁଧାରିବା ଚେଷ୍ଟା ଛାଡ଼ିଦେଇଛନ୍ତି। ସେ ସର୍ବନିମ୍ନ ପ୍ରଶାସନ ଲାଗି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଘରୋଇକରଣ ବଦଳରେ ୟେସ୍ ବ୍ୟାଙ୍କ ଓ ପିଏମ୍ସି ବ୍ୟାଙ୍କ ରାଷ୍ଟ୍ରାୟତ୍ତ ୟୁନିଟ୍ରେ ପରିଣତ ହୋଇଛନ୍ତି। ମୋଦି ମାତ୍ରାଧିକ ଜାତୀୟତାବାଦର ପୁରୋଧା ସାଜିଛନ୍ତି, ଯାହା ଭାରତର ଅଭିବୃଦ୍ଧିକୁ ସଂକୁଚିତ କରିଦେଇଛି ଏବଂ ବାହ୍ୟ ସ୍ଥିତିରେ ପରିବର୍ତ୍ତନ ଆଣିବା ବଦଳରେ ଦେଶ ବ୍ୟାପାରରେ ବିଦେଶୀ ହସ୍ତକ୍ଷେପକୁ ଆମନ୍ତ୍ରଣ କରିଛି। ଏହା ବର୍ତ୍ତମାନର ବାସ୍ତବ ସ୍ଥିତି ଏବଂ ଏହାକୁ ପ୍ରତିରୋଧ କରାଯିବା ଦରକାର।

Email: aakar.patel@gmail.com

# ମୁଁ ସ୍ୱର ଉଠାଏ



ଡ. ଗାୟତ୍ରୀବାଳା ପଣ୍ଡା

"ମୁଁ ସ୍ୱର ଉଠାଏ- ତା'ର ମାନେ ନୁହେଁ ଯେ ମୁଁ ଚିତ୍କାର କରେ, ତା'ର ଅର୍ଥ ହୁଏତ ଏୟା ଯେ ଯେଉଁମାନେ କିଛି କହିପାରୁନାହାନ୍ତି ସେମାନଙ୍କୁ ମୋ ସ୍ୱର ଶୁଭୁ, ମୁଁ ଏଇୟା ହିଁ ଚାହେଁ।'' ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପାଇଥିବା ମଲାଲା ୟୁସୁଫ୍ଜାଇଙ୍କ ଏହି ବକ୍ତବ୍ୟ ପୃଥିବୀର ପ୍ରତି ମହିଳାଙ୍କୁ ସ୍ୱାବଲମ୍ବନଶୀଳ ଓ ସ୍ୱାଧିକାରସମ୍ପନ୍ନ କରିବାର ଦୃଢ଼ତା ଦିଏ, ମହିଳାଙ୍କ ମଧ୍ୟରେ ଆତ୍ମପ୍ରତ୍ୟୟ ଓ ସାହସର ସ୍ଥିରତା ସୃଷ୍ଟି କରିଥାଏ। ଆମେରିକାର ନାରୀବାଦୀ ଲେଖକ, ନାଗରିକ ଅଧିକାର କର୍ମୀ ଅଡ୍ରେ ଲର୍ଡଙ୍କ ମତରେ, ''ମୁଁ ସେହି ମହିଳାମାନଙ୍କ ପାଇଁ ଲେଖେ, ଯେଉଁମାନେ କଥାବାର୍ତ୍ତା କରନ୍ତି ନାହିଁ, ଯେଉଁମାନଙ୍କର ସ୍ୱର ନାହିଁ କାରଣ ସେମାନେ ଖୁବ୍ ଭୟଭୀତ, କାରଣ ଆମକୁ ନିଜ ଅପେକ୍ଷା ଭୟକୁ ଅଧିକ ସମ୍ମାନ ଦେବାକୁ ଶିକ୍ଷା ଦିଆଯାଇଛି, ଆମକୁ ଶିକ୍ଷା ଦିଆଯାଇଛି ଯେ ନୀରବତା ଆମକୁ ରକ୍ଷା କରିବ।'' ରାଜନୀତିଜ୍ଞ ଓ ଚିନ୍ତକ ଏଡ୍ମଣ୍ଡ ବୁର୍କଙ୍କ ମତରେ, ''ମନ୍ଦ ଶକ୍ତିର ବିଜୟ ପାଇଁ ଯାହା ଦରକାର ତାହା ହେଉଛି ଭଲ ପୁରୁଷ ଓ ମହିଳାମାନେ କିଛି ନ କରିବା।'' ଆଜି ଏକବିଂଶ ଶତାବ୍ଦୀରେ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଅଭୂତପୂର୍ବ ସଫଳତା ସତ୍ତ୍ୱେ, ମହିଳାମାନଙ୍କର ପୁରୁଷଙ୍କ ସହିତ ସମଦକ୍ଷତା ପ୍ରତିପାଦନ ସତ୍ତ୍ୱେ ଆମ ସାମାଜିକ ବ୍ୟବସ୍ଥାରେ ମହିଳାଙ୍କୁ ହିଂସା ଓ ଲିଙ୍ଗଗତ ବୈଷମ୍ୟର ଶିକାର ହେବାକୁ ପଡୁଛି। ମହିଳାମାନଙ୍କୁ ସମାନ ଅଧିକାର ବା ଲିଙ୍ଗଗତ ସମାନତା ପ୍ରଦାନ ଏବଂ ମହିଳା ସଶକ୍ତୀକରଣ ଇତ୍ୟାଦି ପ୍ରସଙ୍ଗରେ ଆମ ସମାଜର ରୂଢ଼ିବାଦୀ ଚିନ୍ତାଧାରା ସହ ଯୁଗଯୁଗାନ୍ତରରୁ ଚଳିଆସୁଥିବା କୁସଂସ୍କାର ହିଁ ମହିଳା ଉତ୍ପୀଡ଼ନର କାରଣ ସାଜିବାରେ ଲାଗିଛି। ଅର୍ଥନୈତିକ ସମୃଦ୍ଧି ସହିତ ସମାନ୍ତରାଳ ଭାବରେ ବଢ଼ିଚାଲିଛି ମହିଳାଙ୍କ ପ୍ରତି ଅତ୍ୟାଚାର ଓ ହିଂସା।

ମିଳିତ ଜାତିସଂଘର ମହିଳା ହିଂସା ଦୂରୀକରଣ ଘୋଷଣାନାମା ଅନୁଯାୟୀ 'ମହିଳା ଓ ପୁରୁଷ ମଧ୍ୟରେ ଅସମାନ କ୍ଷମତା ବଣ୍ଟନର ପରିଣାମ ଏବଂ ନାରୀ ବିରୋଧରେ ହିଂସା ଏକ ସୁଦୃଢ଼ ସାମାଜିକ ଅସ୍ତ୍ର; ଯାହା ମାଧ୍ୟମରେ ମହିଳାଙ୍କୁ ବାଧ୍ୟ କରାଯାଏ ପୁରୁଷ ତୁଳନାରେ ଏକ ଅଧସ୍ତନ ପଦବୀରେ ରହିବା ନିମନ୍ତେ'।

ଭାରତୀୟ ପିଙ୍ଗଳ କୋଡ୍ ମହିଳାଙ୍କ ପ୍ରତି ଅପରାଧକୁ ୭ ଭାଗରେ ବିଭକ୍ତ କରିଛି, ଯଥା- ବଳାତ୍କାର, ଯୌତୁକଜନିତ ହତ୍ୟା, ବଳପୂର୍ବକ ଅପହରଣ, ଶାରୀରିକ ଓ ମାନସିକ ନିର୍ଯାତନା, ଯୌନ ଉତ୍ପୀଡ଼ନ, ରାସ୍ତାଘାଟରେ ହଇରାଣହରକତ, ବାଳିକା ଚୋରା ଚାଲାଣ। ଏତଦ୍ବ୍ୟତୀତ ମହିଳାଙ୍କ ପ୍ରତି ହିଂସାର ଆଉ କେତୋଟି ପ୍ରକାର ହେଉଛି ଅନରକିଲିଂ, ଏସିଡ୍ ଆଟାକ୍ ଏବଂ ଯୌନାଙ୍ଗ ଛେଦନ। ହିଂସା ଯେକୌଣସି ପ୍ରକାର ହେଉ- ଶାରୀରିକ, ମାନସିକ ଅବା ଆବେଗିକ, ପ୍ରତି କ୍ଷେତ୍ରରେ ମହିଳାଙ୍କ ଅଧିକାର କ୍ଷୁଣ୍ଣ ହୋଇଥାଏ, ତା'ର ଜୀବନ, ସ୍ୱାଭାବିକ ବଞ୍ଚିବାର ଗତି ବ୍ୟାହତ ହୋଇଥାଏ।

ଆମ ଭାରତୀୟ ସମାଜରେ ଲିଙ୍ଗଗତ ସମାନତା ଆଧାରରେ ଜଣେ ଭାରତୀୟ ମହିଳା ଯଦିଓ କିଛିଟା ଅଧିକାର ପାଇଛନ୍ତି, ସେଗୁଡ଼ିକ ବାସ୍ତବ କ୍ଷେତ୍ରରେ କେତେଦୂର କାର୍ଯ୍ୟକାରୀ ହୋଇପାରୁଛି ତାହା ଆଲୋଚ୍ୟ ବିଷୟ। ଏହି ଅଧିକାରଗୁଡ଼ିକ ହେଉଛି: ୧- ମହିଳାମାନଙ୍କର ସମାନ ଦରମା ପାଇବାର ଅଧିକାର। ସମାନ ଦରମା ଅଧିନିୟମ ଓ ତାଲିକାଭୁକ୍ତ ବ୍ୟବସ୍ଥା ଅନୁଯାୟୀ ଦରମା କିମ୍ବା ବେତନକୁ ଲିଙ୍ଗ ଆଧାରରେ ଭେଦଭାବ କରାଯାଇପାରିବ ନାହିଁ। ପୁରୁଷଙ୍କ ତୁଳନାରେ କାର୍ଯ୍ୟରତ ମହିଳାଙ୍କର ସମାନ ଦରମା ପାଇବାର ଅଧିକାର ଅଛି। ୨- ମହିଳାମାନଙ୍କର ସମ୍ମାନ ଓ ମର୍ଯ୍ୟାଦାର ଅଧିକାର ଅଛି। କୌଣସି ଏକ ଘଟଣାରେ ଯଦି ଜଣେ ମହିଳା ଅଭିଯୁକ୍ତ, ତେବେ ତାଙ୍କ ଉପରେ ଯେକୌଣସି ଡାକ୍ତରୀ ପରୀକ୍ଷା ଅନ୍ୟ ଜଣେ ମହିଳାଙ୍କ ଉପସ୍ଥିତିରେ କରାଯିବା ଆବଶ୍ୟକ। ୩- କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ବିରୋଧରେ ଅଭିଯୋଗ ଦାଖଲ କରିବାର ଅଧିକାର। କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନାକୁ ରୋକିବା ପାଇଁ ମାନ୍ୟବର ସୁପ୍ରିମ୍କୋର୍ଟ ୧୯୯୭ରେ ଦେଇଥିବା ଐତିହାସିକ ରାୟ 'ବିଶାଖା ଗାଇଡଲାଇନ୍' ଅନୁଯାୟୀ ପ୍ରତ୍ୟେକ ସରକାରୀ, ବେସରକାରୀ, ସଂଗଠିତ ଓ ଅସଂଗଠିତ ସଂସ୍ଥା ବା ଅନୁଷ୍ଠାନ ଯୌନ ନିର୍ଯାତନା ପ୍ରତିରୋଧ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ କମିଟି ଗଠନ କରିବେ, ଯାହା ଜଣେ ମହିଳାଙ୍କ ନେତୃତ୍ୱରେ ହେବ। ଏଥିରେ ଅଧାରୁ ଅଧିକ ମହିଳା ସଦସ୍ୟ ରହିବେ। କମିଟିରେ ତୃତୀୟ ପକ୍ଷ ଭାବରେ ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ମଧ୍ୟ ରହିବେ, ଯାହାଙ୍କର ମହିଳାଙ୍କ ସଂକ୍ରାନ୍ତ ମାମଲାରେ ଦକ୍ଷତା ଥିବ। ୪- ଘରୋଇ ହିଂସା ବିରୋଧରେ ଅଭିଯୋଗ ଦାଖଲ କରିବାର ଅଧିକାର। ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଦେବାକୁ କେନ୍ଦ୍ର ସରକାର ୨୦୦୫ରେ ଏକ ଆଇନ ପ୍ରଣୟନ କରିଛନ୍ତି। ଉକ୍ତ ଆଇନରେ ମହିଳାଙ୍କ ପ୍ରତି ଯେପରି କୌଣସି ପ୍ରକାର ଶାରୀରିକ, ମାନସିକ, ବାଚନିକ, ଆର୍ଥିକ, ଆବେଗିକ ଓ ଯୌନ ବିଷୟକ ଅପବ୍ୟବହାର ଓ ଆଘାତ ନ ହୁଏ, ସେଥିପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି। ୫- ବଳାତ୍କାର ପୀଡ଼ିତା ବା ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ମହିଳାଙ୍କର ପରିଚୟ ଅଜ୍ଞାତ ରଖିବାର ଅଧିକାର। ପୀଡ଼ିତାଙ୍କ ଗୋପନୀୟତା ସୁରକ୍ଷିତ ଅଛି କି ନାହିଁ ନିଶ୍ଚିତ କରିବାକୁ ଜଣେ ମହିଳା, ଯିଏ ଯୌନ ଶୋଷଣର ଶିକାର ହୋଇଥିବେ, ଏହି ମାମଲାର ବିଚାର ଚାଲିଥିଲାବେଳେ କିମ୍ବା ମହିଳା ପୋଲିସ୍ ଅଧିକାରୀଙ୍କ ଉପସ୍ଥିତିରେ ଏକାକୀ ଜିଲା ମାଜିଷ୍ଟ୍ରେଟ୍ଙ୍କ ନିକଟରେ ତାଙ୍କ ବିବୃତି ରେକର୍ଡ କରିପାରିବେ। ୬-ମାଗଣା ଆଇନ ସହାୟତା ପାଇବା ପାଇଁ ମହିଳାଙ୍କର ଅଧିକାର। ଆଇନ ସେବା ପ୍ରାଧିକରଣ ନିୟମ ଅନୁଯାୟୀ ମହିଳା ବଳାତ୍କାର ପୀଡ଼ିତାଙ୍କୁ ମାଗଣା ଆଇନ ସହାୟତା କିମ୍ବା ଆଇନ ସେବା ପ୍ରାଧିକରଣରୁ ସହାୟତା ମିଳିବ। ୭- ମହିଳାମାନଙ୍କୁ ରାତିରେ ଗିରଫ ନ କରିବାର ଅଧିକାର ଅଛି। ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ଙ୍କ ନିର୍ଦ୍ଦେଶରେ ଯଦି କୌଣସି ବ୍ୟତିକ୍ରମ ମାମଲା ନ ହୁଏ, ତେବେ ସୂର୍ଯ୍ୟାସ୍ତ ପରେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ ଜଣେ ମହିଳାଙ୍କୁ ଗିରଫ କରାଯାଇପାରିବ ନାହିଁ। ୮- ମହିଳାଙ୍କର ଭର୍ଚୁଆଲ୍ ଅଭିଯୋଗ ପଞ୍ଜୀକରଣ କରିବାର ଅଧିକାର। ୯- ନିଜ ଫଟୋର ଅସଦ୍ ଓ ଅଶ୍ଳୀଳ ଉପସ୍ଥାପନା ଓ ବ୍ୟବହାର ବିରୋଧରେ ଅଭିଯୋଗ କରିବାର ଅଧିକାର। ଜଣେ ମହିଳାଙ୍କ ଫଟୋ ବା ଚିତ୍ର (ତାଙ୍କ ରୂପ କିମ୍ବା ଶରୀରର ଯେକୌଣସି ଅଂଶ)ର ଯେକୌଣସି ପ୍ରକାର ଅଶ୍ଳୀଳ ଓ ଅପମାନଜନକ ଉପସ୍ଥାପନା ଏକ ଦଣ୍ଡନୀୟ ଅପରାଧ। ୧୦- ମହିଳାଙ୍କୁ ଅନୁସରଣ କରାଯିବା ବିରୋଧରେ ଅଧିକାର। ଯେକୌଣସି ରୂପରେ ଜଣେ ମହିଳାଙ୍କୁ ଅନୁସରଣ କରିବା ଏକ ଅପରାଧ। ୧୧- ଜିରୋ ଏଫ୍ଆଇଆର୍ ପାଇଁ ମହିଳାମାନଙ୍କର ଅଧିକାର। ଘଟଣାଟି ଯେଉଁଠାରେ ଘଟିଛି କିମ୍ବା ଏକ ନିର୍ଦ୍ଦିଷ୍ଟ ଅଧିକାର ଅଧୀନରେ ଯେକୌଣସି ପୋଲିସ୍ ଷ୍ଟେଶନରେ ଏକ ଏଫ୍ଆଇଆର୍ ଦାଖଲ କରାଯାଇପାରିବ, ଜିରୋ ଏଫ୍ଆଇଆର୍ ପରେ ସେହି ପୋଲିସ୍ ଷ୍ଟେଶନ୍କୁ ମାମଲାଟି ସ୍ଥାନାନ୍ତର କରାଯାଇପାରିବ, ଯାହା ଅଧୀନରେ ଏହି ମାମଲା ରହିଛି।

ଆମେରିକୀୟ ଫିଲ୍ମ ନିର୍ମାତା, ବ୍ୟଙ୍ଗ ଲେଖକ ଜୋସ୍ ହ୍ୱେଡନ୍ଙ୍କ ମତରେ, 'ସମାନତା ଏକ ଧାରଣା ନୁହେଁ, ଏକ ଆବଶ୍ୟକତା। ଏହା ମାଧ୍ୟାକର୍ଷଣ ପରି। ଏହି ପୃଥିବୀରେ ଉଭୟ ପୁରୁଷ ଓ ମହିଳା ଏକାଠି ଛିଡ଼ାହେବା ଆବଶ୍ୟକ। ପ୍ରତ୍ୟେକ ସଂସ୍କୃତିରେ ମହିଳାଙ୍କ ପ୍ରତି ଥିବା ବିଦ୍ୱେଷ ଭାବ ମାନବ ସ୍ଥିତିର ପ୍ରକୃତ ଅଂଶ ନୁହେଁ। ଏହା ଜୀବନକୁ ଅସନ୍ତୁଳିତ କରେ, ପ୍ରତ୍ୟେକ ପୁରୁଷ ଓ ମହିଳାଙ୍କ ଆତ୍ମାରୁ ସ୍ୱାଭାବିକତା ଶୋଷିନିଏ, ଯିଏ ଏହି ଅସନ୍ତୁଳନକୁ ସାମ୍ନା କରେ।'

ଏହି ଅସନ୍ତୁଳନ, ଅସମାନତାକୁ ଅତିକ୍ରମ କରିବା ପାଇଁ ମହିଳାମାନେ ଶିକ୍ଷିତ ହେବା ନିତାନ୍ତ ଆବଶ୍ୟକ। ଗାନ୍ଧିଜୀ କହୁଥିଲେ, 'ଶିକ୍ଷା ହିଁ ଏକମାତ୍ର ଅସ୍ତ୍ର ଯାହା ମହିଳାଙ୍କୁ ସମସ୍ତ ବିପଦସଙ୍କୁଳ ଅବସ୍ଥାରୁ ମୁକୁଳେଇପାରିବ। ଶିକ୍ଷାର ଆଲୋକ ହିଁ ମହିଳାଙ୍କ ଜୀବନରୁ ଅନ୍ଧାର ଦୂରକରି ତାଙ୍କର ଚଲାପଥକୁ ଉଜ୍ଜ୍ୱଳ କରିପାରିବ।' ତେଣୁ ଶିକ୍ଷିତ, ସ୍ୱାବଲମ୍ବୀ ଓ ସଶକ୍ତ ନାରୀ ହିଁ ଅନ୍ୟାୟ, ଅତ୍ୟାଚାର ଓ ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉଠାଇବାରେ ସମର୍ଥ ହେବ ଏବଂ ଆଜି ଏହି ସ୍ୱର ଅଧିକରୁ ଅଧିକ ଉଠିବା ଜରୁରୀ।

ଫ୍ଲାଟ୍ ନଂ-୮୦୪, ଟାୱାର-୩, ବିପୁଲ୍ ଗାର୍ଡେନ୍ସ, ଘାଟିକିଆ, ଭୁବନେଶ୍ୱର, gayatribalap@gmail.com

# 'ଗ୍ୟାପ୍ ଇଙ୍କ୍' ସିଇଓ

ବ୍ୟକ୍ତିତ୍ୱ



ସୋନିଆ ସିଙ୍ଗଲ

ପୁରୁଷ, ମହିଳା ଓ ଶିଶୁମାନଙ୍କ ପାଇଁ ପୋଷାକ ପରିଚ୍ଛଦ ଓ ବ୍ୟକ୍ତିଗତ ଆବଶ୍ୟକତା ମେଣ୍ଟାଇବା ସକାଶେ ଖୁଚୁରା ପଦାର୍ଥ ଯୋଗାଉଥିବା କମ୍ପାନୀ ବିଷୟରେ ଆଲୋଚନା କଲା ବେଳେ ବିଶ୍ୱ ସ୍ତରରେ ଆଗଧାଡ଼ିରେ ଆସୁଥିବା କମ୍ପାନୀ ମଧ୍ୟରେ ଗ୍ୟାପ୍ ଇଙ୍କ୍ ଅନ୍ୟତମ। ବିଶ୍ୱର ୯୦ ରାଷ୍ଟ୍ରରେ ଏହି କମ୍ପାନୀ ଦ୍ୱାରା ମାନ୍ୟତା ପାଇଥିବା ଷ୍ଟୋର୍ଗୁଡ଼ିକ ସାମଗ୍ରୀ ବିକ୍ରି କରିବାର ସୁଯୋଗ ପାଉଛନ୍ତି। ଇ-କମର୍ସ ସାଇଟ୍ ମାଧ୍ୟମରେ ଏହାର ପଦାର୍ଥମାନ ବିକ୍ରି ହେବାରେ ଲାଗିଛି। ଏଭଳି ଏକ ନାମକରା କମ୍ପାନୀର ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଭାରତୀୟ-ଆମେରିକୀୟ ସୋନିଆ ସିଙ୍ଗଲ ନିଯୁକ୍ତି ପାଇବା ପରେ ଏବେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାର ବଳୟକୁ ଆସିଛି। ପେପ୍ସିକୋ ମୁଖ୍ୟ ଭାବେ ୨୦୧୮ରେ ପଦବୀ ପରିତ୍ୟାଗ କରିଥିବା ଇନ୍ଦ୍ରା ନୁଇଙ୍କ ପରେ ଏକ ଫର୍ଚୁନ୍-୫୦୦ କମ୍ପାନୀର ଭାରତୀୟ-ଆମେରିକୀୟ ମହିଳା ସିଇଓ ହେବାରେ ସୋନିଆ ଗୌରବ ଅର୍ଜନ କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ସୋନିଆଙ୍କୁ ଏଭଳି ପଦବୀ ମିଳିବା ଭାରତୀୟ ମହିଳାଙ୍କୁ ଉତ୍ସାହିତ କରିବା ସ୍ୱାଭାବିକ।

ଭାରତୀୟ ଦମ୍ପତି ସୁଷମା ଓ ସତ୍ୟ ସିଙ୍ଗଲଙ୍କ କନ୍ୟା ସୋନିଆ ଭାରତରେ ଜନ୍ମଗ୍ରହଣ କରିଥିଲେ। ପରିବାର କାନାଡ଼ାକୁ ଯିବା ପରେ ସୋନିଆଙ୍କ ଗଠନାତ୍ମକ ବର୍ଷଗୁଡ଼ିକ ସେହିଠାରେ ହିଁ କଟିଥିଲା। ଏହା ପରେ ସୋନିଆ ଆମେରିକା ଚାଲିଯାଇଥିଲେ। ୧୯୯୩ରେ କେଟେରିଂ ବିଶ୍ୱବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ସେ ୧୯୯୫ରେ ଷ୍ଟାନ୍ଫୋର୍ଡ ବିଶ୍ୱବିଦ୍ୟାଳୟରୁ ମାନୁଫାକ୍ଚରିଂ ସିଷ୍ଟମ୍ସ ଇଞ୍ଜିନିୟରିଂରେ ସ୍ନାତକୋତ୍ତର କରିଥିଲେ। ଫର୍ଚୁନ୍ ୫୦୦ କମ୍ପାନୀରୁ ତାଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ସେ ୧୦ ବର୍ଷ ସନ୍ ମାଇକ୍ରୋସିଷ୍ଟମ୍ ଓ ୬ ବର୍ଷ ଫୋର୍ଡ ମୋଟର କମ୍ପାନୀରେ ବିତାଇଥିଲେ। ଏହି ବୃହତ୍ କମ୍ପାନୀରେ ଦୀର୍ଘବର୍ଷ କାର୍ଯ୍ୟ କରିବା ଭିତରେ ସେ ବହୁ ଅଭିଜ୍ଞତା ଅର୍ଜନ କରିଥିଲେ। ଏହା ପରେ ସେ ବିଶ୍ୱର ଅନ୍ୟତମ ଯୋଗାଣ ଶୃଙ୍ଖଳ ଗ୍ୟାପ୍ ଇଙ୍କ୍ରେ ଯୋଗ ଦେଇଥିଲେ। ସେଥିରେ ସେ ଗ୍ୟାପ୍ ଇଙ୍କ୍ ୟୁରୋପର ପରିଚାଳନା ନିର୍ଦ୍ଦେଶକ ହୋଇଥିଲେ। ତାଙ୍କ ନେତୃତ୍ୱରେ ୨୦୧୬ରୁ ୨୦୧୮ ଯାଏ କମ୍ପାନୀ ବହୁବିଧ କ୍ଷେତ୍ରରେ ଉନ୍ନତି ଲାଭ କରିଥିଲା। ଏପରି କି ଆମେରିକା, କାନାଡ଼ା ଓ ମେକ୍ସିକୋର ୧,୨୦୦ ଷ୍ଟୋର୍ରେ କମ୍ପାନୀର ସାମଗ୍ରୀ ଖୁବ୍ ବେପାର କରିଥିଲା। ଏଥିସହିତ ଗ୍ୟାପ୍ ଇଙ୍କ୍ ଆମେରିକାରେ ସର୍ବାଧିକ ବୈଶିଷ୍ଟ ବହନ କରୁଥିବା ଖୁଚୁରା ଯୋଗାଣ ଶୃଙ୍ଖଳ ହୋଇପାରିଥିଲା। ସୋନିଆଙ୍କ ଏକନିଷ୍ଠ କାର୍ଯ୍ୟ ଓ ଟିମ୍ର ନେତୃତ୍ୱ ନେବାର କଳା ତାଙ୍କୁ ଉପରକୁ ଉଠିବାରେ ସାହାଯ୍ୟ କରିଥିଲା। ୧,୩୫,୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ ବିଶ୍ୱବ୍ୟାପୀ ଚାଲୁଥିବା ଷ୍ଟୋରଗୁଡ଼ିକକୁ ପରିଚାଳନା ଲାଗି ଯେଉଁ ବ୍ୟାବସାୟିକ ଦକ୍ଷତା ଲୋଡ଼ା ପଡୁଥିଲା, ତାହାକୁ ସୋନିଆ ନିଜର ସୂକ୍ଷ୍ମ ବୁଦ୍ଧି ବଳରେ ଆଗେଇ ନେଇପାରିଥିବାରୁ ସେ ସର୍ବୋଚ୍ଚ ପଦବୀରେ ବସିପାରିଛନ୍ତି ବୋଲି କୁହାଯାଉଛି।

କେବଳ ବ୍ୟବସାୟ ଜଗତ ନୁହେଁ, ଲୋକଙ୍କୁ ସେବା କରିବା ଲାଗି ଯେତେବେଳେ ଯେଉଁଠାରେ ଆବଶ୍ୟକ ପଡ଼ିଛି, ସୋନିଆ ନିଜକୁ ସେଥିରେ ସାମିଲ କରିଛନ୍ତି। ଫିଲାନ୍ଥ୍ରୋପି ବା ମାନବପ୍ରେମ ସୃଷ୍ଟି କଲା ଭଳି ସେବାରେ ସେ ନିୟୋଜିତ କରିବାକୁ ଯାଇ ଗ୍ୟାପ୍ ଫାଉଣ୍ଡେଶନ ବୋର୍ଡ ଅଫ୍ ଟ୍ରଷ୍ଟିଜ୍ ଏବଂ ବୋର୍ଡ ଅଫ୍ ଗଭର୍ନର୍ସ ଫର୍ ବୟେଜ୍ ଆଣ୍ଡ ଗାର୍ଲସ କ୍ଲବ୍ ଅଫ୍ ଆମେରିକାରେ କାର୍ଯ୍ୟ କରିବାକୁ ପସନ୍ଦ କରିଛନ୍ତି। ସାନ୍ଫ୍ରାନ୍ସିସ୍କୋ ବିଜନେସ୍ ଟାଇମ୍ସ ପକ୍ଷରୁ କର୍ପୋରେଟ୍ ଜଗତ ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ୨୦୧୮ରେ 'ଦି ୫୦ ମୋଷ୍ଟ୍ ପାୱାରଫୁଲ୍ ମମ୍ ଅଫ୍ ୨୦୧୮' ଏବଂ 'ମୋଷ୍ଟ୍ ଇନ୍ଫ୍ଲୁଏନ୍ସିଆଲ ୱେମେନ୍ ଇନ୍ ବିଜନେସ୍ ଅଫ୍ ୨୦୧୮'ରେ ମଧ୍ୟ ସମ୍ମାନିତ କରାଯାଇଛି। ସୋନିଆଙ୍କ ବ୍ୟକ୍ତିଗତ ଜୀବନ କହିଲେ ସ୍ୱାମୀ ଜୋ ମକ୍ଗ୍ରାଥ୍ ଏବଂ ଦୁଇ ସନ୍ତାନକୁ ନେଇ ତାଙ୍କ ସଂସାର।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଥରେ ଜଣେ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା କହିଥିଲେ 'ଯଦି ତୁମ ପାଖରେ କୌଣସି କାର୍ଯ୍ୟ କରିବାର ଦକ୍ଷତା ରହିଛି ତେବେ ତାହା ତୁମେ ମାଗଣାରେ କର ନାହିଁ'। କିନ୍ତୁ କେରଳର ଆଲୁଭାନିବାସୀ ସାଜି ଭାଲାସେରି ଏଥିରେ ଏକମତ ନୁହନ୍ତି। ସେ ଦିନବେଳା ଷ୍ଟିଲ୍ ଫର୍ନିଚର ତିଆରି କରି ପେଟ ପୋଷୁଥିଲେ ବି ତାଙ୍କ ମୂଳ ଲକ୍ଷ୍ୟ ରହିଛି ସୁଇମିଂ ମାଧ୍ୟମରେ ଖୁସି ବାଣ୍ଟିବା। ସେ ଏବେ ସ୍କୁଲ୍ ପିଲା, ବୟସ୍କ ତଥା ଦୃଷ୍ଟିବାଧିତଙ୍କୁ ମାଗଣାରେ ସୁଇମିଂ ପ୍ରଶିକ୍ଷଣ ଦେଉଛନ୍ତି। ୫ ବର୍ଷ ବୟସର ପିଲାଠାରୁ ଆରମ୍ଭ କରି ୬୫ ବର୍ଷର ବୃଦ୍ଧ ପର୍ଯ୍ୟନ୍ତ ସାଜିଙ୍କଠାରୁ ସୁଇମିଂ ଶିଖୁଛନ୍ତି। ଏକ ଦଶନ୍ଧି ହେବ ସେ ଏହି କାର୍ଯ୍ୟ କରିଆସୁଛନ୍ତି। ପ୍ରଥମେ ସାଜି ତାଙ୍କର ଓ ତାଙ୍କ ବନ୍ଧୁଙ୍କର ତିନି ଜଣ ପିଲାଙ୍କୁ ସୁଇମିଂ ଶିଖାଇବା ଆରମ୍ଭ କରିବା ପରେ ଏବେ ସୁଦ୍ଧା ୩୨୦୦ ଲୋକଙ୍କୁ ଏହା ଶିଖାଇ ସାରିଲେଣି। ବୟସ୍କମାନଙ୍କ ପାଇଁ ଡିସେମ୍ବରରୁ ମାର୍ଚ୍ଚ ଓ ପିଲାମାନଙ୍କ ଲାଗି ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ସେ ପ୍ରଶିକ୍ଷଣ ଦେଉଛନ୍ତି। ସୁଇମିଂ ଅଭ୍ୟାସ ଆଲୁଭା ନଦୀରେ ସକାଳ ୬ରୁ ୯.୩୦ ଯାଏ ଚାଲେ। ଅଭ୍ୟାସ ସମୟରେ ସୁରକ୍ଷା ପାଇଁ ସାଜି ଗୋଟିଏ ସେଫ୍ଟି ବୋଟ୍ ଓ ଗୋଟିଏ ଆମ୍ବୁଲାନ୍ସର ବ୍ୟବସ୍ଥା କରିଛନ୍ତି ଯାହା ସବୁବେଳେ ମିଳିଥାଏ। ସାଜିଙ୍କଠାରୁ ସୁଇମିଂ ଶିକ୍ଷା କରିବା ପରେ ମନୋଜ ନାମକ ଜଣେ ଦୃଷ୍ଟିବାଧିତ ବାଳକ କେରଳର ଦୀର୍ଘତମ ନଦୀ ପାର କରିପାରିଛନ୍ତି। ଏହା ସହ ମାଲୁ ସିକା ବି ଭେମ୍ବନାଦ ହ୍ରଦ ପାର କରିବାରେ ପ୍ରଥମ ମହିଳା ହୋଇପାରିଛନ୍ତି।

## ଚିରନ୍ତନୀ

ତୀବ୍ର ଜାଳ ନ ପାରେଁ ସହି
ପରଶି ମନ ଅନ୍ତର
କରୁଣ ତବ କରୁଣା ତହିଁ
ଅରୁଣ ବାରେ ସଞ୍ଚର। (ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୮ ମାର୍ଚ୍ଚ ୧୯୯୫

- ତୁଙ୍ଗଭଦ୍ରା ନଦୀବନ୍ଧରୁ ଜଳ ଛାଡିବା ନେଇ କର୍ନାଟକ ଓ ଆନ୍ଧ୍ରପ୍ରଦେଶମଧ୍ୟରେଥିବାଜଳବଣ୍ଟନବିବାଦରସମାଧାନ।
- ଚାଇନା ସରକାର ନିଜ ଦେଶରେ ରୁଗ୍ଣ ହୋଇ ଯାଉଥିବା ସଂସ୍ଥାଗୁଡିକୁ ବନ୍ଦ କରିଦେବାକୁ ସ୍ଥିର କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ପୋକନ ଇଂଲିଶ ଭେଳିକି

ମହାଶୟ,

ସରକାର କହିଦେଲେ ଏଣିକି ପ୍ରାଥମିକ ବିଦ୍ୟାଳୟରୁ ସ୍ପୋକନ୍ ଇଂଲିଶ ଶିକ୍ଷା ଦିଆଯିବ। କିନ୍ତୁ ବର୍ତ୍ତମାନ ଓଡିଆ ମାଧ୍ୟମ ସ୍କୁଲରେ ଅଧ୍ୟୟନରତ ୬ଷ୍ଠ, ୭ମ ଶ୍ରେଣୀ ପିଲା ଓଡିଆ ବର୍ଣ୍ଣମାଳା ବି ଠିକ୍ ଭାବରେ ଜାଣିନାହାନ୍ତି। ଇଂଲିଶରେ ଏ ଓ ଆନ୍ କେଉଁଠି ବସିବ କହିପାରିବେ ନାହିଁ। ଏପରି ପରିସ୍ଥିତିରେ ସେମାନେ ସ୍ପୋକନ ଇଂଲିଶ ଶିଖିବେ କିପରି ? ପୁଣି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ସ୍ପୋକନ୍ ଇଂଲିଶ ପଢାଇବାକୁ ସମର୍ଥ ତ ? ଗଣଶିକ୍ଷା ବିଭାଗ ଏହା ବିଚାର କରିବା ଉଚିତ। ଓଡ଼ିଆ ପିଲା ଯେମିତି ଇଂଲିଶରେ ଦୁର୍ବଳ, ଇଂଲିଶ ମାଧ୍ୟମ ପିଲା ବି ସେମିତି ଓଡିଆରେ ଦୁର୍ବଳ। ଏ ନେଇ ଉପାୟ କ'ଣ ?

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବିଜ୍ଞାନ ମେଳା

ବିଜ୍ଞାନ ଯୋଗୁ ମାନବ ବଞ୍ଚିପାରୁଛି। ପିଲାମାନଙ୍କୁ ବିଜ୍ଞାନ ସମ୍ବନ୍ଧରେ ସଚେତନ କରିବା, ସେମାନଙ୍କ ମନରେ ବିଜ୍ଞାନ ସମ୍ବନ୍ଧରେ ଶ୍ରଦ୍ଧା ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲରେ ବିଜ୍ଞାନ ମେଳା ଆୟୋଜନ କରାଯାଉଛି। ବର୍ତ୍ତମାନ ପରିସ୍ଥିତିରେ ବିଜ୍ଞାନକୁ ଛାଡି ମଣିଷ କ୍ଷଣେମାତ୍ର ବଞ୍ଚିପାରିବ ନାହିଁ। ରାତି ପାହିଲେ ଆମକୁ ବିଜ୍ଞାନ ଉପରେ ନିର୍ଭର କରିବାକୁ ପଡୁଛି। ବିଜ୍ଞାନ ଯୋଗୁ ମଣିଷ ଚନ୍ଦ୍ର ଓ ମଙ୍ଗଳ ଅଭିଯାନ କରିପାରୁଛି। ତେବେ ବିଜ୍ଞାନ ଯେତେ ଉନ୍ନତି କଲେ ବି ମହାପ୍ରକୃତିର ଗତିପଥକୁ ପ୍ରତିହତ କରିବା ଅସମ୍ଭବ। ବୈଜ୍ଞାନିକ ପ୍ରକୃତିର କୋପ ଆଗରେ ହାର ମାନିବା ନିଶ୍ଚିତ। ତେଣୁ ଆମେ ବିଜ୍ଞାନ ଗବେଷଣା ସହିତ ପ୍ରକୃତି ଓ ପରିବେଶର ସୁରକ୍ଷା ପ୍ରତି ମଧ୍ୟ ଦୃଷ୍ଟି ଦେବା ଉଚିତ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### କୃଷିର ଉନ୍ନତିରେ ବାଧକ ଟଙ୍କିକିଆ ଚାଉଳ

ବର୍ତ୍ତମାନ ସରକାର କୃଷିର ଉନ୍ନତି ଚାହୁଁଛନ୍ତି। କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ଏ ଟଙ୍କିକିଆ ଚାଉଳ ଓ ଗହମ ବନ୍ଦ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ କୃଷିରେ ଉନ୍ନତି ହେବା ଅସମ୍ଭବ। ଟଙ୍କିକିଆ ଚାଉଳ ଲୋକମାନଙ୍କୁ ପଙ୍ଗୁ କରିଦେଇଛି। ଆଗରୁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀ ତା' କ୍ଷେତରେ ଖଟି ସୁନାର ଫସଲ ଆଦାୟ କରୁଥିଲା। ସେ ବେଳ ଆଉ ନାହିଁ। ବିନା ପରିଶ୍ରମରେ ଘରେ ବସି ଚାଉଳ ଗଣ୍ଡାକ ଯଦି ମିଳିଯାଉଛି ତେବେ ସେ ଏତେ ପାଣିକାଦୁଅରେ ଘାଣ୍ଟିହେବ କାହିଁକି। ଯିଏ ମାଗି ଖାଇଲାଣି ସିଏ ଲାଗି ଖାଇବ ନାହିଁ। ଆଜି ଶହ ଶହ ଏକର ଜମି ଗାଁ ଗାଁରେ ପଡିଆ ପଡିଛି। ପ୍ରକୃତରେ ଯଦି ସରକାର କୃଷିର ଉନ୍ନତି ଚାହୁଁଛନ୍ତି ତେବେ ଯଥାଶୀଘ୍ର ଏ ଟଙ୍କିକିଆ ଚାଉଳ, ଗହମ ବନ୍ଦ କରି କୃଷି ଭିତ୍ତିଭୂମି ତିଆରିରେ ମନୋନିବେଶ କରନ୍ତୁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 6 | 1 | C | E | 3 | | | | 0 | 2 | 9 |
| | | | | | 2 | | | | | 7 | | | | |
| | 9 | 4 | | 8 | | | B | | | | D | | | |
| | | | 3 | 5 | | | | | | 6 | | | A | B |
| | 1 | | | 4 | | A | | | | | | | 3 | |
| E | 2 | | 7 | | 4 | B | 0 | | | 3 | | | 5 | |
| | | 9 | | | | 2 | | | A | E | C | | | D |
| 8 | | | | | | 1 | 7 | E | B | | | 3 | | |
| | A | | E | | | | | | | | 5 | 7 | | |
| | | C | | | | | 3 | | 9 | | | 1 | | 2 |
| | | | 4 | D | | | 9 | | | 0 | | | C | |
| | | | | 7 | | | | | | 1 | | 8 | | 3 |
| D | 5 | | A | | | E | | | | | 2 | | | |
| 2 | | 7 | | | B | D | 5 | C | | | | E | 1 | |
| A | 8 | | | 3 | | | | 2 | | | B | | 7 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | C | 4 | 1 | D | 6 | 7 | 8 | A | B | 0 | 3 | 9 | 5 | 2 |
| 7 | 1 | 6 | B | A | 0 | D | 2 | 5 | 9 | E | 8 | 3 | 4 | C |
| D | B | 9 | E | 2 | 8 | C | 3 | 0 | 7 | 4 | 5 | 6 | 1 | A |
| 8 | 2 | 5 | 4 | 3 | 7 | 9 | 1 | B | C | 6 | A | 0 | D | E |
| A | 0 | 3 | 9 | 5 | C | 4 | E | 6 | D | 2 | 1 | 7 | B | 8 |
| 2 | E | 8 | C | B | 5 | A | D | 3 | 0 | 7 | 6 | 1 | 9 | 4 |
| C | 6 | A | 7 | 8 | 1 | 0 | 9 | 4 | 5 | D | 2 | B | E | 3 |
| 9 | 3 | D | 6 | 4 | 2 | 1 | C | 7 | A | B | E | 5 | 8 | 0 |
| B | 4 | 7 | 0 | E | 3 | 5 | 6 | 2 | 8 | 1 | 9 | A | C | D |
| 1 | 5 | 0 | A | 9 | D | 8 | B | E | 3 | C | 4 | 2 | 7 | 6 |
| 3 | A | 2 | D | C | 4 | 6 | 5 | 8 | 1 | 9 | B | E | 0 | 7 |
| 5 | 9 | C | 2 | 7 | E | 3 | 0 | 1 | 6 | 8 | D | 4 | A | B |
| 4 | D | B | 5 | 6 | 9 | E | 7 | C | 2 | A | 0 | 8 | 3 | 1 |
| 0 | 7 | E | 8 | 1 | B | 2 | A | 9 | 4 | 3 | C | D | 6 | 5 |
| 6 | 8 | 1 | 3 | 0 | A | B | 4 | D | E | 5 | 7 | C | 2 | 9 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳିତ

**ତିର୍ତ୍ତୋଲ, ୭।୩ (ଡି.ଏନ୍.ଏ.):** ତିର୍ତ୍ତୋଲ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳିତ ହୋଇଯାଇଛି। ଜିଲା କୁଟୀର ଶିଳ୍ପ ଅଧିକାରୀ ଜଗମୋହନ ପତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ଶିଳ୍ପ ବିକାଶ ଅଧିକାରୀ ଅଜିତ ପ୍ରସାଦ ଭୋଇ, ଓପିଏଡିସିର ନିର୍ଦ୍ଦେଶକ ରବୀନ୍ଦ୍ରନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୁବପିଢି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାଧ୍ୟମରେ ସାବଲମ୍ବୀ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିସହ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଯୁବବର୍ଗଙ୍କୁ ସଚେତନ କରାଯାଇଥିଲା।

### କରୋନା ସମ୍ପର୍କିତ ସଚେତନତା ଶୋଭାଯାତ୍ରା

**କୁଜଙ୍ଗ, ୭।୩ (ଡି.ଏନ୍.ଏ.):** ବର୍ତ୍ତମାନ କରୋନା ଭୂତାଣୁ ସମଗ୍ର ବିଶ୍ୱ ପାଇଁ ଆତଙ୍କର କାରଣ ପାଲଟିଥିବା ବେଳେ, ଏହାର ମୁକାବିଲା ପାଇଁ କୁଜଙ୍ଗ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଶନିବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ତନୁପ୍ରଭା ବେଉରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରା କୁଜଙ୍ଗ ବଜାର ପରିକ୍ରମା କରିଥିଲା। ଏହି ଅବସରରେ ଲୋକମାନଙ୍କୁ କରୋନା ଭୂତାଣୁ ପ୍ରଭାବରୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ପରିଦର୍ଶିକା ଜୟନ୍ତୀ ବେହେରା, କଳ୍ପନା ବାରିକ, ଜ୍ୟୋତି ମହାସଂଘର ସରୋଜିନୀ ମିଶ୍ର, ମନୋରମା ମହାପାତ୍ର ଓ ମିନର୍ଭା ସ୍ୱାଇଁ, ବନଲତା ଦାସ, ନିବେଦିତା ପରିଜା ଓ ସହାୟିକା କାଞ୍ଚନ ବାଳା ମହାରଣା ପ୍ରମୁଖ ସାମିଲ ଥିଲେ।

### ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ

**ପାରାଦୀପ, ୭।୩ (ସ୍ୱ.ପ୍ର.)** ସ୍ଥାନୀୟ ବଡ଼ପଡ଼ିଆସ୍ଥିତ ଏକ ୟୁନିୟନ୍ ପରିସରରେ ଶନିବାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ଉଦ୍ୟୋଗୀ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଶତାଧିକ ତାଲିମପ୍ରାପ୍ତ ଶିଳ୍ପୋଦ୍ୟୋଗୀଙ୍କୁ ଶିଳ୍ପ ସମ୍ବନ୍ଧୀୟ ନିୟମ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। କିପରି କୁଟୀର ଶିଳ୍ପ ଦ୍ୱାରା ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କୁ ନିଯୁକ୍ତି ଦେଇପାରିବେ ସେ ସମ୍ପର୍କରେ କୁହାଯାଇଥିଲା। ହସ୍ତଶିଳ୍ପ, କାଠଶିଳ୍ପ, ନିର୍ମାଣ ସାମଗ୍ରୀ ଓ ମହିଳାଙ୍କ ପାଇଁ ଅନେକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସନ୍ତୋଷ ମିଶ୍ର, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଶିଳ୍ପ ବିକାଶ ଅଧିକାରୀ ହୃଷୀକେଶ ବେହେରା, ଶ୍ରମିକ ନେତା ଅନନ୍ତ ଦାସ ବକ୍ତବ୍ୟ ରଖିଥିଲେ।

**ଅନ୍ତର୍ଜାତୀୟ ମହିଳା ଦିବସ**

# ଯଶୋଦା ରୂପରେ ସସ୍ମିତା

**ପାରାଦୀପ, ୭।୩ (ସ୍ୱ.ପ୍ର.)**

ମା', ଏକ ପରିପୂର୍ଣ୍ଣ ଶବ୍ଦ। କୁହାଯାଏ ମାଟିରୁ ଆକାଶ ଯାଏ ଯିଏ ପରିବ୍ୟାପ୍ତ ସେ ହେଉଛି ମା'। ତା' ପାଖରେ ନ ଥାଏ କିଛି ବାଛବିଚାର। ମା'ର ପ୍ରଶସ୍ତ ପଣତରେ ସମସ୍ତଙ୍କ ପାଇଁ ପ୍ରଚୁର ସ୍ଥାନ। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ପାରାଦୀପ ଲକ୍ ଥାନା ଅଧୀନ ନୂଆଗଡ଼ ପଞ୍ଚାୟତ ହାଣ୍ଡିଆ ଗ୍ରାମର ସସ୍ମିତା। ନିଜ କଲେଜ ପଢୁଆ ଝିଅର ମୃତ୍ୟୁ ପରେ ପାଗଳପ୍ରାୟ ହୋଇଯାଇଥିବା ସସ୍ମିତା ଦୁଇ ଅନାଥ ଝିଅକୁ ଆଦରି ଅଜାଡ଼ି ଦେଇଛନ୍ତି ସବୁତକ ବାତ୍ସଲ୍ୟ ମମତା। ଗୋଟିଏ ପଟେ ଅନାଥ ଝିଅଙ୍କୁ ମା'ବାପାଙ୍କ ସ୍ନେହ ମିଳିଯାଇଥିବା ବେଳେ ଅନ୍ୟପଟେ ସସ୍ମିତା ଏବଂ ତାଙ୍କ ସ୍ୱାମୀ ସମ୍ପଦ ଝିଅ ମୃତ୍ୟୁର ଦୁଃଖକୁ ପାସୋରି ଦେଇଛନ୍ତି। ସସ୍ମିତାଙ୍କ ଅନାବିଳ ପ୍ରେମ ଓ ସ୍ନେହ ଆଜି ସମାଜକୁ ଏକ ନୂତନ ବାର୍ତ୍ତା ଦେଇଛି।

ଏକ ଦମ୍ପତି ନିଜର ଏକମାତ୍ର କଲେଜ ପଢୁଆ ଝିଅକୁ ହରାଇ ଥିବା ବେଳେ ଆଉ ଗୋଟିଏ ପରିବାରର ୨ ଝିଅ ମା'ବାପାଙ୍କୁ ହରାଇ ନିର୍ବାକ ହୋଇପଡ଼ିଥିଲେ। କାକତାଳିକ ଭାବେ ମା'ବାପା ଛେଉଣ୍ଡ ସେହି ଦୁଇ ଝିଅଙ୍କୁ ଆପଣେଇ ନେଇଛନ୍ତି କଲେଜ ପଢୁଆ ଝିଅକୁ ହରାଇଥିବା ସସ୍ମିତା ଓ ସମ୍ପଦ। ଗୋଟିଏ ପଟେ ଦୁଇ ଝିଅଙ୍କୁ ମା'ବାପାଙ୍କ ଭଳି ସ୍ନେହ, ଆଦର କରୁଥିବା ମା'ବାପା ମିଳିଥିବା ବେଳେ ଏମାନଙ୍କୁ ମନରୁ ଝିଅକୁ ହରେଇବାର ଦୁଃଖ ଅନେକ ମାତ୍ରାରେ ଲିଭିଯାଇଛି। କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ଦୁଇ ପରିବାରର ଏହି କାହାଣୀ ଏବେ ଅନେକଙ୍କ ପାଇଁ ଉଦାହରଣ ପାଲଟିଛି।

ସସ୍ମିତାଙ୍କ ଏକମାତ୍ର ଝିଅ ସରିତା (୧୬) କେନ୍ଦ୍ରାପଡ଼ା ସହରର ଏକ ଘରୋଇ କଲେଜରେ ଯୁକ୍ତ ୨ ବିଜ୍ଞାନ ପଢୁଥିଲେ। ୨୦୧୯ ଜୁଲାଇ ୨ ରେ ତାଙ୍କର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଥିଲା। ଏ ନେଇ ସମ୍ପଦ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିବା ସହ ଲକ୍ ଥାନାଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଯାଇଥିଲେ। ଦୁଇଥର ଜାତୀୟ ରାଜପଥ ମଧ୍ୟ ଅବରୋଧ କରାଯାଇଥିଲା। କଲେଜ କର୍ତ୍ତୃପକ୍ଷ ତାଙ୍କ ଝିଅକୁ ନିର୍ଯାତନା ଦେବାରୁ ସେ ଆତ୍ମହତ୍ୟା କରିଥିଲେ ବୋଲି ଅଭିଭାବକ ସମ୍ପଦ ଅଭିଯୋଗ କରିଥିଲେ। ସମ୍ପ୍ରତି ଉକ୍ତ ମାମଲା କୋର୍ଟରେ ବିଚାରାଧୀନ ଅଛି। ଅନ୍ୟ ପ୍ରସଙ୍ଗ ହେଲା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ମଙ୍ଗଳପୁର ଗ୍ରାମର ସ୍ୱର୍ଗତ ଦୀନବନ୍ଧୁ ନାୟକ ଓ ତାଙ୍କ ପତ୍ନୀ ଗୀତାଞ୍ଜଳିଙ୍କର। ସେମାନଙ୍କର ଦୁଇ ଝିଅ ଶ୍ରେୟାଶ୍ରୀ (୨୩) ଓ ରଶ୍ମିରେଖା (୧୯)। ୨୦୧୯ ଜୁନ୍ ୧୦ରେ ହଠାତ୍ ଦୀନବନ୍ଧୁଙ୍କର ବ୍ରେନ୍ ଷ୍ଟ୍ରୋକ୍‌ରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମା' ଓ ଦୁଇ ଝିଅ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଏହାପରେ ୨୦୧୯ ଡିସେମ୍ବର ୪ରେ ଗୀତାଞ୍ଜଳିଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ମା'ବାପାଙ୍କ ଦେହାନ୍ତ ପରେ ଦୁଇ ଭଉଣୀ ଏକା ହୋଇଯାଇଥିଲେ। ଏହି ସମ୍ପର୍କରେ ସସ୍ମିତା ଓ ସମ୍ପଦ ଖବର ପାଇବା ପରେ ସେହି ଦୁଇ ଝିଅଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଝିଅ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଲେ। ଏମିତି ବୁଝାମଣା ଭିତ୍ତିରେ ରଶ୍ମିରେଖା ଓ ଶ୍ରେୟାଶ୍ରୀ ଏବେ ସସ୍ମିତାଙ୍କ ପରିବାରରେ ସାମିଲ ହୋଇଯାଇଛନ୍ତି। ଦୁଇ ଝିଅ ସସ୍ମିତା ଓ ସମ୍ପଦଙ୍କ ରୂପରେ ଦ୍ୱିତୀୟ ମା'ବାପା ପାଇଥିବା ବେଳେ ସେମାନଙ୍କୁ ଭଗବାନ ଗୋଟିଏ ଝିଅ ବଦଳରେ ଦୁଇଟି ଝିଅ ଦେଇଛନ୍ତି। ପୂର୍ବଭଳି ଏବେ ବି ଦୁଇ ଝିଅ ପାଠ ପଢୁଛନ୍ତି। ଏପରିକି ତାଙ୍କର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ଅନୁସାରେ ପାଠପଢ଼ା ଓ ବିବାହ କରାଇବେ ବୋଲି ସସ୍ମିତା ଓ ସମ୍ପଦ କହିଛନ୍ତି। ଶ୍ରେୟାଶ୍ରୀଙ୍କ ମତରେ ଆମେ ମା'ବାପାଙ୍କୁ ହରାଇଥିଲୁ। ଏବେ ଭଗବାନ ଆମକୁ ନୂଆ ମା'ବାପା ଦେଇଛନ୍ତି। ଏ ନେଇ ହାଣ୍ଡିଆ ଓ ମଙ୍ଗଳପୁର ଗ୍ରାମବାସୀ ଶ୍ରେୟାଶ୍ରୀ-ରଶ୍ମିରେଖା ଓ ସସ୍ମିତା-ସମ୍ପଦଙ୍କୁ ସାବାସି ଜଣାଇଛନ୍ତି। ଏବେ ବି ଅନେକ ସମୟରେ ଝିଅମାନେ ନିର୍ଯାତନାର ଶିକାର ହେଉଥିବା ବେଳେ ସସ୍ମିତା ଓ ସମ୍ପଦ ଶ୍ରେୟାଶ୍ରୀ, ରଶ୍ମିରେଖାଙ୍କୁ ଝିଅ ଭାବେ ଗ୍ରହଣ କରିବା ସମାଜକୁ ଏକ ଭିନ୍ନ ବାର୍ତ୍ତା ଦେଇଛି।


ପାଳିତ ମା-ବାପାଙ୍କ ସହ ଶ୍ରେୟାଶ୍ରୀ।

**ଦୁଇ ଅଜଣା ପରିବାରର ନିଆରା କାହାଣୀ**

## ୧୫ ମହିଳାଙ୍କୁ ସମ୍ବର୍ଦ୍ଧନା

**ବାଲିକୁଦା, ୭।୩ (ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ଓଟିନ୍ଦାଠାରେ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଜ୍ଞାନ ଯଜ୍ଞ କମିଟି ପକ୍ଷରୁ ସ୍ଥାନୀୟ ଅଞ୍ଚଳର ୧୫ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ନିଜର କୃତିତ୍ୱ ଓ ଅନୁଷ୍ଠାନ ପ୍ରତି ସମର୍ପିତ ଭାବ ପାଇଁ ଅସିଲୋ, ସିଙ୍ଗିଟାଳିଆ, ସୁକିନ୍ଦା, ମାଛଗାଁ, ଓଟିନ୍ଦା, ଏରକଣା ଓ ଫୁଲହାର ଆଦି ଗ୍ରାମର ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କମିଟି ଉପଦେଷ୍ଟା ଅରୁଣ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଲିକୁଦା ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ ମୁଖ୍ୟଅତିଥି, ରବିନାରାୟଣ ହୋତା ମୁଖ୍ୟବକ୍ତା ଓ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ସନ୍ତୋଷ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମହିଳା ମାନଙ୍କୁ ଯଥେଷ୍ଟ ସମ୍ମାନ ଦେବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ କଠଉ ଯାତ୍ରା କରାଯାଇଥିଲା। ଏଥିରେ କମିଟିର ଅନ୍ୟତମ ଉପଦେଷ୍ଟା ସନ୍ତୋଷ ସ୍ୱାଇଁ, ଉଲ୍ଲାସ ବିଶ୍ୱାଳ, ଜ୍ଞାନରଞ୍ଜନ ସ୍ୱାଇଁ, ସପନି ବେହେରା, ଗୋବିନ୍ଦ ବିଶ୍ୱାଳ, ନିତ୍ୟାନନ୍ଦ ପାଳ, ଆଲୋକ ପରିଡା, ଲୋକନାଥ ମଲ୍ଲିକ, ପ୍ରଭାତ ସ୍ୱାଇଁ, ପୁତୁଲ ଦାସ, ସୁରେନ୍ଦ୍ର ମହାନ୍ତି, ଅଲୋକ ପରିଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଏଜେଣ୍ଟଙ୍କ ମନମାନି, ବିଇଓଙ୍କୁ ଦେଉନାହାନ୍ତି ତଥ୍ୟ

**ରଘୁନାଥପୁର, ୭।୩ (ଡି.ଏନ.ଏ.)**

**ଉଧାର ଚାଉଳରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଘଟଣା**

ରଘୁନାଥପୁର ବ୍ଲକ ଅଧୀନ ଅଧିକାଂଶ ସ୍କୁଲରେ ଉଧାର ଚାଉଳରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହେଉଛି। ସରକାରଙ୍କ ପକ୍ଷରୁ ଚାଉଳ ଯୋଗାଣ ପାଇଁ ଦାୟିତ୍ୱରେ ଥିବା ଏଜେଣ୍ଟଙ୍କ ମନମାନି ସମ୍ପର୍କରେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏବିଇଓ ନିରଞ୍ଜନ ଦାସ ଅଭିଯୋଗ ବାଢ଼ିଛନ୍ତି। କେଉଁ ସ୍କୁଲକୁ କେତେ ପରିମାଣରେ ଚାଉଳ ଦିଆଯାଇଛି ସେ ସମ୍ପର୍କରେ ମଧ୍ୟ ତଥ୍ୟ ଏଜେଣ୍ଟ ଦେଉନାହାନ୍ତି। ଏପରି କି ସମ୍ପୃକ୍ତ ଏଜେଣ୍ଟ ସହଯୋଗ କରୁ ନ ଥିବାବେଳେ ସେ ଫୋନ ଧରୁ ନ ଥିବା ଏବିଇଓ ଦାସ କହିଛନ୍ତି। ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଅଭିଯୋଗକ୍ରମେ ଏ ସମ୍ପର୍କରେ ସେ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଳ୍ପ ସଂଖ୍ୟକ ପିଲା ଥିବା ସ୍କୁଲରେ କୌଣସି ପ୍ରକାର ଧାର ଉଧାରରେ ଚାଉଳ ଆଣି କାମ ତୁଲାଇ ଦିଆଯାଉଛି। ହେଲେ ଅଧିକ ସଂଖ୍ୟକ ପିଲା ଥିବା ସ୍କୁଲର ପ୍ରଧାନ ଶିକ୍ଷକମାନେ ଅସୁବିଧାର ସମ୍ମୁଖୀନ ହେଉଥିବାର ପ୍ରକାଶ କରିଛନ୍ତି। ମଝିରେ ମଝିରେ ଏଜେଣ୍ଟ ହଠାତ୍ ସ୍କୁଲରେ ପହଞ୍ଚି ଆବଶ୍ୟକତାଠାରୁ କମ୍ ଚାଉଳ ଦେଇ ଯାଉଛନ୍ତି। ହେଲେ ଏଜେଣ୍ଟ ଉଧାରରେ ଆସିଥିବା ଚାଉଳ ପରିଶୋଧ ପାଇଁ ବ୍ୟବସ୍ଥା କରୁନାହାନ୍ତି। ପ୍ୟାକେଟରେ ଚାଉଳ କମ୍ ରହୁଛି। ଏହାକୁ ଓଜନ କରି ଦେଖାଉଥିଲେ ମଧ୍ୟ ଇଚ୍ଛା ହେଲେ ରଖ ନ ହେଲେ ନେଇଯାଉଛୁ କହିବାକୁ ପଛାଉନାହାନ୍ତି ବୋଲି ବହୁ ସ୍କୁଲର ପ୍ରଧାନ ଶିକ୍ଷକ ଓ କ୍ଲଷ୍ଟର ସିଆରସିସିମାନେ ଅଭିଯୋଗ କରିଛନ୍ତି। ଚାଉଳ କିଣା ହୋଇ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ପାଇଁ ନିୟମ ନ ଥିଲା ବେଳେ ଅଖା କିମ୍ବା ବ୍ୟାଗ୍ ଧରି ଗାଁ ଗଣ୍ଡାରୁ ଶିକ୍ଷକମାନେ ଚାଉଳ ଉଧାର କରି ଆଣୁଥିବା ଦୃଶ୍ୟ ସରକାରଙ୍କ ପାରିବା ପଣିଆକୁ ପଦାରେ ପକାଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରିଣୀ ରାଜ୍ୟଶ୍ରୀ ସାହୁଙ୍କୁ ପଚାରିବାରେ ଏଜେଣ୍ଟ କୌଣସି ତଥ୍ୟ ପ୍ରଦାନ ନ କରିବା ଏବଂ ମନମୁଖି କାର୍ଯ୍ୟକୁ ଦାୟୀ କରିଛନ୍ତି। ତେବେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନରେ ଯେପରି ଅବହେଳା ନ ହୁଏ ସେଥିପ୍ରତି ସମସ୍ତ ପ୍ରଧାନ ଶିକ୍ଷକମାନେ ଯତ୍ନବାନ ଥିବା ପ୍ରକାଶ କରିଛନ୍ତି। ଶନିବାର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କିତ ଚିଠି ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ତେବେ ବୁଧବାର ସୁଦ୍ଧା ବିଭିନ୍ନ ସ୍କୁଲରେ ଚାଉଳ ପହଞ୍ଚିଯିବ ବୋଲି ଡିଇଓଙ୍କ ଅଫିସ ପକ୍ଷରୁ ମଧ୍ୟାହ୍ନଭୋଜନ ଚାଉଳ ତଦାରଖ କରୁଥିବା କର୍ମଚାରୀ ରଞ୍ଜନ ପଣ୍ଡା କହିଛନ୍ତି।

## ବିଭିନ୍ନ ସ୍କୁଲରେ କରୋନା ସମ୍ପର୍କିତ ସଚେତନତା

**ବାଲିକୁଦା, ୭।୩ (ସ୍ୱ.ପ୍ର.)**

ବାଲିକୁଦା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶନିବାର କରୋନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେମିକାଲ ରଙ୍ଗଠାରୁ ଦୂରେଇ ରହି ହୋଲି ପାଳିବାକୁ ମାଛଗାଁ ପଞ୍ଚାୟତ ସିଙ୍ଗିଟାଳିଆ ଉ.ପ୍ରା. ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରଧାନଶିକ୍ଷକ ସତୋଜକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକମରେ ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ମିଶ୍ର, ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ମିଶ୍ର, ପ୍ରତିମା ରଥ, ସହକାରୀ ଶିକ୍ଷକ ନିରନ ବାରିକ ପ୍ରମୁଖ ଉପସ୍ଥିତ ରହି ଏହି ରୋଗର କାରଣ ଓ ଲକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ନହରଣା ଉ.ପ୍ରା. ବିଦ୍ୟାଳୟରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପିଲାମାନଙ୍କୁ ସଚେତନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ ରାଉତ, ବରିଷ୍ଠ ଶିକ୍ଷକ କ୍ଷେତ୍ରମୋହନ ମୁଦୁଲି, ନମିତା ଓଝା, କବିତା ବିଶ୍ୱାଳ, କନିଷ୍ଠ ଶିକ୍ଷୟିତ୍ରୀ ପ୍ରୟଦର୍ଶିନୀ ସେଠୀ, ସ୍ମିତାଳି ମହାନ୍ତି, ସିଆରସିସି ନୃସିଂହ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କ୍ଷତିପୂରଣ ଦାବି: ମୃତଦେହ ରଖି ରାସ୍ତା ଅବରୋଧ


ପିପ୍ପଳରୋଡଠାରେ ପିପ୍ପଳ ଗ୍ରାମବାସୀ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

**ପାରାଦୀପ, ୭।୩ (ସ୍ୱ.ପ୍ର.)**

ପାରାଦୀପ ଲକ୍ ଥାନା ଅଧୀନ କଟକ-ପାରାଦୀପ ରାଜ୍ୟ ରାଜପଥର ପିପ୍ପଳଗଡାଠାରେ ଶନିବାର ଅପରାହ୍ନରେ ଗ୍ରାମବାସୀ ସେହି ଗ୍ରାମର ସତ୍ୟବ୍ରତ ନାୟକଙ୍କ ମୃତଦେହ ରଖି ଧାରଣା ଦେବା ସହ ରାସ୍ତାରୋକୋ କରିଥିଲେ। ସନ୍ଧ୍ୟାରେ ବର୍ଷା ହେବାରୁ ଗ୍ରାମବାସୀ ଧାରଣାରୁ ଉଠିଯାଇଥିଲେ। ମିଳିଥିବା ସୂଚନା ଅନୁସାରେ, ପିପ୍ପଳ ଗ୍ରାମର ସତ୍ୟବ୍ରତ ନାୟକ ଗତ ୫ ତାରିଖ ସନ୍ଧ୍ୟାରେ ଆର୍ସେଲର ମିତ୍ତଲ କାରଖାନାରୁ ଡ୍ୟୁଟି ସାରି ଫେରିବା ବେଳେ ଦୁର୍ଘଟଣାରେ ଆହତ ହୋଇଥିଲେ। ତାଙ୍କୁ କଟକରେ ଚିକିତ୍ସା କରାଯାଉଥିବା ବେଳେ ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଅପରାହ୍ନରେ ଗାଁକୁ ଆସିବା ବେଳେ ପିପ୍ପଳ ଗ୍ରାମବାସୀ ମୁଖ୍ୟରାସ୍ତାରେ ଧାରଣା ଦେଇଥିଲେ। ସମ୍ପୃକ୍ତ କମ୍ପାନୀରେ ତାଙ୍କ ପରିବାରରେ ଜଣଙ୍କୁ ଚାକିରି, ମୃତ୍ୟୁକାଳୀନ କ୍ଷତିପୂରଣ ଦାବିରେ ଧାରଣା, ରାସ୍ତାରୋକୋ କରାଯାଇଥିଲା। ଖବରପାଇ ଲକ୍‌ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ ହେଁ ଧାରଣାକାରୀ ହଟି ନ ଥିଲେ। ସନ୍ଧ୍ୟାରେ ମୂଷଳ ଧାରାରେ ବର୍ଷା ହେବାରୁ ଗ୍ରାମବାସୀ ଧାରଣାରୁ ଉଠି ଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଭାସ ରଞ୍ଜନ ସାହୁ କୁହନ୍ତି, ଦୁର୍ଘଟଣା କିମ୍ବା ଶନିବାର ଧାରଣା ପ୍ରସଙ୍ଗରେ ପୂର୍ବରୁ କେହି ଥାନାକୁ ଅବଗତ କରାଇ ନ ଥିଲେ। ଯେଉଁମାନେ ରାସ୍ତା ଅବରୋଧ କରିଥିଲେ ସେମାନଙ୍କ ନାଁରେ କେସ୍ ହେବ ବୋଲି ଥାନାଧିକାରୀ ସାହୁ କହିଛନ୍ତି।

# କରୋନା ସମ୍ପର୍କରେ ସ୍ୱଚ୍ଛ ସାଥୀଙ୍କୁ ସଚେତନତା

**ପାରାଦୀପ, ୭।୩ (ସ୍ୱ.ପ୍ର.)**

ସମ୍ପ୍ରତି ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ ସମ୍ପର୍କରେ ଶନିବାର ପୌର ପ୍ରଶାସନ ପକ୍ଷରୁ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀଙ୍କୁ ଏ ସମ୍ପର୍କରେ କୁହାଯାଇଥିଲା। ସଫେଇ ସମୟରେ କିପରି ନିଜକୁ ସଫା ରଖିବେ, ପୌରାଞ୍ଚଳର ଲୋକଙ୍କୁ କିପରି ଅବଗତ କରାଇବେ ସେ ସବୁ ଉପରେ ସ୍ୱଚ୍ଛ ସାଥୀମାନେ ତଦାରଖ କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପି.ସି. ସାମଲ, ସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିଲେ।

# ଚାଷଜମିରେ ଧାରଣା ଦେଲେ ଚାଷୀ


ଚାଷ ଜମିରେ କ୍ଷତିଗ୍ରସ୍ତ ଚାଷୀମାନେ ଧାରଣାରେ ବସିଛନ୍ତି।

**କୁଜଙ୍ଗ,୭।୩ (ଡି.ଏନ୍.ଏ.)**

ଇଣ୍ଡିଆନ ଅଏଲର ପାରାଦୀପ-ହାଇଦ୍ରାବାଦ ପାଇପ ଲାଇନ କାର୍ଯ୍ୟକୁ ବିରୋଧ କରି କ୍ଷତିଗ୍ରସ୍ତ ଚାଷୀମାନେ ଶନିବାର ପାଇପ ଲାଇନ ଯିବାକୁ ଥିବା ଚାଷ ଜମିରେ ପ୍ରତୀକ ଧାରଣା ଦେବାସହ ସେଠାରେ ସ୍ଥାୟୀଭାବେ ଧାରଣା ଦେବା ପାଇଁ ଶିବିର ନିର୍ମାଣ କରିଛନ୍ତି। ପାରାଦୀପ-ହାଇଦ୍ରାବାଦ ପାଇପ୍ ଲାଇନ କୁଜଙ୍ଗ ଥାନା ଅଧୀନ ବାଲିତୁଠ, ବଡ଼ବୁଦା, ବିଜିପୁର, ଆଲିଗଡ଼ ଏବଂ ଗଡ଼କୁଜଙ୍ଗ ଗ୍ରାମର ଚାଷଜମି ଦେଇଯାଉଛି। ଏଥିଯୋଗୁ ୧୦୬ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ତେବେ କ୍ଷତିଗ୍ରସ୍ତ ଚାଷୀ ଉପଯୁକ୍ତ କ୍ଷତିପୂରଣ ଦାବି କରି ଦୀର୍ଘ ୮ ମାସ ହେଲା ଆନ୍ଦୋଳନ କରିଆସୁଛନ୍ତି। ତେବେ ଗତ ୪ତାରିଖରେ ପୋଲିସ ସହାୟତାରେ ଜୋରଜବରଦସ୍ତ ପାଇପଲାଇନ କାର୍ଯ୍ୟ କରାଯିବା ବେଳେ ଚାଷୀମାନେ ଏହାର ବିରୋଧ କରିବାରୁ ତାହା ବନ୍ଦ କରାଯାଇଥିଲା। ଦୁଇଦିନ ମଧ୍ୟରେ ଏହାର ସମାଧାନ ହେବାର ଥିଲେ ବି ତାହା ନ ହେବାରୁ ଚାଷୀମାନେ ଶନିବାର ପୁନର୍ବାର ଆନ୍ଦୋଳନ ଆରମ୍ଭ କରିଛନ୍ତି। ଚାଷୀମାନେ ପ୍ରଥମେ ବାଲିତୁଠ ପଞ୍ଚାୟତ କାର୍ଯ୍ୟାଳୟରେ ବେଆଇନ ଭାବେ ପୋଲିସ କର୍ମଚାରୀ ରହିବାକୁ ବିରୋଧ କରି ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ ପୋଲିସ ଫୋର୍ସକୁ ହଟାଇବା ପାଇଁ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଦାବି କରିଥିଲେ। ଏହାପରେ ପାଇପ୍ ଲାଇନ କାର୍ଯ୍ୟ ହେବାକୁ ଥିବା ଗଡ଼କୁଜଙ୍ଗର ଚାଷ ଜମିରେ ଚାଷୀମାନେ ଧାରଣା ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କ୍ଷତିଗ୍ରସ୍ତ ଚାଷୀ ନେତା ଇଂ. ମାନସ ରଞ୍ଜନ କର, ପୂର୍ବତନ ସରପଞ୍ଚ ବିଭୁରଞ୍ଜନ ସାମନ୍ତରାୟ, ଅଖିଳ ବଲ୍ଲଭ ସ୍ୱାଇଁ, ସଚ୍ଚି ପଣ୍ଡା, ମହେନ୍ଦ୍ର ଜେନା ପ୍ରମୁଖ କହିଛନ୍ତି। ତେବେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ମିନି ମଲିକ କୁହନ୍ତି, ପଞ୍ଚାୟତ କାର୍ଯ୍ୟାଳୟରେ ପୋଲିସ ଫୋର୍ସ ରଖିବା ପାଇଁ କୁଜଙ୍ଗ ଥାନା ଆଇଆଇସି ଦିଲୀପ ସାହୁ କହିବା ପରେ ଏ ନେଇ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ପଚରା ଯାଇଥିଲା। ତେବେ ସେ ଏ ନେଇ ମୌଖିକ ଭାବେ ସମ୍ମତି ପ୍ରଦାନ କରିବାରୁ ପୋଲିସ ଫୋର୍ସକୁ ପଞ୍ଚାୟତ କାର୍ଯ୍ୟାଳୟରେ ରଖାଯାଇଛି ବୋଲି କହିଛନ୍ତି।

# ରାସ୍ତା ମରାମତି କଲେ ଗ୍ରାମବାସୀ

**ନାଉଗାଁ, ୭।୩ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଧୀନ ତୁରୁଣ ପଞ୍ଚାୟତ ନରଣପୁର ଗ୍ରାମଦେଇ ଯାଇଥିବା ରାସ୍ତା ମରାମତି ଅଭାବରୁ ଖାଲଖମାରେ ଭର୍ତ୍ତି ହୋଇଛି। ଦୀର୍ଘଦିନ ତଳେ ରାସ୍ତାଟି କଂକ୍ରିଟ୍ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାର ମରାମତି କରା ନ ଯିବା ଯୋଗୁ ରାସ୍ତାର ସ୍ଥାନେ ସ୍ଥାନେ ବିରାଟ ଖାଲ ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ନରଣପୁର ଗ୍ରାମବାସୀ ଶନିବାର ରାସ୍ତାରେ ହୋଇଥିବା ଖାଲଗୁଡ଼ିକୁ ଭଙ୍ଗା ଇଟା ଓ ବାଲି ପକାଇ ମରାମତି କରିଛନ୍ତି। ଉକ୍ତ ରାସ୍ତାର ଗୋଟିଏ ପାର୍ଶ୍ୱ ନାଉଗାଁ-ଗାରୋଇ ପୂର୍ତ୍ତ ବିଭାଗ ରାସ୍ତା ନରଣପୁରକୁ ସଂଯୋଗ କରୁଥିବା ବେଳେ ଅନ୍ୟ ପାର୍ଶ୍ୱଟି ନାଉଗାଁ-ଡାବର ଗ୍ରାମ୍ୟ ଉନ୍ନୟନ ରାସ୍ତା ଗୋଠଦା ଗ୍ରାମକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ତିରୁଣା ପଞ୍ଚାୟତର ନରଣପୁର ଓ ନାଉଗାଁ ପଞ୍ଚାୟତର ଇଚ୍ଛାପୁର ଗ୍ରାମ ସମେତ ନିକଟସ୍ଥ କୁରିକି, ତେଣ୍ଟୋଇ, ଉର ଆଦି ଗ୍ରାମର ଲୋକେ ବ୍ଲକ କାର୍ଯ୍ୟାଳୟ, ତହସିଲ, ସ୍ୱାସ୍ଥ୍ୟକେନ୍ଦ୍ର ଓ ନାଉଗାଁ ବଜାରକୁ ଯାଇଥାନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ନ ଦେବା ଯୋଗୁ ଗାଁ ପିଲାମାନେ ମିଶି ଶନିବାର ରାସ୍ତାରେ ଭଙ୍ଗା ଇଟା, ବାଲି ଆଦି ପକାଇ ରାସ୍ତା ନିର୍ମାଣ କରିଛନ୍ତି। ତେବେ ପିଲାମାନେ ମରାମତି କରିଥିବା ଏହି ରାସ୍ତା ଧୋଇଯିବାର ସମ୍ଭାବନା ଥିବାରୁ ରାସ୍ତାକୁ ପୁଣି କଂକ୍ରିଟ କରିବାକୁ ଗ୍ରାମର ପବନି ରାୟ, ରିଙ୍କୁ ରାୟ, ପପୁ କାନୁନ୍‌ଗୋ, ଶୁକଦେବ ରାୟ ପ୍ରମୁଖ ଦାବି କରିଛନ୍ତି।

**ପ୍ରବେଶିକା ୨୦୨୦**
**ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଉଡ଼ାଣ ଏକାଡେମୀ**
ଫୁରସତଗଞ୍ଜ ଏୟାରଫିଲ୍ଡ, ଜିଲ୍ଲା ଆମେଠି (ଉ.ପ୍ର.)-୨୨୯୩୦୨
(ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ନିକାୟ)
ଆଇଏସଓ ୯୦୦୧-୨୦୦୮ ପ୍ରମାଣିତ
"ସ୍ୱପ୍ନକୁ ଡେଣା ଯୋଗାଣ"
ଭାରତର ଶ୍ରେଷ୍ଠ ଉଡାଣ ପ୍ରଶିକ୍ଷଣ ଅନୁଷ୍ଠାନରେ ଯୋଗ ଦିଅନ୍ତୁ
ଅଭ୍ୟାସେନ ଦକ୍ଷଃ

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଉଡ଼ାଣ ଏକାଡେମୀ (ଆଇଜିଆର୍‌ୟୁଏ) ପ୍ରାରମ୍ଭରୁ କମର୍ସିଆଲ ପାଇଲଟ୍ ଲାଇସେନ୍ସ ପାଠ୍ୟକ୍ରମ ପର୍ଯ୍ୟନ୍ତ ଆବେଦନ ଆମନ୍ତ୍ରଣ କରୁଛି, ଯାହା ଅଗଷ୍ଟ ୨୦୨୦ ପରଠାରୁ ତିନିଗୋଟି ବ୍ୟାଚ୍‌ରେ ଆରମ୍ଭ ହେବା ପାଇଁ ନିର୍ଦ୍ଧାରିତ । ସାଧାରଣ ବର୍ଗ ପାଇଁ ଯୋଗ୍ୟତା ମାନଦଣ୍ଡ ହେଉଛି:
(i) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବନିମ୍ନ ୫୦% ମାର୍କ ସହ ଇଂରାଜୀରେ ଉତ୍ତୀର୍ଣ୍ଣ ହୋଇଥିବେ।
(ii) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବମୋଟ ୫୦% ମାର୍କ ସହିତ ଗଣିତ ଓ ପଦାର୍ଥବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିବେ।
ଏସ୍‌ସି, ଏସ୍‌ଟି, ଇଡବ୍ଲ୍ୟୁଏସ୍ ଏବଂ ଓବିସି (ଅଣ କ୍ରିମି ଲେୟରର) ପ୍ରାର୍ଥୀମାନଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡ ହେଉଛି:
(i) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବନିମ୍ନ ୪୫% ମାର୍କ ସହ ଇଂରାଜୀରେ ଉତ୍ତୀର୍ଣ୍ଣ ହୋଇଥିବେ।
(ii) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବମୋଟ ୪୫% ମାର୍କ ସହିତ ଗଣିତ ଓ ପଦାର୍ଥବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିବେ।
ପ୍ରଶିକ୍ଷଣ ଦେୟ ହେଉଛି ଟ.୪୫ ଲକ୍ଷ ଯୁକ୍ତ ବୋର୍ଡିଂ-ଲଜିଂ ଓ ଅନ୍ୟାନ୍ୟ ଖର୍ଚ୍ଚ ଅତିରିକ୍ତ।
ସବିଶେଷ ସୂଚନା ଓ ଆବେଦନ ଫର୍ମାଟ୍ ଇତ୍ୟାଦି ପାଇଁ ଦୟାକରି ଆମ ୱେବ୍‌ସାଇଟ୍ www.igrua.gov.inରେ "ଆଇଜିଆର୍‌ୟୁଏ ପ୍ରବେଶିକା" ପରିଦର୍ଶନ କରନ୍ତୁ।
**ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ହେଉଛି**
**୧୭ ଏପ୍ରିଲ ୨୦୨୦** (ବ୍ୟାଙ୍କ ଚାଲାଣ ମାଧ୍ୟମରେ ଦେୟ ପୈଠ ପାଇଁ)
**୨୮ ଏପ୍ରିଲ ୨୦୨୦** (ଅନ୍‌ଲାଇନ୍ ପଦ୍ଧତିରେ ଦେୟ ପୈଠ ପାଇଁ)
ଅନ୍‌ଲାଇନ୍ ପରୀକ୍ଷାର ତାରିଖ ହେଉଛି ୨୧ ମେ ୨୦୨୦ (ଗୁରୁବାର)। ରିପୋର୍ଟିଂ ସମୟ ୧୩.୦୦ ଘଟିକା (ଅପରାହ୍ନ ୧ ଘଟିକା)
davp 03104/11/0004/1920

**ପୂର୍ବ ତଟ ରେଳପଥ**
(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-28-19
କାର୍ଯ୍ୟର ବିବରଣୀ: ଦୁଇ ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ସ୍ଥିତ ରେଳବାଇ କଲୋନୀ ଠାରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ସର୍ଭିସ୍ ବିଲ୍ଡିଙ୍ଗ୍, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-I,II,III,IV,V), ସଡ଼କ ଆଲୋକ, ସେଣ୍ଟ୍ରାଲ ହସ୍ପିଟାଲ, ସ୍କ୍ରାପ୍ ୟାର୍ଡ୍/ଜେନେରାଲ ଷ୍ଟୋର ଡିପୋ, ରେଳବାଇ ଷ୍ଟାଡ଼ିୟମ୍‌ରେ ଇଲେକ୍ଟ୍ରିକାଲ ସିଷ୍ଟମ୍ ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,05,44,104.49, EMD (ଟଙ୍କାରେ): 2,52,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-27-19
କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ପୁରୀ ଅଧୀନସ୍ଥ ପୁରୀ-କଣାସ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଭୁବନେଶ୍ୱର ଅଧୀନସ୍ଥ ଭୁବନେଶ୍ୱର-ରାଜଆଠଗଡ଼-ରେଡଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍-ଗଙ୍ଗାଧରପୁର-ମୋଟାରୀ-ନୟାଗଡ଼ ଟାଉନ୍ ସେକ୍ସନର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟଗୁଡ଼ିକ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 8,63,31,419.14, EMD (ଟଙ୍କାରେ): 5,81,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ): ତା.30.03.2020 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ୍
PR-766/K/19-20

**PARADIP PORT TRUST**
**e-TENDER CALL NOTICE**
Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4"**. EMD cost **Rs.1,27,017/-**. Last date and time of submission of Bid **25.03.2020 at 17.15Hrs**. For details please refer our website **https://eprocure.gov.in/eprocure/aap**
**Executive Engineer**
**Harbour Works Division-III**
**PPT/PR/702/19-20 Dt.06.03.2020**

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବିବିଧ ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର**
କ୍ର.ସଂ. (୧) ଟେଣ୍ଡର ନଂ.: ଏସ୍‌ଇସିଆର୍-ଏଚ୍‌କ୍ୟୁ-ଇଏନ୍‌ଜିକି.-ବିଏଲ୍-୧୯-୨୦-୧୩।
କାର୍ଯ୍ୟ: ନାଗପୁର ଡିଭିଜନରେ ଏସ୍‌ଏସ୍‌ଇ/ବ୍ରିଜ୍/ଏନ୍‌ଆଇଆରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଲ୍‌ଡିଇ-ବିଏମ୍‌ସି ସେକ୍ସନ ନିମନ୍ତେ ବିଭିନ୍ନ ଷ୍ଟିଲ୍ ଗାର୍ଡର ବ୍ରିଜଗୁଡ଼ିକର ସାଇଡ୍ ପାଥ୍‌ୱେ, କାର୍କିଂ ବିମ୍, କରୋଜନ୍ ଗାର୍ଡ ଓ ମୁଖ୍ୟ ସୁଦୃଢ଼ୀକରଣ କାର୍ଯ୍ୟର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୨,୫୩,୪୧,୦୧୧.୯୫। ଅମାନତ ଜମା ରାଶି: ₹୨,୭୬,୭୦୦/-।
କ୍ର.ସଂ. (୨) ଟେଣ୍ଡର ନଂ.: ଏସ୍‌ଇସିଆର୍-ଏଚ୍‌କ୍ୟୁ-ଇଏନ୍‌ଜିକି.-ବିଏଲ୍-୧୯-୨୦-୧୪।
କାର୍ଯ୍ୟ: ରାୟପୁର ଡିଭିଜନରେ ଏସ୍‌ଏସ୍‌ଇ/ବ୍ରିଜ୍/ଆରଙ୍କ କ୍ଷେତ୍ରାଧିକାର ଅଧୀନରେ ବ୍ରିଜ୍ ନଂ. ୪୬୨ ଏମ୍‌ଆଇଡି (୧୪x୪୫.୭୨ମି)ଠାରେ ସାଇଡ୍ ପାଥ୍‌ୱେର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୧,୧୦,୭୪,୫୩୧.୩୦। ଅମାନତ ଜମା ରାଶି: ₹୨,୦୫,୪୦୦/-।
ବିଡିଂ ଆରମ୍ଭ ତାରିଖ: ୧୭।୦୩।୨୦୨୦। ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୩୧।୦୩।୨୦୨୦ରିଖ ୧୫.୩୦ ଘଟିକା।
ଉପରୋକ୍ତ କାର୍ଯ୍ୟର ଅଧିକ ବିବରଣୀ ପାଇଁ ଦୟାକରି ଡେପୁଟି ସିଇ/ବ୍ରିଜ୍ ଲାଇନ୍/ବିଳାସପୁରଙ୍କ କାର୍ଯ୍ୟାଳୟ କିମ୍ବା ୱେବ୍‌ସାଇଟ୍: http://www.ireps.gov.in ସହ ଯୋଗାଯୋଗ କରନ୍ତୁ।
ଡେପୁଟି ସିଇ/ବିଆର୍.ଲାଇନ୍/ଏସ୍.ଇ.ସି. ରେଳପଥ/ବିଳାସପୁର
CPR/10/481
South East Central Railway @secrail



ବିଶ୍ୱର କୌଣସି ଦେଶ ସମସ୍ତଙ୍କୁ ସ୍ୱାଗତ କରେନାହିଁ। ଆମେ ଭାରତରେ ଥିବା ବାହାର ଲୋକଙ୍କୁ ବିଦାକରିବା ଲାଗି ଆଇନ ପ୍ରଣୟନ କରି ପ୍ରୟାସ ଆରମ୍ଭ କରିଛୁ। ଏଭଳି ପ୍ରୟାସକୁ ସମାଲୋଚନା କରାଯିବା ଠିକ୍ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ସିଏଏକୁ ନେଇ ବିରୋଧ କରାଯିବା ଠିକ୍ ନୁହେଁ, ଏହା ଦେଶହିତ ଲାଗି ଉଦ୍ଦିଷ୍ଟ। ଜାତିସଂଘ ମାନବାଧିକାର ପରିଷଦ ପକ୍ଷରୁ ଜମ୍ମୁ-କଶ୍ମୀର ସ୍ଥିତିକୁ ନେଇ କରାଯାଇଥିବା ସମାଲୋଚନା ମଧ ଭୁଲ୍ ଥିଲା ବୋଲି ସେ କହିଛନ୍ତି।

# ୯୪ ଦେଶକୁ ବ୍ୟାପିଲାଣି କରୋନା



ତାଇପେଇଠାରେ କରୋନା ଭୟରେ ଯାତ୍ରୀମାନେ ମାସ୍କ ପିନ୍ଧିଛନ୍ତି।



ଡିବ୍ରୁଗଡ଼ ବିମାନବନ୍ଦରରେ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଉଛି।

ପ୍ୟାରିସ୍,୭।୩(ଏଏଫ୍‌ପି)

ମାରାତ୍ମକ କରୋନା ଭୂତାଣୁ କାୟା ବିସ୍ତାର କରି ଚାଲିଛି। ବର୍ତ୍ତମାନ ସୁଦ୍ଧା ଏହା ୯୪ ଦେଶକୁ ବ୍ୟାପିଲାଣି। ଏଥିରେ ସଂକ୍ରମିତଙ୍କ ସଂଖ୍ୟା ୧,୦୧,୯୮୮ରେ ପହଞ୍ଚିଥିବାବେଳେ ୩୪୯୧ ଜଣଙ୍କ ଜୀବନ ଗଲାଣି। ଦିନକ ମଧ୍ୟରେ ୧୧୪୬ ନୂଆ ରୋଗୀ ଚିହ୍ନଟ ହୋଇଥିବାବେଳେ ୩୫ ଜଣଙ୍କ ମୃତ୍ୟୁ ଘଟିଛି। ଚାଇନାରେ ରୋଗୀ ସଂଖ୍ୟା ୮୦,୬୫୧ ହୋଇଥିବାବେଳେ ୩୦୭୦ ଜଣଙ୍କ ମୃତ୍ୟୁ ହୋଇଛି। ଚାଇନା ବାହାରେ ମୋଟ ୨୧,୩୩୭ ଜଣଙ୍କୁ କରୋନା ସଂକ୍ରମିତ ହୋଇଥିବାବେଳେ ୪୨୧ ଜଣଙ୍କ ଜୀବନ ଯାଇଛି। ଇରାନରେ ୧୦୭୬ ନୂଆ ରୋଗୀ ଚିହ୍ନଟ ହେବା ସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୮୨୩ରେ ପହଞ୍ଚିଛି। ସେଠାରେ ୧୪୫ ଜଣ ପ୍ରାଣ ହରାଇଲେଣି। ସଂକ୍ରମଣ ସନ୍ଦେହରେ ୧୬ ହଜାରରୁ ଅଧିକ ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ରଖାଯାଇଛି। ଚାଇନା ପରେ ଦ୍ୱିତୀୟ ସର୍ବାଧିକ ସଂକ୍ରମିତ ଦକ୍ଷିଣ କୋରିଆରେ ଦୁଇଟି ଆପାର୍ଟମେଣ୍ଟକୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଦକ୍ଷିଣ କୋରିଆରେ ସଂକ୍ରମିତଙ୍କ ସଂଖ୍ୟା ୬୭୬୭ ଓ ମୃତ୍ୟୁସଂଖ୍ୟା ୪୪ରେ ପହଞ୍ଚିଛି। ଚାଇନାର କ୍ୱାନ୍‌ଝୋଉରେ ଥିବା ଏକ ହୋଟେଲରେ କରୋନା ସନ୍ଦିଗ୍ଧମାନଙ୍କୁ ମେଡିକାଲ ପର୍ଯ୍ୟବେକ୍ଷଣରେ ରଖାଯାଇଥିବାବେଳେ ଉକ୍ତ ହୋଟେଲ ଭୁଶୁଡ଼ି ପଡିଛି। ଫଳରେ ୨୩ ଜଣ ଭଗ୍ନାବଶେଷ ତଳେ ରହିଯାଇଛନ୍ତି।

## ଭାରତରେ କରୋନା ରୋଗୀ ସଂଖ୍ୟା ୩୪

ନୂଆଦିଲ୍ଲୀ,୭।୩

**ଜାରି ହେଲା ସାନି ଭ୍ରମଣ କଟକଣା | ଇରାନରୁ ଆସିଲା ଭାରତୀୟଙ୍କ ସ୍ୱାବ୍ ନମୁନା**

ଶନିବାର ଆଉ ୩ ଜଣଙ୍କଠାରେ କରୋନା ପଜିଟିଭ୍ ଜଣାପଡିବା ପରେ ଦେଶରେ ରୋଗୀ ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ନୂଆ ୩ କରୋନା ସଂକ୍ରମିତଙ୍କ ମଧ୍ୟରୁ ଦୁଇଜଣଙ୍କ ଘର ଲଦାଖରେ ଓ ଜଣେ ତାମିଲନାଡୁର। ଲଦାଖର ଉକ୍ତ ବ୍ୟକ୍ତି ପୂର୍ବରୁ ଇରାନ ଯାଇଥିଲେ। ସେହିପରି ତାମିଲନାଡୁର ସଂକ୍ରମିତ ବ୍ୟକ୍ତିଜଣକ କିଛିଦିନ ତଳେ ଓମାନ ଯାଇଥିଲେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭୁଟାନରେ କରୋନା ପଜିଟିଭ୍ ଜଣାପଡ଼ିଥିବା ଦୁଇ ଆମେରିକୀୟଙ୍କ ସଂସ୍ପର୍ଶରେ ଆସିଥିବା ୧୫୦ରୁ ଊର୍ଦ୍ଧ୍ୱ ଭାରତ ଆସିଥିବାବେଳେ ସେମାନଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି।

କରୋନା ସଂକ୍ରମଣ ହ୍ରାସ ଲାଗି ସରକାର ଶନିବାର ନାଗରିକମାନଙ୍କ ପାଇଁ ସାନି ଭ୍ରମଣ କଟକଣା ଜାରି କରିଛନ୍ତି। ଚାଇନା, ଇରାନ, କୋରିଆ, ଇଟାଲୀ ଓ ଜାପାନ ନ ଯିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଜରୁରୀ କାର୍ଯ୍ୟ ନ ଥିଲେ ଅନ୍ୟ ସଂକ୍ରମିତ ଦେଶକୁ ନ ଯିବା ପାଇଁ କୁହାଯାଇଛି। ଅନ୍ୟପକ୍ଷରେ ଭିଜା କ୍ଷେତ୍ରରେ ମଧ କଟକଣା ଜାରି ହୋଇଛି। ଜାପାନ, ଦକ୍ଷିଣ କୋରିଆ, ଇଟାଲୀ, ଇରାନର ନାଗରିକଙ୍କ ପାଇଁ ମାର୍ଚ୍ଚ ୩ ପୂର୍ବରୁ ଜାରି ଭିଜାକୁ ସ୍ଥଗିତ ରଖାଯାଇଛି। ଉପରୋକ୍ତ ଦେଶରୁ କେହି ଜରୁରୀ କାର୍ଯ୍ୟରେ ଭାରତ ଆସିବାକୁ ଥିଲେ ଭାରତୀୟ ଦୂତାବାସ କିମ୍ବା ବାଣିଜ୍ୟିକ ଦୂତାବାସରେ ସାନି ଭିଜା ଆବେଦନ କରିବାକୁ କୁହାଯାଇଛି।

ଇରାନର ତେହେରାନରୁ କରୋନା ସନ୍ଦିଗ୍ଧ ଭାରତୀୟଙ୍କ ସ୍ୱାବ୍ ନମୁନା ବିମାନ ଯୋଗେ ଅଣାଯାଇଛି। ଶନିବାର ଭୋର ୫ଟା ୩୦ରେ ଉକ୍ତ ବିମାନ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଏଠାରୁ କେତେଜଣ ଇରାନୀ ନାଗରିକଙ୍କୁ ନେଇ ଫେରିଯାଇଛି। ଅଣାଯାଇଥିବା ସ୍ୱାବ୍ ନମୁନାକୁ ପୁଣେର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଭାଇରୋଲୋଜି (ଏନ୍‌ଆଇଭି)କୁ ପରୀକ୍ଷା ପାଇଁ ପଠାଯିବ। କରୋନା ସଂକ୍ରମିତ ଇରାନରେ ପାଖାପାଖି ୨୦୦୦ ଭାରତୀୟ ରହିଛନ୍ତି। ଏହା ବ୍ୟତୀତ ପାରସ୍ୟ ଉପସାଗରୀୟ ଦେଶରେ ମଧ ସମାନ ସଂଖ୍ୟକ ଭାରତୀୟ ରହିଛନ୍ତି। ସେମାନଙ୍କୁ ଫେରାଇ ଆଣିବା ଲାଗି ଇରାନ କର୍ତ୍ତୃପକ୍ଷଙ୍କ ସହ ସରକାର ଆଲୋଚନା ଚଳାଇଛନ୍ତି। ଏବେ ଭାରତରେ ୫୨ଟି ଲାବରେଟୋରୀରେ ନମୁନା ପରୀକ୍ଷା କରାଯାଉଥିବାବେଳେ ୫୭ ଲାବ୍‌କୁ ନମୁନା ସଂଗ୍ରହରେ ନିୟୋଜିତ କରାଯାଇଛି। ୬ ତାରିଖ ସୁଦ୍ଧା ମୋଟ ୪୦୫୮ ନମୁନା ପରୀକ୍ଷା କରାଯାଇଛି। ଇଟାଲୀୟ ଦମ୍ପତିଙ୍କୁ ବାଦ୍ ଦେଲେ ରାଜସ୍ଥାନରୁ ସଂଗୃହୀତ ସବୁ ନମୁନା କରୋନା ନେଗେଟିଭ୍ ଥିବା ପରୀକ୍ଷାରୁ ଜଣାପଡିଛି।

## ଗୁଜବଠାରୁ ଦୂରେଇ ରୁହନ୍ତୁ

**ନୂଆଦିଲ୍ଲୀ,୭।୩(ପି.ଟି.):** କରୋନା ଭୂତାଣୁକୁ ନେଇ ବିଭିନ୍ନ ଗୁଜବ ପ୍ରଚାର ହେବାରେ ଲାଗିଛି। ସେଭଳି ଗୁଜବଠାରୁ ନିଜକୁ ଦୂରେଇ ରଖିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଏହା ପରିବର୍ତ୍ତେ ଡାକ୍ତରମାନଙ୍କ ପରାମର୍ଶ ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। କାହାକୁ ଭେଟିବା ବେଳେ କରମର୍ଦ୍ଦନ ନ କରି 'ନମସ୍ତେ' କହି ସମ୍ଭାଷଣ କରନ୍ତୁ। ସାଧାରଣତଃ ଏଭଳି ସମୟରେ ଗୁଜବର ଦ୍ରୁତ ପ୍ରସାର ହୋଇଥାଏ। କିଏ କହେ ଏହା ଖାଅନି ତ ପୁଣି କିଏ କହେ ଏହା କରନାହିଁ। କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ଅମୁକ ଜିନିଷ ଖାଆନ୍ତୁ ବୋଲି କେହି କହିବେ। ଏଭଳି ଗୁଜବରୁ ଯଥାସମ୍ଭବ ଦୂରେଇ ରହିବା ସହ ନିଜେ ଚିକିତ୍ସକ ନ ହୋଇ ଡାକ୍ତରଙ୍କ ପରାମର୍ଶ ନେବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ସାରା ବିଶ୍ୱ ଏବେ 'ନମସ୍ତେ' ଅଭ୍ୟାସକୁ ଆପଣାଇଲାଣି। ଯଦି କୌଣସି କାରଣରୁ ଆମେ ଉକ୍ତ ଅଭ୍ୟାସଠାରୁ ଦୂରେଇ ଯାଇଛେ, ଏବେ ତାହାକୁ ପୁଣିଥରେ ଫେରାଇ ଆଣିବାର ପ୍ରକୃଷ୍ଟ ସମୟ ବୋଲି ମୋଦି କହିଛନ୍ତି।



ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

## ସିଏଏ ବିରୋଧୀ ଆନ୍ଦୋଳନ ପଛରେ ପାକିସ୍ତାନ

ନୂଆଦିଲ୍ଲୀ, ୭।୩

**ଗୋଇନ୍ଦା ରିପୋର୍ଟ**
**ଷଡଯନ୍ତ୍ରରେ ଇରାନ୍, ତୁର୍କୀ ସାମିଲ**

ସିଏଏକୁ ନେଇ ଭାରତରେ ଦେଖାଦେଇଥିବା ହିଂସାକାଣ୍ଡ ପଛରେ ପାକିସ୍ତାନର ପ୍ରଚ୍ଛନ୍ନ ହାତ ରହିଥିବା ଖବର ପଦାକୁ ଆସିଛି। ବ୍ୟାପକ ଅର୍ଥ ଓ ନିର୍ଦ୍ଦେଶ ସତ୍ତ୍ୱେ ଗତ ମାର୍ଚ୍ଚ ୩-୪ରେ ସିଏଏ ବିରୋଧୀ ଆନ୍ଦୋଳନରେ ସେଭଳି ଲୋକ ନ ହେବାରୁ ପାକ୍ କାର୍ଯ୍ୟକର୍ତ୍ତା ଇଲେକ୍ଟ୍ରୋନିକ୍ ବାର୍ତ୍ତାଳାପ ଓ ଗାଳିମନ୍ଦ କରିଥିବା ଜଣାପଡ଼ିଛି। ଏଭଳି ଘଟଣା ଲୋକଲୋଚନକୁ ଆସିବା ପରେ ପୋଲିସ ଓ ଫୋରେନ୍‌ସିକ ଟିମ୍ ଯାଞ୍ଚ ଆରମ୍ଭ କରିଛି। ଏଥିସହ ହିଂସାକାଣ୍ଡରେ ଘରପୋଡ଼ି ଓ ଗାଡ଼ିମୋଟର ଜଳାସ୍ଥାନଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ପାକ୍ ସମର୍ଥକମାନେ ୨୦୦୨ ଗୁଜରାଟ ଦଙ୍ଗା ଭଳି ଦିଲ୍ଲୀ ଦଙ୍ଗାକୁ ଦେଖିବା ଲାଗି ଚାହୁଁଥିଲେ। ପାକିସ୍ତାନୀମାନେ ଭାରତୀୟ ଯୁବ କଟ୍ଟରପନ୍ଥୀ ମୁସଲମାନଙ୍କୁ ଉସୁକାଇ ଭାଷଣ ଓ ଭିଡିଓ ଦ୍ୱାରା ଉତ୍ତର ଭାରତରେ ମୋଦି ସରକାର ବିରୋଧରେ ବିଦ୍ରୋହ କରିବାକୁ ଉତ୍ସାହିତ କରିଥିଲେ। ପାକିସ୍ତାନର ବନ୍ଧୁରାଷ୍ଟ୍ର ଇରାନ୍, ତୁର୍କୀ ମଧ ଏଥିରେ ସାମିଲ ଥିଲା ବୋଲି କୁହାଯାଇଛି। ଜେନିଭାରେ ଅନୁଷ୍ଠିତ ଜାତିସଂଘ ମାନବାଧିକାର ପରିଷଦ ବୈଠକରେ ପାକିସ୍ତାନ ଭାରତ ବିରୋଧୀ ଆଭିମୁଖ୍ୟକୁ ପ୍ରଚଣ୍ଡ କରିଥିଲା। ଏଥିରେ ଥିବା ପାକିସ୍ତାନର ଚିରସ୍ଥାୟୀ ସଦସ୍ୟ ଭାରତରେ ସାମ୍ପ୍ରଦାୟିକତା ଓ ଫାସୀବାଦ କଥା ଉଠାଇଥିଲେ। ହିଂସା ରୋକିବା ଓ ମୁସଲମାନଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ସେ ହାଇ କମିଶନରଙ୍କ ସହାୟତା ଲୋଡ଼ିଥିଲେ।

## ସୌଦି ରାଜପରିବାରର ୩ ଅଟକ



ପ୍ରିନ୍ସ ମହମ୍ମଦ ବିନ୍ ନାୟେଫ୍



ପ୍ରିନ୍ସ ଅହମଦ ବିନ୍ ଅବଦୁଲ୍ଲାଜିଜ

**କ୍ରାଉନ ପ୍ରିନ୍ସଙ୍କ ବିରୋଧରେ ବିଦ୍ରୋହ ଉଦ୍ୟମ ଅଭିଯୋଗ**

**ରିୟାଧ,୭।୩(ପି.ଟି.):** ସୌଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନଙ୍କ ବିରୋଧରେ ବିଦ୍ରୋହ ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗରେ ରାଜ ପରିବାରର ଦୁଇ ବରିଷ୍ଠ ଯୁବରାଜଙ୍କ ସମେତ ୩ ଜଣଙ୍କୁ ଅଟକ ରଖାଯାଇଛି। ଅନ୍ୟପକ୍ଷରେ କ୍ରାଉନ୍ ପ୍ରିନ୍ସ ପୁଣିଥରେ ତାଙ୍କ ହାତମୁଠା ମଜଭୁତ କରିବା ଲାଗି ଉଦ୍ୟମ କରୁଥିବା କୁହାଯାଉଛି। ରାଜା ସଲମାନଙ୍କ ଭାଇ ପ୍ରିନ୍ସ ଅହମଦ ବିନ୍ ଅବଦୁଲ୍ଲାଜିଜ୍ ଅଲ୍-ସୌଦ, ପୁତୁରା ପ୍ରିନ୍ସ ମହମ୍ମଦ ବିନ୍ ନାୟେଫ୍‌ଙ୍କୁ ସୁରକ୍ଷାକର୍ମୀମାନେ ଶୁକ୍ରବାର ସେମାନଙ୍କ ଘରୁ ଉଠାଇନେଇଛନ୍ତି। ସେମାନଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ହୋଇଥିଲା ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। ପ୍ରିନ୍ସ ନାୟେଫ୍‌ଙ୍କ ସାନଭାଇ ନୱାଫ ବିନ୍ ନାୟେଫଙ୍କୁ ମଧ ଅଟକ ରଖାଯାଇଛି। ପୂର୍ବରୁ କ୍ରାଉନ ପ୍ରିନ୍ସ ନିଜ କ୍ଷମତା ବଢ଼ାଇବା ପାଇଁ କେତେକ ପ୍ରମୁଖ ମୌଲବୀ, କର୍ମୀ, ପ୍ରିନ୍ସ ଓ ବ୍ୟବସାୟୀଙ୍କୁ ବନ୍ଦୀ କରିଥିଲେ। ୨୦୧୮ ଅକ୍ଟୋବରରେ ଇସ୍ତାନବୁଲ୍ ବାଣିଜ୍ୟିକ ଦୂତାବାସରେ ସମାଲୋଚକ ଜମାଲ ଖାଶୋଗୀଙ୍କୁ ହତ୍ୟା ଘଟଣାରେ ପ୍ରିନ୍ସ ମହମ୍ମଦ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଥିଲେ। ୨୦୧୭ ଜୁନ୍‌ରେ ପୂର୍ବତନ କ୍ରାଉନ୍ ପ୍ରିନ୍ସ ନାୟେଫ୍‌ଙ୍କୁ ପଛରେ ପକାଇ ପ୍ରିନ୍ସ ମହମ୍ମଦ ଆରବ ରାଜ ସିଂହାସନର ଉତ୍ତରାଧିକାରୀ ହୋଇଥିଲେ।

### ଇତିହାସର ଆଇନାରେ
### ମାର୍ଚ୍ଚ ୮ର ପ୍ରମୁଖ ଘଟଣା

୧୯୨୪ ମାର୍ଚ୍ଚ ୮ରେ ଆମେରିକାର ଉଟାହ ଅନ୍ତର୍ଗତ କ୍ୟାଷ୍ଟଲ ଗେଟ ନିକଟରେ ଥିବା ଏକ କୋଇଲା ଖଣିରେ ୨୦ ମିନିଟ ମଧ୍ୟରେ ୩ ଭୟଙ୍କର ବିସ୍ଫୋରଣ ହେବାରୁ ସେଠାରେ କାମ କରୁଥିବା ସମସ୍ତ ୧୭୨ ଶ୍ରମିକ ପ୍ରାଣ ହରାଇଥିଲେ। ବିସ୍ଫୋରଣରେ ଛାତ, ମୁଖ୍ୟ ଗେଟ ଉଡ଼ିଯାଇଥିବା ବେଳେ ଚାରିପଟ ଧୂଆଁମୟ ହୋଇଯାଇଥିଲା।

୨୦୧୪ ମାର୍ଚ୍ଚ ୮ରେ ମାଲେସିଆ ଏୟାରଲାଇନ୍ସର ଏକ ବିମାନ କୁଆଲାଲୁମ୍ପୁରରୁ ବେଜିଂ ଅଭିମୁଖେ ଯାତ୍ରା କରୁଥିବା ବେଳେ କେଉଁଆଡ଼େ ନିଖୋଜ ହୋଇଯାଇଥିଲା। ଯାତ୍ରାକରିବାର ୩୮ ମିନିଟ ପରେ ଏଟିସି ରାଡାର ବାହାରକୁ ଚାଲିଯାଇଥିଲା। ଏଥିରେ ଥିବା ସମସ୍ତ ୨୩୯ ଯାତ୍ରୀ ପ୍ରାଣ ହରାଇଥିଲେ।

## ଅସ୍ଥାନାଙ୍କୁ ସିବିଆଇର କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୭।୩

**■ଗ୍ରହଣ କଲେ କୋର୍ଟ**
**■ମଧ୍ୟସ୍ଥ ମନୋଜ ପ୍ରସାଦଙ୍କୁ ସମନ**

ଲାଞ୍ଚ ଗ୍ରହଣ ମାମଲାରେ ସିବିଆଇର ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ଏବଂ ଡିଏସ୍‌ପି ଦେବେନ୍ଦ୍ର କୁମାରଙ୍କୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କ୍ଲିନ୍‌ଚିଟ୍ ଦେଇଛି। ଶନିବାର ସିବିଆଇ ସ୍ୱତନ୍ତ୍ର କୋର୍ଟ ଉକ୍ତ କ୍ଲିନ୍‌ଚିଟ୍‌କୁ ଗ୍ରହଣ କରିଥିବାରୁ ଅସ୍ଥାନାଙ୍କ ପାଇଁ ବଡ଼ ଆଶ୍ୱସ୍ତି ହୋଇଛି। ଅନ୍ୟପକ୍ଷରେ ସିବିଆଇର ଚାର୍ଜଶିଟ୍‌କୁ ମଧ ଅଦାଲତ ବିଚାରକୁ ନେଇଛନ୍ତି। ଅସ୍ଥାନା ଓ ଦେବେନ୍ଦ୍ରଙ୍କ ବିରୋଧରେ ତଦନ୍ତ ଆଗେଇବା ପାଇଁ ଯଥେଷ୍ଟ କାରଣ ନାହିଁ ବୋଲି ସ୍ୱତନ୍ତ୍ର ସିବିଆଇ ବିଚାରପତି ସଞ୍ଜୀବ ଅଗ୍ରୱାଲ ମତ ଦେଇଛନ୍ତି। ସିବିଆଇ ଡିଏସ୍‌ପି ଦେବେନ୍ଦ୍ରଙ୍କୁ ୨୦୧୮ରେ ଗିରଫ କରାଯାଇ ପରେ ଜାମିନରେ ଛଡ଼ାଯାଇଥିଲା। ଚାର୍ଜଶିଟ୍‌ରେ ଅଭିଯୁକ୍ତ ଥିବା ମଧ୍ୟସ୍ଥ ମନୋଜ ପ୍ରସାଦଙ୍କୁ କୋର୍ଟ ସମନ ଜାରି କରିଛନ୍ତି। ଏହାବ୍ୟତୀତ ପ୍ରସାଦଙ୍କ ଭାଇ ସୋମେଶ୍ୱର ଶ୍ରୀବାସ୍ତବ ଓ ଶ୍ୱଶୁର ସୁନୀଲ ମିତ୍ତଲଙ୍କୁ ମଧ ସମନ ଜାରି କରାଯାଇଛି। ସେମାନଙ୍କୁ ଏପ୍ରିଲ ୧୩ରେ ହାଜର ହେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତରେ ଅସ୍ଥାନାଙ୍କ ବିରୋଧରେ କୌଣସି ପ୍ରମାଣ ମିଳିଲେ ସିବିଆଇ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିପାରିବ ବୋଲି କୋର୍ଟ କହିଛନ୍ତି।

## ରାମମନ୍ଦିର ଲାଗି ମହାରାଷ୍ଟ୍ର ଦେବ କୋଟିଏ

ମୁମ୍ବାଇ/ଅଯୋଧ୍ୟା, ୭।୩

**■ଅଯୋଧ୍ୟାରେ ଉଦ୍ଧବ ଠାକ୍‌ରେ**
**■ଭାଜପାଠାରୁ ଦୂରେଇଛୁ ହିନ୍ଦୁତ୍ୱରୁ ନୁହେଁ**



ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ମହାରାଷ୍ଟ୍ର ସରକାର କୋଟିଏ ଟଙ୍କା ଟ୍ରଷ୍ଟକୁ ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ ଭାବେ ୧୦୦ ଦିନ ପୂରଣ କରିବା ଅବସରରେ ଅଯୋଧ୍ୟା ଗସ୍ତ କରିଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହା ଶନିବାର ପ୍ରକାଶ କରିଛନ୍ତି। ତାଙ୍କ ସହ ସ୍ତ୍ରୀ ରଶ୍ମୀ ଓ ପୁଅ ଆଦିତ୍ୟ ମଧ ଅଯୋଧ୍ୟା ଗସ୍ତକରି ଅଯୋଧ୍ୟାରେ ପ୍ରାର୍ଥନା କରିଛନ୍ତି। ପୁଣି ଥରେ ଏଠାକୁ ଆସି ସରଯୁ ନଦୀରେ ଆଳତି କରିବି ବୋଲି ଉଦ୍ଧବ କହିଛନ୍ତି। ରବିବାର ଏଠାରୁ ସେ ଲକ୍ଷ୍ନୌ ଯାଇ ଖବରଦାତାଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶଥାଉ କି, ପୂର୍ବରୁ ଶିବସେନା ଏମ୍‌ପି ସଞ୍ଜୟ ରାଉତ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଏଆଇଏମ୍‌ଆଇଏମ୍ ମୁଖ୍ୟ ଆସାଦୁଦ୍ଦିନ ଓୱାଇସି ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଅନ୍ୟ ପ୍ରମୁଖ ନେତାମାନେ ଅଯୋଧ୍ୟା ଆସି ଭଗବାନ ଶ୍ରୀରାମଙ୍କୁ ପ୍ରାର୍ଥନା କରିବା ଲାଗି ଅନୁରୋଧ କରିଥିଲେ।

ଭାଜପାଠାରୁ ଶିବସେନା ଅଲଗା ହୋଇ ମହା ବିକାଶ ଅଘାଡ଼ି ସରକାର ଗଠନ କରିଥିଲେ ହେଁ ହିନ୍ଦୁତ୍ୱ ସହ ରହିଥିବା ଉଦ୍ଧବ କହିଛନ୍ତି। ଭାଜପା ହିନ୍ଦତ୍ୱ ନୁହେଁ, ହିନ୍ଦୁତ୍ୱ ଅଲଗା ଜିନିଷ। କଂଗ୍ରେସ ଓ ଏନ୍‌ସିପି ଭଳି ଭିନ୍ନ ଆଦର୍ଶଯୁକ୍ତ ଦଳ ସହ ମିଶି ସରକାର ଗଠନ କରିଥିଲେ ହେଁ ଆମେ ହିନ୍ଦୁତ୍ୱ ସହ ରହିଛୁ ଓ ରହିବୁ ବୋଲି ସେ କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT 90783-45815
gmail-fusionmicrofinance2020@gmail.com

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ASTROLOGY

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆମେ ବି ପାରିବୁ



**ଲକ୍ଷ୍ୟ ଥିଲା ସ୍ୱରୋଜଗାରକ୍ଷମ ହେବା। ମନରେ ବି ଥିଲା ଅଦମ୍ୟ ସାହସ। ପୁଣି ଖାତିର ନ ଥିଲା ସମାଜର ଟାହିଟାପରାକୁ। ଆଉ ଏହି ନିଶା ହିଁ ପ୍ରମାଣ କରି ଦେଖାଇଲାଯେ, କୌଣସି କ୍ଷେତ୍ରରେ ପୁରୁଷଠୁଁ କମ୍ ନୁହେଁ ନାରୀ। ଆଜି ବିଶ୍ୱ ମହିଳା ଦିବସ ଅବସରରେ କେତେଜଣ ଝିଅଙ୍କ ସମ୍ପର୍କରେ ଜାଣିବା, ଯେଉଁମାନେ ନିଜ ପେସା ଭାବେ ଏଭଳି କିଛି କାର୍ଯ୍ୟକୁ ବାଛି ନେଇଛନ୍ତି, ଯାହାକି ଦୀର୍ଘଦିନ ଧରି ପୁରୁଷଙ୍କ ପେସା ଭାବେ ସମାଜରେ ଥିବା ଭ୍ରାନ୍ତ ଧାରଣା ଦୂର କରିଛି...**




ହିମାନୀ-ରାଜଶ୍ରୀ-ମାନସୀ



ରିଙ୍କି



ରୁବି

**କୌଶଳ ଜଣାଥିଲେ ସବୁ କାର୍ଯ୍ୟ ସହଜ:** ଯେଉଁଠି ଅକାତକାତ ପାଣିରେ ଡଙ୍ଗାରେ ବସିବାକୁ ଲୋକେ ଭୟ କରନ୍ତି, ସେଠି ଜଣେ ଝିଅ ହୋଇ ଡଙ୍ଗା ଚଳାଇ ଯାତ୍ରୀଙ୍କୁ ନଦୀ ପାର କରାଉଥିବା ଦୃଶ୍ୟ ଦେଖି ଯେକେହି ବି ତାଙ୍କ ସାହସର ପ୍ରଶଂସା ନ କରି ରହିପାରେନି। ଅଳ୍ପ ବୟସରୁ ଏଭଳି ଏକ ଦୁଃସାହସିକ କାର୍ଯ୍ୟକୁ ନିଜ ପେସା ଭାବେ ବାଛି ନେଇଛନ୍ତି ବାଙ୍କୀ ଚର୍ଚ୍ଚିକା ସାହିର ତିଳୋତ୍ତମା ଏବଂ ଗଦାଧର ବେହେରାଙ୍କ ଝିଅ ରିଙ୍କି। ବର୍ତ୍ତମାନ ସେ ବାଙ୍କୀ ଅଟୋନୋମସ୍ କଲେଜରେ ଯୁକ୍ତ ୩ ବାଣିଜ୍ୟ ବିଭାଗର ୨ୟ ବର୍ଷ ଛାତ୍ରୀ। ସେ କୁହନ୍ତି, ବାପାଙ୍କଠାରୁ ମାତ୍ର ୭ ବର୍ଷ ବୟସରେ ହିଁ ଡଙ୍ଗା ଚଳାଇବାର କୌଶଳ ଶିଖିଥିଲି। ତାଙ୍କ ଉପସ୍ଥିତିରେ ଅନେକଥର ଯାତ୍ରୀଙ୍କୁ ନଦୀ ପାର ମଧ୍ୟ କରାଇଥିଲି। ହେଲେ ବାପାଙ୍କ ଅସୁସ୍ଥତା ଯୋଗୁ ଘର ଚଳିବା କଷ୍ଟ ହୋଇପଡ଼ିଲା, ଆଉ ପରିବାରର ବଡ଼ ଝିଅ ହିସାବରେ ଏହି କୌଳିକ ବୃତ୍ତିକୁ ଆପଣେଇ ନେଇଥିଲି। ଦୀର୍ଘ ୮ ବର୍ଷ ହେବ ଏହି କାର୍ଯ୍ୟ କରି ପରିବାର ଚଳାଇବା ସହ ପାଠପଢ଼ା ଖର୍ଚ୍ଚ ମଧ୍ୟ ତୁଲାଉଛି। ଯଦିଓ ଏଠାରୁ ୯ କି.ମି. ଦୂରରେ ବ୍ରିଜ୍ ନିର୍ମାଣ ହେବା ପରେ ଯାତ୍ରୀଙ୍କ ସଂଖ୍ୟା ଟିକେ କମିଛି, ତଥାପି ଦିନକୁ ପ୍ରାୟ ୩୦ ଥର ପର୍ଯ୍ୟନ୍ତ ଡଙ୍ଗାରେ ଯାତ୍ରୀଙ୍କୁ ନଦୀପାର କରାଉଛି। ଜଣେ ଝିଅ ହୋଇ ଡଙ୍ଗା ଚଳାଇବାକୁ କେହିକେହି ପସନ୍ଦ କରୁ ନ ଥିବା କଥା ଶୁଣିଲେ ଯେତିକି କଷ୍ଟ ନ ଲାଗେ, ଏହି କାର୍ଯ୍ୟ ପାଇଁ ଯେବେ ଅଧିକାଂଶ ମୋ ସାହସକୁ ପ୍ରଶଂସା କରନ୍ତି, ତାହା ମୋତେ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଥାଏ। ତେବେ ଡଙ୍ଗାଚଲା ଭିତରେ ପହଁରିବା କାର୍ଯ୍ୟ ବେଶ୍ ଭଲ ଭାବେ ଶିଖିଥିବାରୁ ଭବିଷ୍ୟତରେ ସୁଇମିଂରେ କିମ୍ବା ସେନାବାହିନୀରେ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଛି।

**ଉଦ୍ୟମ ବଳରେ ଲକ୍ଷ୍ୟ ହାସଲ ସମ୍ଭବ:** ବିଏସ୍.ସି. ପାଠପଢ଼ା ପରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲକ୍ଷ୍ୟ ନେଇ ଭୁବନେଶ୍ୱର ଆସିଥିଲେ ଦୁଇ ବାନ୍ଧବୀ ଯାଜପୁରର ରାଜଶ୍ରୀ ମଲ୍ଲିକ ଏବଂ କେନ୍ଦୁଝରର ମାନସୀ ଦାସ। ସେଠାରେ ସେମାନଙ୍କର ଦେଖାହେଲା ବିକମ୍ ପାସ୍ କରି ଏମ୍‌ବିଏ ପଢ଼ା ପ୍ରସ୍ତୁତି ଲାଗି ବାରିପଦାରୁ ଆସିଥିବା ହିମାନୀ ଦାସଙ୍କ ସହ। ସେମାନେ ମଞ୍ଚେଶ୍ୱରଠାରେ ଘରଭଡ଼ା ନେଇ ଏକାଠି ରହିଲେ। ଧୀରେ ଧୀରେ ସେମାନଙ୍କ ମଧ୍ୟରେ ବନ୍ଧୁତା ଯେତିକି ନିବିଡ଼ ହେଉଥିଲା, ସେମାନଙ୍କ ଚିନ୍ତାଧାରା ବି ସେମିତି ମିଶୁଥିଲା। ସଭିଏଁ ଚାହୁଁଥିଲେ ପରିବାର ଉପରେ ନିର୍ଭର ନ କରି ନିଜ ପଢ଼ାଖର୍ଚ୍ଚ ନିଜେ ତୁଲାଇବାକୁ। ତେଣୁ ସେମାନେ ମିଳିତ ଉଦ୍ୟମରେ ଆରମ୍ଭ କରିଛନ୍ତି ଭୁବନେଶ୍ୱର ପଳାସୁଣୀ ଛକରେ ଏକ ରୋଡ୍ ସାଇଡ୍ ଫୁଡ୍ କର୍ନର(ବେଷ୍ଟି ପଏଣ୍ଟ)। ପ୍ରତିଦିନ ଅପରାହ୍ନ ପ୍ରାୟ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ହେଉଥିବା ସେମାନଙ୍କର ଏହି ଫୁଡ୍ କର୍ନରରେ ମିଳୁଛି ଗରମ ଗରମ ଚା, ସ୍ୱିଟ୍ କର୍ନ, ବିଭିନ୍ନ ପ୍ରକାରର ମୋମୋ ଏବଂ ଅଣ୍ଡାସିଝା, ପୋଚ୍, ଆମ୍ଲେଟ୍ ଭଳି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ। ତେବେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ବେଶ୍ ସ୍ୱାଦିଷ୍ଟ ହେଉଥିବାରୁ ସନ୍ଧ୍ୟା ହେବାମାତ୍ରେ ଅଧିକ ଗ୍ରାହକଙ୍କ ଗହଳି ଜମିବା ସହ ବେଶ୍ ଭଲ ଦି' ପଇସା ରୋଜଗାର ମଧ୍ୟ ହେଉଛି। ହିମାନୀ କୁହନ୍ତି, 'କାହା ଉପରେ ନିର୍ଭର ନ କରି ପ୍ରଥମେ ଏକ ଛୋଟ ଲୋନ୍ ନେଇ ଏହି ଫୁଡ୍ କର୍ନର ଆରମ୍ଭ କରିଥିଲୁ। ଆମର ଲକ୍ଷ୍ୟ ଥିଲା ନିଜ ପଢ଼ାଖର୍ଚ୍ଚ ନିଜେ ତୁଲେଇବା। ତେଣୁ କେହି କେହି ଏହା ପୁଅମାନଙ୍କ କାମ ବୋଲି ଆମକୁ କହିଥିଲେ ସୁଦ୍ଧା ଆମେ ପଛଘୁଞ୍ଚା ଦେଇ ନ ଥିଲୁ। ସବୁଠୁ ବଡ଼ କଥା ହେଉଛି, ଝିଅ ହୋଇ ଆମେ ଏହି କାର୍ଯ୍ୟ କରିବୁ ଜାଣି ପରିବାର ଏବଂ ପରିଚିତ ଲୋକେ ଆମକୁ ସପୋର୍ଟ କରିଥିଲେ।' ଆମେ କେବଳ ୟୁଟ୍ୟୁବ୍ ଦେଖି ଏହି ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଶିଖିଛୁ। ତେଣୁ ଯେତେବେଳେ ଗ୍ରାହକ ଆମ ପ୍ରସ୍ତୁତ ଖାଦ୍ୟ ସ୍ୱାଦିଷ୍ଟ ବୋଲି ପ୍ରଶଂସା କରନ୍ତି, ବେଶ୍ ଖୁସି ଲାଗେ ବୋଲି ପ୍ରକାଶ କରନ୍ତି ରାଜଶ୍ରୀ। ତେବେ ଆତ୍ମନିର୍ଭରଶୀଳ ହେବା ଲାଗି କୌଣସି କାର୍ଯ୍ୟ ଛୋଟ ବା ବଡ଼ ନୁହେଁ କିମ୍ବା କୌଣସି କାର୍ଯ୍ୟ ଝିଅ ନ କରିପାରିବେ ଭାବିବା ଠିକ୍ ନୁହେଁ। କୌଣସି କାର୍ଯ୍ୟ ଲାଗି ମନରେ ଇଚ୍ଛା ଆଉ ଏଥିପାଇଁ ଆବଶ୍ୟକ ଉଦ୍ୟମ କଲେ ଲକ୍ଷ୍ୟ ହାସଲ କରିବା ସମ୍ଭବ ବୋଲି ମତ ଦିଅନ୍ତି ମାନସୀ।

**ପେସା ଦେଉଛି ଆତ୍ମସନ୍ତୋଷ:** ରୁବି ସାହୁ। ଶ୍ରୀକ୍ଷେତ୍ରରେ ଜଣେ ଯୁବତୀ ଅଟୋଚାଳକ ଭାବେ ଏବେ ବେଶ୍ ଚର୍ଚ୍ଚାରେ। ପିଲାଟିଦିନୁ ଅନେକ ବାଧାବିଘ୍ନ ଦେଇ ଗତି କରିଛି ତାଙ୍କ ଜୀବନ। ମା'ବାପାଙ୍କ ଅବହେଳା ଏବଂ ଅନ୍ୟାନ୍ୟ ପରିସ୍ଥିତି ବାଧ୍ୟ କରିଛି ତାଙ୍କୁ ଖୁବ୍ କମ୍ ବୟସରେ ଘର ଛାଡ଼ିବାକୁ। ତା' ପରେ ଆରମ୍ଭ ହୋଇଛି ଏତେ ବଡ଼ ଦୁନିଆରେ କୁନି ଝିଅଟିର ଏକା ବଞ୍ଚିବାର ସଂଘର୍ଷ। ପ୍ରଥମେ ଖୋର୍ଦ୍ଧାସ୍ଥିତ ନିଜ ଘର ଛାଡ଼ିବା ପରେ ପେଟ ପୋଷିବାକୁ ହୋଟେଲ୍‌ରେ ବାସନ ବି ମାଜିଛନ୍ତି। ଏହାପରେ ମଧ୍ୟ କିଛି ବର୍ଷ ବିଭିନ୍ନ ସ୍ଥାନରେ ଅନେକ କଷ୍ଟରେ କଟିଥିଲା। ତା'ପରେ ଜଗତ୍‌ସିଂହପୁର ନାଉଗାଁରେ ରହୁଥିବା ଜଣେ ଡାକ୍ତରଙ୍କ ଘରେ ରହି କାମ କରିବାର ସୁଯୋଗ ମିଳିଲା। ସେଠାରେ ସେମାନେ ତାଙ୍କୁ ନିଜ ଝିଅ ଭଳି ସ୍ନେହ ଶ୍ରଦ୍ଧା କଲେ। ସେଠାରେ ପ୍ରାୟ ୮ ବର୍ଷ ରହିବା ପରେ ସେ ଚାଲି ଆସିଥିଲେ ପୁରୀ। ଆଉ ସ୍ୱାବଲମ୍ବୀ ହେବା ଲାଗି ଏକ ଅଟୋ କିଣିଲେ। ସେ କୁହନ୍ତି, ପିଲାବେଳୁ ଏ ପର୍ଯ୍ୟନ୍ତ ଯାହା କିଛି ସଞ୍ଚୟ କରିଥିଲି, ସେଥିରେ ଅଟୋ କିଣିଛି। ଯଦିଓ ଜଣେ ଝିଅ ହୋଇ ଏହି କାର୍ଯ୍ୟ କରୁଥିବାରୁ ଅନେକ ଟାହିଟାପରା ଶୁଣିବାକୁ ମିଳୁଛି, ଷ୍ଟାଣ୍ଡରେ ଅଟୋ ରଖିବା ବେଳେ କିମ୍ବା ପାସେଞ୍ଜର ଉଠାଇବା ବେଳେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, ତଥାପି ହାର ମାନିନାହିଁ। ମୋ ମତରେ କୌଣସି ବୃତ୍ତି କେବଳ ପୁରୁଷଙ୍କ ଲାଗି ଉଦ୍ଦିଷ୍ଟ ତା' ନୁହେଁ, ଆଗ୍ରହ ଏବଂ ସାହସ ଥିଲେ ନାରୀ ବି ସବୁକାର୍ଯ୍ୟ ଲାଗି ସମର୍ଥ। ତା'ଛଡା ସତ୍‌ପଥରେ ରୋଜଗାର ଲାଗି ଏପରି କାର୍ଯ୍ୟ ବାଛିଥିବାରୁ କୌଣସି ବାଧାବିଘ୍ନ ମୋତେ ପ୍ରଭାବିତ କରିପାରୁନି ବରଂ ଏଥିରେ ମୋତେ ଆତ୍ମସନ୍ତୋଷ ମିଳୁଛି।

**- ପୌର୍ଣ୍ଣମାସୀ**

---

# ହୋଲିରେ ଆଖିର ସୁରକ୍ଷା



ରଙ୍ଗର ଉତ୍ସବ ହୋଲିରେ ଭଳିକିଭଳି ରଙ୍ଗ ଖେଳର ମଜା ନେବାକୁ ସମସ୍ତଙ୍କ ଭିତରେ ଉତ୍କଣ୍ଠା ଭରି ରହିଥାଏ। ହେଲେ କେବେକେବେ ଏହି ରଙ୍ଗ ଖେଳ ପରବର୍ତ୍ତୀ ସମୟରେ ଶରୀର ପାଇଁ ବିଭିନ୍ନ ସମସ୍ୟାର କାରଣ ସାଜିଥାଏ। କାରଣ କେତେକ ରଙ୍ଗରେ ଥିବା କେମିକାଲ ଶରୀର ପାଇଁ ହାନିକାରକ। ବିଶେଷକରି ଚକ୍ଷୁ ଭଳି ସମ୍ବେଦନଶୀଳ ଅଙ୍ଗରେ ଏଭଳି କ୍ଷତିକାରକ କେମିକାଲ ରଙ୍ଗ ପଡ଼ିଲେ, ସଂକ୍ରମଣ ହେବା ସହ ଚକ୍ଷୁ ନଷ୍ଟ ହୋଇ ଅନ୍ଧ ହୋଇଯିବାର ମଧ୍ୟ ଆଶଙ୍କା ଥାଏ।

- ସାଧାରଣତଃ ହୋଲି ରଙ୍ଗରେ ଅନେକ କେମିକାଲ ମିଶିଥାଏ। ସେଗୁଡ଼ିକ ହେଲା ମାଲାକାଇଟ୍ ଗ୍ରୀନ୍, ରୋଡ଼ାମିନ୍, ଜେନ୍‌ସିଆନ୍ ଭାଓଲେଟ୍, ଲେଡ୍ ଅକ୍ସାଇଡ୍ (କଳାରଙ୍ଗ), କପର ସଲ୍‌ଫେଟ୍ (ଶାଗୁଆ ରଙ୍ଗ), ଆଲୁମିନିୟମ୍ (ସିଲଭର ରଙ୍ଗ) ମର୍କ୍ୟୁରି ସଲ୍‌ଫେଟ୍ (ଲାଲ ରଙ୍ଗ) ଆଦି। ଏହା ଆଖିରେ ପଡ଼ିଲେ, ଆଖି ଲାଲ ହେବା ସହ କୁଣ୍ଡାଇ ହୁଏ, ଲୁହ ବହିଥାଏ ଏବଂ ଝାପ୍‌ସା ଦେଖାଯାଏ।



- ବେଳେବେଳେ ଏଭଳି ରଙ୍ଗ ସଂସ୍ପର୍ଶରେ ଆସିବା ଦ୍ୱାରା ଆଖିରେ କେମିକାଲ ଇଞ୍ଜୁରି ହୋଇଥାଏ। ଫଳରେ ଆଖିରେ ଆଲର୍ଜି ହୋଇ କୁଣ୍ଡେଇ ହୁଏ। ଘା' ହେବା ସହ ଲେଞ୍ଜରା ବୋହିଥାଏ। ଖରାକୁ ଅନାଇଲେ କଷ୍ଟ ହୁଏ ଏବଂ ଆଖି ଫୁଲିଯାଏ।
- ହୋଲି ରଙ୍ଗରୁ ଆଖିକୁ ରକ୍ଷା କରିବାକୁ ହେଲେ ମୁହଁରେ ମାସ୍କ ପିନ୍ଧିବା ସହ ଚଷମା ପିନ୍ଧିବା ଆବଶ୍ୟକ। ମୁଣ୍ଡରେ ମଧ୍ୟ ଏଭଳି କେମିକାଲ ରଙ୍ଗ ବୋଳିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ସ୍କିନ୍ ଆଲର୍ଜି ହୋଇ କେଶ ଝଡ଼ିଥାଏ ଏବଂ ଏହି ରଙ୍ଗ କେବେକେବେ ମୁଣ୍ଡରୁ ଆଖିକୁ ବୋହି ଆସେ ଏବଂ ବେଶ୍ କ୍ଷତି ପହଞ୍ଚାଇଥାଏ।
- ମାସ୍କ, ଗ୍ଲାସ୍ ଆଦି ବ୍ୟବହାର କରିବା ପରେ ମଧ୍ୟ ଯଦି ଆଖିରେ ରଙ୍ଗ ଲାଗି ଯନ୍ତ୍ରଣା ହୁଏ, ତେବେ ସର୍ବପ୍ରଥମେ ବିଶୁଦ୍ଧ ପାଣିରେ ଆଖିକୁ ଭଲଭାବେ ଧୋଇ ଦିଅନ୍ତୁ। ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଆଖିରେ ଡ୍ରପ୍ ପକାନ୍ତୁ।
- ମନେରଖନ୍ତୁ ହୋଲି ଖେଳିବାକୁ ଚାହୁଁଥିଲେ ପ୍ରାକୃତିକ ରଙ୍ଗ, ଅର୍ଗାନିକ୍ ଅବିର, ଫଗୁ ଆଦି ବ୍ୟବହାର କରନ୍ତୁ। ରଙ୍ଗ ଖେଳିବା ପୂର୍ବରୁ ଦେହ, ହାତ, ମୁହଁ ଚାରିଆଡ଼େ ଭଲଭାବେ ତେଲ ଲଗାଇ ଦିଅନ୍ତୁ। ଯଦି ଆପଣ କଂଟାକ୍ଟ ଲେନ୍ସ ବ୍ୟବହାର କରୁଛନ୍ତି, ତେବେ ରଙ୍ଗ ଖେଳିବା ବେଳେ ଏହାକୁ କାଢ଼ି ରଖିଦିଅନ୍ତୁ।

**- ଡା. ସୋନାଲି ଷଡ଼ଙ୍ଗୀ**
ଚକ୍ଷୁରୋଗ ବିଶେଷଜ୍ଞ
ମୋ- ୭୯୭୮୯୪୫୫୫୨

---

ଜାଣନ୍ତୁ ଦୁନିଆ

# ଷ୍ଟାଚ୍ୟୁ ଅଫ୍ ଲିବର୍ଟି

**ପୃଥିବୀରେ ରହିଛି ଅନେକ ଆଶ୍ଚର୍ଯ୍ୟଜନକ ସ୍ଥାପତ୍ୟ, ଯାହା ମଧ୍ୟରୁ ଆମେରିକାର ନ୍ୟୁୟର୍କ ସହରରେ ଥିବା ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଅନ୍ୟତମ। ଆସନ୍ତୁ ଜାଣିବା ଏ ସମ୍ପର୍କରେ କିଛି ରୋଚକ କଥା...**

- ▶ଏହାକୁ ଫ୍ରେଞ୍ଚ ମୂର୍ତ୍ତିକାର ଫ୍ରେଡେରିକ୍ ଅଗଷ୍ଟ ବାର୍ଥୋଲ୍ଡି ଡିଜାଇନ୍ କରିଥିବା ବେଳେ ଆଭ୍ୟନ୍ତରୀଣ ନିର୍ମାଣ କାର୍ଯ୍ୟ ଇଞ୍ଜିନିୟର ଗଷ୍ଟେଭ୍ ଇଫେଲ୍ ତଦାରଖ କରିଥିଲେ।
- ▶ଏହାକୁ ନିର୍ମାଣ କରିବା ଲାଗି ୩୦୦ ଭିନ୍ନଭିନ୍ନ ପ୍ରକାରର ହାତୁଡ଼ି ବ୍ୟବହାର କରାଯାଇଥିଲା।
- ▶ଆମେରିକା ଏବଂ ଫ୍ରାନ୍ସ ମଧ୍ୟରେ ବନ୍ଧୁତାର ପ୍ରତୀକ ଭାବେ ୧୮୮୬ ମସିହା ଅକ୍ଟୋବର ୨୮ ତାରିଖରେ ଆମେରିକା ରାଷ୍ଟ୍ରପତି ଗ୍ରୋଭର କ୍ଲିଭ୍‌ଲାଣ୍ଡଙ୍କ ଉପସ୍ଥିତିରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉଦ୍‌ଘାଟନ ହୋଇଥିଲା।
- ▶ଏହା ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ବି ସ୍ଥାନ ପାଇଥିଲା।
- ▶ଏହାର ପ୍ରକୃତ ନାମ ହେଉଛି ଲିବର୍ଟି ଏନ୍‌ଲାଇଟେନିଂ ଦି ୱାର୍ଲ୍ଡ।
- ▶ଏହି ମୂର୍ତ୍ତି ହାତରେ ଧରିଥିବା ମଶାଲ ଏବଂ ବହିରେ ଆମେରିକାର ସ୍ୱତନ୍ତ୍ରତା ଘୋଷଣା ହେବା ଦିବସ ଜୁଲାଇ ୪, ୧୭୭୬ ଖୋଦିତ ହୋଇଛି।
- ▶୧୯୨୪, ଅକ୍ଟୋବର ୧୫ ତାରିଖରେ ଏହାକୁ ଆମେରିକାର ଜାତୀୟ କୀର୍ତ୍ତିର ମାନ୍ୟତା ମିଳିଥିଲା।
- ▶ଏହି ଷ୍ଟାଚ୍ୟୁର ରଙ୍ଗ ସବୁଜ ଦେଖାଯାଉଥିଲେ ହେଁ ବାସ୍ତବରେ ଏହାକୁ ଏପରି ରଙ୍ଗ କରାଯାଇ ନାହିଁ। ଏହାକୁ ନିର୍ମାଣ କରିବା ଲାଗି ବ୍ୟବହାର କରାଯାଇଥିବା ପିତ୍ତଳ ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ସମୟକ୍ରମେ ଏହାର ରଙ୍ଗ ପରିବର୍ତ୍ତିତ ହୋଇ ଏପରି ହୋଇଛି।
- ▶ଏହି ମୂର୍ତ୍ତିର ଉଚ୍ଚତା ୯୩ ମିଟର ହୋଇଥିବା ବେଳେ ଓଜନ ୨୦୪ ମେଟ୍ରିକ୍ ଟନ୍।
- ▶ମୂର୍ତ୍ତିର ମୁକୁଟରେ ୨୫ଟି ଝରକା ରହିଛି। ସେଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ୩୫୪ ପାହାଚ ଚଢ଼ିବାକୁ ହୋଇଥାଏ।
- ▶ଏହି ମୁକୁଟରେ ଥିବା ୭ଟି କଣ୍ଟା ୭ଟି ମହାଦେଶକୁ ସୂଚାଇଥାଏ।
- ▶ଏହି ମୂର୍ତ୍ତି ବର୍ଷକୁ ପ୍ରାୟ ୬୦୦ଥର ବଜ୍ରାଘାତର ଶିକାର ହୋଇଥାଏ। ଏହାର ଫଟୋ ପ୍ରଥମ ଥର ପାଇଁ ୨୦୧୦ରେ ଉଠାଯାଇଥିଲା।
- ▶ଏହି ଷ୍ଟାଚ୍ୟୁ ସ୍ଥାପନା କରାଯାଇଥିବା ଆଇସ୍‌ଲାଣ୍ଡର ପ୍ରକୃତନାମ ବେଡ୍‌ଲଇ ଆଇସ୍‌ଲାଣ୍ଡ ହୋଇଥିବା ବେଳେ ୧୯୫୬ରେ ଏହାକୁ ପରିବର୍ତ୍ତନ କରାଯାଇ ଲିବର୍ଟି ଆଇସ୍‌ଲାଣ୍ଡ କରାଗଲା।
- ▶ଏହା ୧୯୦୨ ମସିହା ପର୍ଯ୍ୟନ୍ତ ଏକ ଲାଇଟ୍ ହାଉସ୍ ଭାବେ ମଧ୍ୟ କାର୍ଯ୍ୟ କରୁଥିଲା।



---

## ଏ ସପ୍ତାହର ପ୍ରଶ୍ନ

୧- ନିକଟରେ ....... ରାଜ୍ୟ ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ଚାକିରି ସମୟ ସୀମା ବୃଦ୍ଧି ଯୋଜନା ବନ୍ଦ କରାଯାଇଛି ?
୨- ଡିଏସ୍‌ଏଲ୍‌ଆର୍‌ର ଫୁଲ୍‌ଫର୍ମ .......... ?
୩- ୱାନ୍ ଲାଇଫ୍ ଇଜ୍ ନଟ୍ ଏନଫ୍ ପୁସ୍ତକର ଲେଖକ .......... ?
୪- ଓସ୍କାର ପାଇଥିବା ବେଷ୍ଟ ଆନିମେଟେଡ୍ ଫିଚର ଫିଲ୍ମ ୨୦୨୦ ............ ?
୫- ସେଣ୍ଟର ଫର୍ ଡିଏନ୍‌ଏ ଫିଙ୍ଗରପ୍ରିଣ୍ଟିଂ ଆଣ୍ଡ ଡାଇଗ୍ନୋଷ୍ଟିକ୍ସର ହେଡ୍‌କ୍ୱାର୍ଟର ......... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ବ୍ୟୁରୋ ଅଫ୍ ସିଭିଲ୍ ଆଭିଏସନ୍ ସିକ୍ୟୁରିଟି
୨ ରେଡିଓ ଏବଂ ବିବିଧତା
୩ ରୋମ୍
୪ ଭିନେସ୍ ଫୋଗଟ୍
୫ ୨୫ଟି

## ଉତ୍ତର ଦାତା



ରୁକ୍‌ସାନା, କେନ୍ଦ୍ରାପଡ଼ା



ମନୋଜ ମହାରଣା, ଭୁବନେଶ୍ୱର



ସ୍ୱାଗତ ପୂଜାହାରୀ, ସୋନପୁର



ବିଶ୍ୱରଞ୍ଜନ ମହାନ୍ତି, ତାଳଚେର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ମାର୍ଚ୍ଚ, ୨୦୨୦



## ସଂକ୍ଷେପରେ

### ବ୍ୟାରେଜ ନିର୍ମାଣ ଦାବି କଲେ ପୂର୍ବତନ ବିଧାୟକ ଦେବେନ୍ଦ୍ର

ଆଳି,୭।୩ (ଡି.ଏନ.ଏ) : ଆଳି, ରାଜକନିକା ଓ ରାଜନଗର ବ୍ଲକର କେନ୍ଦ୍ରସ୍ଥଳ ଏକମାଣିଆ ନଳପାହି ଠାରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ମିଳନ ସ୍ଥଳରେ ଏକ ଇନ-ଷ୍ଟ୍ରିମ ବ୍ୟାରେଜ ନିର୍ମାଣ ଦାବି କରି ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ଏକ ଖୋଲା ଚିଠି ଲେଖିଛନ୍ତି । ଶର୍ମା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଆଳି ନିର୍ବାଚନ ମଣ୍ଡଳୀରେ ଗତ ୨୦ ବର୍ଷ ମଧ୍ୟରେ କୌଣସି ଆଖିଦୃଶିଆ ବିକାଶ ଘଟିନାହିଁ । ୨୦୧୪ ରୁ ୨୦୧୯ ମଧ୍ୟରେ ଟେଣ୍ଡର ହୋଇ ଠିକାଦାର ନିଯୁକ୍ତି ପରେ ବି ପଦନୀପାଳ, ବଳିତର ଘାଟ, ଆଖଣ୍ଡଳମଣି ନିକଟ ବୈତରଣୀ ପୋଲ, ଶ୍ରୀରାମପୁର ଠାରେ ବ୍ରାହ୍ମଣୀ ନଦୀର ପୋଲ ଓ ନଳପାହି -ଏକମାଣିଆ ନିକଟରେ ବ୍ରାହ୍ମଣୀ ନଦୀ ଉପରେ ପୋଲ ନିର୍ମାଣ ବନ୍ଦ ରଖିବା ଏ ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ସ୍ପଷ୍ଟ କରୁଛି । ବ୍ଲକର ପଦନୀପାଳ, ଜୁଆଣିଆ, ଏରଡଙ୍ଗ, ମାଣିକପାଟଣା, ନରେନ୍ଦ୍ରପୁର, ରାଜକନିକା ବ୍ଲକର କୋରନ୍ଦ, ଜୟନଗର, ପଧାନପଡା, ପଣଷଗଣ୍ଡ ପଞ୍ଚାୟତରେ ଦୁର୍ନୀତି ପ୍ରମାଣିତ ହୋଇ ବି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନାହିଁ । ଏବେ ନଦୀଜଳକୁ ବିଭିନ୍ନ ସ୍ଥାନରେ ଇନ-ଷ୍ଟ୍ରିମ ବ୍ୟାରେଜ ନିର୍ମାଣ କରି ଜଳସେଚନ ଓ ପାନୀୟଜଳ ସମସ୍ୟା ସମାଧାନ କରିବାକୁ ପ୍ରୟାସ ଆରମ୍ଭ ହୋଇଛି । ତେବେ ଆଳି-ରାଜକନିକା ଅଞ୍ଚଳରେ ପ୍ରବାହିତ ଖରସ୍ରୋତା ନଦୀର ପାଣି ନେଇ ଭଦ୍ରକ ଜିଲାର ୪ ଟି ବ୍ଲକକୁ ପାନୀୟଜଳ ଯୋଗାଇବା ନିମନ୍ତେ ଅପଚେଷ୍ଟା କରାଯିବା ଅଞ୍ଚଳବାସୀଙ୍କୁ ଘୋର ଆଘାତ ଦେଇଛି । । ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନଳପାହି ଠାରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ମିଶ୍ରଣ ସ୍ଥାନରେ ଏକ ଇନ-ଷ୍ଟ୍ରିମ ବ୍ୟାରେଜ ନିର୍ମାଣ ହେଲେ କଥିତ ୩ ବ୍ଲକର ଲୋକ ଓ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି ।

# ଗାଁରେ ବୁଲିଲା ସୁରକ୍ଷା ରଥ

**ରାଜକନିକା, ୭।୩ (ଡି.ଏନ୍.ଏ.)**

ରାଜକନିକା ଓ ଆଳି ବ୍ଲକ ଦେଇ ବହି ଯାଇଥିବା ଖରସ୍ରୋତା ନଦୀର ପାଣିକୁ ପାଇପ୍ ଯୋଗେ ଶୋଷି ନେଇ ଭଦ୍ରକ ଓ ବାଲେଶ୍ୱର ଜିଲାର ୯୨ଟି ପଞ୍ଚାୟତରେ ପହଞ୍ଚାଇବା ପାଇଁ ସରକାରୀ ସ୍ତରରେ ଷଡଯନ୍ତ୍ର ଚାଲିଛି । ଏହା ଜଣାପଡିବା ପରେ କନିକାବାସୀଙ୍କ ପକ୍ଷରୁ ଏହାର ସୁରକ୍ଷା ପାଇଁ ଗଠିତ ହୋଇଥିବା ଖରସ୍ରୋତା ସୁରକ୍ଷା ପରିଷଦ ଏହି ପ୍ରକଳ୍ପକୁ ତୀବ୍ର ବିରୋଧ କରିଛି । ଏଥିସହିତ ଆଇନଗତ,ପ୍ରଶାସନିକ ସ୍ତରରେ ଏହାର ବିରୋଧ ଜାରି ରଖିଛି । ଶନିବାର ଖରସ୍ରୋତା ସୁରକ୍ଷା ରଥ ଜରିଆରେ ସମଗ୍ର ଆଳି-ରାଜକନିକା ବ୍ଲକରେ ଏନେଇ ଜନ ଜାଗରଣ ସୃଷ୍ଟି ଲାଗି ଅଭିଯାନ ଆରମ୍ଭ ହୋଇଛି ।

ସୂଚନାଯୋଗ୍ୟ ଯେ, ଭଦ୍ରକ ଓ ବାଲେଶ୍ୱର ଜିଲାବାସୀଙ୍କୁ ପିଇବା ପାଣି ଯୋଗାଇ ଦେବା ଆଳରେ ରାଜ୍ୟ ସରକାର କନିକା ମାଟିର ଜନଗଣଙ୍କୁ ଅଗୋଚରରେ ରଖି ଖରସ୍ରୋତା ନଦୀ ପାଣିକୁ ପାଇପ ଯୋଗେ ଏଠାରୁ ଶୋଷି ନେଇ ଚାନ୍ଦବାଲିର ନୂଆହାଟ ଠାରେ ଏହାକୁ ବିଶୋଧନ କରି ୮୯୨.୧୪ କୋଟି ଟଙ୍କାରେ ଏକ ବୃହତ୍ ମେଗା ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ଯୋଗାଇ ଦେବାକୁ ଷଡଯନ୍ତ୍ର ଚଳାଇଛନ୍ତି । ଏଥିପାଇଁ ଆଳି-କନିକାରେ ଏହି ପ୍ରକଳ୍ପ ବିରୋଧୀ ମନୋଭାବ ତେଜିବାରେ ଲାଗିଛି । ଭଦ୍ରକ ଓ ବାଲେଶ୍ୱର ଜିଲାରେ ବହୁ ନଦୀ ଥିବା ବେଳେ କେଉଁ ନ୍ୟାୟରେ ଖରସ୍ରୋତା ନଦୀର ମିଠାପାଣିକୁ ପାଇପ ଯୋଗେ ନେଇ ପାଣି ଯୋଗାଇ ଦେବା ବାହାନା କରିବା ଜନ ଅସନ୍ତୋଷର କାରଣ ହୋଇଛି । କେନ୍ଦ୍ର ଭୂତଳ ଜଳ ବିବରଣୀ ୨୦୧୭ ଅନୁଯାୟୀ, କେନ୍ଦ୍ରାପଡା ଜିଲାର ରାଜକନିକା, ରାଜନଗର, ମହାକାଳପଡା, ମାର୍ଶାଘାଇ ଏବଂ ଗରଦପୁର ବ୍ଲକର ଭୂତଳ ଜଳ ଲବଣାକ୍ତ ଥିବା ବେଳେ ଭଦ୍ରକ ଜିଲାର ତିହିଡି, ବାସୁଦେବପୁର, ଧାମନଗର ବ୍ଲକର ଭୂତଳଜଳ ମଧୁର ରହି ପାନୀୟ ଉପଯୁକ୍ତ ରହିଛି । ତେବେ ଗୋଟେ ଅଞ୍ଚଳର ଭୂତଳ ଜଳ ସଙ୍କଟଜନକ ଅବସ୍ଥାରେ ଥିବା ବେଳେ ସେହି ଅଞ୍ଚଳରୁ ପାଣି ଶୋଷି ମଧୁର ଜଳ ଥିବା ଅଞ୍ଚଳକୁ ଯୋଗାଇ ଦେବା କେତେ ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ କନିକାବାସୀଙ୍କ ପ୍ରତି ସାମାନ୍ୟତମ ଦରଦ ଦେଖାଇ ନ ଥିବା ସରକାରଙ୍କ ଏଭଳି ହୀନ ଉଦ୍ୟମକୁ ଖରସ୍ରୋତା ସୁରକ୍ଷା ପରିଷଦ ତୀବ୍ର ବିରୋଧ କରି ଆସିବା ସହ ଏହି ପ୍ରକଳ୍ପ ବନ୍ଦ ପାଇଁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୁରକ୍ଷା ରଥ ପରିକ୍ରମା ଜାରି ରଖିଛି । ନିଜ ମାଟି ମା'ର ସ୍ୱାଭିମାନ ରକ୍ଷା ତଥା ଭବିଷ୍ୟତ ଦାୟାଦଙ୍କ ଅଧିକାରକୁ ସବୁଦିନ ସାବ୍ୟସ୍ତ କରିବାକୁ ଚାଲିଥିବା ସଂଗ୍ରାମକୁ ଆଗେଇ ନେବାରେ ପରିଷଦର ଉଦ୍ୟମକୁ ସବୁ ମହଲରେ ସ୍ୱାଗତ କରାଯାଇଛି । ପରିଷଦର ମୁଖ୍ୟ ସଂଯୋଜକ ସଞ୍ଜୟ ବେହୁରା, ଉପଦେଷ୍ଟା ନବକୁମାର ଜେନା, ସୁକାନ୍ତ ଦାଶ, ଦଶରଥ ସେନାପତି, ସଂପାଦକ ଅଶୋକ ସାମଲ, ଯୁଗ୍ମ ସଂପାଦକ ଶୁଭାଶୀଷ ଷଡଙ୍ଗୀ ପ୍ରମୁଖ ସୁରକ୍ଷା ରଥ ଜରିଆରେ ଗାଁ ଗାଁ ବୁଲି ଜନଗଣଙ୍କୁ ସଂଗଠିତ କରାଇବାରେ ଲାଗି ପଡିଛନ୍ତି ।

### ଖରସ୍ରୋତା ନଦୀ ଜଳ ଶୋଷଣ ଲାଗି ଷଡଯନ୍ତ୍ର



ଜନଜାଗରଣ ପାଇଁ ବାହାରିଥିବା ସୁରକ୍ଷା ରଥ ।

### ଗଞ୍ଜେଇ ବ୍ୟବସାୟୀଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ

**କେନ୍ଦ୍ରାପଡା ଅଫିସ, ୭।୩**

କେନ୍ଦ୍ରାପଡା ଏଡିଜେ କୋର୍ଟରେ ଏକ ବେଆଇନ ଗଞ୍ଜେଇ କାରବାର ମାମଲାର ଶୁଣାଣି ହୋଇ ରାୟ ପ୍ରକାଶ ପାଇଛି । ଶନିବାର ଏଡିଜେ ମୋହନ ରାଓ ଏହି ମାମଲା (ନଂ-୨-ଏ ସିସି)ର ଶୁଣାଣି କରି ଡେରାବିଶ ଥାନା ସବଳଙ୍ଗ ଗ୍ରାମର ନିତ୍ୟାନନ୍ଦ ବେହେରାଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି । ଏଥିସହ ଜରିମାନା ବାବଦ ୧୦ ହଜାର ଟଙ୍କା ଆଦାୟ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅବକାରୀ ବିଭାଗ ପକ୍ଷରୁ ୨୦୧୧ ମସିହାରେ ଚଢାଉ କରାଯାଇ ନିତ୍ୟାନନ୍ଦଙ୍କ ନିକଟରୁ ୬୦ କେଜି ଗଞ୍ଜେଇ ଜବତ ହୋଇଥିଲା । ଏହି ମାମଲାକୁ ଏପିପି ଗୋକୁଳିରଞ୍ଜନ ଦାଶ ପରିଚାଳନା କରିଥିବା ଆଇନଜୀବୀ ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି ।

# ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ଆଲୋଚନାଚକ୍ର

## ■ ଧର୍ମୀୟ ଆଧାରରେ ପ୍ରସ୍ତୁତ ସିଏଏ, ଏନପିଆର ଓ ଏନଆରସି

**କେନ୍ଦ୍ରାପଡା ଅଫିସ, ୭।୩**

ଆମେ ଭାରତବାସୀ ସଂଗଠନ ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ଏକ ଆଲୋଚନାଚକ୍ର ଶନିବାର ସହରର ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସିଏଏ, ଏନପିଆର ଓ ଏନଆରସି ଧର୍ମୀୟ ଅଧାରରେ ପ୍ରସ୍ତୁତ ହୋଇଥିବା ଆଲୋଚକମାନେ ମତ ଦେଇଥିଲେ ।

ଏହି ଆଧାରରେ ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ପଠା ଯାଇଥିଲା । ଏହି ଆଲୋଚନାଚକ୍ରରେ ସ୍ତମ୍ଭକାର ରବି ଦାସ, ଅର୍ଥନୀତିଜ୍ଞ ପଞ୍ଚାନନ କାନୁନଗୋ, ରାଜନେତା ଜନାର୍ଦ୍ଦନ ପତି, ଶ୍ରମିକନେତା ରାମକୃଷ୍ଣ ପଣ୍ଡା ଓ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଆଲୋଚକ ଭାବେ ଯୋଗ ଦେଇଥିଲେ । ସେମାନେ ଦର୍ଶାଇଥିଲେ ଯେ, କେନ୍ଦ୍ର ସରକାର ଭୋଟ ରାଜନୀତିକୁ ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ଧର୍ମୀୟ ଆଧାରରେ ଆଇନ ପ୍ରସ୍ତୁତ ସହ ଦେଶ ବିଭାଜନକାରୀ ନିର୍ଦ୍ଦେଶନାମା ଦେଉଛନ୍ତି । ଏହାଦ୍ୱାରା ସମ୍ବିଧାନର ମୌଳିକ ଉଦ୍ଦେଶ୍ୟ ଖଣ୍ଡିତ ହେଉଥିବା ବେଳେ ମାନବିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସିଏଏ ଆଇନ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଭାରତର ସମ୍ମାନ କ୍ଷୁଣ୍ଣ ହେଉଛି । ଓଡିଶା ସରକାରଙ୍କ ପକ୍ଷରୁ ବିଧାନସଭାରେ ଏହି ଆଇନ ବିରୋଧରେ ସଂକଳ୍ପନାମା ପାରିତ କରିବା ପାଇଁ ଆଲୋଚକମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ସିଏଏ, ଏନପିଆର ଓ ଏନଆରସିକୁ ବିରୋଧ କରାଯିବା ପାଇଁ ଶପଥ ପାଠ ହୋଇଥିଲା । ସଂଗଠନ କର୍ମକର୍ତ୍ତା ଆଦିକନ୍ଦ ରାଉଳ, ଗୟାଧର ଧଳ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଆଲୋଚକମାନେ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୮।୩।୨୦୨୦ (ରବିବାର)**

- ବିଶ୍ୱ ମହିଳା ଦିବସ ପାଳନ, **ସ୍ଥାନ**-ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡା, **ସମୟ**-ପୂର୍ବାହ୍ନ ୧୦ଟା ।
- ଓଳକଣା ମେଳଣ, **ସ୍ଥାନ**- ଓଳକଣା, ଡେରାବିଶ, **ସମୟ**-ଅପରାହ୍ନ ୫ଟା ।

**୯।୩।୨୦୨୦ (ସୋମବାର)**

- ଆର୍ଯ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ, **ସ୍ଥାନ**-ମଣିକୁଣ୍ଡା, ମାର୍ଶାଘାଇ, **ସମୟ**-ଅପରାହ୍ନ ୪ଟା ।
- ଶ୍ରୀ ବାସୁଦେବ ବିଶ୍ୱଶାନ୍ତି ମହାଯଜ୍ଞ, **ସ୍ଥାନ**-ଡଅଁରମୁଣ୍ଡା, ମାର୍ଶାଘାଇ, **ସମୟ**-ସନ୍ଧ୍ୟା ୬ଟା ।
- ରୁଦ୍ର ମହାଯଜ୍ଞ, **ସ୍ଥାନ**-କୁସୁନୁପୁର, ମାର୍ଶାଘାଇ, **ସମୟ**-ସନ୍ଧ୍ୟା ୬ଟା ।
- ଗାଦି ମହାପୁରୁଷ ମହାଯଜ୍ଞ, **ସ୍ଥାନ**-ମଙ୍ଗରାଜପୁର, ମାର୍ଶାଘାଇ, **ସମୟ**-ଅପରାହ୍ନ ୫ଟା ।
- ଦୋଳ ପୂର୍ଣ୍ଣିମା ଉପଲକ୍ଷେ କାର୍ଯ୍ୟକ୍ରମ, **ସ୍ଥାନ**-ଶ୍ରୀ ଗୋବିନ୍ଦଜୀଉ, ଚାଟରାପାଟଣା, କେନ୍ଦ୍ରାପଡା, **ସମୟ**-ସନ୍ଧ୍ୟା ୬ଟା ।
- ହରଅଙ୍କ ମେଳଣ, **ସ୍ଥାନ**-ହରିଅଙ୍କ, ଡେରାବିଶ, **ସମୟ**-ସନ୍ଧ୍ୟା ୬ଟା ।

**୧୦।୩।୨୦୨୦ (ମଙ୍ଗଳବାର)**

- ଦୋଳ ପୂର୍ଣ୍ଣିମା ଉପଲକ୍ଷେ କାର୍ଯ୍ୟକ୍ରମ, **ସ୍ଥାନ**-ଶ୍ରୀ ଗୋବିନ୍ଦଜୀଉ, ଚାଟରାପାଟଣା, କେନ୍ଦ୍ରାପଡା, **ସମୟ**-ସନ୍ଧ୍ୟା ୬ଟା ।

**୧୩।୩।୨୦୨୦ (ଶୁକ୍ରବାର)**

- କଂଗ୍ରେସର ବିଶାଳ ଗଣ ଆନ୍ଦୋଳନ, **ସ୍ଥାନ**-ରାଜନଗର, କେନ୍ଦ୍ରାପଡା, **ସମୟ**-ପୂର୍ବାହ୍ନ ୧୦ଟା ।

### ୧୦୫ ୟୁନିଟ ରକ୍ତ ସଂଗ୍ରହ



**କେନ୍ଦ୍ରାପଡା ଅଫିସ, ୭।୩:** କେନ୍ଦ୍ରାପଡା ବ୍ଲକ ପରିସରରେ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତିରାଜ ଦିବସ ଓ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଏହି ଶିବିରରେ ମୋଟ ୧୦୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଶିବିରକୁ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଉଦ୍‌ଘାଟନ କରିଥିଲେ । ଶିବିରରେ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ସମେତ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ । ବହୁ ବ୍ୟକ୍ତି ଯୋଗଦେଇ ରକ୍ତଦାନ କରିଥିଲେ ।

# ଅବାଧରେ ଚାଲିଛି ବାଲି ଚୋରା ଚାଲାଣ

**ମାର୍ଶାଘାଇ, ୭।୩ (ଡି.ଏନ.ଏ.)**

ବେପରୁଆ ଭାବରେ ଚିତ୍ରୋତ୍ପଳା ନଦୀ ପଠାରୁ ଚାଲିଛି ବାଲି ଚାଲଣ । ସବୁ ଦେଖି ପ୍ରଶାସନ ଚୁପ୍ ହୋଇ ରହୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ବାଲି ବ୍ୟବସାୟୀ ଓ ରାଜସ୍ୱ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଏବେ ପଦାରେ ପଡିଛି । ସୂଚନାଯୋଗ୍ୟ ଯେ, ମାର୍ଶାଘାଇ ତହସିଲ ଅଞ୍ଚଳର ପରକୂଳା, ଶାସନିପଡା, ନାରଣପୁର, ଆଙ୍କୋ, ପିକରାଳୀ, ମାଣ୍ଡିଆ, ବାରତୁଙ୍ଗା ନିକଟ ନଦୀ ପଠାରୁ ଶହଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବାର ଦେଖିବାକୁ ମିଳୁଛି । ଗୋଟିଏ ପଟେ ମାର୍ଶାଘାଇ ରାଜସ୍ୱ ଅଧିକାରୀ ବାଲି ଚୋରା ଚାଲଣ ରୋକିବା ପାଇଁ ବିଭିନ୍ନ ସମୟରେ ଧରପଗଡ କରି ବାଲି ବୋଝେଇ ଟ୍ରାକ୍ଟର, ହାଇୱା ଆଦି ଗାଡିରୁ ଜରିମାନା ଆଦାୟ କରି ଚୋରା ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରୁଛନ୍ତି । ଅପରପକ୍ଷରେ ତଳିଆ କର୍ମଚାରୀ ରାଜସ୍ୱ ଅଧିକାରୀଙ୍କ ଗତିବିଧି ଲକ୍ଷ୍ୟ କରି ବାଲି ବ୍ୟବସାୟୀଙ୍କୁ ସହାୟତା କରୁଥିବାର ଜଣାପଡିଛି । ଦିନ ଦ୍ୱିପ୍ରହରରେ ନଦୀ ପଠାରୁ ବେଧଡକ ଭାବେ ବାଲି ଚୋରା ଚାଲଣ କରି ବ୍ୟବସାୟୀ ମାଲାମାଲ ହେଉଥିବାର ଦେଖିବାକୁ ମିଳୁଛି । ନଦୀ ପଠାରୁ ବିଭିନ୍ନ ସ୍ଥାନରେ ବାଲି ଚାଲାଣ ଦ୍ୱାରା ରାସ୍ତା ନଷ୍ଟ ହେବା ସହିତ ନଦୀ କୂଳ ଲଘିଂ କ୍ଷୟକ୍ଷତି କରୁଛି । ଏହାଛଡା ବାଲି ବୋଝେଇ ଗାଡି ଯିବା ଦ୍ୱାରା ରାସ୍ତା ନଷ୍ଟ ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବାରୁ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଅଞ୍ଚଳବାସୀ ସଜବାଜ ହେଉଥିବା ସୂଚନା ମିଳିଛି ।


ନଦୀପଠାରୁ ଗାଡି ଯୋଗେ ବାଲି ନିଆଯାଉଛି ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ମାର୍ଶାଘାଇ, ୭।୩ (ଡି.ଏନ.ଏ.)**

ମାର୍ଶାଘାଇ ଥାନା ଅଧୀନ ଜୟଚନ୍ଦ୍ରପୁର ଗ୍ରାମର ଅଦର୍ଶ ଶିକ୍ଷକ ତଥା ସାମାଜିକ କର୍ମୀ ହରେକୃଷ୍ଣ ରାଉତ(୬୮)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି । ସ୍ୱର୍ଗତ ରାଉତ ଗତ ୪ମାସ ତଳେ ୫ ନମ୍ବର(କ) ଜାତୀୟ ରାଜପଥର ହଜାରି ଛକ ନିକଟରେ ଏକ ସଡକ ଦୁର୍ଘଟଣାରେ ଆହତ ହୋଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ରାଉତ ଜଣେ ଛାତ୍ର ବତ୍ସଳ,ମେଳାପି,କର୍ତ୍ତବ୍ୟ ପରାୟଣ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ । ମାର୍ଶାଘାଇ ଓ ମହାକାଳପଡା ବ୍ଲକର ବିଭିନ୍ନ ସ୍କୁଲରେ ସେ ଶିକ୍ଷକତା କରିଥିଲେ । ତାଙ୍କ ବିୟୋଗ ଖବର ପାଇ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି । ଜନ୍ମଭୂମି ଜୟଚନ୍ଦ୍ରପୁର ଗ୍ରାମରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁତ୍ର ଅଳିଭା ଜ୍ୟୋତି ରାଉତ ମୁଖାଗ୍ନି ଦେଇଥିଲେ ।

# ବର୍ଷାରେ ଭିଜିଲା ଦେଉଳି ମେଳଣ

**ରାଜକନିକା,୭।୩(ଡି.ଏନ୍.ଏ.)**

ପାରମ୍ପରିକ କନିକା ରାଜମେଳଣ ପ୍ରତିକୂଳ ପାଗ ଯୋଗୁ ଫିକା ପଡିଯାଇଛି । ଫଗୁଦଶମୀ ଠାରୁ ଦୋଳପୂର୍ଣ୍ଣିମା ଯାଏ ୫ ଦିନ ଧରି ଚାଲିବାକୁ ଥିବା ମେଳଣ ଉତ୍ସବ ପାଇଁ ରାଜକନିକା ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ପ୍ରଥମ ଦିନ କାଳିକାପୁର ମେଳଣରେ ବର୍ଷା ବାଧକ ସାଜିଥିଲା । ଦ୍ୱିତୀୟ ଦିନ ଆୟତନ ମେଳଣ ବେଶ ଉପଭୋଗ୍ୟ ହୋଇଥିଲା । ତୃତୀୟ ଦିନ ଦେଉଳି ମେଳଣରେ ମଧ୍ୟାହ୍ନରୁ ବର୍ଷା ଆରମ୍ଭ ହୋଇଯିବାରୁ ଶ୍ରୀଜୀଉମାନେ ଗାଁ ପରିକ୍ରମା କରିବାରେ ଅସୁବିଧା ସୃଷ୍ଟି ହୋଇଥିଲା । ବର୍ଷକର ଅପେକ୍ଷା ପରେ ଆସିଥିବା ଫଗୁଣର ମହକକୁ ବର୍ଷା ଭିଜେଇ ଦେଇଥିବା ବେଳେ ଫଗୁ ଖେଳ ସେତେଟା ଜମି ନ ଥିଲା । ୫ ଦିନିଆ ମେଳଣରୁ ୩ ଦିନ ଏମିତି ପ୍ରତିକୂଳ ପାଗରେ ବିତି ଯାଇଥିବାରୁ ମଠମନ୍ଦିରରୁ ଦୋଳବିମାନରେ ବାହାରି ଥିବା ଶ୍ରୀଜୀଉ ଭକ୍ତମାନଙ୍କ ସହ ମିଶିବାର ସୁଯୋଗ ସତେଯେମିତି ହାତଛଡା ହୋଇଯାଇଛି । ପାଗରେ ହଠାତ ପରିବର୍ତ୍ତନ ହୋଇଥିବାରୁ ରବିବାର ହେବାକୁ ଥିବା ଗିରିଆ ଓ ଶେଷଦିନର ରାଜମେଳଣ ନେଇ ଅନିଶ୍ଚିତତା ଦେଖାଦେଇଛି ।

# ମେଘ ଫିକା କରିଦେଲା ଦୋଳ ମେଳଣ

**ଡେରାବିଶ,୭।୩ (ସ୍ୱ.ପ୍ର.)**

ଶନିବାର ବର୍ଷା ଯୋଗୁ ଚାନ୍ଦୋଳ ଦୋଳ ମେଳଣ ଫିକା ପଡିଛି । ଏଥିଯୋଗୁ ମେଳଣରେ ବିଭିନ୍ନ ବ୍ୟବସାୟୀଙ୍କ ବେପାର ମାନ୍ଦା ପଡିଥିବା ଦେଖିବାକୁ ମିଳିଛି । ପ୍ରତିବର୍ଷ ଦୋଳ ଦଶମୀରେ ମେଳଣ ପାଇଁ ଆଣ୍ଠୁଆଗୋପାଳ, ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବିରାଜମାନ କରାଯାଇ ଅଞ୍ଚଳର ବିଭିନ୍ନ ମେଳଣକୁ ନିଆଯାଇଥାଏ । ଠାକୁର ଯିବା ବାଟରେ ବିଭିନ୍ନ ଗ୍ରାମରେ ଘରକୁ ଘର ଯାଇ ଭୋଗ ଖାଇଥାନ୍ତି । ଶନିବାର ମଧ୍ୟାହ୍ନରେ ପଲେଇ ମଠ ଗୋପୀନାଥଜୀଉ ପ୍ରଥମେ ଏହି ଅଞ୍ଚଳର ବହୁ ପୁରାତନ ଚାନ୍ଦୋଳ ମେଳଣ ପଡିଆରେ ପ୍ରବେଶ କରିଥିଲେ । ପରେ ପଡିଆର ଚତୁଃଦିଗରୁ ବାଜାବାଣ ରୋଷଣୀ ସହିତ ଅନ୍ୟ ବିମାନ ଆସିଥିଲେ । ହେଲେ ଭୋଗଲାଗି ପୂର୍ବରୁ ଅଦିନିଆ ବର୍ଷା ଠାକୁରବାଡ଼ି, ଆୟୋଜକ ଏବଂ ଶ୍ରଦ୍ଧାଳୁଙ୍କ ଖୁସିକୁ ଫିକା କରି ଦେଇଥିଲା ।


ମେଳଣକୁ ଆସିଥିବା ବିମାନ ।

# କରୋନା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ ସ୍ୱତନ୍ତ୍ର ଶଯ୍ୟା



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ ।

**କେନ୍ଦ୍ରାପଡା ଅଫିସ, ୭।୩**

ବିଶ୍ୱରେ ଆତଙ୍କ ଖେଳାଇଥିବା କରୋନା ରୋଗ ପାଇଁ ଜିଲା ପ୍ରଶାସନ ସଜାଗ ହୋଇଛି । ଏଥିରୁ ସୁରକ୍ଷା ପାଇଁ ହାତକୁ ଭଲ ଭାବରେ ନିୟମିତ ଧୋଇବା, ଛିଙ୍କ ବା କାଶ ସମୟରେ ମୁହଁରେ ମାସ୍କ ଲଗାଇବା, ନିୟମିତ ଭାବେ ଶରୀରର ତାପମାତ୍ରା ପରୀକ୍ଷଣ କରିବା, ସାମୂହିକ ମେଳି ନ କରିବା, ମୁହଁ ଓ ଆଖିକୁ ହାତ ଲଗାଇବା ପୂର୍ବରୁ ଭଲ ଭାବେ ଧୋଇବା ପରି ସଚେତନତାକୁ ଗୁରୁତ୍ୱ ଦେଇଛି । ଏଥିସହିତ ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ଆକ୍ରାନ୍ତଙ୍କ ପାଇଁ ୨ଟି ଶଯ୍ୟା ପ୍ରସ୍ତୁତ କରାଯାଇଥିବା ପ୍ରସ୍ତୁତି ବୈଠକ ଆଲୋଚନାରୁ ସୂଚନା ମିଳିଛି । ଏଡିଏମ ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଜିଲାପାଳ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଏସପି ନୀତିଶେଖର, ପିଡି ଦିଲୀପ ପରିଡା, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ସିଡିଏମଓ ଡା. ଉର୍ମିଳା ମିଶ୍ର, ଏଡିଏମଓ ମିର୍ଜା ବାବର ବେଗ, ଡା. ସଚ୍ଚିଦାନନ୍ଦ ମିଶ୍ର ଯୋଗ ଦେଇଥିଲେ । ସେମାନେ ଏହି ରୋଗକୁ ଭୟ ନ କରିବା ପାଇଁ ଜିଲାବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ରୋଗ ଆକ୍ରାନ୍ତ ସମ୍ପର୍କରେ ସାମାନ୍ୟ ସନ୍ଦେହ ସୃଷ୍ଟି ହେଲେ ଡାକ୍ତରଙ୍କ ପରାମର୍ଶ ନେବାକୁ ପରାମର୍ଶ ଦେଇଥିଲେ । ଜିଲାବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ହୋଇଥିବା ଆଲୋଚନାରେ ବ୍ୟକ୍ତିଗତ ଠାରୁ ଆରମ୍ଭ କରି କାର୍ଯ୍ୟାଳୟରେ କରୋନା ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ନିଷ୍ପତ୍ତି ହୋଇଥିଲା ।

# ରାଜନଗରରେ କରୋନା ଗୁଜବ, କଣ୍ଡିରା ଗାଁରେ ଆତଙ୍କ

**ରାଜନଗର,୭।୩ (ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର କଣ୍ଡିରା ଗାଁରେ କରୋନା ଗୁଜବକୁ ନେଇ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଛି । ନିକଟରେ ବିଦେଶରୁ ଘରକୁ ଫେରିଥିବା ଜଣେ ଯୁବକ ଓ ତାଙ୍କ ପରିବାର ଲୋକଙ୍କ ଠାରୁ ଗାଁ ଲୋକେ ଦୂରେଇ ରହିବା ଦେଖିବାକୁ ମିଳିଛି । ତେବେ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଏ ନେଇ କୌଣସି ଖବର ନାହିଁ ।

ସୂଚନା ମୁତାବକ, କଣ୍ଡିରା ଗାଁର ସନ୍ୟାସୀ ଦାସଙ୍କ ପୁଅ ଶାନ୍ତନୁ ଗତ ଫେବୃୟାରୀ ୪ ତାରିଖରେ କତରରୁ ଫେରିଥିବା ବେଳେ ତାଙ୍କ ବଡପୁଅ ସତ୍ୟପ୍ରିୟ ଚଳିତମାସ ୩ ତାରିଖ ଦିନ କୁଏତରୁ ଫେରଛନ୍ତି । ଶାନ୍ତନୁ ଓ ସତ୍ୟପ୍ରିୟଙ୍କ ଦାଦା ବୀରକିଶୋର ଦାସ ଫେବୃୟାରୀ ୨୧ରେ ଦୁବାଇରୁ ଫେରିଛନ୍ତି । ସାରା ବିଶ୍ୱରେ କରୋନାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି । ଏଥିପାଇଁ ବିଦେଶରୁ ଫେରୁଥିବା ସମସ୍ତ ଯାତ୍ରୀଙ୍କର ବିମାନ ବନ୍ଦରରେ କରୋନାରେ ଆକ୍ରାନ୍ତ କି ନାହିଁ ତାହା ଜାଣିବା ପାଇଁ ଟେଷ୍ଟ କରାଯାଉଛି । କିନ୍ତୁ ଗୋଟିଏ ପରିବାରର ୩ ଜଣ ବିଦେଶରୁ ଫେରିଥିଲେ ମଧ୍ୟ ସେମାନଙ୍କର କରୋନା ଭାଇରସ ସମ୍ପର୍କିତ ଟେଷ୍ଟ କରାଯାଇ ନ ଥିବା ସେମାନେ ସୂଚନା ଦେଇଛନ୍ତି । ସେମାନଙ୍କର ବିମାନ ବନ୍ଦରରେ ପରୀକ୍ଷା ହୋଇ ନ ଥିବା ଜାଣିବା ପରେ ଗ୍ରାମବାସୀ ସେମାନଙ୍କ ଠାରୁ ଦୂରତା ରକ୍ଷା କରୁଛନ୍ତି । ଶନିବାର କଣ୍ଡିରାରେ କରୋନା ରୋଗୀ ଅଛନ୍ତି ବୋଲି ଗୁଜବ ପ୍ରଚାରିତ ହୋଇଥିଲା । ଏହାପରେ ଏହି ଗାଁକୁ ଗଣମାଧ୍ୟମ ପ୍ରତିନିଧିଙ୍କ ସୁଅ ଛୁଟିଥିବା ବେଳେ ବିଭିନ୍ନ ସ୍ଥାନରୁ ଫୋନକଲ୍ ଆସୁଛି । ଏହାକୁ ନେଇ ଗାଁ ଲୋକେ ଭୟଭୀତ ହୋଇ ପଡିବା ସହ ବାହାରକୁ ବାହାରିବା ଏକପ୍ରକାର ବନ୍ଦ କରି ଦେଇଛନ୍ତି ।

# ଭିଜିଲାନ୍ସ ତଦନ୍ତ ଦାବି କଲେ ଭାଜପା, ଶ୍ରୀଜଗନ୍ନାଥ ସେନା


ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ।


ଭିଜିଲାନ୍ସ ଅଫିସ୍‌କୁ ଦାବିପତ୍ର ଦେବା ପାଇଁ ଆସିଥିବା ଶ୍ରୀଜଗନ୍ନାଥ ସେନାର ସଦସ୍ୟ ।

## ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ଜମା ପ୍ରସଙ୍ଗ

**ପୁରୀ ଅଫିସ, ୭।୩**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ଜମା ରଖାଯିବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏକାଧିକ ସଂଗଠନ ଏବଂ ବ୍ୟକ୍ତିବିଶେଷ ଏଥିପାଇଁ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଦାୟୀ କରିଛନ୍ତି। କାହିଁକି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏତେ ପରିମାଣର ଟଙ୍କା ରଖା ନ ଯାଇ ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ପ୍ରଶ୍ନ କରିଛନ୍ତି। ଶନିବାର ଏହି ପ୍ରସଙ୍ଗରେ ଭିଜିଲାନ୍ସ ହସ୍ତକ୍ଷେପ ଲୋଡ଼ିଛି ଶ୍ରୀଜଗନ୍ନାଥ ସେନା। ସେହିପରି ପୁରୀ ଜିଲା ଭାଜପା ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦିଆଯାଇଛି। ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ସ୍ଥାନୀୟ ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ପ୍ରଥମେ ଧାରଣା ଦେଇଥିଲେ। ପରେ ଭିଜିଲାନ୍ସ ଡିଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କେଉଁ ପ୍ରଶାସନିକ ଅଧିକାରୀମାନେ ଏଭଳି ବେନିୟମ କାର୍ଯ୍ୟ କରିଛନ୍ତି। କେଉଁ କେଉଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ମହାପ୍ରଭୁଙ୍କର କେତେ ଟଙ୍କା ୟେସ୍ ବ୍ୟାଙ୍କକୁ ଟ୍ରାନ୍ସଫର କରାଯାଇଛି ବୋଲି ସେନା ପ୍ରଶ୍ନ କରିଛି। ପୂର୍ବରୁ ଏ ନେଇ ବିକ୍ଷୋଭ ଏବଂ ଥାନାରେ ଏତଲା ଦିଆଯାଇଥିବା ସତ୍ତ୍ୱେ କାହିଁକି ପଦକ୍ଷେପ ନିଆଗଲା ନାହିଁ। ଏହା ପଛର ରହସ୍ୟ କ'ଣ ତାହାର ତଦନ୍ତ ହେବା ଦରକାର ବୋଲି ସେନା ଦାବି ରଖିଛି। ଏ କ୍ଷେତ୍ରରେ ଯଦି ଭିଜିଲାନ୍ସ ଟାଳଟୁଳ ନୀତି ଅମଲମ୍ବନ କରେ ତେବେ ଆଗକୁ ସିବିଆଇରେ ଅଭିଯୋଗ କରିବେ ବୋଲି ପ୍ରିୟଦର୍ଶନ କରିଛନ୍ତି। ସେହିପରି ଏହି ପ୍ରସଙ୍ଗକୁ ନେଇ ପୁରୀ ଜିଲା ଭାଜପା ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ କିପରି ମହାପ୍ରଭୁଙ୍କ ଟଙ୍କା ସୁରକ୍ଷିତ ଭାବେ ଫେରସ୍ତ ଅଣାଯାଇପାରିବ ସେ ନେଇ ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଭଞ୍ଜନ ମହାପାତ୍ର, ସଞ୍ଜୀବ କୁମାର ମୁଖାର୍ଜୀ, ଜୟନ୍ତ କୁମାର ଦାଶ, ରାଜକିଶୋର ରାଉତ, ମନୋରଞ୍ଜନ ପ୍ରଧାନ, ଭବାନୀ ଦାସମହାପାତ୍ର, ଉମାକାନ୍ତ ନାୟକ, ଅଜିତ ମିଶ୍ର, ଦେବପ୍ରସାଦ ସ୍ୱାଇଁ, ସଞ୍ଜୟ କୁମାର ସାହୁ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ଥିଲେ ।

# ୨୬ ପ୍ରକଳ୍ପର ଗ୍ରାଉଣ୍ଡ ବ୍ରେକିଂ, ଶୁଭାରମ୍ଭ

## ୫୫୬୭.୫ କୋଟିର ପୁଞ୍ଜିନିବେଶ, ୯୧୬୮ ନିଯୁକ୍ତ

**ଭୁବନେଶ୍ୱର, ୭।୩(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୯ମ ପର୍ଯ୍ୟାୟ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମ ଜରିଆରେ ୨୬ଟି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏହା କାର୍ଯ୍ୟକାରୀ ହୋଇପାରିଲେ ୯ ହଜାର ବ୍ୟକ୍ତିବିଶେଷଙ୍କ ପାଇଁ ରୋଜଗାର ସୃଷ୍ଟି ହୋଇପାରିବ। ମାର୍ଚ୍ଚ ୫ରୁ ଆରମ୍ଭ ହୋଇଥିବା ୧୬ତମ ଏଣ୍ଟରପ୍ରିନିୟର୍ସ ୱିକ୍ ଅବସରରେ ଏହି ଶିଳ୍ପ ପ୍ରକଳ୍ପଗୁଡିକ ଆରମ୍ଭ କରାଯାଇଛି। ଏହି ୨୬ ପ୍ରକଳ୍ପ ଦ୍ୱାରା ମୋଟ ୫୫୬୭.୫ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ଏହା ଦ୍ୱାରା ୯୧୬୮ ବ୍ୟକ୍ତିବିଶେଷଙ୍କୁ ରୋଜଗାର ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଛି।

ପ୍ରକଳ୍ପଗୁଡିକର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ୨୦ ବର୍ଷ ମଧ୍ୟରେ ୩.୩ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ ଦ୍ୱାରା ୧୩୦ ଶିଳ୍ପ ହେବା ସହ ୨.୨୫ ଲକ୍ଷ ରୋଜଗାର ଯୋଗାଇ ଦିଆଯାଇଛି। ଦେଶରେ ପୁଞ୍ଜିନିବେଶର ପ୍ରମୁଖ ରାଜ୍ୟଗୁଡିକ ମଧ୍ୟରେ ଓଡ଼ିଶା ଅନ୍ୟତମ। ଆଗାମୀ ଦିନରେ ସମଗ୍ର ଦକ୍ଷିଣ ଏସିଆରେ ଓଡ଼ିଶା ପ୍ରମୁଖ ପୁଞ୍ଜିନିବେଶର କ୍ଷେତ୍ର ହେବ । ଇପିକଲ୍ ଦ୍ୱାରା ଆରମ୍ଭ କରାଯାଇଥିବା ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ଜାତୀୟସ୍ତରରେ ଇ-ଗଭର୍ନାନ୍ସ ଆୱାର୍ଡ ପାଇସାରିଛି। ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ସିଆରଏମ୍ ଆରମ୍ଭ କରାଯାଇଛି। ରାଜ୍ୟର ଅନେକ ସ୍ଥାନ ବହୁତ ସୁନ୍ଦର ଏବଂ ମନୋରମ। ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମ ଏହାକୁ ଅଧିକ ପ୍ରଚାର ପ୍ରସାର କରିବାର ଆବଶ୍ୟକତା ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତବର୍ଷ ନଭେମ୍ବର ୩୦ରେ ୮ମ ପର୍ଯ୍ୟାୟ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଶେଷ ଆଡକୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୦ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମକୁ ୨୬୭ ଦିନ ବାକି ରହିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ପୂର୍ଣ୍ଣମାତ୍ରାରେ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଶୁଭାରମ୍ଭ ହୋଇଥିବା ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି-ଯାଜପୁର କଳିଙ୍ଗ ନଗରସ୍ଥିତ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଲିଃ। ଏହି ପ୍ରକଳ୍ପରେ ୨୬୫ କୋଟି ଟଙ୍କାର ପୁଞ୍ଜିନିବେଶ ଦ୍ୱାରା ପ୍ରାୟ ୫୫୦ ବ୍ୟକ୍ତିଙ୍କ ପାଇଁ ରୋଜଗାର ସୃଷ୍ଟିର ଉଦ୍ଦେଶ୍ୟ ରଖାଯାଇଛି। କମଲଜିତ୍ ସିଂ ଆହଲୁୱାଲିଆ କମ୍ପାନୀ ୫୯୩.୭ କୋଟି ଟଙ୍କାର ନିବେଶ ଦ୍ୱାରା ୧୨୭୪ଜଣଙ୍କ ପାଇଁ ରୋଜଗାର ସୃଷ୍ଟି କରିବ। ଏହି କମ୍ପାନୀ କେନ୍ଦୁଝର ଜିଲା ବଡବିଲଠାରେ ଶିଳ୍ପ ପ୍ରତିଷ୍ଠା କରିବ। ଏମ୍‌ଏସ୍‌ପି ସ୍ପଞ୍ଜ ଆଇରନ୍ ଲିଃ ଦ୍ୱାରା ୫୭୩.୪କୋଟି ଟଙ୍କା ପୁଞ୍ଜି ଖଟାଇ ୯୭୮ଜଣଙ୍କ ପାଇଁ ରୋଜଗାର ସୃଷ୍ଟି କରିବ। ଏହି କମ୍ପାନୀ କେନ୍ଦୁଝରର ଗୋବର୍ଦ୍ଧନଠାରେ ଶିଳ୍ପ ପ୍ରତିଷ୍ଠା କରିବ। ଅନୁରୂପ ଭାବେ ବୌଦ୍ଧରେ ଆଦିତ୍ୟ ବିର୍ଲା ରେନ୍ୟୁଏବଲ୍ ଏନର୍ଜି, ଖୋର୍ଦ୍ଧାରେ ଏ.କେ.ଏମ୍. ଆଗ୍ରୋ, ସୁନ୍ଦରଗଡରେ ରୁଙ୍ଗ୍‌ଟା ମାଇନ୍ସ, କେନ୍ଦୁଝରରେ ଶ୍ରୀଜଗନ୍ନାଥ ଷ୍ଟିଲ୍ ଆଣ୍ଡ ପାୱାର ପ୍ରମୁଖ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏନେଇ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ, ଏହି ସବୁ ପୁଞ୍ଜିନିବେଶ ଦ୍ୱାରା ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଥିଲେ ଯେ, ବର୍ତ୍ତମାନ ସମୟରେ ଓଡ଼ିଶା ଅନ୍ୟତମ ପସନ୍ଦର ପୁଞ୍ଜିନିବେଶ କ୍ଷେତ୍ର। ନିକଟ ଅତୀତରେ ରାଜ୍ୟ ଭର୍ଜିନ୍ ଇନ୍‌ଭେଷ୍ଟମେଣ୍ଟର ୧୮ ପ୍ରତିଶତ ସଫଳତା ହାସଲ କରିବା ସହ ମହାରାଷ୍ଟ୍ର ଭଳି ରାଜ୍ୟକୁ ପଛରେ ପକାଇ ଦେଇଥିଲା।



ଖାରବେଳ ଭବନରେ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।


**OFFICE OF THE ASKA COOP. SUGAR INDUSTRIES LTD, NUAGAM (ASKA)**
PO: Naugam (Aska)- 761111, Ganjam District, Odisha, Phones: 06822-273464, email: askasugar@yahoo.co.in, website: askasugar.com

**QUOTATION CALL NOTICE**

**No. Mktg./2536 Date: 07.03.2020**

The Aska Cooperative Sugar Industries Ltd. at Nuagam (Aska) in Ganjam District of Odisha State intends to procure the **Extra Neutral Alcohol (ENA)** for production of country Liquor for the period from 01.04.2020 to 31.03.2021. Please visit our website: **www.askasugar.com f**or detailed QUOTATION Call Notice.The last date for submission of tender is 5.00 A PM on 26.03.2020 and the same will be opened at 11.30 AM on 27.03.2020.

**Sd./- Managing Director**



**ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ପୁରୀ**

**ବିଜ୍ଞାପନ**

**ସଂଖ୍ୟା.୨୯୬୬** **ତାରିଖ:୦୬।୦୩।୨୦୨୦**

ପୁରୀ ଜିଲ୍ଲାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୋଟୋ (ବ୍ରହ୍ମଗିରି ବ୍ଲକ) ଏବଂ ସଦାନନ୍ଦପୁର (ସତ୍ୟବାଦୀ ବ୍ଲକ)ରେ ଖାଲିଥିବା କନିଷ୍ଠ କିରାଣି-ତଥା-ହିସାବ ରକ୍ଷକ (ଚୁକ୍ତି ଭିତ୍ତିକ) ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ଏବଂ ଉକ୍ତ ବିଦ୍ୟାଳୟରେ ଖାଲିଥିବା ୪ର୍ଥ ଶ୍ରେଣୀ ପଦବୀ ଗୁଡ଼ିକ ପୂରଣ ପାଇଁ ସେବା ଉପାର୍ଜନକାରୀ ସଂସ୍ଥା (Service Provider) ମାନଙ୍କଠାରୁ ଟେଣ୍ଡର ଆହ୍ୱାନ କରାଯାଉଅଛି। ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ଏବଂ ସେବା ଉପାର୍ଜନକାରୀ ସଂସ୍ଥା (Service Provider)ମାନେ ତା୨୦।୦୩।୨୦୨୦ରିଖ ସୁଦ୍ଧା ପୂର୍ଣ୍ଣ ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଯୋଗେ ଜିଲ୍ଲା ଶିକ୍ଷା ଅଧିକାରୀ, ପୁରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରି ଆବେଦନ କରିପାରିବେ। ଏହାର ସବିଶେଷ ବିବରଣୀ ତଥା ଆବେଦନ ଫର୍ମ ପୁରୀ ଜିଲ୍ଲା ୱେବ୍‌ସାଇଟ୍ : www.puri.nic.in ରେ ଉପଲବ୍ଧ।

**ଜିଲ୍ଲାପାଳ, ପୁରୀଙ୍କ ନିର୍ଦ୍ଦେଶକ୍ରମେ**
**ସ୍ୱା./-**
**ଜିଲ୍ଲା ଶିକ୍ଷା ଅଧିକାରୀ, ପୁରୀ**



**DISTRICT OFFICE, CUTTACK**

**(Social Welfare Section)**

**TENDER CALL NOTICE**

**No. 829 / SW** **Dated: 07.03.2020**

Sealed tenders are invited from the reputed printing press of printing & Supply of "POSHAN TAKEA WAY" in all ICDS projects of Cuttack District for the year 2019-2020.

The 'tender papers' for the above purpose containing the terms and conditions and statutory requirement can be obtained from the Office of the DSWO, Cuttack on a non-refundable payment of Rs. 6,000/- (Six Thousand) only from 07.03.2020 to 23.03.2020 on any working day during office hours only.

The details of tender can be downloaded from the District Website **http://cuttack.nic.in**.

**Sd./-**
**COLLECTOR, CUTTACK**



GOVERNMENT OF ODISHA
OFFICE OF THE EXECUTIVE ENGINEER RURAL WORKS DIVISON-I MALKANGIRI
e-mail :rwd_malkangiri@yahoo.co.in

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 19/MKG/2019-20**

No. O-1241

1. Name of the work : Road and Buildingworks (Detailed in Annexure)
2. Total Number of Works : 22 (Twenty two) Number
3. Tender Cost : Rs. 0.88 Lakhs to 4.42 Lakhs
4. Class of Contractor : 'D'& 'C' Class contractors
5. Period of Completion : (As Per Detailed in Annexure)
6. Other Details:-

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender /19 /RWD-I, MKG/ 2019-20 | 22(Twenty two) Nos of Road& Building works | 11.03.2020 from 11.00 AM | 17.03.2020 upto 5.00 PM | 16.03.2020 upto 5.00 P.M. | 18.03.2020 at 11.00 AM |

Further details can be seen from the Website www.tenderorissa.gov.in

Executive Engineer R.W. Division-I, Malkangiri
OIPR-25058/11/0021/1920



**e-Procurement Notice for Road Works**
**Identification No.26/ EERW/JLS/2019-20**

No.O-1234

1. Procurement Officer : Executive Engineer Rural Works Division, Jaleswar
2. Name of the Work : Roads
3. Total No. of Works : 2 Nos.
4. Estimated Cost : Approx. Estimated Cost Rs.50.79 lakhs to Rs.53.02 lakhs
5. Class of Contractor : 'B' & 'A' Class
6. Time of Completion : Two months (As per annexure)
7. Availability of tender online for bidding : From 12.03.2020 at 03.00 P.M. to 17.03.2020 up to 5.00 P.M.
8. Last date & time of seeking tender clarification : 16.03.2020 up to 5.00 P.M.
9. Date & time of opening of tender in the office of the Executive Engineer, R.W. Division, Jaleswar : 18.03.2020 at 11.00 A.M.

Further details can be seen from the website - **www.tendersodisha.gov.in**

**Sd./- Executive Engineer**
**R.W. Division, Jaleswar**
**OIPR- 25051/11/0012/1920**



**ବ୍ୟାସନଗର ପୌରପାଳିକା, ବ୍ୟାସନଗର**
**OFFICE OF THE VYASANAGAR MUNICIPALITY**
**VYASANAGAR, JAJPUR**
Email_Id : vyasanagarmunicipality@gmail.com
Website : ulbodisha.gov.in, Ph. No.06726-220207

**QUOTATION CALL NOTICE FOR SUPPLY OF VEHICLE**

**No.699** **Date: 07.03.2020**

The Executive Officer, Vyasanagar Municipality, Vyasanagar Jajapur Road invites the sealed quotation from the intending registered firms / Tour Operators or Private individual for providing 01 No. of AC Diesel (BOLERO 7 Seated) having PAN/GST and registration certificate including driver for Vyasanagar Municipality office on monthly hire basis. The sealed quotation through Registered Post / Speed Post only shall be reached before the undersigned on or before dt.21.03.2020 at 5.30 P.M. and the same shall be opened on dt.23.03.2020 at 3.00 P.M. in the presence of the quotationer or their authorized agents if any. For details, please visit to District website **www.Jajpur.nic.in**

**Sd./- Executive Officer, Vyasanagar Municipality**



**OFFICE OF CDM & PHO, KORAPUT (NCD WING)**
**Email id: ncdcellkoraput@gmail.com**
**Phone: 06852-252064**

**Tender Call Notice**

**Letter No. 127/NCD** **Date: 06.03.2020**

**No.E-797:-** Sealed tenders are invited from registered Manufacturer/ Importer/ Authorised distributor/whole seller agencies for supply of Physiotherapy items for the financial Year 2019-20 under National Health Mission, Koraput. The detail terms and condition can be available in the district official website: **www.koraput.nic.in**. The undersigned reserves the right to accept or reject without assigning reason thereof.

**Sd./-**
**CDM & PHO,**
**Koraput**
**OIPR- 10077/11/0015/1920**



**Office of the Executive Engineer**
**U.K.Head Works Division, Kolabnagar(K), PIN - 764011**
e-mail id-eeukhwdiv2014@rediffmail.com

**QUOTATION CALL NOTICE NO. 26 /2019-20 DATED. 03.03.2020**

No. A-742: Quotation in sealed cover duly superscribed the quotation call notice no. on the body of the cover are invited by the undersigned from the Manufacturers/ Authorized dealers / Regd. Govt. Order Suppliers/ Reputed firms having PAN card & G.S.T. registration as per G.S.T.Act 2017 for supply of the following items. Rate may be quoted for the items in complete shape.

| Name of Work Sl. No. 01 | Item No. | Description of Items | Unit | Qnty. |
|---|---|---|---|---|
| Procurement of Water Treatment Materials for Water supply to Kolabnagar, Thanacolony & Damsite Colony for 2019-20 | 1 | Ferric Alum, Gr - II | MT | 8.64 |
| | 2 | Bleaching Powder | MT | 1.54 |
| | 3 | Quick Lime | MT | 2.88 |
| | | (Threee Items) only | | |

| Name of Work Sl. No. 02 | Item No. | Description of Items | Part No. | HSN Code | Unit | Qnty. |
|---|---|---|---|---|---|---|
| Procurement of spares for MLA 125 × 150 Horizontal Multi stage pump at Settling Tank, Kolabnagar | 1 | Pump Shaft 4st RH | 180001 CS | 84831099 | No | 1 |
| | 2 | Wear Ring | 1900001 CI | 84139120 | No | 3 |
| | 3 | Casing Ring | 1900101 CI | 84139120 | No | 1 |
| | 4 | Split Gland Bush | 2250001 CI | 84139120 | No | 2 |
| | 5 | Split Lantern Ring | 2270001 CI | 84139120 | No | 1 |
| | 6 | Liquid Deflector | 2360001 CI | 84139120 | No | 2 |
| | 7 | Bearing Cover DE | 2700001 CI | 84139120 | No | 1 |
| | 8 | Bearing Cover NDE | 2710001 MS | 84139120 | No | 1 |
| | 9 | Shaft Sleeve DE | 3100001 CI | 84139120 | No | 1 |
| | 10 | Shaft Sleeve | 3110001 CI | 84139120 | No | 1 |
| | 11 | Set of Keys (1 Set = 10 Nos.) | SSOK1053 CI | 84139120 | No | 6 |
| | 12 | Oil Ring | 3640001 MS | 84139120 | No | 2 |
| | 13 | Oil Ring Bearing | 3680001 MS | 84139120 | No | 2 |
| | 14 | Balancing Ring | 463001 CI | 84139120 | No | 1 |
| | 15 | Balancing Dics Wear Indicator | 4760001 MS | 84139120 | No | 1 |
| | | (Fifteen Items) only | | | | |

The quotation will be received in the office of the Executive Engineer, U.K.Head.Works Division, Kolabnagar, Dist. Koraput 764011(O) up to 4.00PM on 21.3.2020 and will be opened by the undersigned or authorized representative on the same day at 4.30 PM. in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and EMD @1% in shape of TDR/STDR duly pledged in favour of the E.E.UKHW Division, At/PO: Kolabnagar, Dist. Koraput (O) should accompany the quotation failing which the quotation will not be accepted and bidders hailing from outside the state should submit E.M.D. @ 2% of the quoted amount. The quoted rates must be valid for a period of 90 (ninety) days from the date of receipt of quotations unless extended by mutual agreement. Supply must be completed within 15 (Fifteen) days from the date of issue of supply order. Rate quoted shall be for supply of the articles at U.K.H.W.Division, Kolabnagar, Dist. Koraput, Odisha-764011, inclusive of cost, transportation & labourcess but exclusive of G.S.T. etc applicable as per the Govt rules. The materials should be according to I.S.I. specification. Warranty period for the materials should be mentioned by the bidders during bidding the quotations and the warranty cards should be submitted by the successful bidders at the time of payment. Payment will be made only on receipt of the articles in full and good condition as per specifications. Terms of advance payment will not be entertained. All the prevailing rules &regulations as per O.P.W.D. code & rules of O.G.S.T. Act 2017 is binded with the quotationer. Other details can be had from the office of the undersigned during office hours. The authority reserves the right to accept / reject any or all the quotations without assigning any reason thereof.

**Sd/- Executive Engineer, U.K. Head Works Division**
**OIPR - 32015/11/0022/1920**



**ପଞ୍ଚାୟତ ସମିତି, ମାଲକାନଗିରି**
**PANCHAYAT SAMITI, MALKANGIRI**
**Dist: Malkangiri, Pin: 764048, Ph. No.: 06861-231219, Fax: 06861-231219,**
**E-mail: ori-bmalkangiri@nic.in**

**No. 1265 / IX-02/2020-Dev.** **Dated the 7th March 2020**

**CORRIGENDUM**

Advertisement No. 02/IX-6/2020-Dev, dtd. 3rd March 2020 of this office wherein Tender was invited from the intending eligible Bidders for 3 Nos. of Projects under Scheme-BKBK is hereby modified which will be read as follows.

| Sl. No. | Name of the Work | Scheme | Estimated Cost in Rs. (in Lakh) | Tender Value Put to Tender in Rs. (in Lakh) | Class of Contractor | Cost of tender paper | EMD 1% (in Rs.) | Time of completion in calendar months |
|---|---|---|---|---|---|---|---|---|
| 1 | Improvement of road from Akur to Patitang via Madkaguda | BKBK 2019-20 | 32.00 | 31.65495 | 'C' & 'B' | 6,000/- | 31,655/- | 6 (Six) Months |
| 2 | Construction of Minor Bridge 2 Nos. On Road from Koyagiri to Katamateru | BKBK 2018-19 | 25.00 | 24.40104 | 'C' & 'B' | 6,000/- | 24,402/- | 6 (Six) Months |
| 3 | Construction of Minor Bridge from Damaguda to Titang | BKBK 2019-20 | 25.00 | 24.40165 | 'C' & 'B' | 6,000/- | 24,402/- | 6 (Six) Months |

3(a). The Tender Papers will be sold from dt. **04.03.2020 to dt. 19.03.2020** (excluding the holidays) during office hour from 10 AM to 5.30 PM) only in the office of the BDO, Malkangiri. Last date for receiving of Sealed Tender Paper will be **20.03.2020 upto 5.30 PM** on the working day (only in the office of the BDO, Malkangiri) through **Registered Post/Speed Post** only. The Tender Paper received after the stipulated time will not be considered. **No Tender Paper will be received other than Speed Post / Registered Post only.** The Tender Papers shall be opened on dt. **21.03.2020 at 3.00 PM** onward in the office chamber of BDO, Malkangiri in presence of the bidders or their authorized representatives having written authorisation for the purpose.

All other terms and conditions will be remaining unchanged.

**Sd./-**
**BLock Development Officer, Malkangiri**



**Office of The Chief District Medical & Public Health Officer, Ganjam**
**City Hospital Road, Berhampur-760001, Ganjam**
**Request for Proposal (RFP) for Printing of IEC/BCC Materials, Wall Painting, Fixation of Hoardings & Supply of Office Stationery**
***District Programme Management Unit (DPMU)***

**Advt. No. 1/ IEC/BCC/DPMU/NHM/Gan/2020**
**Date: 07.03.2020**

Sealed tenders are invited from the reputed Manufacturer/ Authorised suppliers having valid GSTIN /PAN / and VAT Clearane Certificate for Printing of IEC/ BCC materials, Wall Painting & fixation of Hoardings etc. to office of the CDM & PHO, Ganjam on annual rate contract basis.

The sealed quotation should reach at O/o CDMO, Ganjam, Berhampur on any working day by **Dt: 25.03.2020** till **5.00 PM** along with all required documents **by Speed Post/ Regd. Post only.** The tender will be opened on **Dt: 26.03.2020** at **11.00 AM** in the office of the undersigned in presence of the Bidders/ authorized representatives of the quotationers. Details regarding items and terms & conditions may be downloaded from the website: **(https://ganjam.nic.in).** The undersigned reserves the right to accept or reject any or all the bids without assigning any reason thereof.

**Sd./-**
**Chief District Medical & Public Health Officer, Ganjam**

# SUNDAY classifieds




## BRIDE WANTED

Handsome Brahmin boy 1987, M.Phil, M.ED, 25/11, Highschool Teacher, Jharsuguda/ 1990, B.Tech, BPUT, 11/5 Service Parsistant Network, Bhubaneswar, Contact- "SWAYAMVER", 9861501286. D-60875

Kaibarta boy 1982, 5'9", B.Tech, Software Engineer Pune. "SUNASANSAR"- 9937512659. D-69107

ବ୍ରାହ୍ମଣ ପୁଅ 41y/ B.Tech, ଭୁବନେଶ୍ୱରରେ Private Job/ Divorcee ପାଇଁ କନ୍ୟା ଆବଶ୍ୟକ। 9853528532. D-69303

Brahmin boy 1992, B.Tech (NIT) Manager Central PSU "VAISNABI" 7008967858. D-69304

Son Age 32 B.Tech NIT Rourkela MBA IIM Ahmadabad Work in MNC Company at Mumbai salary 30 lakhs 8144589551. D-17084

Now Matrimonial ads. only on Wednesday & Sunday Book 1 Get 1 FREE

Handsome khandayat B.Tech, SSWE, MNC, Bangalore, 33, 5'11", 17lakhs, requires beautiful bride from khandayat/ Khyatriya/ Karan with B.Tech/ with MBA, 5'03" to 5'06" as SWE/ Bank PO. 9178972698/ 9972325080. D-67616

## GROOM WANTED

ଜାତିବନ୍ଧନ ନାହିଁ। 36, 5'.4", B.Sc Nursing, Staff Nurse ମାସିକ ଆୟ 38,000/- ପାଇଁ ଅବିବାହିତ, ଘରଜ୍ୱାଇଁ, ଛାଡପତ୍ରପ୍ରାପ୍ତ ବର ଗ୍ରହଣୀୟ ହେବେ। 9111335221. D-17068

Beautiful Khandayat girl 1995 B-tech, MBA Software Engineer Banglore. 9437555525. D-17066

ବାପା ମାଁ ନଥିବା ୩୬ବୟସ୍କା Lecture ବଢେଇ ଜାତିର ଝିଅଙ୍କ ପାଇଁ ବିବାହିତ ଅବିବାହିତ ପୁଅ ଦରକାର। 7749958456. D-67937

Girl Age 29 B.Tech MBA IIM Kolkata work as Sr. Manager in Corporate Bank caste-no-bar 6372748613. D-17085




## SALE

Hyundai creta, I Twenty Active, Swift Dezire, KUV 100, Pajero & others: 9937153557. D-17083

Hyundai Elantra, Volkswagen Vento, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498




## SALE

ଶାଳଗାଁ ଷ୍ଟେସନ୍ ପାଖରେ 5,50,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

**2BHK earthquake proof quality flats in Avantika Apartment near Gokul residency on GGP Pandara road touching Puri Highway for sale. Contact- 9437396718, 8763935874 during office hours immediately.** D-68072

**Sale of land 2600sqft. with house builtup area 1485sqft. carpet area 1167sqft. at plot 843/844 Talasahi, Laxmisagar, Bhubaneswar. Cost is Rs.1.45 Crore. Contact: 9437506708.** D-17004

**ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) କଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

Plot for sale at Mahadev Nagar, Jharpada, Bhubaneswar. Contact- 7978751719. D-67544

**3152Sqft. store + 700sqft. common area (252sqft. staircase+ 448sqft. ground floor) available for rent @ Handidhua, Talcher. Contact/ WhatsApp- Ashutosh: 9538721212.** D-17012

Booking open for duplex near ITER College, Jagamara, Bhubaneswar. Contact- 7978751719. D-67545

**ଭୁବନେଶ୍ୱର Tamandoରେ 30'ରାସ୍ତା ଥାଇ/ C.V Raman NHକୁ ଲାଗି ପ୍ଲଟ୍ କିଣନ୍ତୁ। 9348767829.** D-68499

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

**Ready to move flat 2BHK, Sundarpada, 7504948142.** D-17060

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଣୀରେ gharabari boundary Patta plot-499/-, 7077730754. D-69103

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

4BHK readymade flat sale at VIP Road, Puri and 1BHK at C.T Road. 1.5 kilometre distance from Srijagannath Temple & 500 meter from Sea beach. Call: 9438109040, 8144658008. D-17048

ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ **NH side** ପ୍ଲଟ ମିଳୁଅଛି। **Owner- 9090963952.** D-68497

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

Ready to move 2/3BHK flat for sale near V2 Showroom, Patrapada, Bhubaneswar- 9861037729, 9040337729. D-63978

**Patia Station** ପାଖରେ ଘରବାରି ପ୍ଲଟ୍ **(Immediate construction) 1200**କୁ **16,00,000/- electricity available. 9937686826, 7381060013.** D-69104

3900 Sqft. boundary wall gharabari plot sale near 2nd Infosys Road, Janla, Bhubaneswar. Contact only owner 9238699541. D-53649

ମୋର ନିଜସ୍ୱ ପ୍ଲଟ୍ ଘାଟିକିଆ ଏବଂ କଳିଙ୍ଗ ବିହାରରେ, **Duplex** ଅଣ୍ଡାରୁଆରେ ଓ **40,000 sqft.** ଫାର୍ମହାଉସ୍ ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। **9438166196.** D-17045

**Farm House for sale (area- 3.0AC) at Badamba, Cuttack near Maniabandha Petrol Pump. Wire** ବାଉଣ୍ଡରୀ/ **1.0AC** ବଡ଼ ପୋଖରୀ/ **firm**ର ସବୁ ଜାଗାକୁ ପାଣି ପାଇପ୍ **connection** ହୋଇଛି/ **electric connection** ସହିତ ରହିବା ପାଇଁ ଛାତ ଘର **(3 Rooms)** ଏବଂ ଗୋରୁ ଗୁହାଳ ସହ ଅଛି। **100** ଆମ୍ବଗଛ ଅଛି। ଏହି ବଗିଚାର ଚାରିକଡ଼କୁ ଲାଗି ୫୦୦ ରୁ ୭୦୦ ଆକାଶିଆ ଗଛ ଅଛି। **7008812379, 9937764514.** D-17047

Contact for complete Simplex/ Duplex/ Triplex House Construction and Interior Design from the experts. Call- 7008550473. D-17042

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-17044

Single patch of land 15-20Acre available for State High-way near Bramhagiri on Puri-Satapada Road. Contact: 9437062777. D-17030

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-17043

Booking 2BHK simplex East facing Tankapani Road, Saimandir 1200Sqft. land cost 31,50,000/-. 7735738102. D-17013

**BDA yellowzone, gharabari boundary wall with electricity & gated community plot sale near SUM Hospital, Gothapatna, Bhubaneswar. Cost @ 1300 per sqrft. Mob: 9938867397.** D-17027

Book 3BHK duplex having land area 1400 sqft. and construction area 2100 sqft. at Nandan Vihar, Patia, Bhubaneswar. Price- 77lakhs, 7504392698. D-69239

2900 Sqft. gharabari yellow zone plot for sale at Kapilaprasad, Bhubaneswar. Price- 75 lakh. Contact: 7504392698. D-69240

Book 2BHK flat near Tamando overbridge, RERA, SBI approved. 7978584549. D-69241

ସ୍ୱଳ୍ପ ମୂଲ୍ୟରେ ପୁରୀରେ ନିଜର **flat** କିଣନ୍ତୁ ଏବଂ **loan** ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସୁଯୋଗ ଉଠାନ୍ତୁ। **9078711724.** D-17065

3Acres land for Sale at Mouza- Chakulia, Mayurbhanj District- 9437087261, 7008275280. D-68677

Gharabari sthitiban land 3k.m from Hanspal (Rasulgarh). Contact: 9937816565, 9937568585. D-69242

**Readymade G+2 House at Patia, 1.15cr. 7504948142.** D-17061

Gharabari with boundaries plot Raghunathpur and Nandanvihar 300mtrs. Main Road price 2300/- to 2800/- (negotiable). 8249533255. D-69302




**Construction residential, commercial for 450/- & 850/-. 8018961216.** D-16856

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719

## GENERAL

## SALE

**Labrador Retriver pups for sale. Contact: 104, Surya Nagar, Unit-7, Bhubaneswar. Phone- 9778129944.** D-67750




**Residence/ Office, four rooms, Goutam Nagar, Bhubaneswar. Contact: 7008598255, 9437172991.** D-67299

3BHK with garage at Krishna Enclave, BJB Nagar Bank, PSU Family prefered, 9437019509, 9437049394. D-17008

2000sqft. Luxurious Office, Accommodation near Ravi Talkies, Bhubaneswar, 8249204856. D-67298

Office/ residence ground, 1st floor Bapuji Nagar, Bhubaneswar. Contact: 9437205577. D-67546

2100sqft. residential flat on first floor 2½BHK with parking space in Budha Nagar near Kalpana Square, Bhubaneswar for rent Rs.21,000/-. Contact: 9937143979, 9801330821. D-68233

**Furnished office space 2000sqft. 1st floor at Samantvihar near Nalco Square, C.S Pur, Bhubaneswar. Contact: 9776021815.** D-69105

2BHK ground floor at Saheed Nagar office/ storage purpose only- 7978275771. D-68073

Singleroom, attached bath/ kitchen, 2nd floor, Jagannath Colony, Tankapaniroad, Bhubaneswar, 9777662687. D-63977




Newly open full body massage by ladies, gents therapist. 8018656899 D-60878

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

Ayurvedic full body massage ladies and gents. Contact- 9861064981. D-68794

Fully body massage male to male home service available. 9090466257. D-17011

Ayurvedic refreshment massage therapy refresh mind and body. Appointment: 7894855541. D-69301

## AFFIDAVIT

By virtue of an affidavit before Executive Magistrate, Bhubaneswar on dt. 02.03.2020, I Paramita Mahapatra, D/o- Late Banshidhar Panda declare that I have changed my name from Paramita Mahapatra to Paramita Panda for all purposes. D-17058

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

### ଷୋଳ ପାଲା



ଗୌରବ ନନ୍ଦନ ନାୟକ (ଗୁଡ୍‌ଲୁ)
ଜଗନ୍ନାଥ ମଠ ଲେନ୍ , ଭୁବନେଶ୍ୱର, (ରାଜସ) ଖୋର୍ଦ୍ଧା

ଆଜିର ଏହି ଶୁଭ ଅବସରରେ ପ୍ରଭୁ ଶ୍ରୀଶ୍ରୀ ସତ୍ୟନାରାୟଣ ତୋର ଚଲାପଥ କୁସୁମିତ କରିବା ସହ ତୋତେ ଦୀର୍ଘାୟୁ ଦେବା ସହ ସଦ୍‌ବୁଦ୍ଧି, ସଦ୍‌ଜ୍ଞାନ ଦିଅନ୍ତୁ।

ତୋର ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

ଧ-୧୭୦୬୭

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



ବାଣୀଶ୍ରୀ (ସୁଇଟ୍)
ବଇଁଚୁଆ (ପାଟେରାସାହି), ବାଲିଅନ୍ତା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଭବିଷ୍ୟତ ଚଲାପଥ କୁସୁମିତ ହେଉ।

-:ଶୁଭେଚ୍ଛା ସହ:-

ମା': କୁସୁମ ପରିଡ଼ା, ବାପା: ବେଣୁଧର, ମାମା: ମମତା, ସାନମାମା: ମାମାଲି, ଦାଦା: କାହ୍ନୁ ବନ୍ଧୁ ଓ ପରିବାରବର୍ଗ ।

ଧ-୪୬୨୮୦

### ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



ପ୍ରିୟାଂଶୁ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।

-:ଶୁଭେଚ୍ଛା ସହ:-

ଜେଜେ ବାପା, ଜେଜେମା', ବାବା, ମାମା, ଅଜା, ଆଈ, ବନ୍ଧୁ ଓ ପରିବାରବର୍ଗ।

ଧ-୧୭୦୪୯

### ବିବାହ ବାର୍ଷିକୀ ଶୁଭେଚ୍ଛା



କୁନୁ ଓ ବେବି
ପମ୍ପାଲୋ, ନୂଆପଡ଼ା ବାଲିପାଟଣା, ଖୋର୍ଦ୍ଧା

"କାଲିପରି ଲାଗୁଛି,ମୁଁ ଯାଇଥିଲି ତୁମକୁ ଆଣିବାକୁ ବାଜା, ବାଣ, ରୋଶଣି ଧରି। ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲାଣି, ତଥାପି ସଂସାର ଚକ ଦୁଃଖେ କଷ୍ଟେ ଚାଲିଛି। ସବୁ ଈଶ୍ୱରଙ୍କ ଇଚ୍ଛା।'' ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା, ତୁମ ଦୁହିଁଙ୍କର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-

ବାପା, ବୋଉ, ସାନବାପା, ସାନବୋଉ, ସୁକିନ, ଚିନା, ଲିନା, ମାନି, ସୁନା, ଗୁଗୁ।

ଧ-୧୭୦୫୭

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Trends Footwear/ Odisha Hotel, Rabi talkies chakka, Lewis Road, 9337124748 (What's app) 9439963384

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12 Chinmaya Choudhury Ph:9338991113, 9439811130 Email: anitaadvt@gmail.com

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020 Email ID: amamaddcare@gmail.com Whatsapp & Mobile No: 9937426436, 9853380364

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty Ph: 9337336614, 7008967858

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ଇନ୍ଦୁମତୀ ଦେବୀ
ସ୍ୱାମୀ: ଶ୍ରୀ ବାଇଧର ଆଚାର୍ଯ୍ୟ
ଗ୍ରା: ଅଲାରପୁର (ରଙ୍ଗବଜାର), ବାଲିଅନ୍ତା
ଆବିର୍ଭାବ: ୧୫।୦୨।୧୯୩୦
ତିରୋଧାନ: ୨୦।୦୩।୨୦୧୯

ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲ। ଚାହିଁ ଚାହିଁ ଏକବର୍ଷ ବିତିଗଲା। ତୁମ ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ସବୁଦିନ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିବ ଓ ପ୍ରେରଣାଦାୟକ ହେବ। "ତୁମ୍ଭର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ପ୍ରାର୍ଥନା କରୁଛୁ।"

-:ଶୋକସନ୍ତପ୍ତ:-

ପୁତ୍ର: କୈଳାସ, ବିଜୟ, ଅଜୟ, ଅକ୍ଷୟ, ସଞ୍ଜୀବ, ରାଜୀବ, ପୁତ୍ରବଧୂ: କମଳା, ରୁନା, ମିନା, ଲିଟି, ଲୁଲି, ମିତା, ଝିଅ-ଜ୍ୱାଇଁ, ନାତି-ନାତୁଣୀ ବୋହୂ, ନାତୁଣୀ-ନାତୁଣୀ ଜ୍ୱାଇଁ, ଅଣନାତି-ନାତୁଣୀଙ୍କ ସମେତ ଆଚାର୍ଯ୍ୟ ପରିବାରବର୍ଗ।

ଧ-୧୭୦୬୨

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ହରେକୃଷ୍ଣ ମହାନ୍ତି
QRS.No-IVR-PF-19,Unit-6, BBSR
ଆବିର୍ଭାବ: ୧୪।୦୪।୧୯୪୩
ତିରୋଧାନ: ୦୭।୦୩।୨୦୧୨

ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।

ଧ-୧୭୦୬୪

### ଦଶାହ ଉପଲକ୍ଷେ



ସ୍ୱର୍ଗତା ଲଳିତା ପଣ୍ଡା
ସ୍ୱାମୀ: ସ୍ୱର୍ଗତ ନବ କୁମାର ପଣ୍ଡା
(ବିଶିଷ୍ଟ ତବଲା ବାଦକ)
ଆବିର୍ଭାବ: ଭାଦ୍ରବ ଲଳିତା ସପ୍ତମୀ ୧୯୩୪ ମସିହା
ତିରୋଧାନ: ଫାଲ୍‌ଗୁନ ଶୁକ୍ଳ ପଞ୍ଚମୀ
ତା. ୨୮।୦୨।୨୦୨୦

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ନିବେଦନ କରୁଛୁ।

ଶୋକସନ୍ତପ୍ତ:

ପରିବାର ଓ ଆତ୍ମୀୟସ୍ୱଜନ।

ଧ-୧୭୦୬୩

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଧରଣୀଧର ସାହୁ
ରସିକନଗର, ଟାଙ୍ଗି, କଟକ
ଆବିର୍ଭାବ: ୨୭।୦୩।୧୯୪୯
ତିରୋଧାନ: ୨୮।୦୨।୨୦୧୮(ବୁଧବାର)

ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା, ଆପଣଙ୍କର ହସ ହସ ମୁହଁ ସବୁବେଳେ ମନେପଡେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ନିକଟରେ ବିନମ୍ର ପ୍ରାର୍ଥନା। ଆପଣଙ୍କର ଆଶୀର୍ବାଦ ସବୁବେଳେ ଆମ ଉପରେ ରହିଥାଉ।

-:ଶୋକସନ୍ତପ୍ତ:-

ଆପଣଙ୍କର ହତଭାଗିନୀ ସ୍ତ୍ରୀ, ପୁଅ, ବୋହୂ, ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ।

ଧ-୬୬୭୫୧



ଗତ ୨୦୧୭ରୁ ୟେସ୍ ବ୍ୟାଙ୍କ ସ୍ଥିତି ଉପରେ ସରକାର ନଜର ରଖିଛନ୍ତି। କେଉଁଠାରେ ସମସ୍ୟା ରହିଛି ପ୍ରକୃତ ସ୍ଥିତି ସରକାର ଅନୁଧ୍ୟାନ କରିବେ।

**–ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ**



୨୦ ଜୋନାଲ ଏବଂ ପ୍ରଶାସନିକ କାର୍ଯ୍ୟାଳୟର ମିଶ୍ରଣ ଚଳିତ ବର୍ଷ ଜୁନ ଶେଷ ସୁଦ୍ଧା ଶେଷ ହେବା ନେଇ ଆଶାବାଦୀ ରହିଛୁ।

**–ପଦ୍ମଜା ଚୁନ୍ଦ୍ରୁ, ଇଣ୍ଡିଆନ ବ୍ୟାଙ୍କ ସିଇଓ**

# ଏସ୍‌ବିଆଇ ହାତକୁ ଯିବ ୟେସ୍ ବ୍ୟାଙ୍କ

ମୁମ୍ବାଇ,୭–୩

କ୍ଷତି ଗ୍ରସ୍ତ ୟେସ୍ ବ୍ୟାଙ୍କର ୪୯% ଅଂଶଧନ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ହାତକୁ ଯିବ। ଶନିବାର ବ୍ୟାଙ୍କ ପକ୍ଷରୁ ଏଭଳି ଘୋଷଣା କରାଯାଇଛି। ଏସ୍‌ବିଆଇ ୟେସ୍ ବ୍ୟାଙ୍କର ୪୯% ଅଂଶଧନ ୨୪୫୦ କୋଟି ଟଙ୍କାରେ କ୍ରୟ କରିବ। ଏହାବାଦ ପୁନର୍ଗଠିତ ବ୍ୟାଙ୍କର ସମସ୍ତ ଜମା ଏବଂ ଲାଏବିଲିଟି ସମାନ ଢଙ୍ଗରେ ପରିଚାଳିତ ହେବ। ୟେସ୍ ବ୍ୟାଙ୍କରେ ୨୫୫ କୋଟି ଶେୟାର ରହିଛି। ଏହାର ଶେୟାର ପିଛା ମୂଲ୍ୟ ୨ ଟଙ୍କା ଥିବା ବେଳେ ଏସ୍‌ବିଆଇ ୨୪୫ କୋଟି ଶେୟାର ଇସ୍ୟୁ କରିବ। ଏହାର ଶେୟାର ପିଛା ମୂଲ୍ୟ ୧୦ ଟଙ୍କା ରହିବ। ଏହିଭଳି ଭାବେ ମୋଟ୍ ୨୪୫୦ କୋଟି ଟଙ୍କାର ଶେୟାର ଜାରି କରାଯିବ। ଏହି ଶେୟାର ଗୁଡିକ ୟେସ୍ ବ୍ୟାଙ୍କର ୪୯% ଶେୟାର କ୍ୟାପିଟାଲ ବୋଲି ଏସ୍‌ବିଆଇ ପକ୍ଷରୁ କୁହାଯାଇଛି। ପୁନର୍ଗଠିତ ବ୍ୟାଙ୍କରେ ପୁଞ୍ଜି ପ୍ରଦାନ କରାଯାଇ ସାରିବା ପରେ ଏସ୍‌ବିଆଇ ଆଗାମୀ ୩ ବର୍ଷ ପୂରଣ ନ ହେବା ଅଂଶଧନକୁ ୨୬%ରୁ କମ୍ କରିପାରିବ ନାହିଁ। ଶୀଘ୍ର ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟର୍ସ ନିଯୁକ୍ତ କରାଯିବ। ୟେସ୍ ବ୍ୟାଙ୍କରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ, ଅଣକାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରହିବେ। ନବଗଠିତ ବୋର୍ଡରେ ଏସ୍‌ବିଆଇର ଜଣେ ନୋମିନି ନିର୍ଦ୍ଦେଶକ ରହିବେ। ଆର୍‌ବିଆଇ ଜଣେ ଅତିରିକ୍ତ ନିର୍ଦ୍ଦେଶକଙ୍କୁ ବୋର୍ଡରେ ନିଯୁକ୍ତ କରିବ। ବୋର୍ଡରେ ଏମାନେ ଗୋଟିଏ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ ବୋଲି ଏସ୍‌ବିଆଇ ପକ୍ଷରୁ ସୂଚନା ରହିଛି।

## ନୂଆ ପୁନର୍ଗଠନ ଯୋଜନା





ରଜନୀଶ୍ କୁମାର

- ଷ୍ଟେଟ ବ୍ୟାଙ୍କ ଅଧିଗ୍ରହଣ କରିବ ୪୯% ଅଂଶଧନ
- ୨୪୫୦ କୋଟି ଟଙ୍କାରେ କିଣିବ ୨୫୫ କୋଟି ଶେୟାର
- ଶୀଘ୍ର ଗଠନ ହେବ ନୂଆ ବୋର୍ଡ
- ଏସ୍‌ବିଆଇର ୧୦ ହଜାର କୋଟି ପାଣ୍ଠି ବ୍ୟବସ୍ଥା

କ୍ଷତିଗ୍ରସ୍ତ ଘରୋଇ କ୍ଷେତ୍ର ବ୍ୟାଙ୍କ ୟେସ୍ ବ୍ୟାଙ୍କର ପୁନରୁଦ୍ଧାର ଲାଗି ରିଜର୍ଭ ବ୍ୟାଙ୍କ ଡ୍ରାଫ୍ଟ ସ୍କିମ ଶୁକ୍ରବାର ଜାରି କରି ସାରିଛି। ଏହି ବ୍ୟାଙ୍କରେ ନିବେଶ ନେଇ ଷ୍ଟେଟ୍ ବ୍ୟାଙ୍କ ରେ ନିବେଶ ନେଇ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଆଗ୍ରହୀ ରହିଛି। ଏହାବାଦ ଏସ୍‌ବିଆଇ ୧୦ ହଜାର କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଥିବା ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ଶନିବାର ସୂଚନା ଦେଇଛନ୍ତି। ୟେସ୍ ବ୍ୟାଙ୍କ ପୁନରୁଦ୍ଧାର ଯୋଜନା ସମ୍ପର୍କରେ ସୂଚନା ଦେଇ କୁମାର କହିଛନ୍ତି ଯେ, ଷ୍ଟ୍ରାଟେଜିକ ଇନଭେଷ୍ଟର ବ୍ୟାଙ୍କକୁ ୪୯% ଅଂଶଧନ ହାସଲ କରିବାକୁ ପଡିବ। ବ୍ୟାଙ୍କରେ ପୁଞ୍ଜି ପ୍ରଦାନ କରାଯିବା ପରଠାରୁ ୩ ବର୍ଷ ଯାଏ ୨୬%ରୁ କମ୍ କରିପାରିବେ ନାହିଁ। ୟେସ୍ ବ୍ୟାଙ୍କରେ ନିବେଶ ସୁଯୋଗ ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗ ଉପରେ ବିଚାର କରିବା ଲାଗି ଏସ୍‌ବିଆଇ ବୋର୍ଡ ନୀତିଗତ ମଞ୍ଜୁରୀ ପ୍ରଦାନ କରିଛି। ଯଦି ଏସ୍‌ବିଆଇ ୟେସ୍ ବ୍ୟାଙ୍କରେ ପ୍ରମୁଖ ନିବେଶକ ହୁଏ ତେବେ ଏହାକୁ ୪୯% ଅଂଶଧନ ହାସଲ କରିବାକୁ ପଡିବ। ଏହାବାଦ ତୁରନ୍ତ ଭିତ୍ତିରେ ୨୪୫୦ କୋଟି ଟଙ୍କା ନିବେଶ କରିବାକୁ ହେବ।

କୁମାର ଖବରଦାତାଙ୍କୁ କହିଛନ୍ତି ଯେ, ଏସ୍‌ବିଆଇ ଏହି ଯୋଜନା ଲାଗି ୧୦ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରିସାରିଛି। ବ୍ୟାଙ୍କରେ ଅଧିକ ପୁଞ୍ଜି ନିବେଶ ଆବଶ୍ୟକତା ପଡିଲେ ତେବେ ଏ ଦିଗରେ ଯୋଜନା ହାତକୁ ନିଆଯିବ। ବର୍ତ୍ତମାନ ୟେସ୍ ବ୍ୟାଙ୍କ ବଜାରରୁ ପୁଞ୍ଜି ଉଠାଇବା ଲାଗି ଅସୁବିଧା ସାମ୍ନା କରୁଛି। ଚଳିତ ଆର୍ଥିକବର୍ଷ ଲାଗି ତ୍ୱରିତ ଭିତ୍ତିରେ ୨ ବିଲିୟନ ଡଲାରର ପୁଞ୍ଜି ଆବଶ୍ୟକତା ରହିଛି। ଆର୍‌ବିଆଇର ଡ୍ରାଫ୍ଟ ସ୍କିମ ପେପର ହସ୍ତଗତ ହୋଇଥିବା ବେଳେ ନିବେଶ ଏବଂ ବିଭିନ୍ନ ଆଇନଗତ ଧାରା ଉପରେ ବିଚାର କରାଯାଉଥିବା କୁମାର ସ୍ପଷ୍ଟ କରିଛନ୍ତି। ଏ ଦିଗରେ କୌଣସି ନିର୍ଯ୍ୟାସ ବାହାରିବା ପରେ ରିଜର୍ଭ ବ୍ୟାଙ୍କକୁ ଉତ୍ତର ରଖାଯିବ।

### ସରକାରଙ୍କ ନିୟନ୍ତ୍ରଣକୁ ଆସୁ ଘରୋଇ ବ୍ୟାଙ୍କ: ବ୍ୟାଙ୍କ ସଂଘ

ଘରୋଇ କ୍ଷେତ୍ର ବ୍ୟାଙ୍କରେ ଗୋଟିଏ ପରେ ଗୋଟିଏ ସମସ୍ୟା ଦେଖା ଦେଉ ଥିବାରୁ ଏ ନେଇ ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ (ଏଆଇବିଇଏ) ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ୟେସ୍ ବ୍ୟାଙ୍କ ଭଳି ଘଟଣା ପ୍ରତି ରିଜର୍ଭ ବ୍ୟାଙ୍କ ଉତ୍ତରଦାୟୀ ହେବା ଉଚିତ। ସବୁ ଘରୋଇ କ୍ଷେତ୍ର ବ୍ୟାଙ୍କକୁ ସରକାର ନିୟନ୍ତ୍ରଣକୁ ନିଅନ୍ତୁ ବୋଲି ସଂଘ ପକ୍ଷରୁ ସରକାରଙ୍କୁ କୁହାଯାଇଛି। ଲୋକଙ୍କ କଷ୍ଟ ଉପାର୍ଜିତ ଅର୍ଥ ବ୍ୟାଙ୍କରେ ରହୁଥିବା ବେଳେ କିଛି ଲୋକଙ୍କ ଭୁଲ ପାଇଁ ଲୋକମାନେ ହଇରାଣ ହେଉଛନ୍ତି। ଏଭଳି ଭୁଲ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଜମାକାରୀଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଜରୁରୀ ଭିତ୍ତିରେ ସରକାର ୟେସ୍ ବ୍ୟାଙ୍କକୁ ନିୟନ୍ତ୍ରଣରେ ରଖନ୍ତୁ ବୋଲି ଏଆଇବିଇଏ ସାଧାରଣ ସମ୍ପାଦକ ସି.ଏଚ୍.ଭେଙ୍କଟଚଲମ କହିଛନ୍ତି।

### ସରକାରଙ୍କ ଭୁଲ ଯୋଗୁ ସମସ୍ୟା: ଚିଦାମ୍ବରମ୍



ୟେସ୍ ବ୍ୟାଙ୍କ ସମସ୍ୟାକୁ ନେଇ ଶନିବାର କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାରଙ୍କ ଭୁଲ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସେ ମତବ୍ୟକ୍ତ କରିଛନ୍ତି। ବିତ୍ତୀୟ ଅନୁଷ୍ଠାନ ପରିଚାଳନା କ୍ଷେତ୍ରରେ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଭୁଲ ପରିଚାଳନା ଯୋଗୁ ୟେସ୍ ବ୍ୟାଙ୍କ ଭଳି ସମସ୍ୟା ସାମ୍ନାକୁ ଆସିଥିବା କହି କେନ୍ଦ୍ର ସରକାରଙ୍କୁ ଚିଦାମ୍ବରମ୍ ଟାର୍ଗେଟ କରିଛନ୍ତି। ଏହି ଘଟଣା ଉପରେ ରିଜର୍ଭ ବ୍ୟାଙ୍କ ତୁରନ୍ତ ତଦନ୍ତ କରିବା ନେଇ ସେ ଦାବି କରିଛନ୍ତି। ଏହାବାଦ ଲୋକଙ୍କ ଭରସା ଜଡିତ ଥିବାରୁ ଉତ୍ତରଦାୟିତ୍ୱ ସହ ଏହି ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଚିଦାମ୍ବରମ୍ ମତ ରଖିଛନ୍ତି। ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ହେଉଥିବା ନିବେଶକୁ ସେ ନିନ୍ଦା କରିଛନ୍ତି। ୟେସ୍ ବ୍ୟାଙ୍କ ବ୍ୟାଙ୍କିଙ୍ଗ ନୁହେଁ ବେଆଇନ କାମରେ ଜଡିତ ଥିଲା। ବେଆଇନ ଋଣ ପ୍ରଦାନ ଦ୍ୱାରା ସ୍ଥିତି ଖରାପ ହୋଇଥିବା ବେଳେ ଏଥିଲାଗି ସରକାର ମଧ୍ୟ ଦାୟୀ ରହିଥିବା ସେ ଅଭିଯୋଗ କରିଛନ୍ତି।

# ଲୁମିନସ୍‌ର ପ୍ରିମିୟମ ଫ୍ୟାନ୍ ରେଞ୍ଜ



ଭୁବନେଶ୍ୱର,୭–୩

ଲୁମିନସ୍ ପାୱାର ଟେକ୍ନୋଲୋଜି ପକ୍ଷରୁ ପ୍ରିମିୟମ ଫ୍ୟାନ ରେଞ୍ଜର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ସିଗ୍‌ନେଚର ଶୃଙ୍ଖଳାରେ ଏହି ଫ୍ୟାନଗୁଡିକୁ ବଜାରକୁ ଆଣିଛି। ନ୍ୟୁୟର୍କ ମାଡିସନ, ଜୟପୁର ମହଲ, ରିଓ ବେଲ୍‌ଏୟାର, ରିଓ କ୍ୟାବାନା ଥିମ୍‌ରେ କମ୍ପାନୀ ୪ ନୂଆ ଫ୍ୟାନ ଉପଲବ୍ଧ କରାଉଛି। ପ୍ରିମିୟମ ବର୍ଗରେ ଫ୍ୟାନ ବିକ୍ରି ବଢୁଥିବାରୁ ଏହାକୁ ଧ୍ୟାନରେ ରଖି କମ୍ପାନୀ ନୂଆ ଯୋଜନା ହାତକୁ ନେଇଛି। କମ୍ପାନୀର ଫ୍ୟାନ ବାଣିଜ୍ୟକୁ ଡିଜାଇନର ଫ୍ୟାନ ରେଞ୍ଜ ୨୫% ଯୋଗଦାନ ରଖିବା ନେଇ ଏହା ଆଶା ପ୍ରକଟ କରିଛି। ପ୍ରିମିୟମ ଫ୍ୟାନ ବର୍ଗଦ୍ୱାରା ଅଭିବୃଦ୍ଧି ନେଇ ଯୋଜନା ରଖାଯାଇଥିବା ଲୁମିନସ୍ ପାୱାର ଟେକ୍ନୋଲୋଜିର ବରିଷ୍ଠ ଉପସଭାପତି ଜିତେନ୍ଦର ଅଗ୍ରୱାଲ ସୂଚନା ଦେଇଛନ୍ତି। ନୂଆ ଫ୍ୟାନଗୁଡିକରେ ଗ୍ରାହକମାନେ ଲକ୍ସ୍ୟୁରୀ ଏବଂ ଡିଜାଇନ ବିକଳ୍ପ ଲାଭ କରିପାରିବେ।

# ଓଡିଏମ୍ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ଜାତୀୟ ସମ୍ମାନ




ଭୁବନେଶ୍ୱର,୭–୩: ପଟିଆ ଶିଶୁ ବିହାର ସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ସୁଧାରାଣୀ ସ୍ୱାଇଁଙ୍କୁ ଜାତୀୟ ସମ୍ମାନ ମିଳିଛି। ସୃଜନାତ୍ମକ ଶ୍ରେଣୀ ଶିକ୍ଷା 'ଆଇ ଟିଚ୍ ମାଇଁ ପ୍ୟାରେଣ୍ଟସ' ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଆର୍‌ଡି) ମନ୍ତ୍ରୀ ରମେଶ ପୋଖରିଆଲ, ସ୍ୱାଇଁଙ୍କୁ ନୂଆଦିଲ୍ଲୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ କରିଛନ୍ତି। ଶ୍ରୀ ଅରବିନ୍ଦ ସମାଜ ଏବଂ ଜେଡଆଇଆଇଇଆଇ ପକ୍ଷରୁ ଆଇଆଇଟି ନୂଆଦିଲ୍ଲୀରେ ଓଡିଶାରୁ ୧୧ ଜଣ ପ୍ରତିଭାବାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ପ୍ରକାଶ ଜାଭଡେକର, ଅନୁରାଗ ସିଂ ଠାକୁର, ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଉଦବୋଧନ ହେଇଥିଲେ। ସିକିମ, ପୁଡୁଚେରୀ ଏବଂ ନାଗାଲାଣ୍ଡର ଶିକ୍ଷା ସଚିବ, ନୀତି ଆୟୋଗ ସଚିବ, ଏନ୍‌ସିଟିଇର ମୁଖ୍ୟ ଡ.ସତ୍‌ବୀର ବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଫଳତା ଲାଗି ସ୍ୱାଇଁଙ୍କୁ ଓଡିଏମ୍ ସ୍କୁଲର ପ୍ରତିଷ୍ଠାତା ସତ୍ୟବ୍ରତ ମୀନକେତନ, ପରିଚାଳିକା ଇନ୍ଦୁମତି ରାୟ, ଉପନିର୍ଦ୍ଦେଶକ ସ୍ୱୟମ ସତ୍ୟେନ୍ଦୁ ଶୁଭେଚ୍ଛା ଜଣାଇଛନ୍ତି।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୭–୩: ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ଗଜଜ୍ୟୋତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ମାଷ୍ଟରସେଫ୍ ପ୍ରତିଯୋଗିତା, ଓପନ ମାଇକ, ରୋଡ ଶୋ, ରଙ୍ଗୋଲି ଏବଂ ଫେସପେଣ୍ଟିଂ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାବାଦ ଷ୍ଟ୍ରିଟ ପ୍ଲେ, ଆର୍ଟ ଆଣ୍ଡ କ୍ରାଫ୍ଟ, ଷ୍ଟ୍ରିଟ ମ୍ୟୁଜିକ ଶୋ ଆୟୋଜନ ନେଇ ଯୋଜନା ରହିଛି। ପ୍ରୋଜେକ୍ଟ ଏକ୍ସପୋରେ ଛାତ୍ରୀଛାତ୍ର ଏବଂ ଫାକଲଟି ନିଜର ପ୍ରୋଜେକ୍ଟ, ପ୍ରଡକ୍ଟ ଏବଂ ଏକ୍ସପେରିମେଣ୍ଟ ପ୍ରଦର୍ଶନ କରିଛନ୍ତି। ଆଖ ପାଖ କଲେଜ ଏବଂ ସ୍କୁଲରୁ ଛାତ୍ରୀଛାତ୍ର ପରିଦର୍ଶନ କରି ପ୍ରକଳ୍ପଗୁଡିକୁ ଦେଖିଛନ୍ତି। ୩୦ରୁ ଉର୍ଦ୍ଧ୍ୱ ଷ୍ଟଲ ସ୍ଥାପନ କରାଯିବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କୌଶଳ ପ୍ରଦର୍ଶନ କରାଯାଇଛି। ଏହି ସମୟ ମଧ୍ୟରେ ସ୍କୁଲ ଅଫ୍ ଫାର୍ମାସୀ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଏବଂ ଆଖି ପରୀକ୍ଷା କ୍ୟାମ୍ପ ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସୁପ୍ରିୟା ପଟ୍ଟନାୟକ, ଏକାଡେମିକ ଡିନ ଡ.ପ୍ରଶାନ୍ତ ମହାନ୍ତି, ନିର୍ଦ୍ଦେଶକ ପ୍ରଫେସର ଜଗନ୍ନାଥ ପାଢୀ ଏବଂ ଆଡମିଶନ ମୁଖ୍ୟ ସୁକାନ୍ତ ପରିଡା ଏହି ଅବସରରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଛନ୍ତି।


**ORISSA STATE AIDS CONTROL SOCIETY (OSACS)**

(Department of Health & Family Welfare), Government of Odisha

Letter No.IX-OSACS-ART-08/2019-20(P): 957/OSACS Dated:07.03.2020

**CORRIGENDUM**

**Against the previous Advertisement No. IX-OSACS-ART-08/2019-20/38/OSACS Dated: 03.01.2020**

The Orissa State AIDS Control Society (OSACS) on behalf of the ART Plus Centre, ART Centres, Facility Integrated (FI)-ART Centres and Link ART Plus Centres invites applications from eligible candidates who are citizens of India to fill-up different category of posts as per the place of posting mentioned below to be posted on contractual basis for implementation of HIV/AIDS programme in the State under National AIDS Control Programme (NACP) as per the details mentioned below :

| Sl. No. | Category of Post | Place of Posting | No. of Post | Monthly consolidated Remuneration (Rs.) |
|---|---|---|---|---|
| 1 | Counsellor | ART Centre, DHH, Angul / Balasore / Puri | 03 | 13,000/- |
| 2 | Lab. Technician | ART Centre, MKCG Medical College, Berhampur/ DHH, Balangir/ Bhadrak/ Puri | 04 | 13,000/- |
| 3 | Data Manager | ART Centre, Veer Surendra Sai Institute of Medical Sciences & Research (VIMSAR), Burla, Sambalpur / DHH, Angul / Balasore, Balangir/ Capital Hospital, Bhubaneswar | 05 | 13,000/- |
| 4 | Staff Nurse | ART Centre, MKCG Medical College, Berhampur/ DHH, Nabarangpur/SDH, Bhanjanagar / FI-ART Centre, DHH, Rayagada / Link ART Centre Plus, CHC, Aska / Khallikote / Polasara | 07 | 13,000/- |
| 5 | Care Coordinator | SDH, Bhanjanagar | 01 | 6,000/- |

Eligible candidates for the above mentioned posts should have maximum age limit of 45 years and all the applicants are hereby requested to apply directly to the concerned Nodal Officer of ART Centres & FI-ART Centres and Medical Officer I/C of Link ART Plus Centres through Registered Post Speed Post only as per the address mentioned in the website by superscription of the post for apply on the top of the envelope and submit their bio-data and other required documents in the prescribed format on or before 16th March, 2020.

The prescribed format for submission of application, remuneration, qualification, experience, duties & responsibilities, other terms and conditions along with the address to whom apply are available in the websites of www.osacs.nic.in and www.orissa.gov.in. The authority reserves the right to accept reject any or all application(s) without assigning any reasons thereof.

**N.B.:** Those who have already applied for the eligible posts to the respective centres, they are requested to need not apply again. The application(s) submitted to Orissa State AIDS Control Society (OSACS), Bhubaneswar office will summarily be rejected without assigning any notice thereof.

**Sd./- Project Director**

**2nd Floor, Oil Odisha Building, Nayapalli, Bhubaneswar, Ph: (0674) 2395415/2393235 Fax: 2394560 E-mail: orissasacs@gmail.com; sacorissa@sify.com; sacs_orissa@nacoindia.org**

omfed www.omfed.com

**ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍**

ଡି-୨, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭

**ଖାଉଟି ଜନସାଧାରଣଙ୍କ ନିମନ୍ତେ ସୂଚନା**

No.CAD-1073 :- ଏତଦ୍ୱାରା ଓମ୍‌ଫେଡ୍‌ର ସମସ୍ତ ଖାଉଟିମାନଙ୍କୁ ଜଣାଇ ଦିଆଯାଉଅଛି କି, ଚାଷୀମାନଙ୍କଠାରୁ ଦୁଗ୍ଧର ସଂଗ୍ରହ ମୂଲ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ପ୍ୟାକେଟ୍ ଦୁଗ୍ଧର ଦର ତା୦୮।୦୩।୨୦୨୦ରିଖଠାରୁ ଲିଟର ପିଛା ୨ଟଙ୍କା ବୃଦ୍ଧି କରିଛନ୍ତି। ନିମ୍ନରେ ନୂତନ ଦୁଗ୍ଧ ମୂଲ୍ୟସୂଚୀ ପ୍ରଦାନ କରାଗଲା।

| ଦୁଗ୍ଧର ପ୍ରକାର | ପୂର୍ବ ଦର | ବର୍ଦ୍ଧିତ ଦର |
|---|---|---|
| ଟୋନ୍‌ଡ ଦୁଗ୍ଧ (୫୦୦ ମି.ଲି.) | ଟ.୧୯.୦୦ | ଟ.୨୦.୦୦ |
| ପ୍ରିମିୟମ ଦୁଗ୍ଧ (୫୦୦ ମି.ଲି.) | ଟ.୨୨.୦୦ | ଟ.୨୩.୦୦ |
| ଗୋଲ୍ଡ ପ୍ରିମିୟମ (୫୦୦ ମି.ଲି.) | ଟ.୨୨.୦୦ | ଟ.୨୩.୦୦ |

ଓମ୍‌ଫେଡ୍ ନିକଟରେ ବର୍ତ୍ତମାନ ଗଚ୍ଛିତ ଥିବା ପୁରୁଣା ପଲିଥିନ୍ ସରିବା ପର୍ଯ୍ୟନ୍ତ ଛପାଥିବା ଦର ପରିବର୍ତ୍ତେ ନୂତନ ଦରରେ ଖାଉଟିମାନେ ଦୁଗ୍ଧ କ୍ରୟ କରିବେ। ଏଥିରେ ଓଡ଼ିଶାର ଖାଉଟି ଜନସାଧାରଣ ସହଯୋଗ କରିବା ନିମନ୍ତେ ଅନୁରୋଧ।

**ପରିଚାଳନା ନିର୍ଦ୍ଦେଶକ**
OIPR- 06063/11/0014/1920

**Institute of Hotel Management Catering Technology & Applied Nutrition**
VEER SURENDRASAI NAGAR, BHUBANESWAR-751010
Website: www.ihmbbs.org, Email: hospitality@ihmbbs.org

**TENDER CALL NOTICE**

Quotations are invited for AMC for **(i)** Supply of Office Stationery **(ii)** Supply of Cleaning Materials **(iii)** Maintenance of Gas Appliances and Supply of Vehicles (Minibus and Cab. Etc.)
Interested registered shops/firms may visit our website www.ihmbbs.org for details.

**Sd/- Principal**

**DISTRICT PROJECT OFFICE SAMAGRA SHIKSHA, NABARANGPUR**

No.649 SC/ST/2020 Date: 03.03.2020

**TENDER FOR PRINTING AND SUPPLY OF Teacher's ID cards to elementary teachers of Govt. School of Nabarangpur District**

Sealed tenders under two bid system are invited in prescribed format from the registered Offset Printing firms for printing and supply of Teacher's ID cards. The details of the Tender Paper along with the terms & conditions can be downloaded from website www.opepa.in or www.nabarangpur.nic.in from 10.00 A.M. of dt.03.03.2020 to 5.30 P.M. of dt.06.04.2020. The tender shall be opened at 11.00 A.M. on dt.07.04.2020 in the office of the District Project Coordinator, Samagra Shiksha, Nabarangpur in the presence of the bidders or their authorized representatives.

**By order of Collector-cum-Chairperson**
**Sd./- District Project Coordinator, RTE-SS, Nabarangpur**

**GOVERNMENT OF ODISHA**

**HOUSING & URBAN DEVELOPMENT DEPTT.**
**OFFICE OF THE MUNICIPAL COUNCIL, BELPAHAR**

Tel.: 06645-250458, Fax: 06645-250236, E-mail: nacbelpahar@gmail.com

**"e-Procurement Notice"**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

| Sl. No. | Bid Reference No. | Bid Identification No. | Name of the Work | Package No. | Estimated Cost (In Laksh) | Period of Completion | Date & Time for availability of the bid documents in the portal | Last date & time for receipt of bids in the portal | Submission of hard copies of uploaded documents | Date & Time for opening of Technical Bid | Name & address of the Officer Inviting Bid |
|---|---|---|---|---|---|---|---|---|---|---|---|
| 1. | EO/BPHM/10/2019-20 | 2020_ORULB_60533 | Reclamation of Water bodies at Belpahar Municipality i.e. Gumadera Suru Kanta, Muchhbahal Kanta. | II | 284.61 | 12 Calendar Months | From Dt.09.03.2020 at 10.00 A.M. to Dt.25.03.2020 upto 5.00 P.M. | Dt.25.03.2020 upto 5.00 P.M. | From Dt.26.03.2020 at 10.00 A.M. to Dt.30.03.2020 upto 5.00 P.M. | 11.00 A.M. and onwards on Dt.31.03.2020 | Executive Officer, Belpahar Municipality |
| 2. | EO/BPHM/11/2019-20 | 2020_ORULB_60534 | Reclamation of Water bodies at Belpahar Municipality i.e. Junadihi Bandha, Jurabaga Kanta. | III | 349.22 | 12 Calendar Months | | | | | |
| 3. | EO/BPHM/12/2019-20 | 2020_ORULB_60535 | Reclamation of Water bodies at Belpahar Municipality i.e. Junadihi Kanta. | IV | 294.29 | 12 Calendar Months | | | | | |
| 4. | EO/BPHM/13/2019-20 | 2020_ORULB_60536 | Reclamation of Water bodies at Belpahar Municipality i.e. Garrakhai Kanta. | V | 245.39 | 12 Calendar Months | | | | | |
| 5. | EO/BPHM/14/2019-20 | 2020_ORULB_60537 | Reclamation of Water bodies at Belpahar Municipality i.e. Gountia Kanta. | VI | 338.76 | 12 Calendar Months | | | | | |

Further the details can be seen from the procurement portal: www.tendersorissa.gov.in. If any addendum/corrigendum/cancellation of tender shall be published in the above website only.

**Sd./- Executive Officer, Belpahar Municipality**

## ସଂକ୍ଷେପରେ

### ଦେବାଶିଷଙ୍କୁ ଟାଇଟଲ୍



**ଭୁବନେଶ୍ୱର, ୭।୩ (ସ୍ପୋର୍ଟ୍ସ ବ୍ୟୁରୋ):** କୋଲକାତାର ବେଙ୍ଗଲ ଟେନିସ ଆସୋସିଏଶନ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ବାଳକ ସୁପର୍ ସିରିଜ ପ୍ରତିଯୋଗିତାରେ ଓଡ଼ିଶାର ଦେବାଶିଷ ସାହୁ ଚାମ୍ପିୟନ ହୋଇଛନ୍ତି। ବାଳକ ସିଙ୍ଗଲ୍ସ ବର୍ଗର ଫାଇନାଲରେ ଦେବାଶିଷ ୬-୩, ୬-୩ ସିଧାସଳଖ ସେଟ୍‌ରେ ମଣିପୁରର ଅଶ୍ୱଜିତ୍ ସଞ୍ଜମଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏଥିପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲା ଦେବାଶିଷ ୭-୬ (୧), ୬-୨ ସେଟ୍‌ରେ ପଞ୍ଜାବର ରିଜୁଲ ଭାଟିଆଙ୍କୁ ହରାଇଥିଲେ। ଏହି ପ୍ରତିଯୋଗିତାରେ ଚାମ୍ପିୟନ ହେବା ସହ ଦେବାଶିଷ ୫୦ ଏଆଇଟିଏ ପଏଣ୍ଟ ଅର୍ଜନ କରିଛନ୍ତି।

### ଡେଭିସ କପ୍‌ରେ ହାତ ମିଳାଇଲେ ନାହିଁ ଖେଳାଳି

**ପ୍ୟାରିସ, ୭।୩(ଏଏଫ୍‌ପି)-** କରୋନା ଭାଇରସ୍ ଆତଙ୍କ ସତ୍ତ୍ୱେ ଡେଭିସ କପ୍ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ମ୍ୟାଚ୍ ଶେଷ ହେବା ପରେ ଖେଳାଳିମାନେ ହାତ ମିଳାଇ ନ ଥିଲେ। କରୋନା ଭାଇରସ୍ ଯୋଗୁ ଖେଳାଳିଙ୍କୁ ହାତ ନ ମିଳାଇବାକୁ ପରାମର୍ଶ ଦିଆଯାଇଛି। ଏଣୁ ସେମାନେ ପରସ୍ପରକୁ ଫିଷ୍ଟ ବମ୍ପସ ଦେଇଥିଲେ। ମ୍ୟାଚ୍‌ବେଳେ ବଲ ବୟ୍ ଓ ଗର୍ଲ ଖେଳାଳିଙ୍କ ଟାଓ୍ୱେଲଠାରୁ ଦୂରେଇ ରହିଥିଲେ। ଏପରି କି ମ୍ୟାଚ୍ ସମ୍ପୂର୍ଣ୍ଣ ଖାଲି ଏରିନାରେ ଖେଳାଯାଇଥିଲା। ଅଷ୍ଟ୍ରେଲିଆରୁ ଜାପାନ, ସେଠାରୁ ୟୁରୋପ ଓ ଦକ୍ଷିଣ ଆମେରିକାରେ ୧୨ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଉଛି। ପୂର୍ବରୁ ଡିଫେଣ୍ଡିଂ ଚାମ୍ପିୟନ ସ୍ପେନ, ୨୦୧୯ ରନର୍ସଅପ୍ କାନାଡା, ସେମିଫାଇନାଲିଷ୍ଟ ଗ୍ରେଟ ବ୍ରିଟେନ ଓ ରୁଷିଆ, ୱାଇଲ୍ଡକାର୍ଡ ଫ୍ରାନ୍ସ ଓ ସର୍ବିୟା ନଭେମ୍ବରରେ ମାଡ୍ରିଡ୍‌ଠାରେ ଫାଇନାଲ ଖେଳିବେ।

### ନିରପେକ୍ଷ ଭେନ୍ୟୁରେ ଖେଳାଯିବ ଏସିଆ କପ୍

**କରାଚୀ, ୭।୩ (ପି.ଟି.):** ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଏସିଆ କପ୍ ନିରପେକ୍ଷ ଭେନ୍ୟୁରେ ଅନୁଷ୍ଠିତ ହେବ। ଏହା ଶନିବାର ସ୍ୱୀକାର କରିଛନ୍ତି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମୁଖ୍ୟ ଏହଶାନ ମାନି। ନିକଟରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଥିଲେ, ସୁରକ୍ଷାଗତ କାରଣରୁ ପାକିସ୍ତାନରେ ଭାରତ ଖେଳିପାରିବ ନାହିଁ। ଏଣୁ ଏସିଆ କପ୍ ୟୁଏଇଠାରେ ଖେଳାଯିବ। ସେତେବେଳେ ଏହାକୁ ଅସ୍ୱୀକାର କରିଥିଲେ ମାନି। କିନ୍ତୁ ଶନିବାର ପିସିବି ମୁଖ୍ୟ ନିଜ ମନ୍ତବ୍ୟ ବଦଳାଇ ଦେଇଛନ୍ତି। ଆମକୁ ଏସିଆନ କ୍ରିକେଟ କାଉନ୍ସିଲ(ଏସିସି)ର ସମସ୍ତ ଆସୋସିଏଟ୍ ସଦସ୍ୟଙ୍କ ଲାଭ ସମ୍ପର୍କରେ ଚିନ୍ତା କରିବାକୁ ପଡ଼ିବ। ପାକିସ୍ତାନ ଗସ୍ତ ଲାଗି ଭାରତ ରାଜି ନ ଥିବାରୁ ଆମେ ଏସିଆ କପ୍ ଆୟୋଜନ କରିବା ଉଚିତ ହେବ ନାହିଁ। ଏଣୁ ନିରପେକ୍ଷ ଭେନ୍ୟୁ ହିଁ ଏକମାତ୍ର ବିକଳ୍ପ। ମାତ୍ର ଏ ସମ୍ପର୍କରେ ଏସିସି ସଦସ୍ୟ ନିଷ୍ପତ୍ତି ନେବେ ବୋଲି ମାନି କହିଛନ୍ତି।

### ବାଂଲାଦେଶର ବୃହତ୍ ବିଜୟ

**ସିଲହେଟ, ୭।୩:** ବର୍ଷା ବାଧାପ୍ରାପ୍ତ ଜିମ୍ବାୱେ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ଡକ୍‌ୱର୍ଥ/ଲୁଇସ୍ ନିୟମରେ ୧୨୩ ରନରେ ବିଜୟୀ ହୋଇଛି। ଟସ୍ ହାରି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୪୩ ଓଭରରେ ୩ ଉଇକେଟ ହରାଇ ୩୨୨ ରନ ସଂଗ୍ରହ କରିଥିଲା। ପୁଣି ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା କାରଣରୁ ଜିମ୍ବାୱେ ସମ୍ମୁଖରେ ସମାନ ୪୩ ଓଭରରେ ୩୪୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ଜିମ୍ବାୱେ ୩୭.୩ ଓଭରରେ ୨୧୮ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା।



"ଦୁଇ ବର୍ଷ ପୂର୍ବେ ପାକିସ୍ତାନ ଟୁର୍‌ରେ ଆସିବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡକୁ ୱେଷ୍ଟଇଣ୍ଡିଜ ଖେଳାଳିଙ୍କୁ ଜଣ ପିଛା ୨୫,୦୦୦ ଡଲାର ଦେବାକୁ ପଡ଼ିଥିଲା ।
**-ଏହେସାନ ମନି, ପାକିସ୍ତାନ କ୍ରିକେଟ ବୋର୍ଡ ମୁଖ୍ୟ**

"ରବିବାର ଫାଇନାଲରେ ଭାରତର ବିସ୍ଫୋରକ ବ୍ୟାଟ୍ସଓମ୍ୟାନ ଶେଫାଳି ବର୍ମାଙ୍କୁ ରୋକିବାକୁ ହେଲେ ଅଷ୍ଟ୍ରେଲିଆକୁ ମାଇଣ୍ଡ ଗେମ୍ ଖେଳିବାକୁ ପଡ଼ିବ ।
**-ଡାନି ୟାଟ୍, ଇଂଲଣ୍ଡ ଓପନିଂ ବ୍ୟାଟ୍ସଓମ୍ୟାନ**



# କ୍ରିକେଟକୁ ୱାସିମ ଜାଫରଙ୍କ ଅଲ୍‌ବିଦା



**ମୁମ୍ବାଇ, ୭।୩ (ପି.ଟି.):** ପୂର୍ବତନ ଭାରତୀୟ ଓପନର ୱାସିମ ଜାଫର ଶନିବାର କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ଏଥିସହ ଏକ ଯୁଗର ଅବସାନ ଘଟିଛି। ୪୨ ବର୍ଷୀୟ ଜାଫର ଅନ୍ତର୍ଜାତୀୟ ସ୍ତରରେ ଭାରତ ପାଇଁ ୩୧ ଟେଷ୍ଟରେ ପ୍ରତିନିଧିତ୍ୱ କରି ୩୪.୧୧ ହାରରେ ୧,୯୪୪ ରନ୍ କରିଥିଲେ। ଛୋଟିଆ କ୍ୟାରିୟରରେ ୫ ଶତକ ଓ ୧୧ ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ହେଉଛି ୨୧୨। ପ୍ରଥମତଃ ମୁଁ ସବୁକିଛି ପାଇଁ ଭଗବାନଙ୍କୁ ଧନ୍ୟବାଦ ଦେଉଛି। ଭଗବାନ ମୋତେ ଏହି କ୍ରୀଡ଼ାରେ ଖେଳିବା ଲାଗି ପ୍ରତିଭା ଦେଇଥିଲେ। କ୍ରିକେଟ କ୍ୟାରିୟର ଜାରି ରଖିବାକୁ ପରିବାର ବର୍ଗ ମୋତେ ଉତ୍ସାହିତ କରିଥିଲେ। ମୋର ସମସ୍ତ କୋଚ୍‌ଙ୍କୁ ଅନେକ ଅନେକ ଧନ୍ୟବାଦ୍। ସ୍କୁଲବେଳେ କୋଚ୍ ମୋ ପ୍ରତିଭାକୁ ଚିହ୍ନଟ କରି ଅଧିକ ତୀକ୍ଷ୍ଣ କରିଥିଲେ। ମୋ ଉପରେ ବିଶ୍ୱାସ ଦେଖାଇଥିବାରୁ ଚୟନକର୍ତ୍ତାଙ୍କ ନିକଟରେ ମୁଁ କୃତଜ୍ଞ ବୋଲି ରଣଜୀ ଟ୍ରଫି ଇତିହାସର ସର୍ବାଧିକ ରନ୍ କରିଥିବା ଜାଫର କହିଛନ୍ତି। ସେ ଦେଶର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ରଣଜୀ ଟୁର୍ନାମେଣ୍ଟରେ ୧୨ ହଜାର ରନ୍ କରିଛନ୍ତି। ସର୍ବାଧିକ ୧୫୦ ରଣଜୀ ମ୍ୟାଚ୍ ଖେଳିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ୱେଷ୍ଟଇଣ୍ଡିଜରେ ଦ୍ୱିଶତକ ହାସଲ କରିଥିବା ଅଳ୍ପ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଜାଫର ଅନ୍ୟତମ। ସେ ସେଣ୍ଟ ଲୁସିଆଠାରେ ୨୧୨ ରନ୍‌ର ଇନିଂସ ଖେଳିଥିଲେ। ସେ କ୍ୟାରିୟରରେ ପ୍ରାୟତଃ ମୁମ୍ବାଇ ପାଇଁ ଖେଳିଥିଲେ। ଗତ ତିନି ସିଜନ ହେଲା ସେ ବିଦର୍ଭ ପାଇଁ ଖେଳୁଥିଲେ। ତାଙ୍କ ପ୍ରତିନିଧିତ୍ୱରେ ବିଦର୍ଭ କ୍ରମାଗତ ଦୁଇ ଥର ରଣଜୀ ଚାମ୍ପିୟନ ହୋଇଥିଲା। ଷ୍ଟାଇଲିଶ ଶଟ୍ ଲାଗି ଜଣାଶୁଣା ଜାଫରଙ୍କ କଭର ଡ୍ରାଇଭ ସ୍ୱତନ୍ତ୍ର ଥିଲା। ୧୯୯୬-୯୭ ସିଜନରେ ଜାଫର ପ୍ରଥମ ଶ୍ରେଣୀ ପଦାର୍ପଣ କରିଥିଲେ। ସେ ୨୬୦ ମ୍ୟାଚ୍‌ରେ ୧୯,୪୧୦ ରନ୍ କରିଥିଲେ।

**ଜାଫରଙ୍କ କ୍ୟାରିୟର**

| ଫର୍ମାଟ | ଟେଷ୍ଟ | ଦିନିକିଆ | ପ୍ରଥମ ଶ୍ରେଣୀ | ଲିଷ୍ଟ-ଏ |
|---|---|---|---|---|
| ମ୍ୟାଚ୍ | ୩୧ | ୨ | ୨୫୬ | ୧୧୮ |
| ରନ୍ | ୧,୯୪୪ | ୧୦ | ୧୯,୨୧୧ | ୪,୮୪୯ |
| ଶତକ\ଅର୍ଦ୍ଧଶତକ | ୫/୧୧ | ୦/୦ | ୫୭/୮୯ | ୧୦/୩୩ |
| ଶ୍ରେଷ୍ଠ ସ୍କୋର | ୨୧୨ | ୧୦ | ୩୧୪* | ୧୭୮* |

**ରଣଜୀ ଟ୍ରଫିରେ ଜାଫରଙ୍କ କୃତିତ୍ୱ**

- ଏକମାତ୍ର ଖେଳାଳି ଭାବେ ୧୫୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିଛନ୍ତି
- ୧୦ ହଜାର ରନ୍ ସଂଗ୍ରହ କରିବାରେ ଏକମାତ୍ର ବ୍ୟାଟ୍ସମ୍ୟାନ
- ୪୦ରୁ ଊର୍ଦ୍ଧ୍ୱ ଶତକ ଅର୍ଜନ
- ୮୦ ଥର ୫୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ସ୍କୋର
- ୨୦୦ରୁ ଅଧିକ କ୍ୟାଚ୍ ଧରିଛନ୍ତି।

### ଭାରତ-କାତାର ମ୍ୟାଚ୍ ସମ୍ପର୍କରେ ନିଷ୍ପତ୍ତି ମଙ୍ଗଳବାର

**ନୂଆଦିଲ୍ଲୀ, ୭।୩(ପି.ଟି.):** ମାରାତ୍ମକ କରୋନା ଭାଇରସ ଆଶଙ୍କାରେ କାତାର ବିପକ୍ଷରେ ଖେଳାଯିବାକୁ ଥିବା ଭାରତର ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ମ୍ୟାଚ୍‌କୁ ସ୍ଥଗିତ ରଖାଯାଇଥିବା ବିଷୟକୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ଶନିବାର ସ୍ପଷ୍ଟ କରିଛି। ଏହି ମ୍ୟାଚ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ମାର୍ଚ୍ଚ ୨୬ରେ ଖେଳାଯିବା କାର୍ଯ୍ୟକ୍ରମ ଥିଲା। ସେହିପରି ଜୁନ ୯ରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯିବାକୁଥିବା ମ୍ୟାଚକୁ ମଧ୍ୟ ସ୍ଥଗିତ ରଖାଯିବ ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ ପ୍ରକାଶ କରିଛନ୍ତି। ଆସନ୍ତା ମଙ୍ଗଳବାର ନୂଆଦିଲ୍ଲୀରେ ଏଏଫ୍‌ସି (ଏସିଆନ ଫୁଟ୍‌ବଲ କନଫେଡେରେଶନ) ଏବଂ ଏଆଇଏଫ୍‌ଏଫ୍ ଅଫିସିଆଲଙ୍କ ମଧ୍ୟରେ ଏକ ବୈଠକ ବସିବ। ଏଥିରେ ଅନ୍ୟାନ୍ୟ ପ୍ରସଙ୍ଗ ସମେତ ଭାରତର ଅବଶିଷ୍ଟ ବିଶ୍ୱକପ୍ କ୍ୱାଲିଫାୟର୍ସ ମ୍ୟାଚଗୁଡ଼ିକ ଲାଗି ନୂଆ ତାରିଖ ସ୍ଥିର କରାଯାଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## କ୍ୱାର୍ଟରରେ ମେରିକମ, ପଙ୍ଘାଲ

**ଅମାନ (ଜୋର୍ଡାନ), ୭।୩ (ପି.ଟି.):** ଭାରତର ଷ୍ଟାର ମହିଳା ବକ୍ସର ଏମ୍.ସି. ମେରିକମ (୫୧ କିଗ୍ରା) ଓ ଅମିତ ପଙ୍ଘାଲ (୫୨କେଜି) ଏଠାରେ ଚାଲିଥିବା ଏସିଆନ କ୍ୱାଲିଫାୟର୍ସରେ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଶନିବାର ମେରିକମ୍ ପ୍ରିକ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ୫-୦ରେ ନ୍ୟୁଜିଲାଣ୍ଡର ତାସମିନ୍ ବେନିଙ୍କୁ ପରାସ୍ତ କରିଥିଲେ। ୩୭ ବର୍ଷୀୟା ମେରିକମ୍ ଯଦି ସେମିଫାଇନାଲ୍‌ରେ ପ୍ରବେଶ କରନ୍ତି ତେବେ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବେ। ସେହିଭଳି ପୁରୁଷ

**ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସ**

ବିଭାଗରେ ଅମିତ୍ ମଙ୍ଗୋଲିଆର ଏଙ୍ଖମାନାଦାଖ ଖାର୍‌ଖୁଙ୍କୁ ହରାଇ ଦେଇଛନ୍ତି। ଅଲିମ୍ପିକ ଟିକେଟ ହାସଲ କରିବା ଲାଗି ତାଙ୍କୁ ଆଉ କେବଳ ଗୋଟିଏ ବିଜୟ ଦରକାର। ଗତବର୍ଷ ପ୍ରଥମ ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଥିବା ପଙ୍ଘାଲ ଏଠାରେ ଟପ୍ ସିଡ୍ ମାନ୍ୟତା ପାଇଛନ୍ତି। ଖାର୍‌ଖୁଙ୍କ ବିପକ୍ଷରେ ସେ ୩-୨ ବିଭାଜିତ ନିଷ୍ପତ୍ତିରେ ବିଜୟୀ ହୋଇଥିଲେ। ପଙ୍ଘାଲ ବର୍ତ୍ତମାନ ଫିଲିପାଇନ୍ସର କାର୍ଲୋ ପାଲାମଙ୍କୁ ଭେଟିବେ। ଏହି ବକ୍ସରଙ୍କୁ ପଙ୍ଘାଲ ୨୦୧୮ ଏସିଆନ ଗେମ୍ସ ସେମିଫାଇନାଲ ଏବଂ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ପରାସ୍ତ କରିଥିଲେ।



ଏମ୍.ସି. ମେରିକମ୍

ବର୍ତ୍ତମାନ ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିୟନ ପଙ୍ଘାଲ ପ୍ରଥମ ଦୁଇ ରାଉଣ୍ଡ ଲଢେଇରେ ଆକ୍ରମଣାତ୍ମକ ପ୍ରଦର୍ଶନ ସହ ପ୍ରାଧାନ୍ୟ ବିସ୍ତାର କରିଥିଲେ। ମାତ୍ର ଅନ୍ତିମ ୩ ମିନିଟ୍ ଲଢେଇରେ ମଙ୍ଗୋଲିଆନ ବକ୍ସର ପ୍ରତ୍ୟାବର୍ତ୍ତନ କରି ଚାପ ସୃଷ୍ଟି କରିଥିଲେ। ଏହି ବିଜୟ ଦ୍ୱାରା ଭାରତୀୟ ବକ୍ସର ଗତ ବର୍ଷ ବିଶ୍ୱ ମିଲିଟାରୀ ଗେମ୍ସ ପରାଜୟର ପ୍ରତିଶୋଧ ନେଇଛନ୍ତି। ଶନିବାର ଅନୁଷ୍ଠିତ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ପ୍ରି-କ୍ୱାର୍ଟରଫାଇନାଲ ବାଉଟ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ଗୌରବ ସୋଲାଙ୍କି (୫୭କେଜି) ଟପ୍ ସିଡ୍ ଉଜ୍‌ବେକିସ୍ତାନର ମିରାଜିଜ୍‌ବେକ୍ ମିର୍ଜାଖାଲିଲୋଭଙ୍କଠାରୁ ୧-୪ରେ ହାରି ଯାଇଛନ୍ତି।

### ପାଣ୍ଡ୍ୟାଙ୍କ ପାଇଁ ବାରିକେଡ୍ ଭାଙ୍ଗିଲେ ଫ୍ୟାନ

**ନବି ମୁମ୍ବାଇ, ୭।୩:** କ୍ରିକେଟରଙ୍କ ଫ୍ୟାନମାନେ ମ୍ୟାଚ୍‌ବେଳେ ନିଜ ଷ୍ଟାରଙ୍କୁ ଦେଖିବା ପାଇଁ ବାରିକେଡ୍ ଭାଙ୍ଗିବା କିଛି ନୂଆ କଥା ନୁହେଁ। ଡି. ୱାଇ. ପାଟିଲ ଷ୍ଟାଡିୟମରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିସ୍ଫୋରକ ଶତକ ପରେ ପ୍ରଶଂସକମାନେ ଗ୍ରାଉଣ୍ଡକୁ ପ୍ରବେଶ କରିଥିଲେ। ବିପିସିଏଲ ବିପକ୍ଷ ପ୍ରଥମ ସେମିଫାଇନାଲରେ ରିଲାଏନ୍ସ ୱାନ ପକ୍ଷରୁ ଖେଳୁଥିବା ହାର୍ଦ୍ଦିକ ୫୫ ବଲରେ ୧୫୮ ରନ୍‌ର ଇନିଂସ ଖେଳିଥିଲେ। ପୂରା ଷ୍ଟାଡିୟମ ହାର୍ଦ୍ଦିକ.. ହାର୍ଦ୍ଦିକ ନାରାରେ ଗୁଞ୍ଜରି ଉଠିଥିଲା।

### ପର୍ଯ୍ୟବେକ୍ଷଣରେ ରହିପାରେ ରୁଷିଆ ମହିଳା ଫୁଟ୍‌ବଲ ଟିମ୍

**ମସ୍କୋ, ୭।୩ (ଏଏପି):** କରୋନା ଭାଇରସ୍ ଆତଙ୍କ ଯୋଗୁ ସମଗ୍ର ବିଶ୍ୱରେ କ୍ରୀଡ଼ା ଇଭେଣ୍ଟ ଆୟୋଜନରେ ବାଧା ସୃଷ୍ଟି ହୋଇଛି। ଜର୍ମାନୀରେ ଗୋଟିଏ ଗେମ୍ ଖେଳି ଫେରିଥିବା ରୁଷିଆର ମହିଳା ଫୁଟ୍‌ବଲ ଟିମ୍‌କୁ ୧୪ ଦିନ ପର୍ଯ୍ୟବେକ୍ଷଣରେ ରଖାଯାଇପାରେ। ଟିମ୍ ଡାକ୍ତର ଏଡୁଆର୍ଡ ବେଜୁଗ୍ଲୋଭ ପ୍ରକାଶ କରିଛନ୍ତି। ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତଦନୁସାରେ ଜର୍ମାନୀ ସମେତ କରୋନା ଭାଇରସ ସଂକ୍ରମଣ ଦେଖିବାକୁ ମିଳିଥିବା ଦେଶଗୁଡ଼ିକରୁ କେହି ଆସିଲେ ସେମାନଙ୍କୁ ୧୪ ଦିନ ଅଲଗା ରଖାଯିବ ଏବଂ ସେମାନଙ୍କର ଡାକ୍ତରୀ ପରୀକ୍ଷା ହେବ। ବର୍ତ୍ତମାନ ଖେଳାଳିଙ୍କ ସ୍ୱାସ୍ଥ୍ୟ ପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ମେୟରଙ୍କ ନିର୍ଦ୍ଦେଶନାମା ଅନୁସାରେ ମହିଳା ଫୁଟ୍‌ବଲ ଖେଳାଳିମାନଙ୍କୁ କିଛି ଦିନ ପୃଥକ ଭାବେ ରଖାଯିବା ସମ୍ଭାବନା ରହିଛି। ଶୁକ୍ରବାର ଜର୍ମାନୀ ସହର ୱିଜ୍‌ବାଡେନ୍‌ଠାରେ ୟୁରୋପିଆନ ଚାମ୍ପିୟନଶିପ୍‌ର ଏକ କ୍ୱାଲିଫାଇଙ୍ଗ ମ୍ୟାଚ ଖେଳାଯାଇଥିଲା। ଏଥିରେ ରୁଷିଆ ୫-୦ ଗୋଲରେ କୋସୋଭକୁ ପରାସ୍ତ କରିଥିଲା। ଏସିଆର କେନ୍ଦ୍ରାଞ୍ଚଳ ସହର କିରଗିଜସ୍ତାନରେ ଏପର୍ଯ୍ୟନ୍ତ ଜଣେ ହେଲେ କରୋନା ଭାଇରସ ସଂକ୍ରମିତ ଦେଖିବାକୁ ମିଳି ନାହିଁ। ହେଲେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏଦେଶରେ ଆଗକୁ ହେବାକୁ ଥିବା କ୍ରୀଡ଼ା ଇଭେଣ୍ଟଗୁଡ଼ିକ ସ୍ଥଗିତ ରଖାଯାଇଛି। ସ୍ୱଟଲାଣ୍ଡର ଜଣେ ରଗ୍‌ବୀ ଖେଳାଳିଙ୍କଠାରେ କରୋନା ଭାଇରସ ଠାବ କରାଯିବା ପରେ ବ୍ରିଟେନରେ ଗ୍ଲାସ୍‌ଗୋସ୍ଥିତ ସ୍କଟଷ୍ଟୋନ୍ ଲେଜର କମ୍ପ୍ଲେକ୍ସକୁ ବନ୍ଦ କରିଦିଆଯାଇଛି।

## ଦକ୍ଷିଣ ଆଫ୍ରିକାର କ୍ଲିନ୍ ସୁଇପ୍

**ପୋଚେଫ୍‌ଷ୍ଟ୍ରୁମ୍, ୭।୩:** ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ୨୭ଟି ବଲ୍ ବାକି ରଖି ୬ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ଏହି ଦିନିକିଆରେ ସବୁ ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା କ୍ଲିନ୍ ସୁଇପ୍ କରିଛି। ସ୍ଥାନୀୟ ସେନୱେଜ ପାର୍କ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୫୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ମାର୍ନସ ଲାବୁସେନ ୧୦୮ ରନର ଶତକୀୟ ପାଳି ଖେଳିଥିବା ବେଳେ ଡି'ଅର୍ସି ଶର୍ଟ ୩୬, ମିଚେଲ ମାର୍ଶ ୩୨, ଅଧିନାୟକ ଆରୋନ ଫିଞ୍ଚ୍ ୨୨, ଷ୍ଟିଭେନ୍ ସ୍ମିଥ ୨୦ ରନ କରି ଆଉଟ ହୋଇଥିଲେ। ଝେ ରିଚାର୍ଡସନ ୨୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକାର ଅନରିଚ ନୋର୍ଜେ ଓ ଜେ.ଜେ. ସ୍ମୁଟ୍ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୪ ଉଇକେଟ ହରାଇ ୨୫୮ ରନ କରି ବିଜୟ ହାସଲ କରିଛି। ଦଳ ତରଫରୁ ସ୍ମୁଟ ସର୍ବାଧିକ ୮୪, ହେନରିଚ କ୍ଲାସେନ ଅପରାଜିତ ୬୮, କାଏଲ ଭେରେଇନ୍ ୫୦, ଓପନର ଜାନେମାନ ମଲାନ ୨୩, ଅଧିନାୟକ କ୍ୱିଣ୍ଟନ ଡିକକ୍ ୨୬ ରନ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ବୋଲିଂରେ ଜୋଶ ହାଜେଲଉଡ ୨, କେନ ରିଚାର୍ଡସନ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ୨ ଉଇକେଟ ନେବା ସହ ୮୪ ରନର ଉପଯୋଗୀ ପାଳି ଖେଳିଥିବା ଦକ୍ଷିଣ ଆଫ୍ରିକା ଅଲ-ରାଉଣ୍ଡର ସ୍ମୁଟ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି କ୍ଲାସେନ ପ୍ଲେୟାର ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର:**
ଅଷ୍ଟ୍ରେଲିଆ ୫୦ ଓଭରରେ ୨୫୪/୭ (ଲାବୁସେନ- ୧୦୮, ଶର୍ଟ- ୩୬, ମାର୍ଶ- ୩୨, ଫିଞ୍ଚ୍- ୨୨, ନୋର୍ଜେ- ୨/୩୫, ସ୍ମୁଟ୍- ୨/୪୨)।
ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୫୮/୪ (ସ୍ମୁଟ୍- ୮୪, କ୍ଲାସେନ- ୬୮*, ଭେରେଇନ- ୫୦, ହାଜେଲଉଡ- ୨/୩୭)।



ଶତକ ହାସଲକାରୀ ମାର୍ନସ ଲାବୁସେନ।

## ଟପ୍ ୨୦ରେ ଶରଥ-ସାଥିୟାଁ

**ନୂଆଦିଲ୍ଲୀ, ୭।୩ (ପି.ଟି.):** ଭାରତୀୟ ଡବଲ୍ସ ଯୋଡ଼ି ଅଚନ୍ତା ଶରଥ କମଲ ଓ ଜ୍ଞାନସେକରନ ସାଥିୟାଁ ସଦ୍ୟ ପ୍ରକାଶିତ ଆଇଟିଟିଏଫ୍ ପୁରୁଷ ଡବଲ୍ସ ୱାର୍ଲ୍ଡ ର୍‌ୟାଙ୍କିଙ୍ଗର ଟପ୍ ୨୦ରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଆନ୍ଥୋନୀ ଅମଲରାଜ ସିଙ୍ଗଲ୍ସ ଟପ୍ ୧୦୦ ମଧ୍ୟରେ ପ୍ରବେଶ କରିଛନ୍ତି। ଗତ ମାସରେ ହଙ୍ଗେରିଆନ ଓପନ୍ ଟେବୁଲ ଟେନିସ ଟୁର୍ନାମେଣ୍ଟରେ ଶରଥ-ସାଥିୟାଁ ଯୋଡ଼ି ରୌପ୍ୟ ଜିତିଥିଲେ। ଦୁହେଁ ସଦ୍ୟ ପ୍ରକାଶିତ ର୍‌ୟାଙ୍କିଙ୍ଗ ତାଲିକାରେ ୨୦ ସ୍ଥାନ ଉପରକୁ ଉଠି ୧୭ତମ ସ୍ଥାନରେ ପହଞ୍ଚିଛନ୍ତି। ତାମିଲନାଡୁ ଟେବୁଲ ଟେନିସ ଖେଳାଳି ଅମଲରାଜ ୭ ସ୍ଥାନ ଡେଇଁ ଟପ୍ ୧୦୦ରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ର୍‌ୟାଙ୍କିଙ୍ଗରେ ସୁତୀର୍ଥା ମୁଖାର୍ଜୀ ୫୧ ସ୍ଥାନ ପଦୋନ୍ନତି ପାଇବା ସହ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୦୯ତମ ର୍‌ୟାଙ୍କିଙ୍ଗ ହାସଲ କରିଛନ୍ତି।



ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାରେ ଶନିବାର ଲଙ୍ଗଜମ୍ପ ଅବସରରେ ଜଣେ ପ୍ରତିଯୋଗୀ।

### ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା ଉଦ୍‌ଯାପିତ

**ଭୁବନେଶ୍ୱର, ୭।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱରରେ ଚାଲିଥିବା ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାର ୨୫ତମ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୩ ତାରିଖରୁ ଏହି ପ୍ରତିଯୋଗିତା ଚାଲିଥିଲା। ଶନିବାର ୫ମ ତଥା ଅନ୍ତିମ ଦିବସ ସୁଦ୍ଧା ଛତିଶଗଡ଼ ୧୧୧ (୪୯ ସ୍ୱର୍ଣ୍ଣ, ୩୯ ରୌପ୍ୟ ଓ ୨୩ ବ୍ରୋଞ୍ଜ), କର୍ଣ୍ଣାଟକ ୧୧୪ (୪୭ ସ୍ୱର୍ଣ୍ଣ, ୨୯ ରୌପ୍ୟ ଓ ୩୮ ବ୍ରୋଞ୍ଜ) ଓ କେରଳ ୭୭ (୨୪ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୨୯ ବ୍ରୋଞ୍ଜ) ପଦକ ଜିତି ଯଥାକ୍ରମେ ଟେବୁଲ ତାଲିକାର ପ୍ରଥମ ୩ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଓଡ଼ିଶା ମୋଟ୍ ୨୨ (୮ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ ବ୍ରୋଞ୍ଜ) ପଦକ ସହ ୧୦୬ ପଏଣ୍ଟ ପାଇ ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ହକି, ସନ୍ତରଣ, ବ୍ରିଜ, ରାଇଫଲ୍, ଶୁଟିଂ ଓ ଆଥ୍‌ଲେଟିକ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଗତ ବର୍ଷ ଛତିଶଗଡ଼ରେ ଅନୁଷ୍ଠିତ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀ ମୋଟ୍ ୧୨ ପଦକ ଜିତିଥିଲେ।

### ୱେଷ୍ଟଇଣ୍ଡିଜକୁ ଅଧିକ ଅର୍ଥ ଦିଆଯାଇଥିଲା

**କରାଚୀ, ୭।୩ (ପି.ଟି.):** ଦୁଇ ବର୍ଷ ପୂର୍ବେ ୱେଷ୍ଟଇଣ୍ଡିଜ ଦଳ ଅନ୍ତର୍ଜାତୀୟ ଟି୨୦ ସିରିଜ୍ ପାଇଁ ପାକିସ୍ତାନ ଗସ୍ତ କରିଥିଲା। ଏଥିନେଇ ଭ୍ରମଣକାରୀ ଦଳର ସଦସ୍ୟଙ୍କୁ ଅଧିକ ଅର୍ଥ ଦିଆଯାଇଥିଲା ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ଏହସାନ ମାନି କହିଛନ୍ତି। ନ୍ୟାଶନାଲ ଆସେମ୍ବଲି ଷ୍ଟାଣ୍ଡିଂ କମିଟିରେ ପିସିବି ମୁଖ୍ୟ ମାନି କହିଛନ୍ତି, ବୋର୍ଡ ପାକିସ୍ତାନ ଗସ୍ତ କରିଥିବା ପ୍ରତ୍ୟେକ ୱେଷ୍ଟଇଣ୍ଡିଜ ଖେଳାଳିଙ୍କୁ ୨୫ ହଜାର ଆମେରିକୀୟ ଡଲାର ଦେଇଥିଲା। ଏହା ଭାରତୀୟ ମୁଦ୍ରାରେ ପ୍ରାୟ ସାଢ଼େ ୧୮ ଲକ୍ଷ ଟଙ୍କା। ସେହିଭଳି ଅନ୍ୟ ଏକ ଦଳକୁ ପାକିସ୍ତାନରେ ଅନ୍ତର୍ଜାତୀୟ ସିରିଜ୍ ଖେଳିବା ଲାଗି ଖେଳାଳି ପିଛା ୧୫ ହଜାର ଡଲାର ପ୍ରଦାନ କରାଯାଇଥିଲା।

> ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ ଭାରତୀୟ ବୋଲରମାନଙ୍କୁ କିପରି ସାମ୍ନା କରିବ ସେନେଇ ଅଷ୍ଟ୍ରେଲିଆ ଅଭ୍ୟାସ କରିଛି ।
> —ମେଗ୍ ଲାନିଂ, ଅଷ୍ଟ୍ରେଲିଆ ଅଧିନାୟିକା



> ଅଷ୍ଟ୍ରେଲିଆ ଓ ଭାରତ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ଜିତିବା ସାମର୍ଥ୍ୟ ରଖିଥିବାରୁ ଉଭୟ ଦଳ ଚାପରେ ରହିବା ସ୍ୱାଭାବିକ ।
> —ହରମନପ୍ରୀତ କୌର, ଭାରତୀୟ ଅଧିନାୟିକା



## ସଂକ୍ଷେପରେ

### ଜନ୍ମଦିନକୁ ସ୍ମରଣୀୟ କରିବେ ହର୍ମନପ୍ରୀତ୍

**ମେଲବୋର୍ନ, ୭।୩:** ଆୟୋଜକ ଅଷ୍ଟ୍ରେଲିଆ ଓ ଭାରତ ମଧରେ ରବିବାର ସ୍ଥାନୀୟ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳାଯିବ। ଭାରତୀୟ ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌରଙ୍କ ୩୧ତମ ଜନ୍ମଦିନ ରବିବାର ପଡୁଥିବାରୁ ତାଙ୍କ ପାଇଁ ଏହି ମ୍ୟାଚ୍ ବେଶ୍ ସ୍ୱତନ୍ତ୍ର ରହୁଛି। ଅଷ୍ଟ୍ରେଲିଆକୁ ହରାଇ ଭାରତକୁ ପ୍ରଥମଥର ଟି୨୦ ବିଶ୍ୱକପ୍ ଚାମ୍ପିୟନ କରାଇବା ସହ ଜନ୍ମଦିନକୁ ଅଧିକ ସ୍ମରଣୀୟ କରିବା ଲକ୍ଷ୍ୟରେ ସେ ରହିଛନ୍ତି। ଭାରତୀୟ ମହିଳା କ୍ରିକେଟ୍ ଦଳର ଏହି ପ୍ରମୁଖ ବ୍ୟାଟ୍ସମ୍ୟାନ ପଞ୍ଜାବର ମୋଗା ସହରରେ ୮ ମାର୍ଚ୍ଚ ୧୯୮୯ରେ ଜନ୍ମ ଗ୍ରହଣ କରିଥିଲେ। ପ୍ରଥମ ଭାରତୀୟ ଅଧିନାୟିକା ଭାବେ ହର୍‌ମନପ୍ରୀତ୍ ଭାରତୀୟ ଦଳକୁ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌କୁ ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି। ହର୍‌ମନପ୍ରୀତ୍‌ଙ୍କ ପରିବାର ମଧ ଷ୍ଟାଡିୟମରେ ଉପସ୍ଥିତ ରହି ତାଙ୍କ ଖେଳକୁ ଉପଭୋଗ କରିବେ।

### ଫାଇନାଲ ପାଇଁ ୭୫ ହଜାର ଟିକେଟ୍ ବିକ୍ରି

**ମୁମ୍ବାଇ,୭।୩:** ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ରବିବାର ଆୟୋଜକ ତଥା ଚାରି ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ମଧରେ ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ର ୪୮ ଘଣ୍ଟା ପୂର୍ବରୁ ୭୫ ହଜାର ଟିକେଟ ବିକ୍ରି ହୋଇସାରିଛି। ଏ ନେଇ ଟି୨୦ ବିଶ୍ୱକପ୍‌ର ଟୁଇଟର ପୃଷ୍ଠାରେ ଶେୟାର କରାଯାଇଛି। ଏହା ଯେକୌଣସି ମହିଳା କ୍ରିକେଟ ମ୍ୟାଚ୍‌ବେଳେ ଯୋଗ ଦେଇଥିବା ଦର୍ଶକଙ୍କ ସଂଖ୍ୟାଠାରୁ ଅଧିକ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ମହିଳା କ୍ରିକେଟ ସମ୍ପର୍କିତ କାର୍ଯ୍ୟକ୍ରମର ମୁଖ୍ୟ ସାରା ଷ୍ଟାଇଲ ଟୁଇଟ୍ କରିଛନ୍ତି, କେବଳ ଶୁକ୍ରବାର ପ୍ରଶଂସକମାନେ ୧୫ ହଜାର ଟିକେଟ କିଣିଛନ୍ତି। ଭାରତ ଆର୍ମି ପକ୍ଷରୁ ମଧ ଅଧିକ ସଂଖ୍ୟକ ଟିକେଟ୍ କିଣାଯାଇଛି। ଏହି ଲୋକପ୍ରିୟ ଗ୍ରୁପ ବିଶ୍ୱର ବିଭିନ୍ନ ଦେଶରେ ଯାଇ ଭାରତୀୟ ପୁରୁଷ ଦଳକୁ ସମର୍ଥନ କରନ୍ତି। ଏବେ ଭାରତ ଆର୍ମି ମହିଳା ଦଳକୁ ସମର୍ଥନ କରିବା ପାଇଁ ଏମ୍‌ସିଜିରେ ଉପସ୍ଥିତ ରହିବ। ମହିଳା ଟି୨୦ ବିଶ୍ୱକପ୍ ପୂର୍ବରୁ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଫାଇନାଲରେ ଅଧିକ ସଂଖ୍ୟାରେ ଯୋଗଦେବାକୁ ପ୍ରଶଂସକଙ୍କୁ ଅନୁରୋଧ କରିଥିଲେ।

### ଅସ୍ତ୍ରୋପଚାର କରାଇବେ ଏଲିସ୍ ପେରି

**ମେଲବୋର୍ନ,୭।୩(ପି.ଟି.):** ଷ୍ଟାର ଅଷ୍ଟ୍ରେଲିଆନ ମହିଳା ଅଲରାଉଣ୍ଡର ଏଲିସ୍ ପେରି ଆହତ ସମସ୍ୟା ଯୋଗୁ ୬ ମାସ ପାଇଁ କ୍ରିକେଟରୁ ବାଦ୍ ପଡ଼ିଛନ୍ତି। ଆସନ୍ତା ସପ୍ତାହରେ ତାଙ୍କ ମାଂସପେଶୀ ଜନିତ ସମସ୍ୟା ଲାଗି ଅସ୍ତ୍ରୋପଚାର କରାଯିବ। ନ୍ୟୁଜିଲାଣ୍ଡ ବିପକ୍ଷ ଅଷ୍ଟ୍ରେଲିଆର ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ତାଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଏହି ସମସ୍ୟା ଯୋଗୁ ୨୯ ବର୍ଷୀୟା ଅଲରାଉଣ୍ଡର କ୍ୟାରିୟରର ସବୁଠୁ ଲମ୍ବା ସମୟ ପାଇଁ କ୍ରିକେଟରୁ ବ୍ରେକ ପାଇଛନ୍ତି। ଚଳିତବର୍ଷର ଶ୍ରେଷ୍ଠ ଆଇସିସି କ୍ରିକେଟର ପେରି ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଖେଳିପାରିବେ ନାହିଁ। ଏଥିସହିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର କ୍ୱାଲିଫାୟର୍ସବେଳେ ଖେଳାଯିବାକୁ ଥିବା ମହିଳା ଚ୍ୟାଲେଞ୍ଜର ଟ୍ରଫିରେ ମଧ ଅଂଶଗ୍ରହଣ କରିପାରିବେ ନାହିଁ।

# ପ୍ରଥମ ଟାଇଟଲ ଲକ୍ଷ୍ୟରେ ଭାରତ

ମେଲବୋର୍ନ, ୭।୩ (ପି.ଟି.)

ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ୍ ଆୟୋଜନ ହେବ। ଟାଇଟଲ ପାଇଁ ଫାଇନାଲରେ ଗତଥରର ଚାମ୍ପିୟନ ତଥା ଆୟୋଜକ ଅଷ୍ଟ୍ରେଲିଆ ଓ ଭାରତ ମୁହାଁମୁହିଁ ହେବେ। ପ୍ରଥମଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହେବାର ସୁଯୋଗ ପାଇଛି ଭାରତ। ଅନ୍ୟପଟେ ୪ଥର ଟାଇଟଲ ହାସଲ କରିସାରିଥିବା ଅଷ୍ଟ୍ରେଲିଆ ଏଠାରେ ବିଜୟୀ ହୋଇ ପଞ୍ଚମଥର ପାଇଁ ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଘରୋଇ ପରିବେଶରେ ରେକର୍ଡ ସଂଖ୍ୟକ ଦର୍ଶକଙ୍କ ସାମ୍ନାରେ ଅଷ୍ଟ୍ରେଲିଆକୁ ହରାଇବା ଭାରତ ପାଇଁ ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ୍।

ଅପରାଜେୟ ରହିବା ସହ ଭାରତ ଗ୍ରୁପ୍ ଏ'ର ଶୀର୍ଷରେ ରହି ସେମିଫାଇନାଲରେ ପ୍ରବେଶ କରିଥିଲା। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ବର୍ଷା ଯୋଗୁ ବାତିଲ ହେବା ଫଳରେ ଗ୍ରୁପ୍ ଟପ୍ପର ହୋଇଥିବାରୁ ଭାରତ ପ୍ରଥମଥର ପାଇଁ ଫାଇନାଲକୁ ଉଠିଥିଲା। ସେହିପରି ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକାକୁ ହରାଇ କ୍ରମାଗତ ଷଷ୍ଠଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା।

୧୬ ବର୍ଷୀୟା ବିସ୍ଫୋରକ ଓପନର ଶେଫାଳି ବର୍ମାଙ୍କ ଜବରଦସ୍ତ ବ୍ୟାଟିଂ ଓ ସ୍ପିନରମାନଙ୍କ ସ୍ଥିର ପ୍ରଦର୍ଶନ ଭାରତକୁ ଚଳିତ ବିଶ୍ୱକପ୍‌ରେ ବେଶ୍ ସଫଳ କରାଇଛି। କିନ୍ତୁ ଦୁଇ ତାରକା ବ୍ୟାଟ୍ସମ୍ୟାନ ସ୍ମୃତି ମାନ୍ଧନା ଓ ହରମନପ୍ରୀତ କୌର ଏପର୍ଯ୍ୟନ୍ତ ଚମକ ଦେଖାଇପାରିନାହାନ୍ତି। ତେବେ ଫାଇନାଲ ମ୍ୟାଚ୍‌ରେ ଏହି ଦୁଇ ଅଭିଜ୍ଞ ଖେଳାଳିଙ୍କୁ ନିଜ ଦକ୍ଷତା ଅନୁରୂପ ଖେଳିବାକୁ ପଡିବ। ଭାରତ ଟାଇଟଲ ହାସଲ କରିବାକୁ ହେଲେ ଏହି ଦୁଇ ଖେଳାଳି ଉପଯୋଗୀ ଇନିଂସ ଖେଳିବା ଜରୁରୀ ହୋଇପଡିଛି। ଏଥିସହିତ ଭାରତକୁ ତା'ର ମିଡଲ ଅର୍ଡର ପ୍ରଦର୍ଶନରେ ସୁଧାର ଆଣିବାକୁ ହେବ। ମଧ୍ୟକ୍ରମ ବ୍ୟାଟ୍ସମ୍ୟାନମାନେ ସାମାନ୍ୟ ଅସ୍ଥିର ପ୍ରଦର୍ଶନ କରୁଛନ୍ତି। କେବଳ ସେତିକି ନୁହେଁ, ଭାରତକୁ ଚାପର ସଫଳ ମୁକାବିଲା କରିବାକୁ ହେବ। ଏହା ଏକ ହାଇଭୋଲ୍ଟେଜ ମ୍ୟାଚ୍ ହୋଇଥିବାରୁ ଭାରତୀୟ ଖେଳାଳିଙ୍କୁ ଧୈର୍ଯ୍ୟର ସହ ଅଷ୍ଟ୍ରେଲିଆର ମୁକାବିଲା କରିବାକୁ ହେବ।

ଅଷ୍ଟ୍ରେଲିଆ ଗତ ତ୍ରିରାଷ୍ଟ୍ରୀୟ ସିରିଜ ଫାଇନାଲରେ ଭାରତକୁ ପରାସ୍ତ କରିଥିଲା। ଗତ ୭ଟି ସଂସ୍କରଣରେ ଅଷ୍ଟ୍ରେଲିଆ କ୍ରମାଗତ ଷଷ୍ଠଥର ପାଇଁ ଫାଇନାଲକୁ ଉଠିଛି। ହାଇ ପ୍ରେସର ଗେମ୍‌ରେ କିଭଳି ଖେଳିବାକୁ ହୁଏ ଅଷ୍ଟ୍ରେଲିଆ ଖେଳାଳିଙ୍କୁ ବେଶ୍ ଭଲଭାବେ ଜଣାଅଛି। ଭାରତ ୨୦୧୭ ଦିନିକିଆ ବିଶ୍ୱକପ୍ ଫାଇନାଲ ଓ ୨୦୧୮ ଟି୨୦ ବିଶ୍ୱକପ୍ ସେମି ଫାଇନାଲରେ ଇଂଲଣ୍ଡଠାରୁ ପରାସ୍ତ ହୋଇଥିଲା। ତେଣୁ ଏହି ପରାଜୟରୁ ଭାରତ ବହୁତ କିଛି ଶିକ୍ଷା କରିଥିବ ବୋଲି ଆଶା କରାଯାଉଛି। ଶେଫାଳିଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା ଠିକ୍ ନୁହଁ। କିନ୍ତୁ ସେ ଆଉ ଏକ ବିସ୍ଫୋରକ ଇନିଂସ ଖେଳିବେ ବୋଲି ଆଶା କରାଯାଉଛି। ସେହିପରି ମାନ୍ଧନା ଓ ହରମନପ୍ରୀତ ଶସ୍ତାରେ ଉଇକେଟ ନ ଫୋପାଡି ନିଜ ଅଭିଜ୍ଞତାରୁ ଫାଇଦା ଉଠାଇ ଅଧିକ କିଛି କରିବା ସହ ଦଳକୁ ଦିଗ୍‌ଦର୍ଶନ ଦେବେ ବୋଲି ଆଶା କରାଯାଉଛି। ଶେଫାଳି ସଫଳ ହୋଇ ନ ଥିଲେ ଭାରତ ଫାଇନାଲରେ ପହଞ୍ଚିବା ଅସମ୍ଭବ ହୋଇପଡିଥାନ୍ତା। କାରଣ ମିଡଲଅର୍ଡରରେ ଏବେବି ବହୁତ ଦୁର୍ବଳତା ଅଛି। ତେଣୁ ଭାରତକୁ ଏହି ଦୁର୍ବଳତା ଦୂର କରିବାକୁ ପଡିବ। ଲୋୟର ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ମଧ ଯୋଗଦାନ କରିବାକୁ ହେବ। ଗ୍ରୁପ୍ ପର୍ଯ୍ୟାୟରେ ଭାରତ କୌଣସି ମ୍ୟାଚ୍‌ରେ ୧୫୦ କିମ୍ବା ତା'ଠାରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିପାରିନାହିଁ। ଭାରତର ଏହି ଦୃଷ୍ଟାନ୍ତମୂଳକ ସଫଳତା ପଛରେ ଶୃଙ୍ଖଳିତ ବୋଲିଂର ଭୂମିକା ରହିଛି।

ଲେଗ୍ ସ୍ପିନର ପୁନମ ଯାଦବ ଫିଙ୍ଗର ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମେଗା ସ୍କଟଙ୍କ ସହ ସେ ୯ ଉଇକେଟ ହାସଲ କରି ସର୍ବାଧିକ ସଫଳ ବୋଲରର ମାନ୍ୟତା ପାଇଛନ୍ତି। ଦ୍ରୁତ ବୋଲର ଶିଖା ପାଣ୍ଡେ ମଧ ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ବାମହାତୀ ସ୍ପିନ ଯୋଡି ରାଧା ଯାଦବ ଓ ରାଜେଶ୍ୱରୀ ଗାଏକ୍ୱାଡ଼ ମଧ ଶୃଙ୍ଖଳିତ ପ୍ରଦର୍ଶନ କରିଛନ୍ତି। ପୁନମଙ୍କୁ ଅଷ୍ଟ୍ରେଲିଆ ଖେଳାଳିମାନେ କିପରି ସାମ୍ନା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। କାରଣ ଉଦ୍‌ଘାଟନୀ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ବେଶ୍ ସମସ୍ୟାରେ ପକାଇଥିଲେ ପୁନମ। ଫାଇନାଲ ମ୍ୟାଚ୍ ପାଇଁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ୭୫, ୦୦୦ ଟିକେଟ ବିକ୍ରି ହୋଇସାରିଛି। ମୋଟ ଉପରେ ୯୦,୦୦୦ ଟିକେଟ ବିକ୍ରି ହୋଇଯିବ ବୋଲି ଆଶା କରାଯାଉଛି। ଏକ ମହିଳା ମ୍ୟାଚ୍‌ରେ ଏତେ ସଂଖ୍ୟକ ଟିକେଟ ବିକ୍ରି ହେବା ନିଶ୍ଚିତ ଭାବେ ଏକ ବଡ଼ କଥା।

ଅପରପକ୍ଷରେ ମେଗ୍ ଲାନିଂଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଘରୋଇ ଦର୍ଶକଙ୍କ ସମର୍ଥନ ହାସଲ କରି ପ୍ରଭାବୀ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଅବଶ୍ୟ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଭାରତୀୟ ଦର୍ଶକ ମଧ ଉପସ୍ଥିତ ରହିବେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଏଲିସା ହିଲିଙ୍କ ସ୍ୱାମୀ ତଥା କ୍ରିକେଟର ମିଚେଲ ଷ୍ଟାର୍କ ମଧ ଏହି ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମରେ ଉପସ୍ଥିତ ରହିବେ। ତାଙ୍କୁ ଅନୁମତି ମିଳିବା ପରେ ସେ ଦକ୍ଷିଣ ଆଫ୍ରିକା ଗସ୍ତ ଅଧାରୁ ଆସି ମେଲବୋର୍ନରେ ପହଞ୍ଚିଛନ୍ତି।

ଆଘାତ ସମସ୍ୟ ଅଷ୍ଟ୍ରେଲିଆକୁ ଚିନ୍ତାରେ ପକାଇଛି। ଆରମ୍ଭରୁ ଦ୍ରୁତ ବୋଲର ଟେଲା ଭ୍ଲାଏମିଙ୍କ୍ ଓ ଅଲ-ରାଉଣ୍ଡର ଏଲିସ୍ ପେରୀ ଇଞ୍ଜୁରି କାରଣରୁ ସେମିଫାଇନାଲ ପୂର୍ବରୁ ଦଳରୁ ବାଦ୍ ପଡିଛନ୍ତି। ଏହି ଡବଲ ଝଟ୍‌କା ସତ୍ତ୍ୱେ ଦମ୍‌ଦାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଛି। ଆମେ ବିଜୟୀ ହୋଇ ଚାମ୍ପିୟନ ହେବା ପାଇଁ ପଡିଆକୁ ଓହ୍ଲାଇବୁ ବୋଲି ଲାନିଂ କହିଛନ୍ତି। ପାଖାପାଖି ୯୦ ହଜାର ଦର୍ଶକଙ୍କ ସାମ୍ନାରେ ଏକ ହାଇଭୋଲ୍ଟେଜ ଫାଇନାଲ ମ୍ୟାଚ୍ ଖେଳିବାକୁ ଯାଉଥିବାରୁ ଆମେ ଉତ୍ସାହିତ ଅଛୁ। ମ୍ୟାଚ୍ ଓ ଖେଳକୁ ଉପଭୋଗ କରିବା ସହ ବିଜୟୀ ହୋଇ ଟାଇଟଲ ହାସଲ କରିବାକୁ ପ୍ରୟାସ କରିବୁ ବୋଲି ଭାରତୀୟ ଅଧିନାୟକ ହରମନପ୍ରୀତ ମ୍ୟାଚ୍ ପୂର୍ବରୁ କହିଛନ୍ତି। ପିଚ୍ ତଥା ଉଇକେଟ ଫ୍ଲାଟ ଓ ହାର୍ଡ ହେବ। ପାଗ ମଧ ସଫା ରହିବ। ମ୍ୟାଚ୍ ନିଶ୍ଚିତ ରୂପେ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ। ସୁପର ସନ୍‌ଡେରେ ଏକ ସୁପର ଶୋ ଦେଖିବାକୁ ବିଶ୍ୱବ୍ୟାପୀ ପ୍ରଶଂସକ ଏକ ସୁଯୋଗ ପାଇବେ।



ଟ୍ରଫି ସହ ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଂ ଓ ଭାରତର ହରମନ୍‌ପ୍ରୀତ୍ କୌର୍।

**ଟି୨୦ ବିଶ୍ୱକପ୍‌ରେ ଭାରତ**

| ବର୍ଷ | ଫଳାଫଳ |
|---|---|
| ୨୦୦୯ | ସେମିଫାଇନାଲ |
| ୨୦୧୦ | ସେମିଫାଇନାଲ |
| ୨୦୧୨ | ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ |
| ୨୦୧୪ | ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ |
| ୨୦୧୬ | ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ |
| ୨୦୧୮ | ସେମିଫାଇନାଲ |

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

- ଭାରତୀୟ ଦଳ: ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମାନ୍ଧନା, ଶିଖା ପାଣ୍ଡେ, ପୁନମ ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ବେଦା କ୍ରିଷ୍ଣମୂର୍ତ୍ତୀ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ, ପୂଜା ବସ୍ତ୍ରକାର, ତାନିୟା ଭାଟିଆ, ରାଧା ଯାଦବ, ହରଲିନ ଦେଓଲ, ଅରୁନ୍ଧତି ରେଡ୍ଡୀ, ଶେଫାଳି ବର୍ମା ଓ ରିଚା ଘୋଷ।
- ଅଷ୍ଟ୍ରେଲିଆ ଦଳ: ମେଗ୍ ଲାନିଙ୍ଗ (ଅଧିନାୟିକା), ରାଚେଲ ହେନ୍ସ, ମେଗାନ ସ୍କଟ, ଅଲିସା ହିଲି, ଏଲିସ ପେରୀ, ଜେସ ଜୋନସନ, ଡେଲିସା କିମିନ୍ସ, ବେଥ ମୁନି, ନିକୋଲା କେରୀ, ଆଶଲେ ଗାର୍ଡନର, ସୋଫଇ ମୋଲିନେଉକ୍ସ, ଜର୍ଜିଆ ୱାରେହାମ, ଏରିନ ବର୍ନ୍ସ, ମୋଲି ଷ୍ଟ୍ରାନୋ ଓ ଆନ୍ନାବେଲ ସଦରଲାଣ୍ଡ।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ଅପରାହ୍ନ ୧୨.୩୦ | ମେଲବୋର୍ନ | ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ |

## ଦୁଇ ପ୍ରଧାନମନ୍ତ୍ରୀଙ୍କ ଟୁଇଟର ଯୁଦ୍ଧ

**ନୂଆଦିଲ୍ଲୀ, ୭।୩ (ପି.ଟି.):** ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳିବା ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀଙ୍କ ମଧରେ ଟୁଇଟରରେ ଯୁଦ୍ଧ ତଥା କଥା କଟାକଟି ଦେଖିବାକୁ ମିଳିଛି। ଦୁଇ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ଭାରତ ଯେତେବେଳେ ଫାଇନାଲ ଖେଳିବାକୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)କୁ ଓହ୍ଲାଇବ ସେତେବେଳେ ସାରା ଷ୍ଟାଡିୟମ କେବଳ ନୀଳ (ଭାରତୀୟ ଜର୍ସିର ରଙ୍ଗ) ସମୁଦ୍ରରେ ପରିଣତ ହେବ ବୋଲି ମୋଦି ଆଶା ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନଙ୍କ ଏକ ଟୁଇଟ୍‌ର ଜବାବ ରଖି ପ୍ରଧାନମନ୍ତ୍ରୀ ମୋଦି ଏହି କଥା କହିଛନ୍ତି। ପୂର୍ବରୁ ମୋଦିଙ୍କୁ ଟ୍ୟାଗ କରି ମୋରିସନ ଉଲ୍ଲେଖ କରିଛନ୍ତି ଯେ, ଷ୍ଟାଡିୟମରେ ବହୁସଂଖ୍ୟାରେ ଦର୍ଶକ ଉପସ୍ଥିତ ରହିବେ ଓ ଦୁଇ ଶ୍ରେଷ୍ଠ ଦଳ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଏହା ଏକ ସୁନ୍ଦର ତଥା ରୋମାଞ୍ଚକ ମ୍ୟାଚ୍ ହେବାକୁ ଯାଉଛି। ସବୁଆଡେ ଅଷ୍ଟ୍ରେଲିଆର ଚମକ ଦେଖିବାକୁ ମିଳୁଛି ବୋଲି ସେ ଟୁଇଟ କରିଛନ୍ତି। ମୋଦି ମଧ ଟୁଇଟ୍ କରି ଏହାର ଜବାବ ରଖିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ଫାଇନାଲ ଖେଳିବାକୁ ଯାଉଛନ୍ତି, ଏହାଠାରୁ କୌଣସି ବଡ଼ କଥା ନାହିଁ। ଦୁଇ ଦଳକୁ ମୋର ଶୁଭେଚ୍ଛା ଓ ବିଶ୍ୱ ମହିଳା ଦିବସ ପାଇଁ ଅଭିନନ୍ଦନ। ଯେଉଁ ଦଳ ଭଲ ଖେଳିବ ସେହି ଦଳ ଚାମ୍ପିୟନ ହେବ ବୋଲି ମୋଦି ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ନୀଳ ପାହାଡ଼ ଭଳି ଏମ୍‌ସିଜି ପୂରା ନୀଳ ରଙ୍ଗରେ ଝଲସିବ ବୋଲି ସେ ଟୁଇଟ୍ କରି ଜବାବ ରଖିଛନ୍ତି।

**ମୋଦିଙ୍କ ଶୁଭେଚ୍ଛା**

## ଭାରତୀୟ ଦଳ ସହ ପପ୍ ଗାୟିକା ପେରୀ



ପପ୍ ସିଙ୍ଗର କେଟି ପେରୀଙ୍କ ସହ ଭାରତୀୟ ଦଳର ଖେଳାଳିମାନେ।

**ମେଲବୋର୍ନ, ୭।୩:** ଫାଇନାଲ ମ୍ୟାଚ୍‌ର ଅବ୍ୟବହିତ ପୂର୍ବରୁ ଆମେରିକାର ଜଣାଶୁଣା ମହିଳା ପପ୍ ଗାୟିକା କେଟି ପେରୀ ଉଭୟ ଅଷ୍ଟ୍ରେଲିଆ ଓ ଭାରତୀୟ ଦଳର ସଦସ୍ୟମାନଙ୍କୁ ଭେଟିଛନ୍ତି। ପ୍ରଥମ ସନ୍ତାନର ଜନନୀ ହେବାକୁ ଯାଉଥିବା ପେରୀ ଓ ତାଙ୍କ ସ୍ୱାମୀ ତଥା ହଲିଉଡ ଅଭିନେତା ଓର୍ଲାଣ୍ଡୋ ବ୍ଲୁମ୍ ଫାଇନାଲ ପୂର୍ବରୁ ବିଶ୍ୱକପ୍‌ର ଉଦ୍‌ଯାପନୀ ଉତ୍ସବରେ ଦୁଇଟି ଗୀତ ଗାଇବେ। ବିଶ୍ୱ ମହିଳା ଦିବସରେ ଏହି ମ୍ୟାଚ୍ ଆୟୋଜନ ହେବାକୁ ଯାଉଥିବାରୁ ପୂରା ଷ୍ଟାଡିୟମ ମହିଳା କେନ୍ଦ୍ରୀକ ହେବ ବୋଲି ପେରୀ ଆଶା ପ୍ରକାଶ କରିଛନ୍ତି। ଗର୍ଭଧାରଣ କରିବା ସତ୍ତ୍ୱେ ସଙ୍ଗୀତ ପରିବେଷଣ କରିବାକୁ ଯାଉଛି। ଏହି ମେଗା ଇଭେଣ୍ଟରେ ସବୁ ବୟସବର୍ଗର ଲୋକ ଓ ବିଶ୍ୱର କୋଣ ଅନୁକୋଣରୁ ଦର୍ଶକ ଉପସ୍ଥିତ ରହିବେ। ଉଦ୍‌ଯାପନୀ ଉତ୍ସବରେ ଜବରଦସ୍ତ ସଙ୍ଗୀତ ନୃତ୍ୟ ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି।



ଆଇଏସ୍ଏଲ୍ ସେମିଫାଇନାଲ ପୂର୍ବରୁ ବେଙ୍ଗାଲୁରୁ ଏଫ୍‌ସି ଖେଳାଳିଙ୍କ ଅଭ୍ୟାସ।

## ଫାଇନାଲ ଲକ୍ଷ୍ୟରେ ଏଟିକେ, ବେଙ୍ଗାଲୁରୁ

**ଇଣ୍ଡିଆନ ସୁପର୍ ଲିଗ୍**

**କୋଲକାତା, ୭।୩:** ହିରୋ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ରବିବାର ଘରୋଇ ଏଟିକେ ଓ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଭେଟିବେ। ଉଭୟ ଦଳ ମଧରେ ଏହା ଦ୍ୱିତୀୟ ଲେଗ୍ ସେମିଫାଇନାଲ ମ୍ୟାଚ୍। ସ୍ଥାନୀୟ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଏହି ମ୍ୟାଚ୍ ଖେଳାଯିବ। ଏଥିପୂର୍ବରୁ ଦୁଇ ଦଳ ମଧରେ ଗତ ରବିବାର ଖେଳାଯାଇଥିବା ପ୍ରଥମ ଲେଗ୍ ସେମିଫାଇନାଲ ମ୍ୟାଚ୍‌ରେ ବେଙ୍ଗାଲୁରୁ ୧-୦ ଗୋଲରେ ବିଜୟୀ ହୋଇ ଅଗ୍ରଣୀ ରହିଛି। ତେଣୁ ରବିବାର ଖେଳାଯିବାକୁ ଥିବା ଏହି ୨ୟ ଲେଗ୍ ସେମିଫାଇନାଲ ଜିତି ସୁନୀଲ ଛେତ୍ରୀଙ୍କ ଦଳ ଫାଇନାଲରେ ପ୍ରବେଶ କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଘରୋଇ ଏଟିକେ ବୃହତ୍ ଗୋଲ ବ୍ୟବଧାନରେ ଏହି ମ୍ୟାଚ୍ ଜିତି ଫାଇନାଲରେ ସ୍ଥାନ ହାସଲ କରିବାକୁ ଉଦ୍ୟମ କରିବ। ଚଳିତ ସିଜନରେ ଘରୋଇ ଗ୍ରାଉଣ୍ଡରେ ଏଟିକେର ପ୍ରଦର୍ଶନ ବେଶ୍ ପ୍ରଭାବୀ ରହିଛି। ଏଟିକେ ଘରୋଇ ଗ୍ରାଉଣ୍ଡରେ ମୋଟ୍ ୯ ମ୍ୟାଚ୍ ଖେଳି ୬ ବିଜୟ ହାସଲ କରିଛି। ଯେଉଁଥିରେ ୧୮ ଗୋଲସ୍କୋର କରିଛି। ପୂର୍ବରୁ ଲିଗ୍ ପର୍ଯ୍ୟାୟ ମୁକାବିଲାରେ ଉଭୟ ଦଳ ଏହି ଗ୍ରାଉଣ୍ଡରେ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌କୁ ଏଟିକେ ୧-୦ ଗୋଲରେ ବିଜୟୀ ହୋଇଥିଲା। ତେଣୁ ଘରୋଇ ଗ୍ରାଉଣ୍ଡରେ ଏଟିକେକୁ ପରାସ୍ତ କରିବା ବେଙ୍ଗାଲୁରୁ ପାଇଁ ବେଶ୍ କଷ୍ଟସାଧ ହେବ।

## ରଣଜୀ ଫାଇନାଲରେ ଖେଳିବେ ପୂଜାରା

**ରାଜକୋଟ, ୭।୩ (ପି.ଟି.):** ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ସୌରାଷ୍ଟ ପକ୍ଷରୁ ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି ଫାଇନାଲରେ ଖେଳିବେ। ଏ ନେଇ ଶନିବାର ସ୍ପଷ୍ଟ ହୋଇଛି। ସୋମବାରଠାରୁ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଘରୋଇ କ୍ରିକେଟର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଜୟଦେବ ଉନାଡ୍‌କଟଙ୍କ ନେତୃତ୍ୱରେ ଶନିବାର ଘୋଷିତ ୧୭ ଜଣିଆ ସୌରାଷ୍ଟ୍ର ଦଳରେ ପୂଜାରା ସ୍ଥାନ ପାଇଛନ୍ତି। ଗୁଜରାଟ ବିପକ୍ଷ ସେମିଫାଇନାଲ ଜିତିବା ପରେ ପୂଜାରାଙ୍କ ସହ ଯୋଗାଯୋଗରେ ଥିବା ଉନାଡକଟ କହିଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଫାଇନାଲରେ ଖେଳାଇବାକୁ ଇଚ୍ଛା ପ୍ରକାଶ କରିଥିଲା। କିନ୍ତୁ ବିସିସିଆଇ ଏହାକୁ ଅସ୍ୱୀକାର କରି ନେଇଥିଲା।

# ଅଟକିଲା କେସିକା ମେଟାଲିକ୍ସ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମ

**ଯାଜପୁର ଅଫିସ,୭।୩**

ଯାଜପୁର ଜିଲା କଳିଙ୍ଗନଗର ଏକ ବୃହତ୍ ଶିଳ୍ପ ହବ ଭାବେ ପରିଗଣିତ ହେବ ବୋଲି ରାଜ୍ୟ ସରକାର ବିଭିନ୍ନ ସମୟରେ ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟ ତଥା ଦେଶ ବାହାରୁ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକ ଆକର୍ଷିତ ହେଉଛନ୍ତି। ଏହିକ୍ରମରେ ଶନିବାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁସାରେ ୯ମ ପର୍ଯ୍ୟାୟରେ ଗ୍ରାଉଣ୍ଡ ବ୍ରେକିଂ ଓ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଯାଜପୁର ଜିଲାର ଜିନ୍ଦଲ ୟୁନାଇଟେଡ ଷ୍ଟିଲ୍ ଲିମିଟେଡର ନୂତନ ଷ୍ଟେନ୍‌ଲେସ ଷ୍ଟିଲ କୋଲ୍ଡ ରୋଲିଂ କ୍ଷମତାକୁ ବାର୍ଷିକ ୦.୩ ମିଲିୟନ ଟନ ପର୍ଯ୍ୟନ୍ତ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ତେବେ ପୂର୍ବ ନିଷ୍ପତ୍ତି ଅନୁସାରେ କଳିଙ୍ଗନଗର ବିଜୁ ପଟ୍ଟନାୟକ ପାର୍କ ନିକଟରେ କେସିକା ମେଟାଲିକ୍ସ ଲିମିଟେଡର ଗ୍ରାଉଣ୍ଡ ବ୍ରେକିଂ ହୋଇପାରି ନାହିଁ। ସ୍ଥାନୀୟ ନେତା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦେଣନେଣ ନ ଛିଡ଼ିବାରୁ ମୁଖ୍ୟମନ୍ତ୍ରୀଙ୍କ ଏହି ମହତ କାର୍ଯ୍ୟ ସମ୍ପନ୍ନ ହୋଇ ପାରିନାହିଁ ବୋଲି ଆଲୋଚନା ହେଉଛି।

ସୂଚନାଯୋଗ୍ୟ ଯେ, କେସିକା ମେଟାଲିକ୍ସ ଲିମିଟେଡ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାୟ ୨୦୦୦ଯୁବତୀଯୁବକ ପରୋକ୍ଷ ଅବା ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇବେ। ଏଥିପାଇଁ ଇଡ୍‌କୋ ଜରିଆରେ କେସିକା କମ୍ପାନୀକୁ ୯୦ଏକର ଜମି କଳିଙ୍ଗନଗରଠାରେ ଯୋଗାଇ ଦିଆଯାଇଛି। ଭାରତରେ ବର୍ତ୍ତମାନ ୭ଟି ମେଟାଲିକ୍ସ କାରଖାନା ରହିଛି। ଏହି କମ୍ପାନୀ ଓଡ଼ିଶାରେ ମେଟାଲିକ୍ସ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ଭାବେ ସ୍ଥାପନ ହୋଇଥାନ୍ତା। ଏଥିପାଇଁ କେସିକା କମ୍ପାନୀ ବିଭିନ୍ନ ପର୍ଯ୍ୟାୟରେ ୫୦୪କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା ରଖିଛି। ହେଲେ କେତେକ ରାଜନେତାଙ୍କ ନିଜସ୍ୱ ସ୍ୱାର୍ଥ ଯୋଗୁ କମ୍ପାନୀର ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମ ବାତିଲ ହୋଇଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଶନିବାର ଯାଜପୁରରୋଡର ଏକ ନାମିଦାମୀ ହୋଟେଲରେ ସକାଳୁ କମ୍ପାନୀ ପ୍ରତିଷ୍ଠା ପାଇଁ ମୂଳଚାଲ ସମ୍ଭବ ହୋଇ ପାରି ନଥିବାରୁ କମ୍ପାନୀର ଲକ୍ଷ୍ୟ ଏଠାରେ ପରାହତ ହୋଇଥିବା କୁହାଯାଉଛି। ଗତ ୨ବର୍ଷ ହେଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଡାଉନଷ୍ଟ୍ରିମ ଶିଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ନିଯୁକ୍ତି ସଂଖ୍ୟା ବୃଦ୍ଧି ପାଇବ ଏବଂ ପାରିପାର୍ଶ୍ୱିକ ଉନ୍ନୟନରେ ସହାୟକ ହୋଇ ପାରିବ ବୋଲି ଅଞ୍ଚଳବାସୀ ଆଶା କରୁଛନ୍ତି। ଡାଉନଷ୍ଟ୍ରିମ କ୍ଷେତ୍ରର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହିତ ଆବଶ୍ୟକ କଞ୍ଚାମାଲ ଯୋଗାଣ ଓ ଅନ୍ୟାନ୍ୟ ସୁବିଧା ପାଇଁ ବ୍ୟାପକ ରଣନୀତି କାର୍ଯ୍ୟକାରୀ କରାଯାଉଛି। ଓଡ଼ିଶା ପକ୍ଷରୁ ଏକ ବିକଶିତ କ୍ଷେତ୍ର ରୂପେ ଇସ୍ପାତ କ୍ଷେତ୍ରର ଡାଉନଷ୍ଟ୍ରିମ ଓ ସହାୟକଙ୍କୁ ଚିହ୍ନଟ କରାଯାଇଛି। କିନ୍ତୁ ସ୍ଥାନୀୟ ରାଜନେତାଙ୍କ ଅସହଯୋଗ ଯୋଗୁ କେସିକା ମେଟାଲିକ୍ସ ଲିଃ କମ୍ପାନୀ ଫେରିଯିବା ସମ୍ଭାବନା ସୃଷ୍ଟି କରିଛି। ଏଥିପ୍ରତି ମୁଖ୍ୟମନ୍ତ୍ରୀ ନିଜେ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି କେସିକା ମେଟାଲିକ୍ସର ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଥିଲା। କିନ୍ତୁ ପରବର୍ତ୍ତି ସମୟରେ କେଉଁଠି ହେବ ତାହାର ସୂଚନା ଆଉ ମିଳିଲାନି। କ’ଣ ପାଇଁ କାର୍ଯ୍ୟକ୍ରମ ହୋଇନି ତାହା ଜଣା ପଡ଼ିନି ବୋଲି ସେ କହିଛନ୍ତି।

**ମେକ୍ ଇନ୍ ଓଡିଶା କନ୍‌କ୍ଲେଭ**




ପ୍ରସ୍ତାବିତ ନକ୍ସା।

■ଛିଡ଼ିଲାନି ଦେଣନେଣ, ଫେରିଯିବା ସମ୍ଭାବନା

■ମଉଳିଲା ନିଯୁକ୍ତି ଆଶାୟୀଙ୍କ ଆଶା

**ସଂକ୍ଷେପରେ**

## ଦୁର୍ନୀତି ପ୍ରତିବାଦରେ ଧାରଣା




**ନାଉଗାଁ, ୭।୩ (ସ୍ୱ.ପ୍ର.):** ନାଉଗାଁ ତହସିଲ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟରେ କରାଯାଉଥିବା ଦୁର୍ନୀତି ପ୍ରତିବାଦରେ ଶନିବାର ଜଗତ୍‌ସିଂହପୁର ଜିଲା ଗଣ ସଂଗ୍ରାମ ପରିଷଦ ସମ୍ପାଦକ ବାସୁଦେବ ଷଡ଼ଙ୍ଗୀ ତହସିଲ ଅଫିସ୍ ଆଗରେ ଧାରଣାରେ ବସିଥିଲେ। ତହସିଲଦାର ଜେ. କଳ୍ପନା ଧାରଣାସ୍ଥଳରେ ପହଞ୍ଚି ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବାସୁଦେବଙ୍କ ଅଭିଯୋଗ ମୁତାବକ, ତହସିଲର କେତେଜଣ କର୍ମଚାରୀ ଓ ଫିଲ୍‌ଡ ଷ୍ଟାଫ୍ ସାଧାରଣ ଜନତାଙ୍କୁ ଶୋଷଣ କରୁଛନ୍ତି। ମ୍ୟୁଟେଶନ କେସ୍‌ରେ ସମସ୍ତ ଅଂଶୀଦାରଙ୍କୁ ନୋଟିସ୍ କରା ନ ଯାଇ ପ୍ଲଟ ବିଭାଜନ ଓ ଫଇସଲା କରାଯାଉଛି। ତେଣୁ ତହସିଲ କର୍ମଚାରୀ ଉତ୍କୋଚ ନେଉଥିବା ବେଳେ କେତେଜଣ ରାଜସ୍ୱ ନିରୀକ୍ଷକ ବିଭିନ୍ନ ଅନିୟମିତତାରେ ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ତହସିଲ ପକ୍ଷରୁ ସାଧାରଣ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଦାବିରେ ସେ ଧାରଣାରେ ବସିଥିଲେ। ତାଙ୍କ ଧାରଣାକୁ ସମର୍ଥନ ଜଣାଇ ବାଂଶର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ପରିଡ଼ା ଓ ସ୍ଥାନୀୟ ଲୋକେ ଧାରଣାରେ ବସିଥିଲେ। ଏ ନେଇ ତହସିଲଦାର ଜେ. କଳ୍ପନାଙ୍କୁ ପଚାରିବାରେ ଯେଉଁସବୁ ଅଭିଯୋଗକୁ ନେଇ ପରିଷଦର ସମ୍ପାଦକ ଧାରଣା ଦେଇଥିଲେ, ତାହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି।

## ଯାତ୍ରୀବାହୀ ବସ୍‌ରେ ନିଆଁ: ଜଣେ ଆହତ

**ତିହିଡ଼ି,୭।୩(ଡି.ଏନ.ଏ.):** ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ଥାନା ଅଧୀନ ନନ୍ଦପୁର ବଜାରରେ ଶନିବାର ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗିଥିଲା। ବସ୍‌ର ବ୍ୟାଟେରି ଜଳିଯାଇଥିଲା। ଏଥିରେ ଜଣେ ବାଳିକା ଆହତ ହୋଇଥିବାବେଳେ ଗାଡ଼ିର କୌଣସି କ୍ଷତି ଘଟି ନ ଥିବା ସୂଚନା ମିଳିଛି। ବସଟି ମଧ୍ୟାହ୍ନରେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାତ୍ରା କରୁଥିଲା। ନନ୍ଦପୁର ବଜାରରେ ବସ୍‌ରେ ଲାଗିଥିବା ବ୍ୟାଟେରି ଜଳି ଧୂଆଁ ଉଠିବାରୁ ଡ୍ରାଇଭର ଗାଡ଼ିକୁ ଅଟକାଇ ଥିଲେ। ବସ୍‌ରେ ଥିବା ଯାତ୍ରୀମାନେ ଭୟଭୀତ ହୋଇ ତଳକୁ ଓହ୍ଲାଇବା ପାଇଁ ଦୌଡ଼ିଥିଲେ। ବ୍ୟାଟେରିକୁ ବସ୍‌ରୁ ଅଲଗା କରି ଦିଆଯାଇଥିଲା। ପରେ ଆହତ ଯୁବତୀଙ୍କୁ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା।

# ତଦନ୍ତ ଆରମ୍ଭ, ଜାରି ହେବ ଡିମାଣ୍ଡ ନୋଟିସ

**ଯାଜପୁର ଅଫିସ,୭।୩**

**ବୈତରଣୀ ନଦୀ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟରେ ଅନିୟମିତତା**

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧିନସ୍ଥ ବୈତରଣୀ ନଦୀବନ୍ଧ ସୁଦୃଢ଼ିକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ବେଆଇନ ଭାବରେ ମାଟି ଲୁଟ୍ ଅଭିଯୋଗ ଉପରେ ଶନିବାର ଦଶରଥପୁର ତହସିଲଦାର ସୌଭାଗ୍ୟ ବେହେରା ତଦନ୍ତ ଆରମ୍ଭ କରିଛନ୍ତି। ଧରିତ୍ରୀରେ ଏହି ଅଭିଯୋଗ ଉପରେ

**ଧରିତ୍ରୀର ପ୍ରଭାବ**

ଖବରପ୍ରକାଶ ପାଇବାପରେ ତହସିଲଦାର ବେହେରା କୟାଁ ପଞ୍ଚାୟତ ଅଧିନସ୍ଥ ଇଚ୍ଛାପୁର ଗ୍ରାମରେ ପହଞ୍ଚି ବେଆଇନ ମାଟି ଉଠାଣ ସ୍ଥଳ ପରିଦର୍ଶନ କରିବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡିମାଣ୍ଡ ନୋଟିସ୍ ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ବୈତରଣୀ ନଦୀର ବ୍ରହ୍ମଚାରୀ ପାଟଣାଠାରୁ କୟାଁଗୋଲା ପର୍ଯ୍ୟନ୍ତ ୧୯କି.ମି. ବ୍ୟାପି ନଦୀବନ୍ଧ



ସୁଦୃଢ଼ିକରଣ କାର୍ଯ୍ୟ ପାଇଁ ୧୯କୋଟି ଟଙ୍କା ବ୍ୟବବରାଦ ହୋଇଛି। ସେଥିମଧ୍ୟରୁ ୬.୫ କି.ମି. ଯାଜପୁର ନିର୍ବାଚନମଣ୍ଡଳୀ ମଣ୍ଡଳୀରେ ରହିଥିବାବେଳେ ବଳକା ୧୨.୫ କି.ମି. ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ମଧ୍ୟରେ ରହିଛି। ଏହାର କାର୍ଯ୍ୟାଦେଶ ଓସିସିକୁ ଦିଆଯାଇଥିବାବେଳେ ଓସିସି ଏହାକୁ କେତେକ ଠିକାଦାରଙ୍କୁ କାମ କରିବାପାଇଁ ଦେଇଛି। ହେଲେ ଏହାର ଉପଯୁକ୍ତ ତଦାରଖ ନ ହେବା ଫଳରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ଯାହା ଫଳରେ ନଦୀବନ୍ଧର ସ୍ଥାୟିତ୍ୱ ପ୍ରତି ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ନଦୀ ଜଳକୁ ଚାଷ କ୍ଷେତ୍ରରେ ବ୍ୟବହାର ନିମନ୍ତେ ଆବଶ୍ୟକ କେନାଲ, ସ୍ଲୁଇଚ୍ ଗେଟର ବ୍ୟବସ୍ଥା ନ ରହିବା ଯୋଗୁଁ ଚାଷୀମାନେ ବିଭିନ୍ନ ସମସ୍ୟାରେ ସମ୍ମୁଖିନ ହେଉଛନ୍ତି।

## ପୂର୍ବତନ ବିଧାୟକଙ୍କ ବିୟୋଗରେ ସ୍ମୃତିସଭା

**କୁଜଙ୍ଗ, ୭।୩ (ଡି.ଏନ୍.ଏ.):** ଏରସମାର ପୂର୍ବତନ ବିଧାୟକ ବିଜୟ ନାୟକଙ୍କ ବିୟୋଗରେ କୁଜଙ୍ଗ ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ଜୋନ ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟ ନାୟକଙ୍କ ରାଜନୈତିକ ଜୀବନ ସମ୍ପର୍କରେ କହିଥିଲେ। ତାଙ୍କ ବିୟୋଗ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ସଭାରେ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଡାକ୍ତର ବିପିନ ସାମନ୍ତରାୟ, ପ୍ରଶାନ୍ତ ପଟ୍ଟନାୟକ, ଧୀରେନ୍ଦ୍ର ସ୍ୱାଇଁ, ଶରତ ମହାପାତ୍ର, ପୂର୍ବତନ ସମିତିସଭ୍ୟ ଏଏନ୍‌ଡି ଯାଦବ, ପ୍ରଦ୍ୟୁମ୍ନ ପଟ୍ଟନାୟକ, କର୍ନରାଜ ସ୍ୱାଇଁ ଓ ବାଲିଆ ସରପଞ୍ଚ ପବିତ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଶିକ୍ଷା, ସଂସ୍କାର ପିଲାଙ୍କୁ ଭଲ ମଣିଷ କରି ଗଢ଼ିଥାଏ’

**ରାହାମା, ୭।୩ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ରାହାମାସ୍ଥିତ ତାଳପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ରୋଜାଲିନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟରୁ ପାଇଥିବା ଶିକ୍ଷା ଓ ସଂସ୍କାର ପିଲାମାନଙ୍କୁ ସମାଜରେ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବାରେ ସହାୟକ ହୋଇଥାଏ ବୋଲି ପ୍ରଧାନ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ସାହୁ, ପୂର୍ବତନ ସମ୍ପାଦକ ବିଭୂତି ଭୂଷଣ ସାହୁ, ଦେବେନ୍ଦ୍ର କୁମାର ବିଶ୍ୱାଳ, ରାଜ୍ୟ ଓଷ୍ଟାର ସମ୍ପାଦକ ବସନ୍ତ ଦାସ, ବନ୍ଦିତା ସେଠୀ, ପୂର୍ବତନ ସଭାପତି ଜଟାଧାରୀ ସାହୁ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ପରିଡା, ଅଧିକାରୀ ରମାକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏନ୍‌ଆର୍‌ଟିଏସ୍ ଓ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ୧୩ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଗୁରୁଜୀ ପ୍ରଭୁତି ଭୂଷଣ ସାହୁ, ସଞ୍ଜୟ କୁମାର ନାୟକ ପ୍ରମୁଖ ଆଶୀର୍ବଚନ ପ୍ରଦାନ କରିଥିଲେ।




# ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ: ଅଭିଯୁକ୍ତ ଗିରଫ

**ଯାଜପୁରରୋଡ,୭।୩(ଡି.ଏନ୍.ଏ.)**

**କରୋନା ପାଇଁ ମାସ୍କ କିଣାକୁ ନେଇ ଗଣ୍ଡଗୋଳ**

ଯାଜପୁରରୋଡ ଥାନା ଅନ୍ତର୍ଗତ ଦଳା ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱାମୀଙ୍କ ପନିକି ବେଣ୍ଟ ମାଡ଼ରେ ପତ୍ନୀଙ୍କ ମୃତ୍ୟୁ ହୋଇଛି। ଏନେଇ ଯାଜପୁରରୋଡ଼ ଥାନା ପୋଲିସ ଏକ ହତ୍ୟା ମାମଲା(ନଂ. ୯୧/୨୦୨୦) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ନୃସିଂହ ଓଝାଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଆନନ୍ଦପୁର ନିକଟ ବେଲଦା ଗ୍ରାମର ନୃସିଂହ ଓଝା ଓ ସ୍ତ୍ରୀ ସ୍ୱର୍ଣ୍ଣପ୍ରଭା ୩ ପୁଅଝିଅଙ୍କ ସହ ଯାଜପୁର ରୋଡ଼ ଦଳା ଶଙ୍ଖଚିଲା ବାଇପାସ ଗ୍ରୀଡ୍ ସବ୍‌ଷ୍ଟେଶନ ପାଖରେ ଘରଭଡ଼ା ନେଇ ରହି ଆସୁଥିଲେ। ଶୁକ୍ରବାର ରାତିରେ ନୃସିଂହ ଘରକୁ ଆସି ପୁଅ ସହିତ ପାଟିତୁଣ୍ଡ କରିଥିଲେ। କରୋନା ଭାଇରସ ଠାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ସ୍ୱରୂପ ନୃସିଂହଙ୍କ ପୁଅ ଦୋକାନରୁ ୩୦ଟଙ୍କା ଦେଇ ଏକ ମାସ୍କ କିଣି ଆଣିଥିଲେ। ତେବେ ବଜାରରେ ମାସ୍କ ୨୦ଟଙ୍କାରେ ମିଳୁଥିବାବେଳେ ପୁଅ କାହିଁକି ୩୦ଟଙ୍କାରେ ଆଣିଲା ସେନେଇ ପାଟି କରିବା ସହ ତାଙ୍କୁ ମାରଧର କରିଥିଲେ। ଏଥିରେ ସ୍ୱର୍ଣ୍ଣପ୍ରଭା ପ୍ରତିବାଦ କରିବାରୁ ନୃସିଂହ ଉତ୍‌କ୍ଷିପ୍ତ ହୋଇ ପନିକି ବେଣ୍ଟରେ ସ୍ତ୍ରୀଙ୍କ ମୁଣ୍ଡ ପଛକୁ ଆଘାତ କରିଥିଲେ। ଫଳରେ ସ୍ୱର୍ଣ୍ଣପ୍ରଭା ସେହିଠାରେ ପଡ଼ି ଯାଇଥିଲେ। ଘରେ କାନ୍ଦ ବୋବାଳି ଜୋର୍‌ରେ ହେବାରୁ ପାଖ ପଡ଼ୋଶୀ ଯାଜପୁର ରୋଡ଼ ଥାନାକୁ ଖବର ଦେଇଥିଲେ। ଏହାପରେ ସ୍ୱର୍ଣ୍ଣପ୍ରଭାଙ୍କୁ ଯାଜପୁରରୋଡ ଡାକ୍ତରଖାନାରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସ୍ୱର୍ଣ୍ଣପ୍ରଭାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ଶ୍ରମିକ ପରିବାରକୁ ୧.୮୮ କୋଟିର ସହାୟତା

**ଜଗତ୍‌ସିଂହପୁର ଅଫିସ, ୭।୩**

**ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳିତ**

■ତୁରନ୍ତ ନାମ ପଞ୍ଜୀକରଣ ସହ ସହାୟତା ନେବାକୁ ଆହ୍ୱାନ

■ଆସନ୍ତା ଜିଲା ପ୍ରତିଷ୍ଠା ଦିବସରେ ନୂଆ ଶ୍ରମ କାର୍ଯ୍ୟାଳୟ ଉଦ୍‌ଘାଟନ

■ଜିଲାରେ ଏକ ସ୍କିଲ୍ ବିଲ୍ଡିଂ ନିର୍ମାଣ ଯୋଜନା

ଗତ ୨ ତାରିଖରୁ ନିର୍ମାଣ ଶ୍ରମିକ ସେବା ସପ୍ତାହ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଶନିବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଶ୍ରମିକଙ୍କ ପରିବାରକୁ ଶିକ୍ଷା, ବିବାହ, ମୃତ୍ୟୁକାଳୀନ ଓ ଅନ୍ତ୍ୟେଷ୍ଟିକ୍ରିୟା ଆଦି ସହାୟତା ବାବଦ ମୋଟ ୧,୮୮,୩୦,୦୦୦ ଟଙ୍କା ପ୍ରଦାନ ଘୋଷଣା ହୋଇଛି। ସେମାନଙ୍କ ମଧ୍ୟରୁ ୧୭୫ ଜଣଙ୍କୁ ୧୨,୦୫,୦୦୦ ଟଙ୍କା (ଶିକ୍ଷା ସହାୟତା), ୨୭୩ ଜଣଙ୍କୁ ୧,୦୪,୦୫,୦୦୦ (ବିବାହ ସହାୟତା), ୪୪ଜଣଙ୍କୁ ୭୦,୦୦,୦୦୦ (ମୃତ୍ୟୁକାଳୀନ ସହାୟତା) ଓ ୪୪ ଜଣଙ୍କୁ ୨,୨୦,୦୦୦ ଟଙ୍କା (ଅନ୍ତ୍ୟେଷ୍ଟି କ୍ରିୟା ସହାୟତା) ଦିନେ ଦୁଇଦିନ ମଧ୍ୟରେ ପ୍ରଦାନ କରାଯିବ। ତେବେ କାର୍ଯ୍ୟକ୍ରମରେ ଅତିଥିମାନେ କେତେଜଣ ଶ୍ରମିକଙ୍କୁ ଚେକ୍ ଦେଇ ଆନୁଷ୍ଠାନିକ ଭାବେ ସହାୟତା ବାବଦରେ ଘୋଷଣା କରିଥିଲେ। ଏଥିରେ ଅଣପଞ୍ଜୀକୃତ ଶ୍ରମିକଙ୍କ ନାମ ପଞ୍ଜୀକରଣ ସହ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ହାତେଇବାକୁ ଆହ୍ୱାନ ଦିଆଯାଇଥିଲା।

ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି କହିଥିଲେ, ଜିଲା ଶ୍ରମ କାର୍ଯ୍ୟାଳୟର



ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ନୂତନ ଗୃହ ନିର୍ମାଣ କାମ ସରିଛି। ରବିବାର ପ୍ରତିଷ୍ଠା ଦିବସରେ ଏହା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବ। ରାଜ୍ୟ ସରକାର ଶ୍ରମିକ କଲ୍ୟାଣ ବୋର୍ଡରେ ପର୍ଯ୍ୟାପ୍ତ ଅର୍ଥ ମହଜୁଦ ରଖିଛନ୍ତି। ତେଣୁ ଶ୍ରମିକମାନଙ୍କୁ ଏହା ବେଶ୍ ସହାୟକ ହୋଇପାରିବ। ଜଗତ୍‌ସିଂହପୁର ଜିଲାରେ ଏକ ସ୍କିଲ୍ ବିଲ୍ଡିଂର ଯୋଜନା ରହିଥିବା ଜିଲାପାଳ କହିଥିଲେ। ଉତ୍ସବରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ କହିଥିଲେ, ଶ୍ରମିକମାନେ ହେଉଛନ୍ତି ବିଶ୍ୱକର୍ମା। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କହିଥିଲେ, ପୂର୍ବରୁ କଳକାରଖାନାରେ କାମ କରୁଥିବା ଲୋକଙ୍କୁ ଶ୍ରମିକ କୁହାଯାଉଥିଲା। କିନ୍ତୁ ସମ୍ପ୍ରତି ରାଜ୍ୟ ସରକାର ଅସଙ୍ଗଠିତ କ୍ଷେତ୍ର, କୃଷି କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ନିମନ୍ତେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ବେହେରା ଯୋଗଦେଇ ଶ୍ରମିକ ପରିବାରକୁ ରାଜ୍ୟ ସରକାର ଯୋଗାଇ ଦେଉଥିବା ସହାୟତାର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ବେହେରା ଓ କିରଣବାଳା ସାସମଲ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ କୁମୁଦ ରଞ୍ଜନ ଦାସ କହିଥିଲେ, ଜିଲାରେ ୨୦୧୮-୧୯ରୁ ଆଜି ପର୍ଯ୍ୟନ୍ତ ୫୫,୦୦୦ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୦,୦୦୦ ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୪ କୋଟି ଟଙ୍କାର ସହାୟତା ପ୍ରଦାନ ସରିଲାଣି। ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସରକାର ବଦ୍ଧପରିକର। ଯେଉଁମାନେ ଶ୍ରମିକ ଭାବେ ସରକାରୀ ତାଲିକାରେ ନାହାନ୍ତି ସେମାନେ ତୁରନ୍ତ ନାମ ପଞ୍ଜୀକରଣ କରି ସରକାରୀ ସହାୟତାର ସୁଯୋଗ ନିଅନ୍ତୁ। ନିର୍ମାଣ ଶ୍ରମିକ ମୃତ୍ୟୁକାଳୀନ, ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ଯଥାକ୍ରମେ ୨ ଲକ୍ଷ ଓ ୪ ଲକ୍ଷ ଟଙ୍କା। ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ଅଣ ସଙ୍ଗଠିତ ଶ୍ରମିକମାନଙ୍କ ପଞ୍ଜୀକରଣ ମାଗଣାରେ ହୁଏ ଓ ନିର୍ମାଣ ଶ୍ରମିକଙ୍କୁ ୨୦ ଟଙ୍କା ଦେବାକୁ ପଡ଼େ ବୋଲି ଦାସ କହିଥିଲେ। ପ୍ରାରମ୍ଭରେ ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦ ଦାସ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଶ୍ରମ ନିରୀକ୍ଷକ ସୁରଥ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତ କୋର୍ଟ ଚାଲାଣ

କୋରେଇ,୭।୩(ସ୍ୱ.ପ୍ର)- ପାଣିକୋଇଲି ଥାନା ଗୋଲେଇପୁର ପଞ୍ଚାୟତର ହାଟସାହି ଗ୍ରାମର ଜଣେ ମହିଳାଙ୍କୁ ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ପାଇ ଜନୈକ ଯୁବକ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୬୦/୨୦) ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଯୁବକ ହାଟସାହି ଗ୍ରାମର ପ୍ରଶାନ୍ତ ମଲିକ ଓରଫ ହାଟୁଆ(୨୮) ବୋଲି ଜଣାପଡ଼ିଛି। ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

### ଏଲ୍ଆଇସି ଏଜେଣ୍ଟ ସଂଘର ବାର୍ଷିକୋତ୍ସବ

ଯାଜପୁର ଟାଉନ,୭।୩(ଡିଏନଏ)- ଯାଜପୁର ଏଲଆଇସି ଏଜେଣ୍ଟ ସଂଘର ବାର୍ଷିକ ଅଧିବେଶନ ଶୁକ୍ରବାର ଗୌତମବୁଦ୍ଧ ସଂସ୍କୃତିଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଦୀପ କୁମାର କରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥିଭାବେ କଟକ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟ ଯୋଗଦେଇ ଭାରତୀୟ ଜୀବନବୀମା ନିଗମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ କଟକ ମଣ୍ଡଳ ଏଜେଣ୍ଟ ସଂଘ ସଭାପତି ପ୍ରଦୀପ ମହାପାତ୍ର ଯୋଗଦେଇ ସର୍ବଭାରତୀୟସ୍ତରରେ ଏଲଆଇଏଏଫଆଇର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। କଟକ ମଣ୍ଡଳ ଏଜେଣ୍ଟ ସଂଘ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ମିଶ୍ର ଆଗାମୀ ଦିନରେ ଏଜେଣ୍ଟଙ୍କୁ ଅଧିକ ସଚେତନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଲ୍ଆଇସିର ଅଂଶଧନ ପ୍ରତ୍ୟାହାର କରାଯିବାକୁ ନେଇ ଗୁଜବକୁ ସେ ଖଣ୍ଡନ କରିଥିଲେ। ଅଧ୍ୟାପକ ବିରଭଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ମନୋରଞ୍ଜନ ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଶାଖାର ମୁଖ୍ୟ ପରିଚାଳକ ଦିଲୀପ କୁମାର ଦାସ, ବୁଧରାମ ସିଂ, ଦୁର୍ଯ୍ୟୋଧନ ରାଉତ, ଦେବେନ୍ଦ୍ର କୁମାର ମୁଦୁଲି, ମାନଗୋବିନ୍ଦ ପଣ୍ଡା, ଶରତ ମିଶ୍ର, ନାରାୟଣ ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ନୀଳାଦ୍ରିଶ୍ୱରଙ୍କ ରୁଦ୍ର ମହାଯଜ୍ଞ ଉଦ୍‌ଯାପିତ

ରସୁଲପୁର,୭।୩(ଡିଏନଏ)- ରସୁଲପୁର ବ୍ଲକ ମଧୁବନସ୍ଥିତ ଗୋପିନାଥପୁର ଗ୍ରାମରେ ପ୍ରଭୁ ନୀଳାଦ୍ରିଶ୍ୱରଙ୍କ ପୀଠରେ ୫ମ ବାର୍ଷିକୀ ରୁଦ୍ର ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞ ଉତ୍ସବ ପାଇଁ ସୋମବାର ସନ୍ଧ୍ୟାରେ ଅଙ୍କୁରାରୋପଣ, ଯଜ୍ଞଶାଳା ଶୋଧନ, ଅନନ୍ତାଦି ଅଷ୍ଟନାଗ ପୂଜା, ସର୍ବମଣ୍ଡଳାଧିକରଣ, ଧର୍ମଯୂପ ସ୍ଥାପନ, ଧର୍ମଧ୍ୱଜା ଉତ୍ତୋଳନ, ଯଜ୍ଞ ମଣ୍ଡପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ବିଜେ କରାଯାଇଥିଲା। ଶୁକ୍ରବାର ପ୍ରତ୍ୟୁଷରେ କଳସ ଶୋଭାଯାତ୍ରା, ତୀର୍ଥ ଆବାହନ, ବରୁଣ ପୂଜା, ଗଙ୍ଗାଦି ସପ୍ତସାଗର ପୂଜା, ମଙ୍ଗଳାର୍ପଣ, ଯାଜ୍ଞିକ ପଣ୍ଡିତଙ୍କ ପଞ୍ଚଧ୍ୱନୀ ଦ୍ୱାରା ମାର୍ଗମଧ୍ୟେ କ୍ଷେତ୍ରପାଳ ବଳି, ଯଜ୍ଞ ମଣ୍ଡପେ ଘଟ ସ୍ଥାପନ, କର୍ମ ଆରମ୍ଭ, ଯଜ୍ଞ ମଣ୍ଡପରେ ଅଗ୍ନି ସଂଯୋଗ ଆଦି କରାଯାଇଥିଲା। ପରେ ପ୍ରଭୁ ନିଳାଦ୍ରୀଶ୍ୱରଙ୍କ ଉପଚାର ପୂଜା କରାଯାଇଥିଲା। ପ୍ରଭୁଙ୍କୁ ବଡ଼ସିଂହାର ବେଶ ସହ ନାନା ବେଶ କରାଯାଇଥିଲା। ସନ୍ଧ୍ୟାରେ ପ୍ରଭୁଙ୍କ ନିକଟରେ ଆରତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରାତଃରେ ଆଦିତ୍ୟ ନାରାୟଣ ପୂଜା, ସୁରଭି ପୂଜା, ଯଜ୍ଞ ନାରାୟଣଙ୍କ ଉପଚାର ପୂଜା, ପ୍ରଭୁ ନିଳାଦ୍ରୀଶ୍ୱରଙ୍କ ବିଶେଷ ଉପଚାର ପୂଜା, ରୁଦ୍ରାଭିଷେକ, ବଡ଼ସିଂହାର ବେଶ, ରୁଦ୍ରସ୍ୱକ୍ତ ମନ୍ତ୍ରରେ ଆହୂତି, ଘୃତାଭିଷେକ ଓ ଚରୁପାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭକ୍ତ ବିଦୁରଙ୍କୁ ହରିହର ରୂପରେ ଦର୍ଶନ ଦେବେ ଶ୍ରୀକୃଷ୍ଣ

**ପୁରାଣ ପ୍ରସିଦ୍ଧ ଓଳକଣା ମେଳଣ**

- ଚତୁର୍ଦ୍ଦଶୀ ରାତ୍ରୀ, ପୂର୍ଣ୍ଣିମାର ପ୍ରଥମ ପ୍ରହରରେ ହୁଏ ବ୍ୟାପକ ଜନସମାଗମ
- କୌଣସି ବିମାନକୁ ନିମନ୍ତ୍ରଣ କରାଯାଏ ନାହିଁ କି ବିଦାକି ଦିଆଯାଏ ନାହିଁ

ଚଣ୍ଡିଖୋଲ/ଡେରାବିଶ ୭।୩(ଡିଏନଏ)



ଦ୍ୱାପର ଯୁଗର ଗାଥା ଅନୁସାରେ ପ୍ରଭୁ ଶ୍ରୀକୃଷ୍ଣ ନିଜ ପ୍ରତିଶ୍ରୁତି ରକ୍ଷା କରି ଭକ୍ତ ବିଦୁରଙ୍କୁ ଦର୍ଶନ ଦେବେ ହରି ଓ ହର ରୂପରେ। ଯାହାକୁ ନେଇ ବର୍ଷକରେ ଥରେହୁଏ ଓଳକଣା ମେଳଣ। ପୌରାଣିକ ଗାଥାନୁଯାୟୀ, ପ୍ରଭୁ ଶ୍ରୀକୃଷ୍ଣ ପାଣ୍ଡବଙ୍କ ପାଇଁ ମହାମାନୀ ଦୁର୍ଯ୍ୟୋଧନଙ୍କ ନିକଟକୁ ପାଞ୍ଚପଡ଼ା ମାଗିବାକୁ ଯାଇଥାନ୍ତି। ଖାଲିହାତରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଦୁର୍ଯ୍ୟୋଧନ ଫେରାଇ ଦିଅନ୍ତି। ମନଦୁଃଖରେ ଆସୁଥିବାବେଳେ ପ୍ରଭୁଙ୍କର ସାନିଧ ଲାଭକରନ୍ତି ଭକ୍ତ ବିଦୁର। ବିଦୁର ନିଜ ଘରକୁ ପ୍ରଭୁଙ୍କୁ ଡ଼ାକିଆଣି ଶାଗଭାତ ଖାଇବାକୁ ଦିଅନ୍ତି। ଶାଗଭାତ ଖାଇ ପ୍ରଭୁ ତାଙ୍କୁ ବର ମାଗିବାକୁ ଅନୁମତି ଦିଅନ୍ତି। ଏହାକୁ ଆଧାର କରି ବିଦୁର ପ୍ରଭୁଙ୍କର ହରି ଓ ହର ରୂପ ଏକସଙ୍ଗେ ଦର୍ଶନ କରିବେ ବୋଲି ବର ମାଗିଥିଲେ। ପ୍ରଭୁ ଶ୍ରୀକୃଷ୍ଣ ଫାଲ୍ଗୁନ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିର ଶେଷ ପ୍ରହର ଓ ପୂର୍ଣ୍ଣିମାର ପ୍ରଥମ ପ୍ରହରରେ ହରିହର ରୂପରେ ଦର୍ଶନ ଦେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସେହିଦିନ ହରି ହର ରୂପକୁ ଦର୍ଶନ କରିଥାନ୍ତି ଭକ୍ତ ବିଦୁର। ଓଡ଼ିଶାର ଏକ ମାତ୍ର ଭକ୍ତ ବିଦୁରଙ୍କ ମନ୍ଦିର ରହିଛି ଓଳକଣା ମେଳଣ ପଡ଼ିଆରେ। ଜାତୀୟ ରାଜପଥର ଚଣ୍ଡିଖୋଲ–ପାରାଦ୍ୱୀପ ୫୩ନଂ ର ପଞ୍ଚୁପାଣ୍ଡବ ଛକଠାରୁ ଡାହାଣକୁ ୨କି.ମି. ଗଲେ ପଡିବ ଓଳକଣା ମେଳଣ ପଡ଼ିଆ। ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଜିଲାର ମିଳନ ସ୍ଥଳରେ ଅବସ୍ଥିତ ଏହି ପଡ଼ିଆ। ରବିବାର ପବିତ୍ର ଚତୁର୍ଦ୍ଦଶୀ ଶେଷ ପ୍ରହରରେ ମେଳଣ ଆରମ୍ଭ ହେବ। ପୌରାଣିକ ତଥ୍ୟକୁ ବହନକରି ଏଠାରେ ରହିଛି ୧୨ଟି ମନ୍ଦିର। ଅଷ୍ଟଶମ୍ଭୁ, ମା'କ୍ଷେତ୍ରକାଳୀ, ଉଦ୍ଧବ, ଶନି, ଜଗନ୍ନାଥ, ଶିବାନୀ, ଦ୍ରୋଣଗୁରୁ, ହନୁମାନ, ଶ୍ରୀରାମ, କପିଳେଶ୍ୱର, ଆଦ୍ୟାଶକ୍ତି ବାସୁଳାଇ ଆଦି ମନ୍ଦିର ପରିବେଷ୍ଟିତ ଏହି ମେଳଣ ପଡ଼ିଆ। ଏହିମେଳଣକୁ ଶହଶହ ସଂଖ୍ୟାରେ ବିମାନ ଆସିଥାନ୍ତି। ମେଳଣର ବିଶେଷତ୍ୱ ହେଉଛି କୌଣସି ବିମାନକୁ ନିମନ୍ତ୍ରଣ କରାଯାଏ ନାହିଁ କିମ୍ବା ବିଦାକି ଦିଆଯାଏ ନାହିଁ। ଏହାର ଥାନପତି ବିମାନ ହେଉଛି ଆଳି ରାଜାଙ୍କ ବିମାନ। ଆଳି ରାଜାଙ୍କ ବିମାନ ଡ଼େରାବିଶସ୍ଥିତ ରାଜନଅରରୁ ପ୍ରଥମେ ଆସି ପଡ଼ିଆ ମଧ୍ୟକୁ ପ୍ରବେଶ କଲାପରେ ଅନ୍ୟ ବିମାନମାନେ ମେଳଣ ପଡିଆକୁ ପ୍ରବେଶ କରିଥାନ୍ତି। ସେହିଭଳି ନିଆରା ପରମ୍ପରା ସହିତ ଆଳି ରାଜାଙ୍କ ବିମାନ ସହ ମା'ଲକ୍ଷ୍ମୀଙ୍କ ବିମାନ ଆସିଥାଏ। ଯାହାଙ୍କ ପାଇଁ ପ୍ରତ୍ୟେକ ବର୍ଷ ବେଦୀ ତିଆରି ହୋଇଥାଏ। ବେଦୀରେ ମା'ଲକ୍ଷ୍ମୀ ବିମାନ ବସିଲା ପରେ ସେଠାରେ କଳସ ସ୍ଥାପନ କରାଯାଏ। ଯେଉଁ କଳସର ଧାନ ନେବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ହୋଇଥାଏ। ଏହି ଧାନକୁ ନେଇ ଧାନ ଭଣ୍ଡାରରେ ପକାଇଲେ ମା'ଲକ୍ଷ୍ମୀଙ୍କ ଆଶୀର୍ବାଦ ମିଳିଥାଏ। ସେଥିପାଇଁ ଧାନ ନେବା ପାଇଁ ଭକ୍ତଙ୍କ ମଧ୍ୟରେ ଅଧିକ ଆଗ୍ରହ ଦେଖାଯାଇଥାଏ। ଏହି ମେଳଣର ବିଶେଷ ଆକର୍ଷଣ ହେଉଛନ୍ତି କ୍ଷେତ୍ରାଧିପତି ଭଦ୍ରେଶ୍ୱର ବିମାନ। ବୀରଭଦ୍ରେଶ୍ୱର ମନ୍ଦିରରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀ ସହ ଶିବଙ୍କ ଚୂଳମାଳ ଆସିଥାଏ ଏବଂ ବିମାନ ସାଥିରେ ୧୦୮ଘଣ୍ଟ ଆସିଥାଏ। ମେଳଣ ପଡ଼ିଆ ଭିତରକୁ ଭଦ୍ରେଶ୍ୱର ବିମାନ ପ୍ରବେଶ କଲାପରେ ୧୦୮ଘଣ୍ଟ ସହ କୀର୍ତ୍ତନ ମଣ୍ଡଳୀ ବିଦୁର ମନ୍ଦିରକୁ ଯାଇଥାନ୍ତି। ବିଦୁର ମନ୍ଦିର ଓ ଭଦ୍ରେଶ୍ୱର ବିମାନ ସମ୍ମୁଖରେ ଏକସଙ୍ଗରେ ଆଳତୀ ଉଠେ। ପ୍ରଭୁ ହରି ଓ ହର (ବିଷ୍ଣୁ ଓ ଶିବ)ଙ୍କ ଦର୍ଶନ ଆଳତୀ ମାଧ୍ୟମରେ ହୋଇଥାଏ। ପଡ଼ିଆରେ ପରିପୂର୍ଣ୍ଣ ଥିବା ଭକ୍ତମାନେ ଏହି ବିଶେଷ ମୁହୂର୍ତ୍ତକୁ ଅପେକ୍ଷା କରିଥାନ୍ତି। ଆଳତୀ ସରିବା ପରେ ପଡ଼ିଆ ଛାଡ଼ିଥାନ୍ତି ଭଦ୍ରେଶ୍ୱର ବିମାନ। ଏହାପରେ ଅନ୍ୟ ବିମାନଗୁଡ଼ିକ ପଡ଼ିଆ ଛାଡ଼ିଥାନ୍ତି। ମାତ୍ର ଚତୁର୍ଦ୍ଦଶୀ ରାତ୍ରୀ ଏବଂ ପୂର୍ଣ୍ଣିମାର ପ୍ରଥମ ପ୍ରହରରେ ବ୍ୟାପକ ଜନସମାଗମ ମେଳଣ ପଡ଼ିଆରେ ହୋଇଥାଏ। ଶହଶହ ଭକ୍ତ ବିମାନ ନିକଟରେ ମାନସିକ ଖଇ ଓ ଉଖୁଡ଼ା ଭୋଗ ଲାଗି କରିଥାନ୍ତି। ମେଳଣ ପଡ଼ିଆକୁ ବିମାନମାନ ଆସିବା ପାଇଁ କେବଳ ଆଳି ରାଜାଙ୍କ ବିମାନ ତରଫରୁ ଅଭିର ପ୍ରଦାନ କରାଯାଇ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ତେବେ ମେଳଣ ପଡ଼ିଆରୁ ଉଠିଲାବେଳେ କାହାରିକୁ ବିଦାକି ଦିଆଯାଏ ନାହିଁ। କାହିଁ କେଉଁ କାଳରୁ ମେଳଣ ଚାଲିଆସିଛି ତାହା କେହି କହିପାରିବେ ନାହିଁ। ଏ ସମ୍ପର୍କରେ କ୍ଷେତ୍ରଗୀତାରେ ଉଲ୍ଲେଖ ଅଛି 'ତୀର୍ଥକୂଳରୁ ଭଦ୍ରେଶ୍ୱର, ସବୁ ସେ ଓଳକଣା ପୁର' 'ଏ ସ୍ଥାନ ନାମ ଓଳକଣା, ଏଥିରେ ଜ୍ଞାନି ହୋନ୍ତି ବଣା', 'ଓ' କୁ 'ଗୋ' ବୋଲି ପଢ଼ିବ, ପ୍ରାନ୍ତଟି ମୁକୁଳି ରଖିବ। ଏମନ୍ତ ନାମ ଅଛି ଧରି, ଜାଣିବ ଓଳକଣା ପୁରୀ'। ପୌରାଣିକ କିମ୍ବଦନ୍ତୀକୁ ଆଧାରକରି ଚାଲିଆସିଛି ଓଳକଣା ମେଳଣ। ଆସନ୍ତା ୮ ତାରିଖ ରବିବାର ରାତ୍ରୀରୁ ମେଳଣ ଆରମ୍ଭ ହୋଇ ସୋମବାର ସକାଳେ ଉଦ୍‌ଯାପିତ ହେବ।

## ୨ ଛାତ୍ରୀଙ୍କୁ ଶିକ୍ଷକଙ୍କ ବଳାତ୍କାର ଅଭିଯୋଗ

କୋରେଇ,୭।୩(ସ୍ୱ.ପ୍ର)

କରଦା ନୋଡାଲ ଉପ୍ରା ବିଦ୍ୟାଳୟର ୨ଜଣ ଛାତ୍ରୀଙ୍କୁ ଜଣେ ଶିକ୍ଷକ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, କରଦାସ୍ଥିତ ଏକ ବିଦ୍ୟାଳୟର ଜଣେ ଶିକ୍ଷକ ଉକ୍ତ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ଦୁଇ ଛାତ୍ରୀଙ୍କୁ ଟିଉସନ ସମୟରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସମ୍ପର୍କରେ କାହାରିକୁ ପ୍ରକାଶ କଲେ ଜୀବନରୁ ମାରଦେବାକୁ ସମ୍ପୃକ୍ତ ଶିକ୍ଷକ ଧମକ ଦେଉଥିଲେ ବୋଲି ଛାତ୍ରୀ ଦ୍ୱୟ କହିଛନ୍ତି। ଫଳରେ ସେମାନେ ଶିକ୍ଷକଙ୍କ ଭୟରେ ସ୍କୁଲ ଆସିବାକୁ ମନା କରୁଥିଲେ। ଏନେଇ ପୀଡିତା ଦ୍ୱୟ ସେମାନଙ୍କ ମା'ଙ୍କ ନିକଟରେ ସତ୍ୟ ପ୍ରକାଶ କରିଥିଲେ। ଫଳରେ ଉଭୟ ପରିବାର ପକ୍ଷରୁ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଭେଟି ପଚାରିବାରୁ ଘଟଣାକୁ ଚାପି ଦେବାକୁ ସେ କହିଥିଲେ। ଏପରିକି ଏହି ଘଟଣାରେ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ହସ୍ତକ୍ଷେପ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ବରୀର ବିକାଶ, ଲୋକଙ୍କ ସେବା କରିବାକୁ ମନ୍ତ୍ରୀଙ୍କ ଆହ୍ୱାନ

ବରୀ/ରତ୍ନଗିରି, ୭।୩ (ସ୍ୱ.ପ୍ର./ ଡିଏନଏ)

ବରୀ ବ୍ଲକ ଅଧୀନ ଗୋଳକୁଣ୍ଡ ପଞ୍ଚାୟତର ହରିପୁରଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସାମାଜିକ ସୁରକ୍ଷା ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ ତଥା ଯାଜପୁର ଜିଲାର ପର୍ଯ୍ୟବେକ୍ଷକ ଅଶୋକ କୁମାର ପଣ୍ଡା ଯୋଗଦେଇ ବିଜୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରୀର ବିକାଶକୁ ତ୍ୱରାନ୍ୱିତ କରାଯିବା ସହିତ ସାଧାରଣ ଲୋକଙ୍କ ସେବା ଉପରେ ଗୁରୁତ୍ୱ ଦେଇ ଦଳୀୟ କର୍ମୀ ଓ ନେତାମାନେ କାମ କରିବାକୁ ମନ୍ତ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ। ବିଜୁ ବାବୁଙ୍କ ଅମାୟିକ ବ୍ୟକ୍ତିତ୍ୱ ଓ ଦକ୍ଷତା କେବଳ ଓଡିଶା ନୁହେଁ ସାରା ଭାରତରେ ତାଙ୍କୁ ପରିଚିତ କରିପାରିଥିଲା ବୋଲି ଯାଜପୁରର ଏମ୍‌ପି ଶର୍ମିଷ୍ଠା ସେଠୀ ମତ ରଖିଥିଲେ। ପାରାଦୀପ ହେଉ କିମ୍ବା




ବିଜୁ ଜୟନ୍ତୀ ଉତ୍ସବରେ ମଞ୍ଚରେ ଉପସ୍ଥିତ ଅତିଥି।

ରାଉରକେଲା ଯେଉଁଠିକୁ ଗଲେ ବିଜୁ ବାବୁଙ୍କ କଥା ସ୍ୱତଃପ୍ରବୃତ୍ତ ଭାବେ ମନକୁ ଆସେ ଓ ଜଣେ ଓଡ଼ିଆ ହିସାବରେ ନିଜକୁ ଗର୍ବ ଲାଗେ ବୋଲି ବରୀ ବିଧାୟିକା ସୁନନ୍ଦା ଦାସ ପ୍ରକାଶ କରିଥିଲେ। ଏହି ଅବସରରେ ବିଧାୟିକାଙ୍କ ନିଷ୍ଠା ଓ କାର୍ଯ୍ୟ ଦକ୍ଷତା ଉପରେ ବିଶ୍ୱାସ କରି ସାଧାରଣ ନିର୍ବାଚନରେ ତାଙ୍କୁ ତୀବ୍ର ବିରୋଧ କରିଥିବା ପୂର୍ବତନ ଜିଲାପରିଷଦ ସଭ୍ୟ ସୁବୋଧ ଜେନା ଆନୁଷ୍ଠାନିକଭାବେ ଭାଜପା ଛାଡି ଶାସକ ଦଳରେ ଯୋଗ ଦେଇଥିଲେ। ଏହି ମଞ୍ଚରେ ଯାଜପୁର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ଯାଜପୁର ବ୍ଲକ ସଭାପତି ପରେଶ କୁମାର ବିଶ୍ୱାଳ, ରସୁଲପୁର ସଭାପତି ଅରୁଣ କୁମାର ରାଉତ, ବରୀ ମହିଳା ସଭାନେତ୍ରୀ ଜ୍ୟୋସ୍ନାନାଥ ଶର୍ମା, ବରୀ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଅଶୋକ କୁମାର ସାମଲ, ବରୀ ବ୍ଲକ ଯୁବ ସଭାପତି ରଞ୍ଜନ ପଣ୍ଡା, ବରୀ ବ୍ଲକ କୃଷକ ସଭାପତି ବିପିନ ବିହାରୀ ଦାସ, ଦଳିତ ସଭାପତି ଦୁଷ୍ମନ୍ତ ସେଠୀ, ରସୁଲପୁର ବ୍ଲକ ଯୁବ ସଭାପତି ପ୍ରଫୁଲ୍ଲ ସାହୁ, ସଂଖ୍ୟାଲଘୁ ସେଲ ସଭାପତି ସେକ୍ ସାବିର ଅଲ୍ଲୀ, ବରୀ ବ୍ଲକ ଛାତ୍ର ବିଜେଡି ସଭାପତି ସଦିଚ୍ଛା ପ୍ରସାଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରୀର ବିଜେଡି ସଂଯୋଜକ ପୂର୍ବତନ ଜିଲା ପରିଷଦ ସଦସ୍ୟ ଦେବନ୍ଦ୍ର ଦାସଙ୍କୁ ମୁଖ୍ୟ ଅତିଥି ପଣ୍ଡା ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ଟଙ୍କା ଆଦାୟ ନିର୍ଦ୍ଦେଶ

**ମୋ ଗୁହାଳ ଯୋଜନାରେ ଦୁର୍ନୀତି**

ଚଣ୍ଡିଖୋଲ, ୭।୩(ଡି.ଏନ.ଏ)

ବଡ଼ଚଣା ବ୍ଲକରେ ମୋ ଗୁହାଳ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଏହି ବ୍ଲକର ଚଣ୍ଡିତଳ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କୁ ଉକ୍ତ ଦୁର୍ନୀତି ପାଇଁ ଦାୟୀ କରାଯାଇ ତାଙ୍କଠାରୁ ଯୋଜନାରେ ବ୍ୟୟ ହୋଇଥିବା ଅର୍ଥ ରାଶି ଆଦାୟ କରିବାକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଗତ ୨ତାରିଖ ପତ୍ର ସଂଖ୍ୟା ୧୪୪୬ ଅନୁଯାୟୀ ବଡ଼ଚଣା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି, ଏହି ବ୍ଲକର ଚଣ୍ଡିତଳ ପଞ୍ଚାୟତରେ ମୋ ଗୁହାଳ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ପଞ୍ଚାୟତିରାଜ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ତଦନ୍ତ କରାଯିବା ପରେ ଜଣାପଡିଥିଲା ଯେ, ଏହି ପଞ୍ଚାୟତର ଧିରେନ୍ଦ୍ର ରାଉତ ନାମକ ଜଣେ ବ୍ୟକ୍ତି ସରକାରୀ ଚାକିରିରୁ ଅବସର ନେଇ ପେନସନ ପାଉଥିଲେ। ରାଉତଙ୍କୁ ଏହି ଯୋଜନାରେ ହିତାଧିକାରୀ ଭାବେ ଚୟନ କରାଯାଇ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଉତଙ୍କ ଆବେଦନକୁ କୌଣସି ତନଖି ନ କରି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗତ ଆର୍ଥିକ ବର୍ଷରେ ମୋ ଗୁହାଳ ପ୍ରଦାନ କରିବାକୁ ସୁପାରିସ କରିବା ସହ ଗୁହାଳ ନିର୍ମାଣ ସରିଥିବା ଦର୍ଶାଇ ରାଉତଙ୍କୁ ୧ଲକ୍ଷ ୯ହଜାର ୪୦୭ ଟଙ୍କା ପ୍ରଦାନ କରିଥିଲେ। ଏ ସମ୍ପର୍କରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୩୨୯୪ରେ ତା ୭।୨।୨୦୨୦ରେ ଯାଜପୁର ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶଙ୍କୁ ଏହି ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କଲା ପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପିଇଓଙ୍କଠାରୁ ଏହି ଅର୍ଥ ଆଦାୟ କରି ତୁରନ୍ତ ସରକାରୀ ତହବିଲରେ ଜମା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଉତ୍ପାଦନ କ୍ଷମତା ବୃଦ୍ଧିକଲା ଜିନ୍ଦଲ

କଳିଙ୍ଗନଗର,୭।୩(ଡିଏନଏ)

ଜିନ୍ଦଲ ୟୁନାଇଟେଡ ଷ୍ଟିଲ ଲିମିଟେଡ, କଳିଙ୍ଗନଗର କାରଖାନା ଶନିବାର ଏହାର ନୂଆ କୋଲ୍ଡ ରୋଲିଂ ମିଲର କ୍ଷମତାକୁ ବାର୍ଷିକ ୦.୩ ମିଲିୟନ ଟନକୁ ବୃଦ୍ଧି କରିଛି। ଏହି କାରଖାନାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିରିକ୍ତ ଜିଲାପାଳ କଳିଙ୍ଗନଗର ସନ୍ତୋଷ କୁମାର ମିଶ୍ର, ଦାନଗଦୀ ତହସିଲଦାର ନମ୍ରତା ମୋଦି ଓ ଅନ୍ୟାନ୍ୟ ବରିଷ୍ଠ ସରକାରୀ ଓ କମ୍ପାନୀର ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ନୀଳମାଧବ ରଥ, ସିଆରଏମ ମୁଖ୍ୟ ଦୀପକ ଅଗ୍ରୱାଲ, ମାନବସମ୍ବଳ ବିଭାଗ ମୁଖ୍ୟ ରାକେଶ ପାଠକ ଓ ସାଧାରଣ ପ୍ରବନ୍ଧକ ତରୁଣ କୁମାର ରାଉତ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଜିନ୍ଦଲ କମ୍ପାନୀର କାରଖାନା ମୁଖ୍ୟ ଆର.ଏସ. ବୈଦ୍ୟ ଓଡ଼ିଶାରେ ଏହି ନୂଆ କୋଲ୍ଡ ରୋଲିଂ




କୋଲ୍ଡ ରୋଲିଂ ମିଲ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ମିଲ ସ୍ଥାପନ କରିବାକୁ କମ୍ପାନୀ ୨୬୫ କୋଟିରୁ ଅଧିକ ଟଙ୍କା ବିନିଯୋଗ କରିଛି। ଏହା ଦେଶର ମୂଲ୍ୟଯୁକ୍ତ ଷ୍ଟେନଲେସ ଷ୍ଟିଲ ଉତ୍ପାଦର ଚାହିଦାକୁ ପୂରଣ କରିବା ସହିତ ଏହି ଅଞ୍ଚଳରେ ଡାଉନଷ୍ଟ୍ରିମ ଶିଳ୍ପ ପ୍ରତିଷ୍ଠା କରିବାରେ ସହାୟକ ହେବ ଏବଂ ରାଜ୍ୟରେ ଅଧିକ ପୁଞ୍ଜି ବିନିଯୋଗ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ। ଏହି ବିକାଶ ଅତିରିକ୍ତ ୫୦୦ ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମଧ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାହ୍ୟସମ୍ପର୍କ ବିଭାଗର ପ୍ରବନ୍ଧକ ମିହିର କୁମାର ଦାସ, ରାଜୀବ କୁମାର ଦେ, ବିଜୟାନନ୍ଦ ମହାରଣା ଓ ଅଭିନନ୍ଦିତା ବାରିକ ପରିଚାଳନା କରିଥିଲେ।

# ଖବରଦାତାଙ୍କୁ ଧମକ ଦେଇ ଜେଲ୍ ଗଲେ ବାଲିମାଫିଆ

ରସୁଲପୁର,୭।୩(ଡିଏନଏ)

ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମର ବାଲି ମାଫିଆ ବାସୁଦେବ ଜେନାଙ୍କ ପୁଅ ସୁରେଶ(୩୩) ଓରଫ ବାବୁଲାଙ୍କୁ ଶୁକ୍ରବାର କୁଆଖିଆ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଅନ୍ୟଜଣେ ଅଭିଯୁକ୍ତ କରଜଙ୍ଗା ଗ୍ରାମର ମଧବାନନ୍ଦ ପଲେଇ(୨୮) ଫେରାର ଥିବା ଜଣାଯାଇଛି। ପୋଲିସ ଏକ ମାମଲା (ନଂ–୬୦/୨୯) ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଖବରଦାତା ନାରାୟଣ ରଥ ରାଜେନ୍ଦ୍ରପୁର ପଞ୍ଚାୟତରେ ଚାଲିଥିବା ବେଆଇନ ବାଲିଘାଟ ସମ୍ପର୍କରେ ଖବର ପ୍ରକାଶ କରିଥିଲେ। ୨୦ ଫେବୃୟାରୀ ରାତିରେ ସେ ରାଜେନ୍ଦ୍ରପୁର ପଞ୍ଚାୟତ ଯାଇଥିଲେ। ଏହି ପଞ୍ଚାୟତର ପାଲାମଣ୍ଡପ ନିକଟରେ ୨ଜଣ ଯୁବକ ସମ୍ପୃକ୍ତ ଖବରଦାତାଙ୍କୁ ଅଟକାଇ ସେ କାହିଁକି ଖବର ପ୍ରକାଶ କଲେ କହି ତାଙ୍କୁ ଓ ତାଙ୍କ ପରିବାରକୁ ଜୀବନରୁ ମାରି ଦେବାକୁ ଧମକ ଦେବା ସହ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ଖବରଦାତା ଜଣକ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ବାବୁଲାଙ୍କ ନାମରେ ପୂର୍ବରୁ ବହୁ ସଂଗୀନ ମାମଲା ରହିଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଯାଜପୁର ଟାଉନ,୭।୩(ଡିଏନଏ)

ପ୍ରଣବ ପ୍ରକାଶ ଦାସ ବିଜେଡିର ସାଂଗଠନିକ ସମ୍ପାଦକ ମନୋନୀତ ହେବା ପରେ ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ପ୍ରଣବଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗୋଲଖ ପ୍ରସାଦ ସାହୁ, ଅକ୍ଷୟ କୁମାର ବିଶ୍ୱାଳ, ବନବିହାରୀ ମହାପାତ୍ର, ମହେନ୍ଦ୍ର ଦାସ ପ୍ରମୁଖ ବବିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-28-19
କାର୍ଯ୍ୟର ବିବରଣୀ: ଦୁଇ ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ସ୍ଥିତ ରେଳବାଇ କଲୋନୀ ଠାରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ସର୍ଭିସ୍ ବିଲ୍ଡିଙ୍ଗ, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-I,II,III,IV,V), ସଡ଼କ ଆଲୋକ, ସେଣ୍ଟ୍ରାଲ ହସ୍ପିଟାଲ, ସ୍କ୍ରାପ୍ ୟାର୍ଡ୍/ଜେନେରାଲ ଷ୍ଟୋର ଡିପୋ, ରେଳବାଇ ଷ୍ଟାଡ଼ିୟମ୍‌ରେ ଇଲେକ୍ଟ୍ରିକାଲ ସିଷ୍ଟମ୍ ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,05,44,104.49, EMD (ଟଙ୍କାରେ): 2,52,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ।
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-27-19
କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ପୁରୀ ଅଧୀନସ୍ଥ ପୁରୀ-କଣାସ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଭୁବନେଶ୍ୱର ଅଧୀନସ୍ଥ ଭୁବନେଶ୍ୱର-ରାଜଆଠଗଡ଼-ରେଣ୍ଟଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ଼ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ଗଙ୍ଗାଧରପୁର-ମୋଟାରୀ-ନୟାଗଡ଼ ଟାଉନ୍ ସେକ୍ସନର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟଗୁଡ଼ିକ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 8,63,31,419.14, EMD (ଟଙ୍କାରେ): 5,81,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ): ତା.30.03.2020 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ଼
PR-766/K/19-20

**PARADIP PORT TRUST**
e-TENDER CALL NOTICE
Name of the work "Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4". EMD cost Rs.1,27,017/-. Last date and time of submission of Bid 25.03.2020 at 17.15Hrs. For details please refer our website https://eprocure.gov.in/eprocure/aap
Executive Engineer
Harbour Works Division-III
PPT/PR/702/19-20 Dt.06.03.2020

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବିବିଧ ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର**
କ୍ର.ସଂ. (୧) ଟେଣ୍ଡର ନଂ.: ଏସ୍‌ଇସିଆର୍-ଏଚ୍‌କ୍ୟୁ-ଇଏନ୍‌ଜିଜି.-ବିଏଲ୍.-୧୯-୨୦-୧୩।
କାର୍ଯ୍ୟ: ନାଗପୁର ଡିଭିଜନରେ ଏସ୍‌ଏସ୍‌ଇ/ବ୍ରିଜ୍/ଏନ୍‌ଆଇଆରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଲ୍‌ଡିଇ-ବିଏମ୍‌ସି ସେକ୍ସନ ନିମନ୍ତେ ବିଭିନ୍ନ ଷ୍ଟିଲ୍ ଗାର୍ଡର ବ୍ରିଜ୍‌ଗୁଡ଼ିକର ସାଇଡ୍ ପାଥ୍‌ୱେ, ଜାକିଂ ବିମ୍, କରୋଜନ୍ ଗାର୍ଡ ଓ ମୁଖ୍ୟ ସୁଦୃଢ଼ୀକରଣ କାର୍ଯ୍ୟର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୨,୫୩,୪୧,୦୧୧.୯୫। ଅମାନତ ଜମା ରାଶି: ₹୨,୭୬,୭୦୦/-।
କ୍ର.ସଂ. (୨) ଟେଣ୍ଡର ନଂ.: ଏସ୍‌ଇସିଆର୍-ଏଚ୍‌କ୍ୟୁ-ଇଏନ୍‌ଜିଜି.-ବିଏଲ୍.-୧୯-୨୦-୧୪।
କାର୍ଯ୍ୟ: ରାୟପୁର ଡିଭିଜନରେ ଏସ୍‌ଏସ୍‌ଇ/ବ୍ରିଜ୍/ଆରଙ୍କ କ୍ଷେତ୍ରାଧିକାର ଅଧୀନରେ ବ୍ରିଜ୍ ନଂ. ୪୬୨ ଏମ୍‌ଆଇଡି (୧୪×୪୫.୭୨ମି)ଠାରେ ସାଇଡ୍ ପାଥ୍‌ୱେର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୧,୧୦,୭୪,୫୩୧.୩୦। ଅମାନତ ଜମା ରାଶି: ₹୨,୦୫,୪୦୦/-।
ବିଡିଂ ଆରମ୍ଭ ତାରିଖ: ୧୭।୦୩।୨୦୨୦। ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୩୧।୦୩।୨୦୨୦ରିଖ ୧୫.୩୦ ଘଟିକା।
ଉପରୋକ୍ତ କାର୍ଯ୍ୟର ଅଧିକ ବିବରଣୀ ପାଇଁ ଦୟାକରି ଡେପୁଟି ସିଇ/ବ୍ରିଜ୍ ଲାଇନ/ବିଳାସପୁରଙ୍କ କାର୍ଯ୍ୟାଳୟ କିମ୍ବା ୱେବ୍‌ସାଇଟ୍: http://www.ireps.gov.in ସହ ଯୋଗାଯୋଗ କରନ୍ତୁ।
ଡେପୁଟି ସିଇ/ବିଆର୍.ଲାଇନ/ଏସ୍.ଇ.ସି. ରେଳପଥ/ବିଳାସପୁର
CPR/10/481
South East Central Railway @secrail

# ବଡ଼ଚଣା ମୁନ୍‌ସୀ ମେଳଣ ଉଦ୍‌ଯାପିତ

ଚଣ୍ଡିଖୋଲ, ୭।୩(ଡି.ଏନ.ଏ)

ବଡଚଣାର ପ୍ରସିଦ୍ଧ ମୁନ୍‌ସୀ ମେଳଣ ଶନିବାର ଉଦଯାପିତ ହୋଇଯାଇଛି। ବଡଚଣା ଥାନା ପକ୍ଷରୁ ଆୟୋଜିତ ଏହି ମେଳଣରେ ଆଖପାଖ ଅଞ୍ଚଳର ବହୁ ବିମାନ ଶୁକ୍ରବାର ରାତିରୁ ବିଭିନ୍ନ ସାଜସଜ୍ଜା, ବାଦ୍ୟ ଓ ଆତସବାଜିରେ ଡାକ୍ତରଖାନା ଛକରୁ ବାହାରି ଦୋଳମଣ୍ଡପ ପଡିଆରେ ସକାଳେ ପହଞ୍ଚିଥିଲେ। ଏହି ମେଳଣରେ ବିଭିନ୍ନ ଅଞ୍ଚଳରୁ ୧୮ଟି ବିମାନ ଯୋଗ ଦେଇଥିଲେ। ଥାନପତିଭାବେ ଦେଉଳକୁରର ରାହାସବିହାରୀ ଜୀଉ ପ୍ରଥମେ ମେଳଣ ପଡିଆରେ ପହଞ୍ଚିବା ପରେ ଅନ୍ୟ ବିମାନଗୁଡିକ ପହଞ୍ଚିଥିଲେ। ବଡଚଣା ଥାନାଧିକାରୀ ଦୀପକ ଜେନା ସମସ୍ତ ବିମାନର ଜୀଉଙ୍କୁ ଭୋଗ ଲାଗି କରି ପ୍ରଣାମି ପ୍ରଦାନ କରିଥିଲେ। ସେହିପରି ଖଇରା ରାଜଦୋଳ ମିଳନ ୫ତାରିଖ ରାତିରୁ ଆରମ୍ଭ ହୋଇ ୬ ତାରିଖ ସକାଳେ ଉଦ୍‌ଯାପିତ ହୋଇଯାଇଛି। ମେଳଣ କମିଟି ଆୟୋଜକ ଦିଲୀପ ଚୌଧୁରୀ ଓ ଗଣେଶ୍ୱର ବରାଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିମାନମାନ ସୁସଜ୍ଜିତ ଭାବେ ମେଳଣ ପଡିଆରେ ପହଞ୍ଚିଥିଲେ। ପ୍ରଥମେ ଥାନପତି ବସିବାପରେ ଅନ୍ୟ ବିମାନମାନ ବସିଥିଲେ। ପରେ ପଣ୍ଡିତଙ୍କ ଦ୍ୱାରା ପୂଜାକାର୍ଯ୍ୟ କରାଯିବା ପରେ ବିମାନଙ୍କୁ ବିଦାୟ ଦିଆଯାଇଥିଲା।

**ପ୍ରବେଶିକା ୨୦୨୦**
**ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଉଡ଼ାଣ ଏକାଡେମୀ**
ଫୁରସତଗଞ୍ଜ ଏୟାରଫିଲ୍ଡ, ଜିଲ୍ଲା ଆମେଠି (ଉ.ପ୍ର.)-୨୨୯୩୦୨
(ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ନିକାଶ)
ଆଇଏସଓ ୯୦୦୧-୨୦୦୮ ପ୍ରମାଣିତ
"ସ୍ୱପ୍ନକୁ ଡେଣା ଯୋଗାଣ"
ଭାରତର ଶ୍ରେଷ୍ଠ ଉଡ଼ାଣ ପ୍ରଶିକ୍ଷଣ ଅନୁଷ୍ଠାନରେ ଯୋଗ ଦିଅନ୍ତୁ
ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଉଡ଼ାଣ ଏକାଡେମୀ (ଆଇଜିଆର୍‌ୟୁଏ) ପ୍ରାରମ୍ଭରୁ କମର୍ସିଆଲ ପାଇଲଟ୍ ଲାଇସେନ୍ସ ପାଠ୍ୟକ୍ରମ ପର୍ଯ୍ୟନ୍ତ ଆବେଦନ ଆମନ୍ତ୍ରଣ କରୁଛି, ଯାହା ଅଗଷ୍ଟ ୨୦୨୦ ପରଠାରୁ ତିନିଗୋଟି ବ୍ୟାଚ୍‌ରେ ଆରମ୍ଭ ହେବା ପାଇଁ ନିର୍ଦ୍ଧାରିତ। ସାଧାରଣ ବର୍ଗ ପାଇଁ ଯୋଗ୍ୟତା ମାନଦଣ୍ଡ ହେଉଛି:
(i) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବନିମ୍ନ ୫୦% ମାର୍କ ସହ ଇଂରାଜୀରେ ଉତ୍ତୀର୍ଣ୍ଣ ହୋଇଥିବେ।
(ii) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବମୋଟ ୫୦% ମାର୍କ ସହିତ ଗଣିତ ଓ ପଦାର୍ଥବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିବେ।
ଏସ୍‌ସି, ଏସ୍‌ଟି, ଇଡବ୍ଲ୍ୟୁଏସ୍ ଏବଂ ଓବିସି (ଅଣ କ୍ରିମି ଲେୟରର) ପ୍ରାର୍ଥୀମାନଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡ ହେଉଛି:
(i) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବନିମ୍ନ ୪୫% ମାର୍କ ସହ ଇଂରାଜୀରେ ଉତ୍ତୀର୍ଣ୍ଣ ହୋଇଥିବେ।
(ii) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବମୋଟ ୪୫% ମାର୍କ ସହିତ ଗଣିତ ଓ ପଦାର୍ଥବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିବେ।
ପ୍ରଶିକ୍ଷଣ ଦେୟ ହେଉଛି ଟ.୪୫ ଲକ୍ଷ ଯୁକ୍ତ ବୋର୍ଡିଂ-ଲଜିଂ ଓ ଅନ୍ୟାନ୍ୟ ଖର୍ଚ୍ଚ ଅତିରିକ୍ତ।
ସବିଶେଷ ସୂଚନା ଓ ଆବେଦନ ଫର୍ମାଟ୍ ଇତ୍ୟାଦି ପାଇଁ ଦୟାକରି ଆମ ୱେବ୍‌ସାଇଟ୍ www.igrua.gov.inରେ "ଆଇଜିଆର୍‌ୟୁଏ ପ୍ରବେଶିକା" ପରିଦର୍ଶନ କରନ୍ତୁ।
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ହେଉଛି
୧୭ ଏପ୍ରିଲ ୨୦୨୦ (ବ୍ୟାଙ୍କ ଚାଲାଣ ମାଧ୍ୟମରେ ଦେୟ ପୈଠ ପାଇଁ)
୨୮ ଏପ୍ରିଲ ୨୦୨୦ (ଅନ୍‌ଲାଇନ ପଦ୍ଧତିରେ ଦେୟ ପୈଠ ପାଇଁ)
ଅନ୍‌ଲାଇନ୍ ପରୀକ୍ଷାର ତାରିଖ ହେଉଛି ୨୧ ମେ ୨୦୨୦ (ଗୁରୁବାର)। ରିପୋର୍ଟିଂ ସମୟ ୧୩.୦୦ ଘଟିକା (ଅପରାହ୍ନ ୧ ଘଟିକା)
davp 03104/11/0004/1920



"ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ତଥା ଚରିତ୍ରହୀନତା ଏଇ ତିନିଗୁଣ ବିନାଶକୁ ଡାକି ଆଣେ
- ମହାତ୍ମା ଗାନ୍ଧୀ



# ବନ୍ଦ ହେଉନି ମେଶିନରେ ଉତ୍ତୋଳନ

ଯାଜପୁର ଅଫିସ,୭।୩

ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା (ଆରଆଣ୍ଡଡିଏମ୍) ବିଭାଗ ଗତ ୨୬ତାରିଖଠାରୁ ମୋ'ସରକାର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛି। ହେଲେ ଏଯାଏ ମୋ' ସରକାର ଯୋଜନାର ତାତ୍ପର୍ଯ୍ୟ ଯାଜପୁର ଜିଲା ରାଜସ୍ୱ ବିଭାଗର ତହସିଲ କାର୍ଯ୍ୟାଳୟଗୁଡ଼ିକୁ ପହଞ୍ଚି ପାରିନାହିଁ। ମୋ'ସରକାର କାର୍ଯ୍ୟକ୍ରମରେ ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା ବୋଲି ଅଭିହିତ କରାଯାଇଛି। କିନ୍ତୁ ଜିଲାର ବ୍ୟାସନଗର ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ସାଆଁଳ ମୌଜାର ୧୨.୫୦ ଏକର ପରିମିତ ଅଞ୍ଚଳରେ ମେଶିନ ଦ୍ୱାରା ବାଲି ଉତ୍ତୋଳନ ବନ୍ଦ ହେଉନି। ଶ୍ରମିକ ନିୟୋଜନ କରି ହାତରେ ବାଲି ଉତ୍ତୋଳନ ପାଇଁ ଲିଜ୍ ଦିଆଯାଇଥିବାବେଳେ ମେଶିନ ଲଗାଇ ଶ୍ରମିକଙ୍କ ପେଟରେ ଲାତ ମରାଯାଉଛି। ଏଠାରେ ଜନସାଧାରଣ ଗଣତନ୍ତ୍ରର ଆତ୍ମା ନୁହେଁ ବରଂ ତହସିଲ ଅଧିକାରୀ ଓ ଜନପ୍ରତିନିଧି ବାଲି ମାଫିଆଙ୍କ ଆତ୍ମା ହୋଇଛନ୍ତି ବୋଲି ଆଲୋଚନା ହେଉଛି।

୨୦୧୭ରେ ବାଲି ଖାଦାନ ଓ ପରିବହନରେ ପ୍ରଭାବିତ ସାଆଁଳା ଓ ଆଖପାଖ ଗ୍ରାମବାସୀ ବ୍ୟାସନଗର ତହସିଲଦାରଙ୍କ ସମେତ ଉପଜିଲାପାଳ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ସମ୍ପୃକ୍ତ ବାଲି ବ୍ୟବସାୟୀଙ୍କ କବ୍‌ଜାରେ ଜିଲା ରାଜସ୍ୱ ବିଭାଗର ଅଧିକାଂଶ ଅଧିକାରୀ ଛନ୍ଦି ହୋଇଥିବାରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଲା ନାହିଁ। ଏହାପରେ ସାଆଁଳା ଗ୍ରାମବାସୀ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ। ତଥାପି ଏହି ବାଲି ବ୍ୟବସାୟରେ ସମ୍ପୃକ୍ତ ଅଧିକାରୀମାନେ ଚୁପ ହୋଇ ରହିଛନ୍ତି। ଅନ୍ୟପକ୍ଷେ ବାଲି ଲିଜ୍‌ଧାରୀ ଗାଡ଼ି ମାଲିକଙ୍କଠାରୁ ନିର୍ଦ୍ଧାରିତ ଦରଠାରୁ ଦୁଇଗୁଣରୁ ଊର୍ଦ୍ଧ୍ୱ ଟଙ୍କା ନେଉଛନ୍ତି। ଟିପ୍ପର ଗାଡ଼ିରେ ବାଲି ସିଏମ୍ ପ୍ରତି ୩୬ ଟଙ୍କା ଦର ନିର୍ଦ୍ଧାରିତ ହୋଇଛି। ଫଳରେ ୬ସିଏମ୍ ବାଲି ପରିବହନ ପାଇଁ ୨୧୬ ଟଙ୍କା, ଲୋଡିଂ ବାବଦକୁ ୨୦୦ ଟଙ୍କା, କଣ୍ଟ୍ରାକ୍ଟର ଲାଭ ୧୨ପ୍ରତିଶତ ଅନୁସାରେ ୫୦ ଟଙ୍କା ଭାବେ ସମୁଦାୟ ୪୬୬ ଟଙ୍କା ହେବା କଥା। କିନ୍ତୁ ଠିକାଦାର ୪୬୬ଟଙ୍କା ପରିବର୍ତ୍ତେ ୧୦୦୦ ଟଙ୍କା ଦର ନେଉଛନ୍ତି। ସେହିପରି ହାଇୱାରେ ସିଏମ୍ ପ୍ରତି ବାଲି ମୂଲ୍ୟ ୩୬ ଟଙ୍କା ହିସାବରେ ୧୪ ସିଏମ୍‌କୁ ୫୦୪ ଟଙ୍କା, ଲୋଡିଂ ବାବଦକୁ ୪୦୦ ଟଙ୍କା ଓ କଣ୍ଟ୍ରାକ୍ଟର ଲାଭ ୧୨ ପ୍ରତିଶତ ଅନୁସାରେ ୧୦୮ ଟଙ୍କା ଭାବେ ମୋଟ ୧୦୧୨ ଟଙ୍କା ହେବା କଥା। କିନ୍ତୁ ହାଇୱା ଗାଡ଼ି ପ୍ରତି ଠିକାଦାର ୨୫୦୦ ଟଙ୍କା ନେଉଛନ୍ତି। ଏନେଇ ଗ୍ରାମବାସୀ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(କେଶ ନମ୍ବର-୧୬୨/୨୦୧୬/ଇଜେଡ) ଏକ ମାମଲା ରୁଜୁ କରିଥିଲେ। ହେଭି ଭେଇକିଲ ଓ ମେଶିନ ସହାୟତାରେ ବାଲି ଉତ୍ତୋଳନ ନ କରି ମାନୁଆଲ ବାଲି ଉତ୍ତୋଳନ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଆଇନର ଉଲ୍ଲଂଘନ କରୁଥିବା ଲିଜ୍‌ଧାରୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଏଠାରେ ରାଜସ୍ୱ, ପୋଲିସ ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) କର୍ତ୍ତୃପକ୍ଷ ଏନ୍‌ଜିଟି ନିର୍ଦ୍ଦେଶକୁ ଭ୍ରୂକ୍ଷେପ କରି ନାହାନ୍ତି। ୨ଦିନ ତଳେ ବ୍ୟାସନଗର ତହସିଲଦାର ୧୬ନମ୍ବର ଜାତୀୟ ରାଜପଥ, ଷଠିପୁର ଆଦି ସ୍ଥାନରେ ଚଢ଼ାଉ କରି ବାଲି, ମୋରମ, ଚିପ୍ସ ବୋଝେଇ ଗାଡ଼ିଗୁଡ଼ିକ ଜବତ କରି ଜରିମାନା ଆଦାୟ କରିଥିଲେ। କିନ୍ତୁ ମେଶିନ ସହାୟତାରେ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ସାଆଁଳା ଘାଟରେ ତହସିଲଦାରଙ୍କ ଦୃଷ୍ଟି ପଡ଼ିନି। ମୋ' ସରକାର କାର୍ଯ୍ୟକ୍ରମ ଅନୁସାରେ ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ ପାଇଁ, ଲୋକଙ୍କ ପଇସାରେ, ଲୋକଙ୍କ ସେବା ଓ ସଶକ୍ତିକରଣ ପାଇଁ ସୃଷ୍ଟି କରାଯାଇଛି। ଲୋକମାନେ ହିଁ ପ୍ରକୃତ ମାଲିକ। ତହସିଲ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯିବା ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ହେଲେ ବାଲି ବ୍ୟବସାୟୀଙ୍କ ସ୍ୱାର୍ଥକୁ ଏଠାରେ ଅଧିକ ଗୁରୁତ୍ୱ ଦିଆଯାଇ ତହସିଲ କର୍ତ୍ତୃପକ୍ଷ ଐତିହାସିକ ମୋ' ସରକାର କାର୍ଯ୍ୟକ୍ରମକୁ ଭୁଲି ଯାଇଛନ୍ତି। ଏସଂକ୍ରାନ୍ତରେ ବ୍ୟାସନଗର ତହସିଲର ଭାରପ୍ରାପ୍ତ ତହସିଲଦାର ଜ୍ୟୋତିକାନ୍ତ ଭୂଜବଳଙ୍କୁ ପଚାରିବାରେ, ସାଆଁଳା ବାଲିଘାଟରେ ଚଢ଼ାଉ କରାଯାଇ ୪ଟି ଗାଡ଼ି ଜବତ କରିବା ସହ ଜରିମାନା ଆଦାୟ ହେଉଛି। ମେଶିନ ଦ୍ୱାରା ଯଦି ବାଲି ଉତ୍ତୋଳନ ହେଉଥିବା ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଭୂଜବଳ କହିଛନ୍ତି।



**ସାଆଁଳା ଘାଟ**

- ରାଜସ୍ୱ ବିଭାଗରେ ମୋ' ସରକାର ବିଫଳ
- କାର୍ଯ୍ୟକାରୀ ହେଉନି ଏନ୍‌ଜିଟି ନିର୍ଦ୍ଦେଶ
- ଜୀବିକା ହରାଉଛନ୍ତି ଶ୍ରମିକ
- ଟିପ୍ପର ପିଛା ୪୬୬ଟଙ୍କା ପରିବର୍ତ୍ତେ ନେଉଛନ୍ତି ୧୦୦୦ ଟଙ୍କା

## ସଂକ୍ଷେପରେ

### ମାରପିଟ,ଏସିଡ୍ ମାଡ଼ ଘଟଣା: ୩ ଗିରଫ

**ଧର୍ମଶାଳା, ୭।୩(ଡି.ଏନ୍.ଏ.):** ଧର୍ମଶାଳା ଥାନା କୋଟପୁର ଫାଣ୍ଡି ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତରେ ଶୁକ୍ରବାର ସଙ୍ଘଠିତ ମାରପିଟ ଓ ଏସିଡ ମାଡ଼ ଘଟଣାରେ ଉଭୟ ପକ୍ଷରୁ ଶନିବାର ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୂର୍ଯ୍ୟମଣି ସାହୁ, ଶଶୀରେଖା ସାହୁ ଓ ସରୋଜ ସାହୁ। ୩ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି। ମିଳିଥିବା ସୂଚନା ଅନୁସାରେ ବାଡବାରିସାହି ଓ ଅରଙ୍ଗାବାଦ ଗ୍ରାମର ୨ଟି ପରିବାର ମଧ୍ୟରେ ଦ୍ରୁତ ଗତିରେ ବାଇକ ଚାଳନାକୁ କେନ୍ଦ୍ର କରି ମାରପିଟ ହୋଇଥିଲା। ଏପରି କି ଏସିଡ୍ ମାଡ ହୋଇଥିଲା। ଏଥିରେ ୫ଜଣ ଆହତ ହୋଇଥିଲେ। ଏହି ଘଟଣାରେ ରଜତ ସାହୁ (୧୬) ଶରତ ସାହୁ(୨୧),ସୂର୍ଯ୍ୟମଣି ସାହୁ(୪୫) ଓ ଶଶୀରେଖା ସାହୁ (୬୭) ମାରପିଟରେ ଆହତ ହୋଇଥିବାବେଳେ ସରୋଜ ସାହୁ ଏସିଡ୍ ମାଡରେ ଆହତ ହୋଇଥିଲେ। ଆହତଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଉଭୟ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ଧର୍ମଶାଳା ପୋଲିସ ୮୯/୨୦ ଓ ୯୦/୨୦ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଅପହୃତା ନାବାଳିକା ଉଦ୍ଧାର, ଯୁବକ କୋର୍ଟ ଚାଲାଣ

**ରସୁଲପୁର,୭।୩(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ଅଞ୍ଚଳରୁ ଗତ ୨୦ତାରିଖରେ ଅହରଣ ହୋଇଥିବା ଜଣେ ନାବାଳିକାଙ୍କୁ କୁଆଖିଆ ପୋଲିସ ଶୁକ୍ରବାର ରାତିରେ ଉଦ୍ଧାର କରିଛି। ଶନିବାର ନାବାଳିକାଙ୍କ ଡାକ୍ତରୀମାଇନା ସହ ମାଜିଷ୍ଟ୍ରେଟଙ୍କ ନିକଟରେ ଧାରା ୧୬୪ରେ ବୟାନ ରେକର୍ଡ କରାଯାଇଛି। ଏଥିସହ ଅପହରଣକାରୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉଦ୍ଧାର ନାବାଳିକାଙ୍କୁ ଏବେ ସ୍ୱଧାର ଗୃହରେ ରଖାଯାଇଛି। ମିଳିଥିବା ସୂଚନା ଅନୁସାରେ ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ଜଳମୁଣ୍ଡା ଗ୍ରାମର ଗାଣ୍ଡୁ ଦାସ(୨୦) ନାମକ ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ବାପା କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ-୬୧/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ଯାଜପୁର ବିଧାୟକଙ୍କୁ ଶୁଭେଚ୍ଛା

**ଯାଜପୁର ଅଫିସ,୭।୩:** ଯାଜପୁରର ଯୁବ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଣବପ୍ରକାଶ ଦାସ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ (ସଂଗଠନ) ଭାବେ ମୁଖ୍ୟ ମନ୍ତ୍ରୀ ଘୋଷଣା କରିବା ପରେ ସାରା ଯାଜପୁର ନିର୍ବାଚନ ମଣ୍ଡଳିରେ ଖୁସିର ଲହରୀ ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ତଥା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଦଳର ସଂଗଠନକୁ ସାରା ରାଜ୍ୟରେ ଆହୁରି ସୁଦୃଢ଼ କରିବା ପାଇଁ ଯାଜପୁରର ବିଧାୟକଙ୍କ ଉପରେ ଏପରି ଗୁରୁତ୍ୱ ଦେଇ ତାଙ୍କର ସାଙ୍ଗଠାନିକ ଦକ୍ଷତାକୁ ପ୍ରତିପାଦିତ କରିଛନ୍ତି। ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, କର୍ଣ୍ଣାଟକେଶରୀ ଦାସ, ସୁଜାତା ସାହୁ, ପୂର୍ବତନ ଅଧକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ, ପୂର୍ବତନ ଉପାଧକ୍ଷ ବିଷ୍ଣୁ ଚରଣ ମହାପାତ୍ର, ସଞ୍ଜୁକ୍ତା ମହାନ୍ତି, ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ୍ କୁମାର ମହାନ୍ତି ପ୍ରମୁଖ ବିଧାୟକ ଦାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ଧର୍ମଶାଳା କପ୍ ଫୁଟବଲ ଟୁର୍ନାମେଣ୍ଟ: କଟକ ବିଜୟୀ

ଧର୍ମଶାଳା, ୭।୩(ଡି.ଏନ୍.ଏ.)

ଧର୍ମଶାଳା ସ୍ପୋର୍ଟ୍ସ ଏକାଡେମି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଷଷ୍ଠ ବାର୍ଷିକ ଧର୍ମଶାଳା କପ୍ ଫୁଟବଲ ଟୁର୍ନାମେଣ୍ଟ ବାଣୀପୀଠ ପଡ଼ିଆରେ ଶନିବାର ଉଦ୍‌ଘାଟିତ ହୋଇଛି। ଧର୍ମଶାଳା ମହାବିଦ୍ୟାଳୟ କ୍ରୀଡ଼ା ଅଧ୍ୟାପକ ସୌମ୍ୟ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ପାରାଦୀପ ସ୍ପୋର୍ଟ୍ସ କ୍ଲବକୁ ୦/୨ ଗୋଲରେ ପରାସ୍ତକରି ୟୁନାଇଟେଡ କ୍ଲବ କଟକ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ ଦେଇ ପାରି ନ ଥିବାବେଳେ ଦ୍ୱିତୀୟାର୍ଦ୍ଧରେ କଟକର କାହ୍ନା ସିଂ ଦୁଇଟି ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ମ୍ୟାଚକୁ ଇଲିୟାସ କାଦିର ପରିଚାଳନା କରିଥିବା ବେଳେ ଅଭୟ ଦାସ ଓ ସୁମନ ଦାସ ଲାଇନମ୍ୟନ ଭାବେ ସହାୟତା କରିଥିଲେ। ବିଜୟୀ କାଟକ ଦଳର କାହ୍ନା ସିଂଙ୍କୁ ମ୍ୟାନ ଅଫଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରବିବାର ଦ୍ୱିତୀୟ ସେମିଫାଇନାଲ ଆୟୋଜକ ଧର୍ମଶାଳା ସ୍ପୋର୍ଟ୍ସ ଏକାଡେମୀ ଓ ଜୟଦୁର୍ଗା କ୍ଲବ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସଭାପତି ଆଲୋକ କୁମାର କର ଓ ସମ୍ପାଦକ ଅୟସକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି।

# ଶାନ୍ତି,ସଦ୍‌ଭାବନା ଯାତ୍ରା

ଧର୍ମଶାଳା,୭।୩(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ରୋଟାରୀ କ୍ଲବ ପକ୍ଷରୁ ଶାନ୍ତି ଓ ସଦ୍‌ଭାବନା ଉପଲକ୍ଷେ ୧୨ଜଣ ରୋଟାରିଆନ୍ ଶନିବାର ଯାଜପୁର, ଭଦ୍ରକ, ବାଲେଶ୍ୱର, ବେତନଟୀ, ବାରିପଦାକୁ ଏକ ମିନିବସ୍‌ରେ ଯାତ୍ରା କରିଛନ୍ତି। ଏହାକୁ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବର ମୁଖପତ୍ର 'ମୈତ୍ରୀ'କୁ ବିଧାୟକ ଶ୍ରୀ ବଳବନ୍ତରାୟ ଉନ୍ମୋଚନ କରିଥିଲେ। ଉନ୍ମୋଚନ ପର୍ବରେ ଅବସରପ୍ରାପ୍ତ ସିଡିଏମ୍‌ଓ ଡାକ୍ତର ବିଜୟ କୁମାର ଶତପଥୀ, ଡାକ୍ତର ରମେଶଚନ୍ଦ୍ର ସାହୁ, ସଭାପତି ଅଜାମ୍ବର ସାହୁ, ସମ୍ପାଦକ ହରିହର ପଣ୍ଡା, ଇନରହୁଇଲ୍ କ୍ଲବ ସଭାପତି କଳ୍ପନା ପରିଡ଼ା, ମିନତୀ ସାହୁ, ମାଧୁରୀ ଶତପଥୀ, ଲକ୍ଷ୍ମୀଖମାରୀ, ବିଶ୍ୱମିତ୍ରା ସାହୁ, କଳ୍ପନା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି, ସମ୍ପାଦକଙ୍କ ସମେତ ଅଧ୍ୟାପକ ଜୟନ୍ତ ସାହୁ, ବିନୋଦ ପରିଡ଼ା, ପ୍ରଦୀପ୍ତ ବରାଳ, ଜୟପ୍ରକାଶ ତ୍ରିପାଠୀ, ପ୍ରମୋଦ ସାମଲ, ପ୍ରଶାନ୍ତ ପୃଷ୍ଟି, ସୁକାନ୍ତ ସ୍ୱାଇଁ, ଅମୂଲ୍ୟ ମହାରଣା ପ୍ରମୁଖ ଏହି ଶାନ୍ତି ଓ ସଦ୍‌ଭାବନା ଯାତ୍ରାରେ ଜାରକା ବଜାର ପରିକ୍ରମା କରି ଏକ ଘରୋଇ ମିନିବସ୍ ଯୋଗେ ଯାତ୍ରା କରିଛନ୍ତି। କ୍ଲବ ପକ୍ଷରୁ ପ୍ରତ୍ୟେକ ସ୍ଥାନରେ ବୃକ୍ଷ ରୋପଣ କରାଯିବାର କାର୍ଯ୍ୟକ୍ରମ ରଖାଯାଇଛି।

**ମୈତ୍ରୀ ପତ୍ରିକା ଉନ୍ମୋଚନ**




ଶାନ୍ତି ଓ ସଦ୍‌ଭାବନା ଯାତ୍ରାରେ ବାହାରିଥିବା ରୋଟାରୀ କ୍ଲବ ସଦସ୍ୟାସଦସ୍ୟ।

# ବିଧବା,ବୃଦ୍ଧାବୃଦ୍ଧଙ୍କୁ ମିଳୁନି ସାମାଜିକ ନିରାପତ୍ତା

ରସୁଲପୁର,୭।୩(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମାଳମାଳ ଯୋଜନା କରିଛନ୍ତି। ଏସବୁ ଯୋଜନାରୁ ଅଧିକାଂଶ ଗରୀବ, ଖଟିଖିଆ, ଦିନମଜୁରିଆଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ହେଲେ ସେସବୁ ଯୋଜନା ବାସ୍ତବ କ୍ଷେତ୍ରରେ ରୂପାୟନ ହେବାପୂର୍ବରୁ ବାଟବଣା ହୋଇଯାଉଛି। ଏଭଳି ଚିତ୍ର ଯାଜପୁର ଜିଲାର ରସୁଲପୁର ବ୍ଲକ ଅଞ୍ଚଳରେ ବିଧବା,ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପ୍ରଦାନ କ୍ଷେତ୍ରରେ ଦେଖିବାକୁ ମିଳିଛି। ଭତ୍ତା ପାଇଁ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏ ଦିଗରେ କାର୍ଯ୍ୟକରୁଥିବା ସରକାରୀ ବାବୁଙ୍କ ଅସାଧୁତା ପଣିଆ ଓ ରାଜନୈତିକ ବ୍ୟକ୍ତିଙ୍କ ହୀନମନ୍ୟତା ଯୋଗୁ ଏଭଳିସ୍ଥିତି ଉପୁଜୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ବ୍ଲକର ୨୮ଗୋଟି ପଞ୍ଚାୟତ ମଧ୍ୟରୁ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ବନ୍ଧଡିହ ପଞ୍ଚାୟତରେ ୪୦୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ଭତ୍ତାରୁ ବଞ୍ଚିତ ଥିବା ନେଇ ସୂଚନା ମିଳିଛି। ରାଜ୍ୟ ସରକାଙ୍କ ପକ୍ଷରୁ ଆୟୋଜିତ ପିଠା କାର୍ଯ୍ୟକ୍ରମ ଜରିଆରେ ଭତ୍ତା ପାଇବା ପାଇଁ ହୋଇଥିବା ଆବେଦନ ଫର୍ମକୁ ଅନୁଧ୍ୟାନ କଲେ ତାହା ବୁଝାପଡୁଛି। ଭତ୍ତା ପାଇବା ପାଇଁ ଅପେକ୍ଷାରତ ହିତାଧିକାରୀଙ୍କ ମଧ୍ୟରୁ ଅଧିକାଂଶ ଏହି ପଞ୍ଚାୟତର ୯ନମ୍ବର ୱାର୍ଡର କିଆବାରିଆ ଦଳିତ ସାହିରେ ଅଛନ୍ତି ବୋଲି କୁହାଯାଉଛି। ଏହି ସାହିରେ ୪୦ରୁ ଊର୍ଦ୍ଧ୍ୱ ଦଳିତ ପରିବାର ଅଛନ୍ତି। ପ୍ରତ୍ୟେକ ପରିବାରରେ ଜଣେ ଦୁଇଜଣ ଲେଖାଏ ବୃଦ୍ଧାବୃଦ୍ଧ, ବିଧବା ଅଛନ୍ତି। ଭତ୍ତା ପାଇବା ପାଇଁ ସମସ୍ତଙ୍କ ଯୋଗ୍ୟତା ମଧ୍ୟ ରହିଛି। ଏପରିକି ଭତ୍ତା ପାଇଁ ସେମାନେ ବାରମ୍ବାର ଆବେଦନ କରିଆସୁଛନ୍ତି। ତେବେ ସେମାନଙ୍କୁ ଭତ୍ତା ମିଳୁ ନ ଥିବାରୁ ଅନେକଙ୍କ ମନରେ କ୍ରୋଧ ଆସିଛି। ଯାହାଫଳରେ ନୂତନ ଭାବରେ ଭତ୍ତା ଆବେଦନ କରିବା ପାଇଁ ସେମାନେ ଏବେ ଅରାଜି ହେଉଛନ୍ତି। ରଙ୍ଗ ମଲିକ(୮୦ବର୍ଷ), ଜଗବନ୍ଧୁ ମଲିକ(୭୫), ରାହାସ ମଲିକ(୭୦), ମୁକୁନ୍ଦ ମଲିକ(୬୮), ନଗନ ମଲିକ(୬୬), ବିଭୂତି ମଲିକ(୭୬), ଜିରା ମଲିକ(୬୫), ଗଗନ ମଲିକ(୭୧), ଭିକାରୀ ମଲିକ(୬୩), ଜାନକୀ ଦେଇ(୬୩), ଶିବ ମଲିକ(୬୩) ପ୍ରମୁଖଙ୍କ ସମେତ ଏହି ସାହିରେ ୫୦ରୁ ଊର୍ଦ୍ଧ୍ୱ ଯୋଗ୍ୟବ୍ୟକ୍ତି ସରକାରଙ୍କ ଏହି ଯୋଜନା ସହ ସାମିଲ ହୋଇପାରି ନାହାନ୍ତି। ଏହି ସାହିର ଅଧିକାଂଶ ଲୋକ ଖଟିଖିଆ ଦିନ ମଜୁରିଆ ହୋଇଥିବାବେଳେ ସରକାରଙ୍କ ଯୋଜନା ସେମାନଙ୍କ ନିକଟରେ ଅପହଞ୍ଚ ହୋଇପଡ଼ିବା ଠାରୁ ଆଉ ଅଧିକ ବଡ଼ ବିଡ଼ମ୍ବନା କ'ଣ ହୋଇପାରେ ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ବ୍ଲକର ଆଖପାଖ ପଞ୍ଚାୟତଗୁଡ଼ିକରେ ବୟସ ହୋଇ ନ ଥିବା ଲୋକଙ୍କୁ ଭତ୍ତା ମିଳୁଥିବାବେଳେ ଏଠାରେ ବୟସ ହୋଇ ଶଯ୍ୟାଶାୟୀ ବ୍ୟକ୍ତିଙ୍କୁ ଭତ୍ତା ମିଳୁ ନାହିଁ ବୋଲି ସାମାଜିକ କର୍ମୀ ମଣ୍ଟୁ ଦାସ ଅଭିଯୋଗ କରିଛନ୍ତି। ତେବେ ସରକାରଙ୍କ ସେହି ୫-ଟି, ମୋ' ସରକାର କାର୍ଯ୍ୟକ୍ରମ କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ପିଠା କାର୍ଯ୍ୟକ୍ରମରେ ଭତ୍ତା ପାଇବା ପାଇଁ ଆସିଥିବା ଫର୍ମ ଏ' ପର୍ଯ୍ୟନ୍ତ ମଞ୍ଜୁର ହୋଇପାରି ନାହିଁ। ତେବେ ଏହି ସାହିରେ ଅନେକ ଲୋକ ଭତ୍ତା ନ ପାଇ ରହି ଯାଇଥିବା କଥାକୁ ସ୍ୱୀକାର କରିଛନ୍ତି। ରାଜନୈତିକ ବାଦବିବାଦ ଯୋଗୁ ଏହି ପଞ୍ଚାୟତରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁନାହିଁ। ତେବେ ଏଦିଗରେ ସେ ତଦନ୍ତ କରିବା ସହ ସେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ପ୍ରକାଶ କରିଛନ୍ତି।



**ସରକାରୀ ଯୋଜନା ବାଟବଣା**

# ଗୋ-ସମ୍ପଦ ସୁରକ୍ଷା, ସମୃଦ୍ଧ ପାଇଁ ଘୃତ ଆହୂତି

ରସୁଲପୁର,୭।୩(ଡି.ଏନ୍.ଏ.)

ଗୋ-ସମ୍ପଦ ହେଉଛି ହିନ୍ଦୁ ଧର୍ମର ସ୍ୱାଭିମାନର ସ୍ୱରୂପ। ଗାଈକୁ ମା' ବୋଲି ସମ୍ବୋଧନ କରାଯାଉଛି। ଘରେ ମା'ର ଅନୁପସ୍ଥିତିରେ ଗୋ-ମାତା ହିଁ ଦୂର କରିପାରିବ। ଗାଈଗୋରୁଙ୍କ ସୁରକ୍ଷା ଓ ଗୋ- ସମ୍ପଦ ସୁରକ୍ଷା କାମନା କରି ଯାଜପୁର ଜିଲାର ପ୍ରଥମଥର ପାଇଁ ଦୁଇବର୍ଷ ଧରି ଗୋ ମଙ୍ଗଳ ଓ ସୁରଭୀ ମହାଯଜ୍ଞ ଆୟୋଜିତ ହେଉଛି। ଜିଲାର ରସୁଲପୁର ବ୍ଲକ ସୀମାବର୍ତ୍ତ ଅଞ୍ଚଳରେ ଅବସ୍ଥିତ ଯାଜପୁର ବ୍ଲକର କାକୁଡିକୁଦ-ନୀଳକଂଣ୍ଠପୁର ଗ୍ରାମବାସୀଙ୍କ ପକ୍ଷରୁ ସତ୍ୟସାଇ ଖେଳ ପଡିଆରେ ଗତ ୫ତାରିଖରୁ ୯ତାରିଖ ୫ଦିନ ବ୍ୟାପି ଏହି ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଅବତାରରେ ଧରାପୃଷ୍ଠରେ ଅବର୍ତ୍ତୀନ ହୋଇଥିଲେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଶ୍ରୀକୃଷ୍ଣଙ୍କ ଗୋ-ସେବା ମାହାତ୍ମ୍ୟ ଓ ଗାଈଗୋରୁମାନେ ମାନବ ସମାଜ ପାଇଁ ଆବଶ୍ୟକତାର ବାସ୍ତବାକୁ ଉପଲବ୍ଧ କରିବା ପାଇଁ ଏହି ଯଜ୍ଞ ଆୟୋଜନ କରାଯାଛି। ଏହି ଅବସରରେ ପ୍ରଭୁ ବିଷ୍ଣୁଙ୍କ ପୀଠରେ ପାରମ୍ପରିକ ରୀତିନୀତିର ସହ ପୂଜା କାର୍ଯ୍ୟ ସମ୍ପନ୍ନ ହେଉଛି। ଏହାଛଡା ପ୍ରାତଃହରେ ପ୍ରଭୁଙ୍କ ନିକଟରେ ସୂର୍ଯ୍ୟପୂଜା, ଗୋ-ପୂଜା, ମଙ୍ଗଳା ଆଳତୀ, ବେଦପାଠ, ସପ୍ତସତୀ ଚଣ୍ଡିପାଠ, ଗାୟତ୍ରୀ ମନ୍ତ୍ର ପାଠ, ଭାଗବତ ଯଜ୍ଞ, ଘୃତଯଜ୍ଞ ଆଦି ପୂଜାକାର୍ଯ୍ୟ ଶୁଦ୍ଧପୁତ ଭାବରେ ସମ୍ପନ୍ନ କରାଯାଉଛି। ଏହି ଅବସରରେ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୁରୀ ରାଧାକାନ୍ତ ମଠର ଭୂପତି ମୋହନ ମହାରାଜା, କେନ୍ଦୁଝର ଜିଲାର ପ୍ରସିଦ୍ଧ ପୀଠ ମା' ଘଟଗାଁ ତାରିଣୀ ପୀଠରୁ ସ୍ୱାମୀ ଅଖଣ୍ଡାନନ୍ଦ ସରସ୍ୱତୀ, ଭଦ୍ରକ ଜିଲାର କ୍ରିଷ୍ଣା ଚୈତନ୍ୟ ଆଶ୍ରମର ମହାରାଜ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ପ୍ରବଚକମାନେ ପ୍ରବଚନ ପ୍ରଦାନ କରିବେ। ଗୋ-ମାତାଙ୍କ ମଙ୍ଗଳ ଚିନ୍ତନର ଉପକାରିତା ସମ୍ପର୍କରେ ଦିଗଦର୍ଶନ ଦେବେ। ଏହି କାର୍ଯ୍ୟକ୍ରମରେ ସମଗ୍ର ଯାଜପୁର ଜିଲାରୁ ବହୁ ସାଧୁସନ୍ଥ ଯୋଗଦେବା ସହ ହଜାର ହଜାର ଶ୍ରଦ୍ଧାଳୁ ଯଜ୍ଞ ସ୍ଥଳରେ ପହଁଚି ଆଶିଷ ଲାଭ କରିବା ସହ ଗୋ-ସମ୍ପଦର ସୁରକ୍ଷା ସମ୍ପର୍କରେ କେତେକ ଉପାଦେୟ ବିଷୟ ସଂପର୍କରେ ଅବଗତ ହୋଇଛନ୍ତି।

**କାକୁଡିକୁଦ-ନୀଳକଣ୍ଠପୁରଠାରେ ୨ୟ ବାର୍ଷିକୀ ସୁରଭି ମହାଯଜ୍ଞ**

# ଜିଲା ପରିଷଦ ବୈଠକରେ କୃଷିକୁ ଗୁରୁତ୍ୱ

ଯାଜପୁର ଅଫିସ,୭।୩

ବିଧାନସଭାର ଚଳିତ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୧୧ତାରିଖଠାରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଗତ ୨୬ ତାରିଖରେ ଶେଷ ହୋଇଛି। ତେବେ ଏହି ଦୁଇ ପର୍ଯ୍ୟାୟରେ ଯାଜପୁର ଜିଲାର ବଡଚଣା ବିଧାୟକଙ୍କୁ ବାଦଦେଲେ ଅନ୍ୟ କେହି ବିଧାୟକ ବିଧାନସଭାରେ କୃଷି କ୍ଷେତ୍ର ପାଇଁ ମୁହଁ ଖୋଲୁ ନାହାନ୍ତି। ଅନ୍ୟପକ୍ଷେ ଯାଜପୁର ଜିଲା ପରିଷଦ ବୈଠକରେ ଜିଲାର ଲୋକ ପ୍ରତିନିଧି କୃଷି ଭାରତର ଆତ୍ମା, ଗ୍ରାମ୍ୟ କୃଷି ସୁଦୃଢ ହେଲେ ଦେଶର ଅର୍ଥନୀତି ମଜଭୁତ ହୋଇ ପାରିବ ବୋଲି ଆଦି ଭାଷଣ ମାରୁଥିବା ଶୁଣିବାକୁ ମିଳିଛି। ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସ୍ୱରୋଜଗାରୀ ପ୍ରଶିକ୍ଷଣ କେନ୍ଦ୍ରଠାରେ ୫ମ ଜିଲା ପରିଷଦର ନବମ (ସ୍ୱତନ୍ତ୍ର) ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ବିଧାୟକ ପ୍ରଣବକୁମାର ବଳୱନ୍ତରାୟ କୃଷି ସହ ଜଡିତ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ ସମସ୍ତଙ୍କୁ ସ୍ୱାଗତ କରଥିଲେ। କୃଷି ଉପନିର୍ଦ୍ଦେଶକ ଶରତ କୁମାର ପୃଷ୍ଟି ସୂଚନା ଦେଇଥିଲେ ଯେ, ସରକାରଙ୍କ ନିଷ୍ପତ୍ତି ଅନୁସାରେ ନିର୍ଦ୍ଧାରିତ ରିହାତି ଦରରେ ବିହନ ସିଧାସଳଖ ସୁବିଧା ହସ୍ତାନ୍ତର ମାଧ୍ୟମରେ ଚାଷୀମାନଙ୍କୁ ୧୨୨ଗୋଟି ପ୍ୟାକ୍ସ ଓ ୬୬ ଗୋଟି ରାଜ୍ୟ ବିହନ ନିଗମର ପଞ୍ଜିକୃତ ବିକ୍ରେତାଙ୍କ ମାଧ୍ୟମରେ ପ୍ରଦାନ କରାଯାଉଛି। ସେହିପରି ସାର ମଧ ଏହିଠାରୁ ଚାଷୀମାନେ କ୍ରୟ କରି ପାରୁଛନ୍ତି। ଉନ୍ନତ ଚାଷ ପାଇଁ ମୃତ୍ତିକା ପରୀକ୍ଷା କରାଯାଇ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଉଛି। ଚଳିତବର୍ଷ ୧୬୪୦ ନମୁନା ସଂଗ୍ରହ ଲକ୍ଷ୍ୟ ଥିବାବେଳେ ୧୦୮୭ର ଲକ୍ଷ୍ୟ ହାସଲ ହୋଇଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଜିଲାର ୩୧୧ ପଞ୍ଚାୟତର ୫୦ଜଣ ଆଗୁଆ ଚାଷୀଙ୍କୁ ଜୀବ ନାଶକର ନିରାପଦ ବ୍ୟବହାର ପାଇଁ ସଚେତନ କରାଯାଇଛି। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ମାଧ୍ୟମରେ ପ୍ରଦର୍ଶନ କ୍ଷେତ୍ର, ନୂତନ ଜ୍ଞାନ କୌଶଳ ତାଲିମ ଶିବିର, ପ୍ରାୟ ୫୦ ଭାଗ ରିହାତି ମାଧ୍ୟମରେ ଫୁଆର ଜଳସେଚନ, ପାଣି ମଡ଼ାଇବା ପାଇପ, ରେନଗନ, ପାଣି ପମ୍ପ, ହସ୍ତ ଓ ଶକ୍ତି ଚାଳିତ କୀଟ ନାଶକ, ସିଞ୍ଚନ ଯନ୍ତ୍ର ଇତ୍ୟାଦି ପ୍ରଦାନ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୁଖ୍ୟ ବୀମା ସୁରକ୍ଷା, ଜଳନିଧି ଯୋଜନା, ଗଭୀର ଓ ଅଗଭୀର ନଳକୂପ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଯନ୍ତ୍ରୀକରଣ ଯୋଜନା, ସୌର ଜଳନିଧି ଯୋଜନା ଇତ୍ୟାଦି ସମ୍ପର୍କରେ ସେ ଅବଗତ କରାଯାଇଥିଲା। ଅପରପକ୍ଷରେ ଉଦ୍ୟାନକୃଷି, ପ୍ରାଣୀ ସମ୍ପଦ ବିକାଶ, ଜଳଛାୟ ପ୍ରକଳ୍ପ, ମତ୍ସ୍ୟସମ୍ପଦ ବିଭାଗର ବିବିଧ ଯୋଜନା ସମ୍ପର୍କରେ ସୂଚିତ କରାଯାଇଥିଲା। ତେବେ ଚାଷୀ ବିଭିନ୍ନ ଚାଷର ଅମଳ କରିବା ପରେ ତାକୁ କିଭଳି ଭାବେ ବିକ୍ରି କରୁଛି ସେ ନେଇ କାହାରି ଦରଦ ନାହିଁ। ପନିପରିବା ଚାଷ ପାଇଁ ପ୍ରସିଦ୍ଧ ଯାଜପୁର ଜିଲାରେ ଶୀତଳ ଭଣ୍ଡାରର ଅଭାବ ଥିବାରୁ ବିଶେଷକରି ପରିବା ଚାଷୀ ବହୁଳ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାସହ କୋବି, ବାଇଗଣ, ଭେଣ୍ଡି, କାକୁଡି, ଟମାଟୋ ଆଦି ପନିପରିବା ଚାଷରେ ରୋଗପୋକ ଯୋଗୁ ଚାଷୀ କିଭଳି ଭାବେ ହନ୍ତସନ୍ତ ହେଉଛନ୍ତି ସେ ନେଇ ଜନପ୍ରତିନିଧିମାନେ କୌଣସି ଧ୍ୟାନ ଦେଉ ନାହାନ୍ତି। ତେବେ ଯାଜପୁର ଜିଲାର ବଡଚଣା ବିଧାୟକ ଅମରପ୍ରସାଦ ଶତପଥୀ ସୁକିନ୍ଦା କୃଷି ଫାର୍ମ ଓ ମହାବିନାୟକ ଫଳ ଉଦ୍ୟାନ କେନ୍ଦ୍ରର ବିକାଶ ଓ ଏହାକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ଗତ ୫ବର୍ଷରେ କେତେ ପରିମାଣର ଆର୍ଥିକ ସହାୟତା ପ୍ରଦାନ କରିଅଛନ୍ତି ଓ ଏହି କେନ୍ଦ୍ରଗୁଡ଼ିକର ସମାର୍ଥ୍ୟ ବୃଦ୍ଧି କରିବା ପାଇଁ ସରକାର ପଦକ୍ଷେପ ନେବେ କି ବୋଲି ତାରକା ଚିହ୍ନିତ ୮୪୬ ନମ୍ବରରେ ପ୍ରଶ୍ନ କରିଛନ୍ତି। ତେଣୁ ଅନ୍ୟ ଜନପ୍ରତିନିଧିମାନେ ମଧ୍ୟ ସେମାନଙ୍କ ଅଞ୍ଚଳରେ ଥିବା ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିଧାନସଭାରେ ମୁହଁ ଖୋଲିଲେ ନିଶ୍ଚିତ ଭାବେ କୃଷି ଓ କୃଷକଙ୍କ ବିକାଶ ହେବ ବୋଲି ମତପ୍ରକାଶ ପାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପସଭାପତି ଅମୂଲ୍ୟବାଳା ପାତ୍ର, କୃଷି ଅଧିକାରୀ ଶ୍ରୀଧରର ଦାସ ପ୍ରମୁଖ ଯୋଗଦେଇ ଅନେକ ସୂଚନା ପ୍ରଦାନ କରିଥିଲେ।




ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

**ଯାଜପୁର ଜିଲା**

- ଶୀତଳ ଭଣ୍ଡାରକୁ ଭୁଲି ଯାଉଛନ୍ତି ନେତା
- ବିଧାନସଭାରେ ଶୁଣିବାକୁ ମିଳୁନି ସ୍ୱର

# ଧାନକିଣା ଦୁର୍ନୀତିରେ ଲୋକପ୍ରତିନିଧି

- ପାଣ୍ଡେରିପଡ଼ା ସମବାୟ ସମିତି
- ତଦନ୍ତକୁ ଶୀତଳଭଣ୍ଡାରକୁ ଫିଙ୍ଗିବାକୁ ଚାପ

ନୟାଗଡ ଅଫିସ,୭।୩

ନୟାଗଡ ଜିଲା ଓଡଗାଁ ବ୍ଲକର ପାଣ୍ଡେରିପଡା ପ୍ରାଥମିକ କୃଷି ସମବାୟ ସମିତିର ଧାନକିଣା ଦୁର୍ନୀତି ଇଟାମାଟି ଓ ଖମାରସାହିଠାରୁ ବଳାଇ ଯାଇଛି। ଏଠାର ଦୁର୍ନୀତିରେ କିଛି ଲୋକ ପ୍ରତିନିଧି ସାମିଲ ଥିବା ଅଭିଯୋଗ ଉଠିଛି। ପୁଣି ସମିତି କାର୍ଯ୍ୟାଳୟ ପାଣ୍ଡେରିପଡାରେ ଥିବାବେଳେ ଓଡଗାଁସ୍ଥିତ ଜଣେ ଲୋକ ପ୍ରତିନିଧିଙ୍କ ବାସଭବନରେ ବେସରକାରୀ ମୁଖ୍ୟ କାର୍ଯ୍ୟାଳୟ ଖୋଲିଛି। ଏହି ଦୁର୍ନୀତି ପଛରେ ବହୁ ଲୋକ ପ୍ରତିନିଧିଙ୍କ ସମର୍ଥନ ରହିଥିବାରୁ ଅଭିଯୋଗକୁ ଶିତଳଭଣ୍ଡାରକୁ ପକାଇବାକୁ ଏକ ପ୍ରକାର ଚାପ ଆରମ୍ଭ ହୋଇଯାଇଛି । ତେବେ ଅଭିଯୋଗକାରୀ ଚୁପ ନ ରହି ଶନିବାର ଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ନ୍ୟାୟ ନ ମିଳିଲେ ଜିଲାପାଳଙ୍କ ଅଫିସ ସମ୍ମୁଖରେ କେତେକ ଚାଷୀ ଧାରଣା ଦେବେ ବୋଲି ଜଣାପଡିଛି । ଏନେଇ ଚୋରଖୋଲ ଗାଁର ଜମି ମାଲିକ ବାବାଜି ନାୟକ, ମହନ୍ତ ପ୍ରଧାନ, ଢୋଲମସ୍କା ଗାଁର ମଦନ ଜାନୀ, ଭୀମସେନ ପ୍ରଧାନ, ଗଜେନ୍ଦ୍ର ଜାନୀ, ଗୋବିନ୍ଦ ଜାନୀ, କଇଠପଲ୍ଲୀ ଗାଁର ଲୋଚନ ନାୟକ, ଗଙ୍ଗାଧର ନାୟକ କୁହନ୍ତି ଆମ ଭିତରେ କିଛି ଲୋକ ଚାଷ କରନ୍ତି ନାହିଁ । ଅଥଚ ସେମାନଙ୍କର ଜମି ଦେଖାଇ ଧାନ ଦୁର୍ନୀତି କରାଯାଇଛି । କିଛି ଚାଷୀଙ୍କର ଧାନ ରହିଛି । ତେବେ ସେମାନେ ମଣ୍ଡିକୁ ଧାନ ନ ଆଣି ବ୍ୟବସାୟୀଙ୍କୁ ଧାନ ବିକୁଛନ୍ତି। ମଣ୍ଡିକୁ ଧାନ ଆଣିଲେ ବିକ୍ରି କରିବା ଝମେଲା ଥିବାରୁ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି । ଏଭଳିସ୍ଥଳେ ଧାନ କିଣାରେ ଦୁର୍ନୀତିର ତଦନ୍ତ କରାଯାଉ ବୋଲି ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ଫସିଛନ୍ତି ଜମି ମାଲିକ, ଚାଷୀ

ଧାନକିଣା ଦୁର୍ନୀତିରେ ଜମି ମାଲିକ ଓ ଚାଷୀଙ୍କ ସମ୍ପୃକ୍ତି ନାହିଁ। ଅଥଚ ଦଲାଲ ଧାନମଣ୍ଡିରେ ଧାନ ବିକି ସେମାନଙ୍କୁ ଦୁର୍ନୀତିରେ ଛନ୍ଦି ଦେଇଛି । ଜମି ମାଲିକ ଭାବି ନ ଥିଲେ ତାଙ୍କ ଆମ୍ବ ବଗିଚା, ଜଙ୍ଗଲ ଓ ପଡିଆ କାଗଜପତ୍ରରେ ଧାନଜମି ହୋଇଯିବ । ଏଥିରୁ ଧାନ ଆମଦାନୀ ଦେଖାଇ କେହି ଧାନ କିଣାରେ ଦୁର୍ନୀତି କରିବ । ପୁଣି ଚାଷୀ କେବେ ବି ଭାବି ନ ଥିଲେ ସେମାନଙ୍କ ନାଁରେ ଅନ୍ୟ କେହି ଧାନ ବିକୁଛି । ହେଲେ ଏପରି ସବୁ ଘଟଣା ଘଟିଛି ପାଣ୍ଡେରିପଡା ସମିତିରେ । ଜମି ମାଲିକ ଅଭିଯୋଗ କରିଛନ୍ତି ଯେଉଁ ଦଲାଲ ଜାଲ କାଗଜାତରେ ଧାନ ବିକିଛନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ । ଚାଷୀ ପୁଣି କହୁଛନ୍ତି ତାଙ୍କ ନାମ ନେଇ ଯିଏ ଧାନ ଦୁର୍ନୀତି କରିଛି ସେ ଦଣ୍ଡ ପାଉ। ହେଲେ ଚାଷୀ ଅଭିଯୋଗ କରିବାକୁ ସାହସ କରି ପାରୁ ନାହିଁ। କାରଣ ଧାନ ବିକ୍ରି କରିଛି ବୋଲି ତା' ନାଁ କାଗଜରେ ରହିଛି। ପୁଣି ଜାଲ କାଗଜାତରେ ଧାନ କିଣା ହୋଇଥିବାରୁ ଆଉ ଏକ ଭୟ ରହିଛି।

## ଦଲାଲ, ସମ୍ପାଦକ ଓ ଡିଇଓ ଲାଭରେ

ଦଲାଲ, ସମିତି ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ)ଧାନ କିଣା ଦୁର୍ନୀତି କରୁଥିବା ଅଭିଯୋଗ ରହିଛି । ତେବେ ପ୍ରମୁଖ ଭୂମିକା ଡିଇଓ ନେଇଛନ୍ତି । ଦଲାଲଙ୍କୁ ଜାଲ କାଗଜାତ ପ୍ରସ୍ତୁତିରେ ଡିଇଓ ବେଶି ସହଯୋଗ କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜମି ମାଲିକଙ୍କ କାଗଜାତ ନେଟରୁ ପ୍ରସ୍ତୁତ କରାଯାଉଛି । ପରେ ତା'ର ଜାଲ କରାଯାଇ ଧାନ ବିକ୍ରି କରାଯାଉଛି । ଡିଇଓ ଦୁର୍ନୀତିରେ ପ୍ରମୁଖ ଭୂମିକା ନେଉଥିବାରୁ ସମ୍ପାଦକ ଏଥିରେ ସହଜରେ ସାମିଲ ହୋଇଯାଉଛନ୍ତି। ବିନା ପରିଶ୍ରମରେ ଅଧିକ ଟଙ୍କା ରୋଜଗାର ହେଉଥିବାରୁ ଦୁର୍ନୀତି ବଢ଼ି ଚାଲିଛି । ଜିଲାରେ ଇଟାମାଟି, ଖମାରସାହି ଓ ପାଣ୍ଡେରିପଡା ଦୁର୍ନୀତି ପରେ ବି ଧାନ କିଣାକୁ ସ୍ୱଚ୍ଛ କରିବାକୁ ପ୍ରଶାସନର ପଦକ୍ଷେପ ନାହିଁ । ଏନେଇ ନୟାଗଡ ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର ଓ ନୟାଗଡ ଏଆରସିଏସ୍ ଭାସ୍କର ପାଣିଗ୍ରାହୀ କୁହନ୍ତି, ପାଣ୍ଡେରିପଡା ଧାନ ଦୁର୍ନୀତିର ତଦନ୍ତ ପାଇଁ ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ମିଳିନି । ନିର୍ଦ୍ଦେଶ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ମଦ୍ୟପାନ କରି ଗାଡ଼ି ଚାଳନା: ଜଣେ ଗିରଫ

ଦଶପଲ୍ଲା,୭।୩(ଡି.ଏନ୍.ଏ.)- ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ଶନିବାର ଦଶପଲ୍ଲା ପୋଲିସ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ଜଣକ ହେଲେ ତପନ କୁମାର ପାତ୍ର, ଘର ବାଙ୍କୋଇ ଅଞ୍ଚଳରେ ବୋଲି ଜଣାଯାଇଛି। ଡ୍ରାଇଭର ଜଣକ ଏକ ଗ୍ୟାସ୍ ବୋଝେଇ ଟ୍ରକ୍‌କୁ ନେଇ ଦଶପଲ୍ଲା ରାଜବାଟି ଆଡ଼େ ଯାଉଥିବା ବେଳେ ରାଜବାଟି ଗେଟ୍‌କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଜନସାଧାରଣ ଏହା ଦେଖି ଡ୍ରାଇଭରଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳେ ପହଞ୍ଚି ଡ୍ରାଇଭର ସହ ଗାଡ଼ିକୁ ଧରି ଥାନାକୁ ଆଣିଥିଲା। ଡ୍ରାଇଭର ଜଣକ ମଦ୍ୟପାନ କରି ଗାଡ଼ି ଚଳାଇବା ଜାଣିବାକୁ ପାଇଥିଲେ ଏବଂ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ସେକେଣ୍ଡ ଅଫିସର ଚକ୍ରଧର ସିଂଙ୍କ ସୂତ୍ରରୁ ପ୍ରକାଶ।

### ୧୨୯ ୟୁନିଟ୍ ରକ୍ତ ସଂଗ୍ରହ

ରଣପୁର,୭।୩(ସ୍ୱ.ପ୍ର.): ରଣପୁର ବିଜେଡି ପକ୍ଷରୁ ରଣପୁର ଏନ୍‌ଏସିର ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଜୀବନବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମକୁ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୁବ ସଭାପତି ବନମାଳୀ ମହାପାତ୍ର, ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ପ୍ରଭାତ ଦଳବେହେରା, ଏନ୍‌ଏସି ଚେୟାରମ୍ୟାନ ସବିତା ଦାସ, ଉପାଧକ୍ଷ ପ୍ରିୟବ୍ରତ ପ୍ରହରାଜ, ଯୁବନେତା ଲିଙ୍ଗରାଜ ନାୟକ, ଛାତ୍ରନେତା ଲିଟୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କରୋନା ଭୟ: ମିଳୁନି ସର୍ଜିକାଲ ମାସ୍କ

ବାଲୁଗାଁ,୭।୩(ଡ଼ି.ଏନ.ଏ.): ସମ୍ପ୍ରତି ଦେଶ ତଥା ରାଜ୍ୟରେ କରୋନା କାୟା ବିସ୍ତାର ନେଇ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରତିଷେଧକମୂଳକ ସତର୍କତା ନିମନ୍ତେ ଲୋକଙ୍କୁ ସଚେତନ କରାଯାଉଛି। ବିଶେଷକରି ସର୍ଜିକାଲ ମାସ୍କ ଓ ସାନିଟାଇଜର ବ୍ୟବହାର ନିମନ୍ତେ ପରାମର୍ଶ ଦିଆଯାଉଛି। ହେଲେ ବଜାରରେ ଏହାର ଅଭାବ ଦେଖିବାକୁ ମିଳିଛି। ଦୋକାନ ଦୋକାନ ବୁଲି ଲୋକେ ନ ପାଇ ନିରାଶ ହେଉଛନ୍ତି। ଯେଉଁ କେତେକ ବ୍ୟବସାୟୀଙ୍କ ପାଖରେ ମହଜୁଦ ଅଛି ତାହା ଚଢ଼ା ଦରରେ ବିକ୍ରି ହେଉଛି । ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ସମସ୍ତ ଡ଼ାକ୍ତରଖାନା ସମେତ ବଜାରରେ କିପରି ଏହି ସାମଗ୍ରୀ ଉପଲବ୍ଧ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ନିମନ୍ତେ ସାଧାରଣରେ ଦାବି ହେଉଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୮।୩।୨୦୨୦, ରବିବାର**

- ନିର୍ମାଣ ଶ୍ରମିକ ସେବା ସପ୍ତାହ
  **ସ୍ଥାନ:** ପଠାଣୀ ସମନ୍ତ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା
- ଆନ୍ତର୍ଜାତିକ ମହିଳା ଦିବସ ଉପରେ ଆଲୋଚନା ଚକ୍ର
  **ସ୍ଥାନ:** କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା
- କଂସା ପିତଳ ଶିଳ୍ପ ଉପରେ ସଚେତନତା କାର୍ଯ୍ୟକମ
  **ସ୍ଥାନ:** ଖଳିସାହି ଦୋଳ ପଡିଆ. ସମୟ: ପୂର୍ବାହ୍ନ ସାଢ଼େ ୧୧ଟା
- ଆର୍ନ୍ତଜାତିକ ମହିଳା ଦିବସ ଉପରେ ଶୋଭାଯାତ୍ରା
  **ସ୍ଥାନ:** ଜିଲା କୋର୍ଟଠାରୁ ନୟାଗଡ ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୭ଟା
- ଦୋଳପୂର୍ଣ୍ଣିମା ଯାତ୍ରାରେ ଦୋଳମେଳଣ ପର୍ବ
  **ସ୍ଥାନ:** ନୟାଗଡ ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ସାଢ଼େ ୯
- ବିଜେଡିର ବିଜୁ ଜୟନ୍ତୀ
  **ସ୍ଥାନ:** ବସଷ୍ଟାଣ୍ଡ ଛକ ନୟାଗଡ, ସମୟ: ଅପରାହ୍ନ ୪ଟା
- ଭାଗିରଥି ସାରଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ
  **ସ୍ଥାନ:** ନୂଆଗାଁ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା

**୯।୩।୨୦୨୦, ସୋମବାର**

- ଦୋଳପୂର୍ଣ୍ଣିମା ଯାତ୍ରା
  **ସ୍ଥାନ**: ଗୋଡିପଡା ଲଡୁକେଶ ମହେଶ, ସମୟ: ପୂର୍ବାହ୍ନ ୬ଟା
- ଦୋଳବେଦିରେ ପାଞ୍ଜିପଢ଼ାର ପରମ୍ପରା
  **ସ୍ଥାନ**: ନୟାଗଡ ଜଗନ୍ନାଥ ମନ୍ଦିର ସମ୍ମୁଖ, **ସମୟ:** ପୂବାହ୍ନ ୧୧ଟା

**୧୦।୩।୨୦୨୦, ମଙ୍ଗଳବାର**

- ହୋଲି ପର୍ବ ପାଳନ
  **ସ୍ଥାନ:** ଗୋଡିପଡା ଲଡୁକେଶ ମହେଶ, ସମୟ: ପୂର୍ବାହ୍ନ ୯ଟା

# ଲୋକଙ୍କ ସହଯୋଗରେ ହେବ ଅପରାଧ ନିୟନ୍ତ୍ରଣ

## ପୋଲିସ ଜନସମ୍ପର୍କ ମୈତ୍ରୀ ଉତ୍ସବ



ସଂକୀର୍ତ୍ତନ ଦଳକୁ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଉଛି ।

ଗଣିଆ,୭।୩(ଡି.ଏନ.ଏ.)

ନୟାଗଡ଼ ଜିଲା ପୋଲିସ ପ୍ରଶାସନ ଆନୁକୂଲ୍ୟରେ ଶନିବାର ଗଣିଆ ଥାନା ଛାମୁଣ୍ଡିଆ ପଞ୍ଚାୟତର କୁମ୍ଭିରଖଣୀ ଗ୍ରାମଠାରେ ପୋଲିସ ଜନସମ୍ପର୍କ ମୈତ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଉପାଧକ୍ଷ, ବରିଷ୍ଠ ଖବରଦାତା ପ୍ରତାପ କୁମାର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଜର୍ଭ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ପୃଷ୍ଟି, ଗଣିଆ ଥାନା ଏଏସ୍‌ଆଇ ବାଳକୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଲୋକଙ୍କ ସହ ମିଶିବା ପାଇଁ ଉତ୍ସବ ଏକ ମାଧ୍ୟମ। ପୋଲିସ ସବୁ ସମୟରେ ଜନସାଧାରଣଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ। ଅସାମାଜିକ କାର୍ଯ୍ୟକଳାପରୁ ଦୂରେଇ ରହିବା ସହ ପୋଲିସକୁ ସମସ୍ୟା ସମ୍ପର୍କରେ ସୂଚନା ଦେଇ ସହଯୋଗ କଲେ ଅଞ୍ଚଳରେ ଘଟୁଥିବା ଅପରାଧ ନିୟନ୍ତ୍ରଣ କରାଯାଇପାରିବ ବୋଲି ଅତିଥିମାନେ କହିଥିଲେ। ଏସ୍‌ଡିପିଓ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ଅବସରରେ ଡାକ୍ତର ପ୍ରଭାକର ଦାଶଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବିତରଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ୩ ମାତୃମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ, ପାଲା ପରିବେଷଣ ସାଙ୍ଗକୁ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଏହି ଦଳଗୁଡ଼ିକୁ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି ଅଞ୍ଚଳର ୬ଟି ଭଲିବଲ୍ ଟିମ୍‌କୁ ନେଇ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନ ରାଜିଙ୍ଗି ଓ ରନର୍ସ ଅପ କୁମ୍ଭିରଖଣୀ ଦଳକୁ ସିଲ୍ଡ ସହ ପୁରସ୍କାର ଦିଆଯାଇଥିଲା। ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର, ମଶାରି, ଛତା ଓ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସ୍କୁଲବ୍ୟାଗ ସହ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଅଞ୍ଚଳର ବୁଦ୍ଧିଜୀବୀ ଓ ଗ୍ରାମ ମୁଖିଆମାନଙ୍କୁ ପୋଲିସ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ତିନି ଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଯୋଗଦେଇଥିଲେ।

## ରଣପୁରରେ ବିଜୁ ଜୟନ୍ତୀ

ରଣପୁର,୭।୩(ସ୍ୱ.ପ୍ର.)

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଶନିବାର ମା' ମଣିନାଗ ପୀଠସ୍ଥ କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବ୍ଲକ ବିଜେଡି ସଭାପତି ପାଣ୍ଡବ ସେଠୀ, ବ୍ଲକ ଚେୟାରମ୍ୟାନ ନିରୁପମା ପ୍ରଧାନ, ଏନ୍‌ଏସି ଚେୟାରମ୍ୟାନ ସବିତା ଦାସ, ଉପାଧକ୍ଷ ପ୍ରିୟବ୍ରତ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ୧୨ ଶମ୍ଭୁ ସମାବେଶ

ନୟାଗଡ ଅଫିସ, ୭।୩

ଦୋଳପୂର୍ଣ୍ଣିମା ଅବସରରେ ନୟାଗଡ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶନିବାର ରାତିରେ ୧୨ ଶମ୍ଭୁଙ୍କ ସମାବେଶ ଉତ୍ସବ ଆରମ୍ଭ ହୋଇଛି। ରବିବାର ୧୨ ଶମ୍ଭୁ ମେଳଣ କରାଯିବ। ୭ଟି ବିମାନ ଯୋଗେ ନୟାଗଡ ପୁରୁଣା ସହରର ଜଗନ୍ନାଥ, ରାଧାନାଥ, ରାଧାମୋହନ, ଗୋପୀନାଥ, ରଘୁନାଥ, ସ୍ୱପ୍ନେଶ୍ୱର, ରାମେଶ୍ୱର ପ୍ରମୁଖ ୧୦ ଠାକୁର ଚାଚେରି ଭୋଗ ଖାଇ ମନ୍ଦିରକୁ ଫେରିଥିଲେ।

## ଓଡ଼ିଆ ପରମ୍ପରାରେ ଶ୍ରୀଜୀଉଙ୍କ ଦୋଳ ପରିକ୍ରମା



ଦୋଳ ପରିକ୍ରମା କରୁଛନ୍ତି ଠାକୁର।

ଖଣ୍ଡପଡ଼ା,୭।୩(ସ୍ୱ.ପ୍ର.)

ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଶନିବାର ଲକ୍ଷ୍ମୀ, ସରସ୍ୱତୀଙ୍କୁ ସାଙ୍ଗରେ ଧରି ଗ୍ରାମକୁ ଦୋଳ ପରିକ୍ରମା କରି ଚାଚେରି ଭୋଗ ଖାଇ ମନ୍ଦିରକୁ ଫେରିଥିଲେ। ପୁରୀ ଶ୍ରୀ ମନ୍ଦିର ପରି ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ଶ୍ରୀନୀଳମାଧବଙ୍କ ଫଗୁ ଦଶମୀଠାରୁ ଦୋଳଯାତ୍ରା ୩ଦିନ ପର୍ଯ୍ୟନ୍ତ ପାରମ୍ପରିକ ରୀତିରେ ପାଳିତ ହୋଇଛି। ଦୋଳ ପୂଜା ପାଇଁ ଶ୍ରୀ ଜୀଉମାନେ ପ୍ରତ୍ୟହ ସନ୍ଧ୍ୟାରେ ଦୟଣାଚୋରି ବଗିଚାକୁ ବିଜେ ହୋଇଥାନ୍ତି । ଶନିବାର ସନ୍ଧ୍ୟାରେ ମଦନମୋହନ ଜୀଉ ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ସନ୍ଧ୍ୟା ଆଳତି ପରେ ମନ୍ଦିରରୁ ବାହାରି ଏକ ସୁସଜ୍ଜିତ ବିମାନରେ ଦୟଣାଚୋରି ବଗିଚାକୁ ବିଜେ ହୋଇଥିଲେ। ଦୋଳନୀତି ପରେ ରାତି ପ୍ରାୟ ୯ଟାରେ ଗ୍ରାମ ପରିକ୍ରମା କରି ଶ୍ରୀରଘୁନାଥ ଜୀଉ, ବଟେଶ୍ୱର ମହାଦେବ ଓ କୃଷ୍ଣେଶ୍ୱର ମହାଦେବଙ୍କ ନିକଟରେ ଚାଚେରି ଭୋଗ ଖାଇଥିଲେ। ପ୍ରତ୍ୟାବର୍ତ୍ତନ ସମୟରେ ଗୃହସ୍ଥମାନେ ଦୁଆରେ ଦୀପ, ଧୂପ ରଖି ଠାକୁରଙ୍କୁ ଚଣା, ଖଜା ଭୋଗ ଲଗାଇଥିଲେ।

## କରୋନା ଭୟ, ଦୀପ ଜାଳିଲେ ଲୋକେ

ନୟାଗଡ ଅଫିସ/ଓଡଗାଁ,୭।୩(ସ୍ୱ.ପ୍ର.)–କରୋନା ଭାଇରସରୁ ମୁକ୍ତି ପାଇଁ ଓଡଗାଁର ରଘୁନାଥ ଜୀଉଙ୍କ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ଦୀପ ଜାଳି ମହିଳାମାନେ ଝିଅପୁଅଙ୍କ ଶୁଭମନାସୀ ଛନ୍ତି । ଯେଉଁ ମହିଳାଙ୍କର ୧ପୁଅ ଥିବ ସେ ୨ ପୁଅ ରହିଥିବା ଘରକୁ ଯାଇ ୧ ଟଙ୍କା ଆଣିବେ । ସେହି ୧ ଟଙ୍କାରେ ଅର୍ଥ ମିଶାଇ ଦୀପ ଜାଳୁଛନ୍ତି । ଏହା ପ୍ରଚାର ହେବା ପରେ ବିଭିନ୍ନ ମନ୍ଦିରରେ ଦୀପ ଜଳିବା ଆରମ୍ଭ ହୋଇଛି । ତେବେ ଦୀପ ଜାଳିବା ସମୟରେ କେହି କିଛି କହୁ ନାହାନ୍ତି । ଏନେଇ ରଘୁନାଥଜୀଉ ମନ୍ଦିର ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର କରୋନା ଭାଇରସର ଅପପ୍ରଚାରରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ଅନୁରୋଧ କରିଛନ୍ତି । ଦୀପ ଜାଳିବାକୁ ବିରୋଧ କରି ନ ଥିଲେ ମଧ ଅପପ୍ରଚାର ଭୟରେ ଦୀପ ନ ଜାଳିବାକୁ ପରାମର୍ଶ ଦେଇଛନ୍ତି ।

# ଜବରଦଖଲ ଉଚ୍ଛେଦ ଦାବିରେ ଧାରଣା

ରଣପୁର,୭।୩(ସ୍ୱ.ପ୍ର.)

ଗୌରାଙ୍ଗପୁର ପ୍ରାଥମିକ କୃଷି ସମବାୟ ସମିତି ପଛପାଖରେ ଥିବା ୬୨/୬୯ନଂ. ସରକାରୀ ପ୍ଲଟରୁ ଜବରଦଖଲ ଉଚ୍ଛେଦ ଦାବିରେ ଶନିବାର ରଣପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୌରାଙ୍ଗପୁରର ମହିଳାପୁରୁଷ ଧାରଣା ଦେଇଥିଲେ। ଖବର ପାଇ ରଣପୁର ତହସିଲଦାର ସଞ୍ଜୟ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଏ ନେଇ ଆଇନଗତ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ରବୀନ୍ଦ୍ର ବେହେରା ସରକାରୀ ଜମିରେ ଘର କରି ନିଶା ଦ୍ରବ୍ୟ ବିକ୍ରି କରୁଥିଲେ। ଦୁଇଥର ଗିରଫ ମଧ ହୋଇଛନ୍ତି। ନିଶା ଦ୍ରବ୍ୟ ବିକ୍ରି କରିବାକୁ ବାରମ୍ବାର ମନା ପରେ ମଧ ଗାଁ ଲୋକଙ୍କ କଥା ଶୁଣି ନ ଥିଲେ। ଜବରଦଖଲକୁ ନେଇ ଗାଁରେ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିସ୍ଥଳେ ୨ବର୍ଷ ମଧ୍ୟରେ ସରକାରୀ ଜମି ଛାଡିବାକୁ ୨୦୧୧ ଜୁନ ୧୦ରେ ଗ୍ରାମସଭାରେ ନିଷ୍ପତ୍ତି ହୋଇଥିଲା। ତେବେ ୨୦୧୩ ଜୁନ ୧୦ରେ ସେ ସରକାରୀ ଜମି ଛାଡି ନ ଥିଲେ। ଏ ସମ୍ପର୍କରେ ଗ୍ରାମର ରିଜୋଲ୍ୟୁଶନରେ ଉଲ୍ଲେଖ ରହିଛି। ଏ ନେଇ ୨୦୧୪ ସେପ୍ଟେମ୍ବର୨ରେ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ସ୍ଥାନୀୟ ଆର୍‌ଆଇ ଏହାର ତଦନ୍ତ କରି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତେବେ ଜବରଦଖଲକାରୀଙ୍କୁ ନ ହଟାଇ ୫୩/୨୦୧୪–୧୫ରେ ଏନ୍‌କ୍ରୋଚ୍‌ମେଣ୍ଟ କେସ୍ କରାଯାଇଥିଲା। ଏହା ପରେ ଜବରଦଖଲକାରୀ ସରକାରୀ ଜମି ଛାଡୁ ନାହାନ୍ତି। ଏ ନେଇ ଗୌରାଙ୍ଗପୁରର ରବୀନ୍ଦ୍ର ବେହେରା କୁହନ୍ତି, ମୁଁ ନିଶା ବ୍ୟବସାୟ କରେନା। ମୁଁ ଅନ୍ୟତ୍ର ଯିବାକୁ ଦସ୍ତଖତ କରି ନାହିଁ । ମୋତେ କଙ୍ଗାରୁ କୋର୍ଟ କରି ବାସନ୍ଦ କଲେ। ପରେ ମୋ ଘର ଭାଙ୍ଗିଦେଲେ। ଘରର ଉପକରଣ ସହ ବାକ୍ସରେ ରଖିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୩୫ ହଜାର ଟଙ୍କା ମଧ ଲୁଟି ନେଲେ। ଏହା ପରେ ମୋ ବିରୋଧରେ ମିଥ୍ୟା ଅଭିଯୋଗ କରି ମୋତେ ଫସାଇବାକୁ ଉଦ୍ୟମ କରିଛନ୍ତି। ଘର ଭାଙ୍ଗିଲା ପରେ କିପରି ପୁଣି ଜବରଦଖଲ ଉଚ୍ଛେଦ ହେବ। ମୁଁ ଏବେ ଖରା, ବର୍ଷା, ଶୀତରେ ଭଙ୍ଗା ଘରେ ରହୁଛି। ମୋ ଦୁଃଖ କେହି ବୁଝୁନାହାନ୍ତି।



ତହସିଲ ଅଫିସ ଆଗରେ ଧାରଣାରେ ବସିଥିବା ମହିଳାମାନେ।

# ଲୁଟେରା ଗିରଫ, ମୋବାଇଲ, କମ୍ପ୍ୟୁଟର ଓ ବାଇକ୍ ଜବତ

ଖଣ୍ଡପଡ଼ା,୭।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ଓ ଫତେଗଡ଼ ଥାନା ଅଧୀନ ବିଭିନ୍ନ ସ୍ଥାନରୁ ଏକାଧିକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜିତୁ ବସ୍ତି(୨୨)ଙ୍କୁ ଖଣ୍ଡପଡା ପୋଲିସ ଶୁକ୍ରବାର ରାତିରେ ଗିରଫ କରିଛି। ଜିତୁଙ୍କ ଘର ଖଣ୍ଡପଡା ଥାନା ଗଡଡବୋଦସା ଗ୍ରାମରେ। ପୋଲିସ ତାଙ୍କଠାରୁ କମ୍ପ୍ୟୁଟର, ୫ରୁ ଊର୍ଦ୍ଧ୍ୱ ୪ଜି ମୋବାଇଲ ସେଟ୍, ଚାର୍ଜର, ଟିଭି, ବାଇକ୍ ସହ ଚୋରିରେ ବ୍ୟବହୃତ ଶାବଳ ଜବତ କରିଛି। ଗତ ୬ମାସ ମଧ୍ୟରେ ଖଳିସାହି ବଜାରର ୨ଟି ଦୋକାନ, ଖଣ୍ଡପଡା ସହରର ୨ଟି ସ୍ଥାନ ଓ ଫତେଗଡ ଥାନା ଭାପୁର ବଜାର ଅଞ୍ଚଳରୁ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ନେଇ ଖଣ୍ଡପଡା ଓ ଫତେଗଡ ଥାନାରେ ଅଭିଯୋଗ ହୋଇଥିଲା। ଶାବଳ ସହାୟତାରେ ଦୋକାନ ଶଟର ତାଡି ସେ ଚୋରି କରୁଥିବା ନେଇ ଖଣ୍ଡପଡା ଆଇଆଇସି ବିମଳ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ । ଜବତ ସାମଗ୍ରୀର ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ଚୋରି ଘଟଣାରେ ଜିତୁଙ୍କ ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ କରାଯାଉଥିବା ପୋଲିସ କହିଛି।



ଜବତ ହୋଇଥିବା ଚୋରି ସାମଗ୍ରୀ।


ପ୍ରବେଶିକା ୨୦୨୦

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଉଡ଼ାଣ ଏକାଡେମୀ

ଫୁରସତଗଞ୍ଜ ଏୟାରଫିଲ୍ଡ, ଜିଲ୍ଲା ଆମେଠି (ଉ.ପ୍ର.)-୨୨୯୩୦୨
(ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ନିକାଶ)
ଆଇଏସ୍‌ଓ ୯୦୦୧-୨୦୦୮ ପ୍ରମାଣିତ
"ସ୍ୱପ୍ନକୁ ଡେଣା ଯୋଗାଣ"
ଭାରତର ଶ୍ରେଷ୍ଠ ଉଡ଼ାଣ ପ୍ରଶିକ୍ଷଣ ଅନୁଷ୍ଠାନରେ ଯୋଗ ଦିଅନ୍ତୁ

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଉଡ଼ାଣ ଏକାଡେମୀ (ଆଇଜିଆର୍‌ୟୁଏ) ପ୍ରାରମ୍ଭରୁ କମର୍ସିଆଲ ପାଇଲଟ୍ ଲାଇସେନ୍ସ ପାଠ୍ୟକ୍ରମ ପର୍ଯ୍ୟନ୍ତ ଆବେଦନ ଆମନ୍ତ୍ରଣ କରୁଛି, ଯାହା ଅଗଷ୍ଟ ୨୦୨୦ ପରଠାରୁ ତିନିଗୋଟି ବ୍ୟାଚ୍‌ରେ ଆରମ୍ଭ ହେବା ପାଇଁ ନିର୍ଦ୍ଧାରିତ । ସାଧାରଣ ବର୍ଗ ପାଇଁ ଯୋଗ୍ୟତା ମାନଦଣ୍ଡ ହେଉଛି:
(i) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବନିମ୍ନ ୫୦% ମାର୍କ ସହ ଇଂରାଜୀରେ ଉତ୍ତୀର୍ଣ୍ଣ ହୋଇଥିବେ।
(ii) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବମୋଟ ୫୦% ମାର୍କ ସହିତ ଗଣିତ ଓ ପଦାର୍ଥବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିବେ।
ଏସ୍‌ସି, ଏସ୍‌ଟି, ଇଡବ୍ଲ୍ୟୁଏସ୍ ଏବଂ ଓବିସି (ଅଣ କ୍ରିମି ଲେୟରର) ପ୍ରାର୍ଥୀମାନଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡ ହେଉଛି:
(i) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବନିମ୍ନ ୪୫% ମାର୍କ ସହ ଇଂରାଜୀରେ ଉତ୍ତୀର୍ଣ୍ଣ ହୋଇଥିବେ।
(ii) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବମୋଟ ୪୫% ମାର୍କ ସହିତ ଗଣିତ ଓ ପଦାର୍ଥବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିବେ।
ପ୍ରଶିକ୍ଷଣ ଦେୟ ହେଉଛି ଟ.୪୫ ଲକ୍ଷ ଯୁକ୍ତ ବୋର୍ଡିଂ-ଲଜିଂ ଓ ଅନ୍ୟାନ୍ୟ ଖର୍ଚ୍ଚ ଅତିରିକ୍ତ।
ସବିଶେଷ ସୂଚନା ଓ ଆବେଦନ ଫର୍ମାଟ୍ ଇତ୍ୟାଦି ପାଇଁ ଦୟାକରି ଆମ ୱେବ୍‌ସାଇଟ୍ www.igrua.gov.inରେ "ଆଇଜିଆର୍‌ୟୁଏ ପ୍ରବେଶିକା" ପରିଦର୍ଶନ କରନ୍ତୁ।
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ହେଉଛି
୧୭ ଏପ୍ରିଲ ୨୦୨୦ (ବ୍ୟାଙ୍କ ଚାଲାଣ ମାଧ୍ୟମରେ ଦେୟ ପୈଠ ପାଇଁ)
୨୮ ଏପ୍ରିଲ ୨୦୨୦ (ଅନ୍‌ଲାଇନ୍ ପଦ୍ଧତିରେ ଦେୟ ପୈଠ ପାଇଁ)
ଅନ୍‌ଲାଇନ୍ ପରୀକ୍ଷାର ତାରିଖ ହେଉଛି ୨୧ ମେ ୨୦୨୦ (ଗୁରୁବାର)। ରିପୋର୍ଟିଂ ସମୟ ୧୩.୦୦ ଘଟିକା (ଅପରାହ୍ନ ୧ ଘଟିକା)
davp 03104/11/0004/1920



ପୂର୍ବ ତଟ ରେଳପଥ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-28-19
କାର୍ଯ୍ୟର ବିବରଣୀ: ଦୁଇ ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ସ୍ଥିତ ରେଳବାଇ କଲୋନୀ ଠାରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ସର୍ଭିସ୍ ବିଲ୍ଡିଙ୍ଗ, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-I,II,III,IV,V), ସଡ଼କ ଆଲୋକ, ସେଣ୍ଟ୍ରାଲ ହସ୍ପିଟାଲ, ସ୍କ୍ରାପ୍ ୟାର୍ଡ୍/ଜେନେରାଲ ଷ୍ଟୋର ଡିପୋ, ରେଳବାଇ ଷ୍ଟାଡ଼ିୟମ୍‌ରେ ଇଲେକ୍ଟ୍ରିକାଲ ସିଷ୍ଟମ୍ ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,05,44,104.49, EMD (ଟଙ୍କାରେ): 2,52,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-27-19
କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ପୁରୀ ଅଧୀନସ୍ଥ ପୁରୀ-କଣାସ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଭୁବନେଶ୍ୱର ଅଧୀନସ୍ଥ ଭୁବନେଶ୍ୱର-ରାଜଆଠଗଡ଼-ରେଟଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ଼ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ଗଙ୍ଗାଧରପୁର-ମୋଟାରୀ-ନୟାଗଡ଼ ଟାଉନ୍ ସେକ୍ସନର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟଗୁଡ଼ିକ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 8,63,31,419.14, EMD (ଟଙ୍କାରେ): 5,81,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ): ତା.30.03.2020 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ଼
PR-766/K/19-20



PARADIP PORT TRUST
e-TENDER CALL NOTICE
Name of the work "Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4". EMD cost Rs.1,27,017/-. Last date and time of submission of Bid 25.03.2020 at 17.15Hrs. For details please refer our website https://eprocure.gov.in/eprocure/aap
Executive Engineer
Harbour Works Division-III
PPT/PR/702/19-20 Dt.06.03.2020



ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ବିବିଧ ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର
କ୍ର.ସଂ. (୧) ଟେଣ୍ଡର ନଂ.: ଏସ୍‌ଇସିଆର୍-ଏଚ୍‌କ୍ୟୁ-ଇଏନ୍‌ଜିଜି.-ବିଏଲ୍-୧୯-୨୦-୧୩।
କାର୍ଯ୍ୟ: ନାଗପୁର ଡିଭିଜନରେ ଏସ୍‌ଏସ୍‌ଇ/ବ୍ରିଜ୍/ଏନ୍‌ଆଇଆର୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଏଲ୍‌ଡିଇ-ବିଏମ୍‌ସି ସେକ୍ସନ ନିମନ୍ତେ ବିଭିନ୍ନ ଷ୍ଟିଲ୍ ଗାର୍ଡର ବ୍ରିଜ୍‌ଗୁଡ଼ିକର ସାଇଡ୍ ପାଥ୍‌ୱେ, ଜାକିଂ ବିମ୍, କରୋଜନ୍ ଗାର୍ଡ ଓ ମୁଖ୍ୟ ସୁଦୃଢ଼ୀକରଣ କାର୍ଯ୍ୟର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୨,୫୩,୪୧,୦୧୧.୯୫। ଅମାନତ ଜମା ରାଶି: ₹୨,୭୬,୭୦୦/-।
କ୍ର.ସଂ. (୨) ଟେଣ୍ଡର ନଂ.: ଏସ୍‌ଇସିଆର୍-ଏଚ୍‌କ୍ୟୁ-ଇଏନ୍‌ଜିଜି.-ବିଏଲ୍-୧୯-୨୦-୧୪।
କାର୍ଯ୍ୟ: ରାୟପୁର ଡିଭିଜନରେ ଏସ୍‌ଏସ୍‌ଇ/ବ୍ରିଜ୍/ଆର୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ବ୍ରିଜ୍ ନଂ. ୪୬୨ ଏମ୍‌ଆଇଡି (୧୪x୪୫.୭୨ମି)ଠାରେ ସାଇଡ୍ ପାଥ୍‌ୱେର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୧,୧୦,୭୪,୫୩୧.୩୦। ଅମାନତ ଜମା ରାଶି: ₹୨,୦୫,୪୦୦/-।
ବିଡିଂ ଆରମ୍ଭ ତାରିଖ: ୧୭।୦୩।୨୦୨୦। ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୩୧।୦୩।୨୦୨୦ରିଖ ୧୫.୩୦ ଘଟିକା।
ଉପରୋକ୍ତ କାର୍ଯ୍ୟର ଅଧିକ ବିବରଣୀ ପାଇଁ ଦୟାକରି ଡେପୁଟି ସିଇ/ବ୍ରିଜ୍ ଲାଇନ/ବିଳାସପୁରଙ୍କ କାର୍ଯ୍ୟାଳୟ କିମ୍ବା ୱେବ୍‌ସାଇଟ୍: http://www.ireps.gov.in ସହ ଯୋଗାଯୋଗ କରନ୍ତୁ।
ଡେପୁଟି ସିଇ/ବିଆର୍.ଲାଇନ୍/ଏସ୍.ଇ.ସି. ରେଳପଥ/ବିଳାସପୁର
CPR/10/481
South East Central Railway @secrail

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ମାର୍ଚ୍ଚ, ୨୦୨୦



**ସଂକ୍ଷେପରେ**

## କରୋନା ଭୂତାଣୁ ସଚେତନତା କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୭।୩(ଡି.ଏନ.ଏ.)**- ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପଣସପଦା ତରଫରୁ କରୋନା ଭୂତାଣୁ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଚାରିଟେବଲ ଟ୍ରଷ୍ଟର ସଭାପତି ପ୍ଲାବନ କୁମାର ଦଳାଇ, ଉପସଭାପତି ମନୋରଞ୍ଜନ ପଲାଇ, ସମ୍ପାଦକ ଗୌତମ ପ୍ରଧାନ, ସଚେତନତା ସଂଯୋଜକ ଆଶିଷ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସ୍ଥାନୀୟ ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟ, ଭୀମେଶ୍ୱର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ କରୋନା ସମ୍ପର୍କିତ ସଚେତନତା ଦିଗ ପ୍ରତି ଦୃଷ୍ଟି ରଖି ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଥିଲା । ସମ୍ଭାବନା ଟ୍ରଷ୍ଟର ଅମର କୁମାର ଦଳାଇ, ଆଶିଷ ମହାପାତ୍ର, ଗୌରବ ପ୍ରଧାନ, ଚନ୍ଦ୍ରଶେଖର ପ୍ରଧାନ, ଦିବାକର ପାତ୍ର, ବିକାଶ ପ୍ରଧାନ, ଶଶାଙ୍କ ଶେଖର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଷଡ଼ଭୁଜ ଗୌରାଙ୍ଗ ବେଶରେ ଗୋପୀନାଥ ଦେବ

**ପୁରୀ ଅଫିସ, ୭।୩:**ପବିତ୍ର ଗୋବିନ୍ଦ ଦ୍ୱାଦଶୀ ତିଥିରେ ଶନିବାର ଚନ୍ଦନପୁରସ୍ଥିତ ଶ୍ରୀଚୈତନ୍ୟ ଦଣ୍ଡଭଙ୍ଗ ଲୀଳାକୁଞ୍ଜ ଆଶ୍ରମରେ ନ୍ୟସ୍ତଦଣ୍ଡ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟକ ଭକ୍ତ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ ଦଳ ଦ୍ୱାରା ଅଷ୍ଟପ୍ରହର ହରିନାମ ସଂକୀର୍ତ୍ତନ କରାଯାଇଥିଲା। ସକାଳେ କପାଳେଶ୍ୱର ମହାଦେବ ମନ୍ଦିରକୁ ସଂକୀର୍ତ୍ତନ ପଦଯାତ୍ରା ଯାଇଥିଲା। ଶ୍ରୀଦଣ୍ଡଭଙ୍ଗ ଗୋପୀନାଥ ଦେବଙ୍କୁ ଗୋବିନ୍ଦ ଦ୍ୱାଦଶୀର ଆକର୍ଷଣୀୟ ଷଡ଼ଭୁଜ ଗୌରାଙ୍ଗ ବେଶ କରାଯାଇଥିଲା। ଅପରାହ୍ନରେ ଦଣ୍ଡଭଙ୍ଗ ଲୀଳାର ତାତ୍ପର୍ଯ୍ୟ ସମ୍ବନ୍ଧରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀପାଦ ରାସବିହାରୀ ଦାସ ବ୍ରହ୍ମଚାରୀ କାର୍ଯ୍ୟକ୍ରମ ସମୂହର ପରିଚାଳନା କରିଥିଲେ। ଶ୍ରୀଚୈତନ୍ୟ ମହାପ୍ରଭୁ ୫୦୦ ବର୍ଷ ପୂର୍ବେ ନୀଳାଚଳ ଧାମକୁ ଆଗମନ କରି ଶ୍ରୀକ୍ଷେତ୍ରରେ ୧୮ ବର୍ଷ କାଳ ଅବସ୍ଥାନ କରିଥିଲେ। ନୀଳାଚଳ ଆଗମନ କାଳରେ ଚନ୍ଦନପୁର ଭାର୍ଗବୀ ନଦୀ ଶାଖାରେ ଭୃଗୁ ମୁନୀଙ୍କ ଆଶ୍ରମ ନିକଟରେ ଦଣ୍ଡଭଙ୍ଗ ଲୀଳା ମାଧ୍ୟମରେ ତାଙ୍କ ସନ୍ନ୍ୟାସ ଦଣ୍ଡଟିକୁ ନ୍ୟସ୍ତ କରିଥିଲେ। ଏହି ଦଣ୍ଡଭଙ୍ଗ ଲୀଳା ପରଠାରୁ ସେହି ଶାଖା ନଦୀର ନାମ ଦଣ୍ଡଭଙ୍ଗା ନଦୀ ହୋଇଛି। ତତ୍କାଳୀନ ଗଜପତି ମହାରାଜା ପ୍ରତାପ ରୁଦ୍ର ଦେବ ଏହି ଲୀଳାର ସାକ୍ଷୀ ସ୍ୱରୂପ ସେଠାରେ ଶ୍ରୀଦଣ୍ଡଭଙ୍ଗ ଗୋପୀନାଥ ଦେବଙ୍କୁ ପ୍ରତିଷ୍ଠା କରିଥିଲେ।

## ଶିଶୁଙ୍କୁ ସ୍ନେହ ମାଧ୍ୟମରେ ଶିକ୍ଷା ଦେବାକୁ ପରାମର୍ଶ

**ପୁରୀ ଅଫିସ,୭।୩:**ଭିଆଇପି ରୋଡସ୍ଥିତ ଗ୍ଲୋବାଲ କିଡ୍ସ ପବ୍ଲିକ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ଶନିବାର ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ସମଗ୍ର ଶିକ୍ଷା ଅଭିଯାନର ଜିଲା ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଆଜିର ପିଲା କାଲିର ଭବିଷ୍ୟତ। ଦେଶ ଗଠନରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ଅଭିଭାବକମାନଙ୍କର ଗୁରୁ ଦାୟିତ୍ୱ ରହିଛି। ଉତ୍ସବରେ ଅନୁଷ୍ଠାନର ପରିଚାଳନା କମିଟି ସଭାପତି ପୁଷ୍କର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ସାଇ ସ୍ମାର୍ଟ ସ୍କୁଲର ଅଧକ୍ଷ ପ୍ରକାଶ ଚନ୍ଦ୍ର ରଥ ଯୋଗଦେଇ ଶିଶୁମାନଙ୍କୁ ଆଦର ଓ ସ୍ନେହ ମାଧ୍ୟମରେ ଶିକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଡେପୁଟି କଲେକ୍ଟର ସୁମନ୍ତ କୁମାର କର ଓ ଶ୍ରୀକ୍ଷେତ୍ର ଚିନ୍ତନ ଚକ୍ରର ସଭାପତି ଅନିମା ଦାଶ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ ଉତ୍ସର୍ଗୀକୃତ ମନୋଭାବ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଧକ୍ଷା ପ୍ରିୟଦର୍ଶିନୀ ପାଣି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ନେହଲତା ଦାସ ଧନ୍ୟବାଦ ଦେଇଥିଲେ। ଯୋଗ ଶିକ୍ଷକ ଆଲୋକ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଯୋଗକଳା ପ୍ରଦର୍ଶନ କରାଯାଇଥିଲା।

# ଲୋକେ ଧରିଲେ ଗୋରୁ ବୋଝେଇ ଗାଡ଼ି

- ସୂଚନା ପରେ ବି ଆସିଲାନି ପୋଲିସ
- ଗୋରୁ ଫିଟେଇ ଛାଡିଦେଲେ ଗୋଚାଲାଣକାରୀଙ୍କୁ

**ନୟାଗଡ ଅଫିସ/ ରଣପୁର, ୭।୩(ସ୍ୱ.ପ୍ର.)**



ନୟାଗଡ ଜିଲା ରଣପୁର ବ୍ଲକ ଗଉଡିଆପଡା ରଣପୁର ରାସ୍ତାର ଗଉଡିଆପଡାଠାରେ ଶୁକ୍ରବାର ସନ୍ଧ୍ୟା ୬ଟାରେ କେତେକ ଯୁବକ ୨ଟି ଟାଟା ଏସିଇ ଗାଡିରେ ବୋଝେଇ ୧୧ ଗୋରୁ ଉଦ୍ଧାର କରିଥିଲେ । ସେଥିରେ ଥିବା ୭ ଷଣ୍ଢ ଓ ୪ଗାଈଙ୍କୁ ଚାଲାଣ କରାଯାଉଥିଲା। କିଛି ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ଏହି ଗୋଚାଲାଣ କରୁଥିଲେ । ରଣପୁର ଥାନା ପୋଲିସକୁ ଏ ସମ୍ପର୍କରେ ଖବର ଦିଆଯାଇଥିଲା। ଗୋରୁ ବୋଝେଇ ଗାଡି ସହ ଗୋଚାଲାଣକାରୀଙ୍କୁ ପ୍ରାୟ ୩ ଘଣ୍ଟା ଧରି ଅଟକାଇ ରଖାଯାଇଥିଲା। ହେଲେ ପୋଲିସ ଆସୁଛି କହି ଆସି ନ ଥିଲା। ଫଳରେ ଯୁବକମାନେ ଉତ୍ତେଜିତ ହୋଇ ଗୋରୁଙ୍କୁ ଫିଟେଇ ଦେଇଥିଲେ । ଆଗକୁ ଆଉ ଗୋଚାଲାଣ ନ କରିବାକୁ ପରାମର୍ଶ ଦେଇ ଗୋଚାଲାଣକାରୀ ଓ ଗାଡିକୁ ଛାଡି ଦେଇଥିଲେ।

### ଚିନ୍ତାର କାରଣ ଷଣ୍ଢ ଚାଲାଣ

ନୟାଗଡ ଜିଲାରେ ଗୋଚାଲାଣ ବଢ଼ି ଚାଲିଛି । ଏନେଇ ପୋଲିସ ଓ ଜିଲା ପ୍ରଶାସନ ଜାଣି ମଧ୍ୟ ପଦକ୍ଷେପ ନେଉ ନାହାନ୍ତି । ଷଣ୍ଢଙ୍କୁ ଚାଲାଣ କରାଯିବା ଚିନ୍ତାର କାରଣ ହୋଇଛି। ଗତ ମାସରେ ଷଣ୍ଢ ଚାଲାଣ କରି ନୟାଗଡ ପୋଲିସ ଦ୍ୱାରା ୨ଜଣ ଯୁବକ ଗିରଫ ହୋଇଥିଲେ। ଏବେ ପୁଣି ଗଉଡିଆପଡାରେ ୧୧ ଗୋରୁଙ୍କ ମଧ୍ୟରେ ୭ ଷଣ୍ଢ ଚାଲାଣ ହେବା ଚିନ୍ତାର ବିଷୟ । ଅନ୍ୟପକ୍ଷେ ନୟାଗଡର ପ୍ରତାପପ୍ରସାଦ ଦେଇ ନୂଆ ଜଗନ୍ନାଥ ସଡକରେ ଗତ ୨୨ ତାରିଖରେ ଏକ ଟାଟା ଏସିଇ ଗାଡିରେ ୫ଟି ଷଣ୍ଢ ଚାଲାଣ ହେବାର ଦେଖିବାକୁ ମିଳିଥିଲା । କିଛି ଯୁବକ ଷଣ୍ଢ ବୋଝେଇ ଗାଡିର ପିଛା କରିଥିଲେ । ହେଲେ ଆଗରୁ ପଛରୁ ସୁରକ୍ଷା କର୍ମୀଙ୍କୁ ଦେଖି ଚାଲି ଆସିଲେ। ଜଣେ ଗୋରୁ ବ୍ୟବସାୟୀଙ୍କ ସୂଚନା ଅନୁସାରେ ପୋଲିସ ଗୋଚାଲାଣକୁ ବିରୋଧ କରିବ ନାହିଁ । କାରଣ ଗୋଚାଲାଣ ପୂର୍ବରୁ ପ୍ରତି ଥାନାରେ ଚାନ୍ଦା ଦିଆଯାଉଛି । ଚାନ୍ଦା ନ ଦେଲେ ଚଢ଼ାଉ ହେଉଛି। ହେଲେ ଗୋରୁ ବ୍ୟବସାୟୀ ବିନା ଚାନ୍ଦାରେ ବ୍ୟବସାୟ କରନ୍ତି ନାହିଁ । ଗୋରୁ ବ୍ୟବସାୟରେ ଭଲ ଲାଭ ଥିବାରୁ ଅଯଥାରେ ବ୍ୟବସାୟୀ ଟେନସନ ନିଅନ୍ତି ନାହିଁ । ଏଣୁ ରଣପୁର ପୋଲିସ ଗଉଡିଆପଡାକୁ ଆସିଲାନି ବୋଲି କହିଛନ୍ତି । ଏନେଇ ଶରଣକୁଳ ଏସଡିପିଓ ଏସ.ଟପ୍ପୋ କୁହନ୍ତି, ଗତ କିଛିଦିନ ତଳେ ଷଣ୍ଢ ଓ ଗାଈଙ୍କୁ ନେଇ ଏକ ଗୋଶାଳାରେ ଛଡା ଯାଇଥିଲା । ତେବେ ଷଣ୍ଢ ଛାଡିବାରୁ ବିରକ୍ତ ହୋଇଥିଲେ ଗୋଶାଳା କର୍ତ୍ତୃପକ୍ଷ । ଏବେ ଷଣ୍ଢ ଚାଲାଣ ବଢୁଥିବାରୁ ପୋଲିସ ଉଦ୍ଧାର ଷଣ୍ଢକୁ କେଉଁଠି ନେଇ ଛାଡିବ ଚିନ୍ତାର କାରଣ ହୋଇଛି। ତେବେ ରଣପୁର ପୋଲିସ କେଉଁଥିପାଇଁ ଆସିଲେନି, ସେ ଏହାର ଅନୁଧ୍ୟାନ କରିବେ । ନିଜେ ବେଆଇନ ଗୋଚାଲାଣକୁ ରୋକିବାକୁ ପଦକ୍ଷେପ ନେବେ ବୋଲି କହିଛନ୍ତି ।

## ଜୀବନବିନ୍ଦୁ କାର୍ଯ୍ୟକ୍ରମ: ୭୨ ୟୁନିଟ୍ ରକ୍ତ ସଂଗ୍ରହ

**ଗଣିଆ,୭।୩(ଡି.ଏନ୍.ଏ.)**

ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଉପଲକ୍ଷେ ବିଜେଡି ତରଫରୁ ଗଣିଆ ବ୍ଲକ କିଶୋର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ଶନିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଜେଡି କର୍ମୀ, ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ଓ କଲେଜ ଛାତ୍ରୀଛାତ୍ରଙ୍କଠାରୁ ୭୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସଂଗୃହୀତ ରକ୍ତ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରି ରକ୍ତଦାନ ଏକ ପୁଣ୍ୟ କାର୍ଯ୍ୟ। ଏଣୁ ସମସ୍ତେ ରକ୍ତଦାନ କରିବା ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ବ୍ଲକ ବିଜେଡି ସଭାପତି ତଥା କନ୍ଧମାଳ ଏମ୍‌ପିଙ୍କ ଜିଲା ପ୍ରତିନିଧି ସଦାଶିବ ମିଶ୍ର, ବିଡିଓ ସିରିୟାଲ ପଟେଲ, ଏବିଡିଓ ସରୋଜ କୁମାର ନାୟକ, ସିଡିପିଓ ଲକ୍ଷ୍ମୀ ଦାସ ଓ ବ୍ଲକ ସରପଞ୍ଚ ସଂଘ ସଭାପତି ପ୍ରଫୁଲ୍ଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗଣିଆ ମେଡିକାଲ ଅଫିସର ଡା. ମଧୁସୂଦନ ଦାସଙ୍କ ସମେତ ନୟାଗଡ଼ ରକ୍ତଭଣ୍ଡାରର କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶ୍ରୀ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗ ଶିଶୁମାନଙ୍କ ଦକ୍ଷତା ପ୍ରଶିକ୍ଷଣ ଶିବିର



ଦିବ୍ୟାଙ୍ଗ ଶିଶୁମାନଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦିଆଯାଉଛି।

**ଗଣିଆ,୭।୩(ଡି.ଏନ.ଏ.)**

ଗଣିଆସ୍ଥିତ କିଶୋର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ୫ଦିନ ଧରି ଚାଲୁଥିବା ଦିବ୍ୟାଙ୍ଗ ଶିଶୁମାନଙ୍କ ଦକ୍ଷତା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ଶିବିରରେ ଶିଶୁମାନଙ୍କୁ ହସ୍ତକଳା, ଖଲି ସିଲାଇ, ବ୍ୟାଙ୍କ, ଡାକ, ପୋଲିସ, ଦମକଳ, ଡୋକରା ଶିଳ୍ପ, ଜୀବନଶୈଳୀ, ପରିବେଶ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ ପ୍ରଶିକ୍ଷକ ଗିରିଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ପ୍ରତିଦିନ ଯୋଗ, ପ୍ରାଣାୟମ ଶିକ୍ଷା ପ୍ରଦାନ କରାଯାଇଥିଲା । ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା, କୁଇଜ୍ ଓ ତର୍କ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ଦାଶ ମୁଖ୍ୟଅତିଥି, ସହକାରୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଳ ଶିକ୍ଷୟିତ୍ରୀ ଅନାମିକା ମିଶ୍ର ଓ ସୁଲୋଚନା ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସମସ୍ତ ସିଆର୍‌ସିସି ଓ ଶିକ୍ଷା ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଶିବିରରେ ୩୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ୩୦ଜଣ ଅଭିଭାବକ ଅଂଶଗ୍ରହଣ କରିଥିଲେ।

## ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସଫଳ ଶିଳ୍ପୋଦ୍ୟୋଗୀ ସମ୍ଭବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ନୟାଗଡ଼ ସରକାରୀ ପଲିଟେକ୍‌ନିକରେ ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳନ

**ଓଡ଼ଗାଁ, ୭।୩ (ସ୍ୱ.ପ୍ର.)**

ପ୍ରବାଦ ପୁରୁଷ ଓ ଶିଳ୍ପପତି ବିଜୁବାବୁଙ୍କ ଜନ୍ମ ଜୟନ୍ତୀ ଅବସରରେ ରାଜ୍ୟବ୍ୟାପୀ ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳନ ଅବସରରେ ବୈଷୟିକ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ଶନିବାର ନୟାଗଡ଼ ସରକାରୀ ପଲିଟେକ୍‌ନିକ ଓଡ଼ଗାଁଠାରେ ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳନ କରାଯାଇଛି। ଓଡ଼ଗାଁ ଶିଳ୍ପ ବିକାଶ ଅଧିକାରୀ ରବୀନ୍ଦ୍ର କୁମାର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧକ୍ଷ (ସରକାରୀ ପଲିଟେକ୍‌ନିକ) ଉପେନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶିଳ୍ପୋଦ୍ୟୋଗୀ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ଜିଲା ଶିଳ୍ପ ବିକାଶ ଅଧିକାରୀ ସୀତାରାମ ସାହୁ, ଏସ୍‌ବିଆଇ ଶାଖା ପରିଚାଳକ ମନତୋଷ ସାହୁ, ନୟାଗଡ଼ ଶିଳ୍ପ ବିକାଶ ଅଧିକାରୀ ସୁବାସ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥଲେ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ସଂକ୍ରାନ୍ତୀୟ ଶିଳ୍ପନୀତି, ତତ୍ ସମ୍ବନ୍ଧୀୟ ବୈଷୟିକ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ । ସେହିପରି ମୁଖ୍ୟବକ୍ତା ସାହୁ ସମୟକୁ ଅପଚୟ ନ କରି ଦୃଢ ଇଚ୍ଛାଶକ୍ତି ଓ ଧୈର୍ଯ୍ୟର ସହିତ ସମସ୍ତ ଅସୁବିଧାର ମୁକାବିଲା କରିପାରିଲେ ଜଣେ ସଫଳ ଶିଳ୍ପୋଦ୍ୟୋଗୀ ହେବା ସମ୍ଭବ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ପାର୍ଥବୀ ପାଢୀ, ସୌରଭି ରାଉତ, ସୋମା ଦଳବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶତାୟୁ ସମାଜିକକର୍ମୀଙ୍କ ପରଲୋକ

**ଭାପୁର,୭।୩(ଡି.ଏନ.ଏ.)**

ଶତାୟୁ ସମାଜିକକର୍ମୀ ତଥା ପୂର୍ବତନ ସରପଞ୍ଚ ଚକ୍ରଧର ଜେନାଙ୍କର ଶନିବାର ଆଇଁଷିଆଖୋଲ ଗ୍ରାମସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୭ବର୍ଷ ବୟସ ହୋଇଥିଲା । ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତରେ ସେ ୩ଥର ସରପଞ୍ଚ ରହି ଅନେକ ଜନହିତକର କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ । ବଳଦିଆନୂଆଗାଁ ହାଇସ୍କୁଲ,ବାଘୁଆପଲ୍ଲି ଡାକ୍ତରଖାନା ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଅନେକ ଅବଦାନ ରହିଥିଲା। ଜଣେ ଅମାୟିକ, ଭଦ୍ର ଏବଂ ଧର୍ମନାରାୟଣ ବ୍ୟକ୍ତି ଭାବେ ସମଗ୍ର ଭାପୁର ବ୍ଲକ ଅଞ୍ଚଳରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା । ତାଙ୍କର ୩ ପୁତ୍ର, ୩କନ୍ୟା ଏବଂ ପତ୍ନୀ ଅଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଅଧାପକ ସୁମନ୍ତଙ୍କ ସମେତ ଅନ୍ୟ ପରିବାର ସଦସ୍ୟ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ବାଘୁଆପଲ୍ଲି ପଞ୍ଚାୟତରେ ଥିବା ସମସ୍ତ ଗ୍ରାମ ପରିକ୍ରମା କରାଯିବା ପରେ ଗ୍ରାମ ଶଶ୍ମାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ପୁରୀ ଅଫିସ, ୭।୩**

ସର୍ବଭାରତୀୟ କର୍ମଜୀବୀ ମହିଳା ସମନ୍ୱୟ ସମିତି ଏବଂ ଭାରତୀୟ ଶ୍ରମିକ କେନ୍ଦ୍ର ପକ୍ଷରୁ ଶନିବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ମୋତିସାହି ଛକରୁ ମହିଳାମାନଙ୍କ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲା। ବିଭିନ୍ନ ଦାବି ନେଇ ଶୋଭାଯାତ୍ରାକାରୀ ବିକ୍ଷୋଭ ପ୍ରଦର୍ଶନ ସହ ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇଥିଲା। ପୌରସଂସ୍ଥାରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କୁ ରାତିରେ କାମ କରିବା ପାଇଁ ଦିଆଯାଇଥିବା ଆଦେଶକୁ ବିରୋଧ କରିଥିଲେ। ଏଥିସହ ସମାନ କାମକୁ ସମାନ ମଜୁରି, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ପାଚିକାମାନଙ୍କୁ ଶ୍ରମିକର ମାନ୍ୟତା, ନାରୀ ଓ ଶିଶୁଙ୍କ ଉପରେ ହେଉଥିବା ହିଂସାକୁ ବନ୍ଦ କରିବା, ନିର୍ବାଚିତ ସଂସ୍ଥାରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଆଦି ଦାବି କରାଯାଇଥିଲା। ଏହି ଅବସରରେ ସିଟି ଜିଲା ସମ୍ପାଦକ ଜଗନ୍ନାଥ ଦେଓ, ମହିଳା ଶ୍ରମିକ ନେତ୍ରୀ ବନବାସିନୀ ମହାପାତ୍ର, ମମତା ମହାପାତ୍ର, ଆଇନଜୀବୀ ଶରତ କୁମାର ରାୟଗୁରୁ, ଟୁନା ନାୟକ ଏବଂ ବିରଞ୍ଚି ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସଡ଼କ ସୁରକ୍ଷା ସଂକ୍ରାନ୍ତ ପ୍ରତିଯୋଗିତା

**ପୁରୀ ଅଫିସ, ୭।୩**

ଦ୍ରୁତ ଗାଡ଼ିଚାଳନା, ଟ୍ରାଫିକ ନିୟମ ଉଲ୍ଲଂଘନ କାରଣରୁ ଦେଶରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି। ପ୍ରତିବର୍ଷ ଦେଶରେ ଦୁର୍ଘଟଣାରେ ୧ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟୁଛି। ଏହାକୁ ରୋକିବାକୁ ସରକାର ନୂତନ ସଂଶୋଧିତ ମୋଟରଯାନ ଆଇନ ଲାଗୁ କରିଛନ୍ତି। ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ଲାଗି ଅରଠନଳା ଶିକ୍ଷାଶ୍ରୀଲେନସ୍ଥିତ ଭଗବତୀ ବିଦ୍ୟା ନିକେତନର ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

## ଶ୍ରମିକଙ୍କୁ ଓକିଲଙ୍କ ମାଡ଼ର ଭିଡିଓ ଭାଇରାଲ

**ନୟାଗଡ ଅଫିସ,୭।୩**

ଶ୍ରମିକ କାର୍ଡ କରି ନ ଦେବାରୁ ଓକିଲଙ୍କୁ ଶ୍ରମିକ ମାଗିଲେ ଦେଇଥିବା ଟଙ୍କା ଓ ଉପକରଣ । ହେଲେ ଓକିଲ ଉତ୍ତେଜିତ ହୋଇ ଗାଳିଗୁଲଜ କଲେ । ଏପରିକି ତାଙ୍କୁ ମାଡ ମାରିଲେ । ଓକିଲଙ୍କର ଗାଳିଗୁଲଜ ଓ ମାରପିଟର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।

ଘଟଣା ଘଟିଛି ନୟାଗଡ ଜିଲାର ଭାପୁର ବ୍ଲକ ଶାଳପଡା ପଞ୍ଚାୟତରେ। ଅଜୟ ପରିଡା ନାମକ ଶ୍ରମିକଙ୍କ ଠାରୁ ଜଣେ ଓକିଲ ଶ୍ରମିକ କାର୍ଡ କରାଇ ଦେବାପାଇଁ କିଛି ଉପକରଣ ଓ ୩ ହଜାର ଟଙ୍କା ନେଇଥିଲେ । ତେବେ ୧ବର୍ଷ ଚାଲି ଯାଇଥିଲେ ମଧ ଶ୍ରମିକ କାର୍ଡ ପାଇନଥିଲେ ଅଜୟ। ଶେଷରେ କାମ ନହେବାରୁ ଟଙ୍କା ଓ ଉପକରଣ ଫେରାଇବାକୁ ସେ ଓକିଲଙ୍କୁ ଅନୁରୋଧ କରିଥିଲେ । ହେଲେ ସେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏନେଇ ଅଜୟ ଫତେଗଡ ଥାନାରେ ଏକ ସପ୍ତାହରୁ ଊର୍ଦ୍ଧ୍ୱ ଦିନ ହେଲା ଅଭିଯୋଗ କରି ଆସୁଥିଲେ ମଧ କିଛି ସୁଫଳ ମିଳିନି । ଏପରିକି ଗୁରୁବାର ଏସପିଙ୍କ ନିକଟରେ ଫେରାଦ୍ ହୋଇଥିଲେ ମଧ ପ୍ରତିକାର ନାହିଁ । ନ୍ୟାୟ ପାଇଁ ଯୁବଶ୍ରମିକ ବିଭିନ୍ନ ସ୍ଥାନକୁ ଦୌଡୁଥିଲେ ମଧ କେହି ଆଶ୍ୱସନା ଦେଉ ନାହାନ୍ତି ବୋଲି ସେ କୋହଭରା କଣ୍ଠରେ କହିଛନ୍ତି।

## ଠାକୁରଙ୍କୁ ଚାଚେରି ଭୋଗ ଲାଗି, ବାଲୁଗାଁ ଉତ୍ସବମୁଖର

**ବାଲୁଗାଁ,୭।୩(ଡ଼ି.ଏନ.ଏ.)**

ବାଲୁଗାଁରେ ଫଗୁଦଶମୀଠାରୁ ଆରମ୍ଭ ହୋଇଛ ଦୋଳଉତ୍ସବ। ଏଥିଲାଗି ପୁରପଲ୍ଲୀ ଉତ୍ସବମୁଖର ହୋଇପଡ଼ିଛି। ଦୋଳ ବିମାନରେ ଠାକୁର ଗ୍ରାମ ପରିକ୍ରମା କରି ଚାଚେରି ଭୋଗ ଖାଇଥିଲେ। ଏହି ସମୟରେ ଘଣ୍ଟ, କାହାଳୀ, ଖୋଳ,



ଠାକୁରଙ୍କୁ ବିମାନରେ ନିଆଯାଉଛି।

ହରିବୋଲ ଓ ହୁଳହୁଳିରେ ଗାଁ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଦଶମୀ ତିଥିରେ ଠାକୁର ମନ୍ଦିର ଭିତରେ ଓ ଏକାଦଶୀ ତିଥିରେ ବାହାରେ ଫଗୁ ଲାଗି ହୋଇଥାନ୍ତି। ଦ୍ୱାଦଶୀଠାରୁ ଠାକୁର ଦୋଳ ବିମାନରେ ବିଜେ କରି ଦ୍ୱାର ଦ୍ୱାର ବୁଲି ଚାଚେରି ଭୋଗ ଲାଗି ହୁଅନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଦୋଳରେ ଠାକୁରଙ୍କ ମେଳଣ ଉତ୍ସବ ନିମନ୍ତେ ପ୍ରସ୍ତୁତି ଜାରିରହିଛି। ବାଲୁଗାଁ ଅଞ୍ଚଳର ପ୍ରତ୍ୟକ୍ଷ ଠାକୁର ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବ ଶନିବାର ସକାଳୁ ଦୋଳ ବିମାନରେ ବାହାରିଥିଲେ। କୁଲାକୁଣ୍ଡେଇ ନୂଆଗାଁ, ଗାନ୍ଧୀନଗର, ବିଦ୍ୟାଧରପୁର, ସୂର୍ଯ୍ୟନଗର, ପାଟଣା ସାହି, ବେଲପଡ଼ା, ନିମିକ୍ଷେତା, ସାମନ୍ତରାପୁର ଆଦି ଗ୍ରାମଗୁଡ଼ିକରେ ଚାଚେରି ଭୋଗ ଖିଆ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ନାଟକ ଅର୍ଜୁନୀରେ କିନ୍ନରଙ୍କ ବ୍ୟଥା

### ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

**ନୟାଗଡ ଅଫିସ, ୭।୩**

ପଠାଣି ସାମନ୍ତ ଅଡିଟୋରିୟମରେ ଗତ ୧ ତାରିଖଠାରୁ ଚାଲୁ ରହିଥିବା ରାଜ୍ୟ ସ୍ତରୀୟ ନାଟ୍ୟ ମହୋତ୍ସବ ୨୦୨୦ ଶନିବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ପ୍ରମୋଦ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ ଅର୍ଜୁନୀ। ଶ୍ରଦ୍ଧାଞ୍ଜଳି କଟକ ପକ୍ଷରୁ ପରିବେଷିତ ନାଟକରେ କିନ୍ନରଙ୍କ ବ୍ୟଥା ସ୍ଥାନ ପାଇଛି । ଅର୍ଜୁନୀ ସାଧାରଣ କିନ୍ନରଟିଏ। ସମାଜର ଆଖିଠାରରେ ସେ ଭୟଭୀତ ହୋଇ ନ ଥିଲା । ସେ ମଧ୍ୟ କିନ୍ନର ସମାଜରେ ସାମିଲ ନ କରି ନିଜ ଘରେ ରହିଛି । ଗାଁ ଲୋକଙ୍କର ସେବା କରି ଆପଣେଇବାକୁ ପ୍ରଚେଷ୍ଟା କରିଛି। ତେବେ ଘଟଣାଚକ୍ରରେ ଭଲ ପାଇ ବସିଛି କିନ୍ନର ଗଙ୍ଗାକୁ । ଦୁହେଁ ବିବାହ କରିବାକୁ ନେଇଛନ୍ତି ସିଦ୍ଧାନ୍ତ । ମା’



ନାଟକର ଏକ ଦୃଶ୍ୟ।

ପାର୍ବତୀ କିନ୍ତୁ ବିରୋଧ କରି ଅର୍ଜୁନୀଙ୍କୁ ରେବ ନାମ୍ନୀ ଜଣେ ବୟସ୍କା ଯୁବତୀଙ୍କ ସହ ବିବାହ କରି ଦେଇଛନ୍ତି । ମା’ଙ୍କ କଥାରେ ଅର୍ଜୁନୀ ଗଙ୍ଗାର ପ୍ରେମକୁ ଭୁଲି ଯାଇଛି । ବଡଭାଇ ରଞ୍ଜନ ଓ ଭାଉଜ ଗାଁର ଜମି ବିକି ସହରରେ ଘର କରି ରହିଛନ୍ତି । ଅର୍ଜୁନୀଙ୍କୁ ସମବେଦନା ନ ଜଣାଇ ସହରରେ ରହି ମଧ୍ୟ ହଇରାଣ ହରକତ କରିଛନ୍ତି ସେମାନେ। ଯୋଗକୁ ରେବ ମା’ ହୋଇଛି। ଅର୍ଜୁନୀ ଭଳି କିନ୍ନର ବାପା ହେବା ଶୁଣି ଲୋକଲଜ୍ଜା ଭୟରେ ମା’ ପାର୍ବତୀ ଭାଙ୍ଗି ପଡିଛନ୍ତି। ଚିନ୍ତାରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି । ସବୁ ଝଡଝଞ୍ଜାକୁ ସାମନା କରି ଅର୍ଜୁନୀ ଶେଷରେ ପୁଅ ଓ ସ୍ତ୍ରୀଙ୍କୁ ନେଇ ଗାଁରେ ହସଖୁସିରେ ରହିଛନ୍ତି। ନାଟ୍ୟଧାରା ପକ୍ଷରୁ ଆୟୋଜିତ ନାଟକ ମହୋତ୍ସବର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ ପୌରପାଳିକା ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଓ ମୁଖ୍ୟବକ୍ତା ରୂପେ ଖୋର୍ଦ୍ଧା ନାଟ୍ୟଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଯୋଗଦେଇଥିଲେ। ନାଟ୍ୟଧାରାର ନିର୍ଦ୍ଦେଶକ ବିଜୟ ଚୌଧୁରୀ ଓ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ଥିଲେ।